# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୯/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, November 19/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 354 | ମୂଲ୍ୟ ₹୭/-




**ଅମରାସୁରିୟା ହେଲେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ**

କଲମ୍ବୋ: ଶିକ୍ଷାବିତ୍ ହରିନି ଅମରାସୁରିୟାଙ୍କୁ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଭାବେ ସୋମବାର ପୁନଃ ନିଯୁକ୍ତ କରାଯାଇଛି।

୦୨

୧୪

**ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ ସହ ୩ ପଦକ**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଚେନ୍ନାଇରେ ଚାଲିଥିବା ନ୍ୟାଶନାଲ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।





ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସମୀପ ଚାଷଜମି ନିକଟରେ ମରି ପଡ଼ିଥିବା ୩ ହାତୀ।

# ବିଦ୍ୟୁତ୍ ଫାଶରେ ୩ ହାତୀ ମୃତ

**ଓଡ଼ିଶାରେ ହାତୀଙ୍କ ଜୀବନ ସୁରକ୍ଷିତ ହୋଇ ରହିନାହିଁ। ଅନେକ ସମୟରେ ଏହି ବିଶାଳକାୟ ପ୍ରାଣୀଙ୍କ ଜୀବନ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଚାଲିଯାଉଛି। ବେଳକୁ ବେଳ ଏଭଳି ଘଟଣା ଚିନ୍ତାଜନକ ଭାବେ ବଢ଼ିଚାଲିଛି। ଏହାକୁ ନେଇ ପ୍ରାଣୀପ୍ରେମୀ ଉଦ୍‌ବେଗ ପ୍ରକାଶ କରୁଥିବାବେଳେ ରବିବାର ବିଳମ୍ବିତ ରାତିରେ ସମ୍ବଲପୁର ଜିଲା ବନାଞ୍ଚଳରେ ପୁଣିଥରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ୩ ହାତୀଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୩-୧୪ରୁ ୨୦୨୩-୨୪ ମଧ୍ୟରେ ବିଭିନ୍ନ ବନଖଣ୍ଡରେ ୭୧୯ ହାତୀଙ୍କ ମୃତ୍ୟୁ ହୋଇଛି। ସେଥିରୁ ଅଧିକାଂଶ ଶିକାରୀ ଓ ବିଦ୍ୟୁତ୍ ଆଘାତରେ ଜୀବନ ଯାଇଛି। ୨୦୧୭-୧୮ରୁ ୨୦୨୪ ନଭେମ୍ବର ୪ ମଧ୍ୟରେ ଶିକାରୀଙ୍କ ଦ୍ୱାରା ୨୨ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ଜାଣିଶୁଣି ବିଦ୍ୟୁତ୍ ତାର ଲଗାଇ ୯୧ ହାତୀ ଏବଂ ବିଦ୍ୟୁତ୍ ଆଘାତରେ ୩୨ ହାତୀଙ୍କ ମୃତ୍ୟୁ ଘଟିଛି।**

ନାକଟିଦେଉଳ,୧୮।୧୧ (ବୈକୁଣ୍ଠନାଥ ସାହୁ)

### ୩ କ୍ଷେତ୍ର ବନ କର୍ମଚାରୀ ସସ୍‌ପେଣ୍ଡ

ବାର୍ହା ଶିକାର ପାଇଁ ଶିକାରୀ ବିଛାଇଥିଲେ ବିଦ୍ୟୁତ୍ ତାର। ଏହି ଫାଶରେ ପଡ଼ି ୩ଟି ହାତୀଙ୍କର ଯାଇଛି ଜୀବନ। ସେଥିରେ ରହିଛନ୍ତି ଗୋଟିଏ ଶାବକ ସହ ୨ଟି ମାଈ ହାତୀ। ରବିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସଂଲଗ୍ନ ଚାଷଜମି ନିକଟରେ। ଘଟଣାରେ ବନ ବିଭାଗ ଘୋଷରାମାଳ ଗ୍ରାମର ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବାର୍ହା ଶିକାର ଉଦ୍ଦେଶ୍ୟରେ ବୁରୋମାଳ ଜଙ୍ଗଲ ଭିତରେ ଯାଇଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରୁ ତାର ଟାଣି ତଳେ ବିଛାଯାଇଥିଲା। ଘୋଷରାମାଳ ଏକ ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ରବିବାର ରାତିରେ ଆସିଥିବା ହାତୀପଲ ସେହି ରାସ୍ତା ଦେଇ ଯିବାବେଳେ ତାରରେ ଲାଗିଯାଇଥିଲେ।

ଘଟଣାର ଗୁରୁତ୍ୱକୁ ଦେଖି ଭୁବନେଶ୍ୱରରୁ ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ ଗଜାନନ ଲାଡେଙ୍କ ନେତୃତ୍ୱରେ ଏସିଏଫ୍ ଅରବିନ୍ଦ ମିଶ୍ର, ଇନ୍ସପେକ୍ଟର ରେଣୁବାଳା ସାହୁ ଏବଂ ବନ୍ୟପ୍ରାଣୀ ବିଭାଗର ବିକ୍ରମ ଦେବ ପ୍ରମୁଖଙ୍କୁ ନେଇ ଗଠିତ ଏକ ଜଏଣ୍ଟ ଟାସ୍କଫୋର୍ସ(ଜେଟିଏଫ୍) ☞ପୃଷ୍ଠା-୪

## ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହେଲେ ଡିସ୍କମ୍ ଦାୟୀ ରହିବ: ପିସିସିଏଫ୍

ଭୁବନେଶ୍ୱର,୧୮।୧୧(ବନ୍ଦନା ସେଠୀ)

ସୋମବାର ବିଦ୍ୟୁତ୍ ଆଘାତରେ ୩ ହାତୀଙ୍କ ମୃତ୍ୟୁ ଘଟଣାକୁ ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାତୀ ମୃତ୍ୟୁକୁ କିପରି ଏଡ଼ାଯାଇ ପାରିବ ସେନେଇ ସମସ୍ତ ଆର୍‌ସିସିଏଫ୍ (ରିଜିଓନାଲ ଚିଫ୍ କଞ୍ଜରଭେଟର୍ ଅଫ୍ ଫରେଷ୍ଟସ୍)ଙ୍କୁ ନନ୍ଦ ଚିଠି ଲେଖିଛନ୍ତି। ସେମାନଙ୍କ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍କମ୍) ସହ ଆଲୋଚନା କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ହେଲେ ଡିସ୍କମ୍ ଦାୟୀ ରହିବ ବୋଲି ସେମାନଙ୍କୁ ସୂଚୀତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ ବିଦ୍ୟୁତ୍ ଆଘାତରେ ହୋଇଥିବା ହାତୀମୃତ୍ୟୁର ତଦନ୍ତ ପାଇଁ ୨୦୧୦ରେ ଗଠିତ ୪ଜଣିଆ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ନେଇ ଡିସ୍କମ୍‌ମାନଙ୍କ ସହ ଆଲୋଚନା କରିବାକୁ ଆର୍‌ସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। 'ବିଦ୍ୟୁତ୍ ଆଘାତ ଦ୍ୱାରା ଅବୈଧ ଶୀକାର ହେଉଥିବା ସମ୍ବେଦନଶୀଳ ବନକ୍ଷେତ୍ରଗୁଡ଼ିକରେ ଆର୍ଥ ଲିକେଜ୍ ସର୍କିଟ୍ ବ୍ରେକର୍ସ୍ ଲଗାଯିବା ଏବଂ ବନ୍ୟଜୀବ ବିଚରଣ କରୁଥିବା ସ୍ଥାନଦେଇ ଯାଇଥିବା ବିତରଣ ଲାଇନ୍‌ରେ ଅଟୋ-ରିକ୍ଲୋଜ୍ ସୁବିଧା ଯୋଗାଇ ନଦେବା' ଆଦି ଦିଗ ଉପରେ ଧ୍ୟାନ ଦେବାକୁ ୨୦୧୦ରେ ୪ ଜଣିଆ କମିଟି ସୁପାରିସ କରିଥିଲା, ଯାହାକି ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବା ପିସିସିଏଫ୍‌ରେ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ପଦକ୍ଷେପ ନେବାକୁ ସେ ଆର୍‌ସିସିଏଫ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ଏକା ସଙ୍ଗରେ ୩ଟି ହାତୀଙ୍କ ମୃତ୍ୟୁ ହେବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ପିସିସିଏଫ୍ କହିଛନ୍ତି। ରେଢ଼ାଖୋଲରେ ଏହା ☞ପୃଷ୍ଠା-୪

## ପ୍ରଦୂଷଣମୁକ୍ତ ପରିବେଶ ଦେବା ସରକାରଙ୍କ ଦାୟିତ୍ୱ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ ,୧୮।୧୧(ପି.ଟି.)

ନାଗରିକଙ୍କୁ ପ୍ରଦୂଷଣମୁକ୍ତ ପରିବେଶ ଯୋଗାଇଦେବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଅନ୍ତର୍ଗତ ସମସ୍ତ ରାଜ୍ୟରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି) ଚତୁର୍ଥ ପର୍ଯ୍ୟାୟ ତୁରନ୍ତ ଲାଗୁ କରିବା ପାଇଁ ସୋମବାର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆର୍) ୪୫୦ରୁ ତଳକୁ ଖସିଲେ ମଧ୍ୟ ଉକ୍ତ କଟକଣା ଜାରି ରହିବ। ନିର୍ଦ୍ଦେଶନାମା ଅନୁପାଳନ ସମ୍ପର୍କରେ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଜିଆର୍‌ଏପି ୪ ପର୍ଯ୍ୟାୟ କଟକଣା ଉଲ୍ଲଂଘନ ଅଭିଯୋଗର ସମାଧାନ ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ କହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଗୃହ ପାଠପଢ଼ା ବନ୍ଦ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ଦିଲ୍ଲୀ-ଏନ୍‌ସିଆର୍ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀରେ ବାୟୁ ମାନ ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଆସିଥିଲେ ☞ପୃଷ୍ଠା-୪

### ଦିଲ୍ଲୀକୁ ଘୋଡ଼ାଇ ରଖିଛି ବିଷାକ୍ତ କୁହୁଡ଼ି

ନୂଆଦିଲ୍ଲୀ ,୧୮।୧୧

ଦିଲ୍ଲୀର ବାୟୁ ଗୁଣବତ୍ତା ସୋମବାର ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ପହଞ୍ଚିଛି। ଅପରାହ୍ନରେ ଦିଲ୍ଲୀର ଏକ୍ୟୁଆର୍ ୪୯୧ ରେକର୍ଡ ହୋଇଥିବାବେଳେ ଦ୍ୱାରକା, ମୁଣ୍ଡକା ଏବଂ ନଜଫଗଡ଼ ଅଞ୍ଚଳରେ ଏକ୍ୟୁଆଇ ସର୍ବାଧିକ ୫୦୦ରେ ପହଞ୍ଚିଛି। ଜାତୀୟ ରାଜଧାନୀକୁ ବିଷାକ୍ତ ଧୂମକୁହୁଡ଼ି ଘୋଡ଼ାଇ ରଖିଥିବାବେଳେ ଲୋକଙ୍କ ଆଖି କୁଣ୍ଡାଇ ହେବା ଓ ପାଣି ବାହାରିବା ଅଭିଯୋଗ ହୋଇଛି। ବାୟୁ ମାନ 'ସିଭିଅର୍ ପ୍ଲସ୍' ବର୍ଗରେ ପହଞ୍ଚିଥିବାରୁ ଲୋକମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ରହିଥିବା ଡାକ୍ତରମାନେ ସତର୍କ କରାଇଛନ୍ତି। ଏଭଳି ପ୍ରଦୂଷଣରେ ଏନ୍୯୫ ମାସ୍କ ବ୍ୟବହାର କରିବା କେବଳ ବିକଳ୍ପ ନୁହେଁ, ଜରୁରୀ। ଏପରିକି ☞ପୃଷ୍ଠା-୪

## ବ୍ୟବସାୟ ପାଇଁ ଓଡ଼ିଶା ଅନୁକୂଳ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୧ (ଅନିଲ ଦାସ)



ସିଙ୍ଗାପୁର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍ନଙ୍କ ସହ ସାକ୍ଷାତ୍ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପହାର ପ୍ରଦାନ କରୁଛନ୍ତି।

ଓଡ଼ିଶାରେ ବ୍ୟବସାୟିକ ପରିବେଶ ଅନୁକୂଳ। ଏହାର ସୁଯୋଗ ନେବାକୁ ସିଙ୍ଗାପୁରଠାରେ ନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଆହ୍ୱାନ ଦେଇଛନ୍ତି। ଆସନ୍ତା ୨୦୨୫ ଜାନୁଆରୀ ମାସରେ ଭୁବନେଶ୍ୱରରେ ଉତ୍କର୍ଷ ଓଡିଶା: ମେକଇନ ଓଡିଶା କନକ୍ଲେଭ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ରାଜ୍ୟରେ ବିଦେଶି ପୁଞ୍ଜିନିବେଶ ବୃଦ୍ଧି ପାଇଁ ଜୋରସୋର ଉଦ୍ୟମ ଜାରି ରଖିଛନ୍ତି। ୪ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ସୋମବାର ସିଙ୍ଗାପୁରରେ ଅବସ୍ଥାପିତ ବିଭିନ୍ନ ଶିଳ୍ପସଂସ୍ଥାର ମୁଖ୍ୟ ଓ ପ୍ରତିନିଧିଙ୍କୁ ଭେଟିଛନ୍ତି। ସେମାନଙ୍କ ସହ ରାଜ୍ୟରେ ରହିଥିବା ନିବେଶ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ଦ୍ୱିତୀୟ ଦିବସରେ ସିଙ୍ଗାପୁର ସହିତ ପେଟ୍ରୋକେମିକାଲ, କେମିକାଲ, ଭିତ୍ତିଭୂମି ଓ ଲଜିଷ୍ଟିକ କ୍ଷେତ୍ର ପାଇଁ ବିଭିନ୍ନ ପ୍ରତିନିଧି ସହିତ ଆଲୋଚନା କରିଛନ୍ତି। ଏଥିସହିତ ଏହି ଟିମ୍ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟଙ୍ଗ ଏବଂ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀଙ୍କ ସହିତ ସାକ୍ଷାତ କରି ପୁଞ୍ଜିନିବେଶ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ☞ପୃଷ୍ଠା-୪

### ୨୫କୁ ଘୁଞ୍ଚିଲା ମାଟ୍ରିକ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ଫର୍ମପୂରଣ ଅବଧି

କଟକ,୧୮।୧୧(କାର୍ତ୍ତିକ ସାହୁ)

ଚଳିତ ମାଟ୍ରିକ ପରୀକ୍ଷା ଫର୍ମପୂରଣ ଅବଧିକୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଘୁଞ୍ଚାଇ ଦିଆଯାଇଛି। ତେବେ ଫର୍ମପୂରଣର ଶେଷ ତାରିଖ ନଭେମ୍ବର ୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ଫର୍ମପୂରଣ ଅବଧି ମଧ୍ୟ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏହାବାଦ୍ ଆଉ ସମୟ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

### ଭାଜପା ନେତା ସମୀର ଦେ'ଙ୍କ ପରଲୋକ



କଟକ,୧୮।୧୧ (କାର୍ତ୍ତିକ ସାହୁ)

ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ(୬୭)ଙ୍କର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ସିଡିଏସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ପରିସରକୁ ନିଆଯାଇଥିଲା। ସେଠାରୁ କଟକର ବାସ୍ତରି ମଠରେ ଶେଷ ସମ୍ମାନ ପ୍ରଦର୍ଶନ କରାଯିବା ପରେ ସହର ପରିକ୍ରମା କରାଯାଇଥିଲା। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର କନ୍ୟା ମୁଖାଗ୍ନି ଦେଇଥିଲେ। ସୂଚନାନୁସାରେ, ସ୍ୱର୍ଗତ ଦେ ସ୍ଥାନୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭାରତରେ ଷ୍ଟାରଲିଙ୍କ

## ରତ୍ନଭଣ୍ଡାର ଅଳଙ୍କାର ଗଣତି ହେବ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)



ଜାନୁଆରୀ ଶେଷ ସୁଦ୍ଧା ରତ୍ନଭଣ୍ଡାର ଅଳଙ୍କାରର ଗଣତି ଶେଷ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରତ୍ନଭଣ୍ଡାର ମରାମତି ସରିବା ପରେ ହିଁ ଅଳଙ୍କାର ଗଣତିମଣତି କରାଯିବ। ଏନେଇ ଏଏସ୍‌ଆଇକୁ କୁହାଯାଇଛି। ତେବେ ମେଘନାଦ ପାଚେରି କାମ ଶେଷ ପରେ ରତ୍ନଭଣ୍ଡାର ମରାମତି କାମ ତୁରନ୍ତ ଆରମ୍ଭ ହେବ।

ଆଇନମନ୍ତ୍ରୀଙ୍କ ଏହି ପ୍ରତିକ୍ରିୟାକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଆସନ୍ତା ବୁଧବାର ଏନେଇ ବୈଠକ ବସିବା ସହ ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଉଛି। ରତ୍ନଭଣ୍ଡାରର ଦୀର୍ଘସ୍ଥାୟୀ ମରାମତି ପରେ ରତ୍ନଅଳଙ୍କାର ଭିତରଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହାପରେ ରତ୍ନଅଳଙ୍କାର ଗଣତିମଣତି ହେବ। ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ମରାମତି ଶେଷ କରାଯାଇ ଗଣତିମଣତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଜିଲା ପ୍ରଶାସନ ନିକଟକୁ ବର୍ତ୍ତମାନ ସୁଦ୍ଧା କିଛି ଡେଡ୍‌ଲାଇନ ଆସିନାହିଁ। ରତ୍ନଭଣ୍ଡାରର ସ୍କାନିଂ ହୋଇଥିଲା, ତାହାର ରିପୋର୍ଟ ସରକାରଙ୍କୁ ସେମାନେ ପ୍ରଦାନ କରିବାର ଥିଲା। ☞ପୃଷ୍ଠା-୪

## ଆମେରିକାରେ ବିଦେଶୀ ଛାତ୍ର: ଭାରତରୁ ସର୍ବାଧିକ

ୱାଶିଂଟନ,୧୮।୧୧ (ପି.ଟି.)



ଗତ ୧୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଆମେରିକାରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ। ସୋମବାର ଆମେରିକୀୟ ସଙ୍ଗଠନ 'ଓପନ ଡୋର୍ସ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ସମ୍ପ୍ରତି ଆମେରିକାରେ ୩.୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ପଢୁଛନ୍ତି। ଆମେରିକୀୟ ଶିକ୍ଷାବର୍ଷ ୨୦୨୨-୨୩ ଅନୁଯାୟୀ, ଦେଶରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ବାଧିକ ଚାଇନାରୁ ଥିଲେ। ସେତେବେଳେ ଉକ୍ତ ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେବେ 'ଓପନ ଡୋର୍ସ ରିପୋର୍ଟ ୨୦୨୪' ଅନୁଯାୟୀ, ଶିକ୍ଷାବର୍ଷ ୨୦୨୩-୨୪ରେ ୩ ଲକ୍ଷ ୩୧ ହଜାର ୬୦୨ ଜଣ ଭାରତୀୟ ଛାତ୍ରୀଛାତ୍ର ଆମେରିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। କୌଣସି ମଧ୍ୟ ଶିକ୍ଷାବର୍ଷରେ ଆମେରିକାରେ ପଢୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କର ଏହା ସର୍ବକାଳୀନ ସର୍ବାଧିକ ସଂଖ୍ୟା ବୋଲି ଉକ୍ତ ରିପୋର୍ଟ କହିଛି। ୨୦୨୨-୨୩ ଶିକ୍ଷାବର୍ଷ ତୁଳନାରେ ୨୩% ଅଧିକ ଭାରତୀୟ ଛାତ୍ରୀଛାତ୍ର ୨୦୨୩-୨୪ ଶିକ୍ଷାବର୍ଷରେ ଆମେରିକାରେ ପଢୁଥିବା ନେଇ ଏହି ରିପୋର୍ଟ କହିଛି। ୨୦୨୨-୨୩ ଶିକ୍ଷାବର୍ଷରେ ୨ ଲକ୍ଷ ୬୮ ହଜାର ୯୨୩ ଜଣ ଛାତ୍ରୀଛାତ୍ର ଆମେରିକାରେ ପଢୁଥିଲେ।

ତେବେ ଆମେରିକାରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କେବଳ ୨୯% ଭାରତର ହୋଇଥିବା ଉକ୍ତ ରିପୋର୍ଟ କହିଛି। ଏହି ତାଲିକାରେ ୨ ଲକ୍ଷ ୭୭ ହଜାର ୩୭୮ ଜଣ ଛାତ୍ରୀଛାତ୍ରଙ୍କ ସହ ଚାଇନା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୪୩ ହଜାର ୧୪୯ ଛାତ୍ରୀଛାତ୍ରଙ୍କ ସହ ଦକ୍ଷିଣ କୋରିଆ ତୃତୀୟ ସ୍ଥାନରେ ରହିଛି। ସେହିପରି ୨୮ ହଜାର ୯୯୮ ଜଣ ଛାତ୍ରୀଛାତ୍ରଙ୍କ ସହ କାନାଡା ଏବଂ ୨୩ ହଜାର ୧୫୭ ଜଣ ଛାତ୍ରୀଛାତ୍ରଙ୍କ ସହ ତାଇୱାନ ଏହି ତାଲିକାରେ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ସ୍ନାତକ ଏବଂ ସ୍ନାତକୋତ୍ତର ଶିକ୍ଷା କ୍ଷେତ୍ରରେ ଭାରତ ଲଗାତର ଦ୍ୱିତୀୟ ବର୍ଷ ପାଇଁ ଆମେରିକାରେ ପଢୁଥିବା ସର୍ବାଧିକ ବିଦେଶୀ ଛାତ୍ରୀଛାତ୍ର ଥିବା ଦେଶ ହୋଇପାରିଛି। ୨୦୨୨-୨୩ ଶିକ୍ଷାବର୍ଷ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଏହି ସଂଖ୍ୟାରେ ୧୯% ବୃଦ୍ଧି ଘଟି ୧ ଲକ୍ଷ ୯୬ ହଜାର ୫୬୭ରେ ପହଞ୍ଚିଛି। ସେହିପରି ଅଣ ସ୍ନାତକ ଶିକ୍ଷା କ୍ଷେତ୍ରରେ ୩୬ ହଜାର ୫୩ ଜଣ ଭାରତୀୟ ଛାତ୍ରୀଛାତ୍ର ଆମେରିକାରେ ପଢୁଛନ୍ତି। ବର୍ଷକ ମଧ୍ୟରେ ଏହି ସଂଖ୍ୟାରେ ୧୩% ବୃଦ୍ଧି ଘଟିଛି। ପ୍ରକାଶ ଯେ, ଆମେରିକାରେ ସାଧାରଣତଃ ଶିକ୍ଷାବର୍ଷ ସେପ୍ଟେମ୍ବରରୁ ଆରମ୍ଭ ହୋଇ ପରବର୍ତ୍ତୀ ବର୍ଷ ମେ' ପର୍ଯ୍ୟନ୍ତ ଚାଲିଥାଏ।

## ସଂକ୍ଷେପରେ

### ଗାଜାରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ୨୦ ମୃତ

ଗାଜା ସିଟି ,୧୮।୧୧

ଇସ୍ରାଏଲୀ ସେନା ସୋମବାର ଗାଜା ଷ୍ଟ୍ରିପ୍‌ରେ ବୋମାମାଡ଼ କରିବାରୁ ୨୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୬ ବିସ୍ଥାପିତ ରହିଛନ୍ତି, ଯେଉଁମାନେ ଏକ ତମ୍ବୁ ତଳେ ଆଶ୍ରୟ ନେଇଥିଲେ। ରବିବାର ଏକ ବହୁତଳ ଆବାସିକ ବିଲ୍ଡିଂରେ ଇସ୍ରାଏଲ୍ ବୋମାମାଡ଼ କରିବାରୁ ଅନେକ ଲୋକ ମୃତାହତ ହୋଇଥିଲେ। ସୋମବାର ଗାଜା ସିଟିରେ ଏୟାରଷ୍ଟ୍ରାଇକ୍ ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଆହତ ହୋଇଛନ୍ତି। ନୁସେଇରାତ୍ କ୍ୟାମ୍ପ ଉପରେ ଆକ୍ରମଣ ହେବାରୁ ୪ ଜଣଙ୍କ ଜୀବନ ଯାଇଥିଲା।

### ଭାଜପାରେ ମିଶିଲେ କୈଳାସ ଗେହଲଟ



ନୂଆଦିଲ୍ଲୀ,୧୮।୧୧ (ପି.ଟି.)

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ କୈଳାସ ଗେହଲଟ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର, ଦିଲ୍ଲୀ ଭାଜପା ପ୍ରଭାରୀ ବୈଜୟନ୍ତ ପଣ୍ଡା, ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚ୍‌ଦେବାଙ୍କ ଉପସ୍ଥିତିରେ ଭାଜପା ରାଷ୍ଟ୍ରୀୟ ମୁଖ୍ୟାଳୟରେ ସେ ପଦ୍ମ ଧରିଛନ୍ତି। ତେବେ ଇଡି, ସିବିଆଇ ପରି କୌଣସି କେନ୍ଦ୍ରୀୟ ଏଜେନ୍ସିର ଚାପରେ ସେ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଛାଡ଼ିନାହାନ୍ତି। ପୂର୍ବରୁ ଲୋକଙ୍କ ଅଧିକାର ପାଇଁ ଲଢୁଥିବା ଆପ୍ କିଛିଦିନ ଧରି କେବଳ ନିଜ ରାଜନୈତିକ ଏଜେଣ୍ଡାକୁ ଆଗକୁ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିବା ଗେହଲଟ କହିଥିଲେ।

### ଦିଲ୍ଲୀ ରିଜ୍‌ରୁ ବେଆଇନ ଗଛକଟା: ଶୁଣାଣିରୁ ଓହରିଲେ ସିଜେଆଇ

ନୂଆଦିଲ୍ଲୀ ,୧୮।୧୧(ପି.ଟି.)

ଦିଲ୍ଲୀ ରିଜ୍ ଅଞ୍ଚଳରୁ ବେଆଇନ ଭାବେ ଗଛ କଟାଯାଇଥିବା ଅଭିଯୋଗ ଉପରେ ଏକାଧିକ ପିଟିଶନ୍‌ର ଶୁଣାଣିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ସୋମବାର ଓହରିଯାଇଛନ୍ତି। ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ମାମଲାରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କଠାରୁ ବ୍ୟକ୍ତିଗତ ସତ୍ୟପାଠ ମାଗିଥିଲେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଖାନ୍ନା କହିଛନ୍ତି, ସେ ଯେତେବେଳେ ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଥିଲେ, ବିଭିନ୍ନ ଜେଲ୍ ପରିଦର୍ଶନ ପାଇଁ ଦିଲ୍ଲୀ ଉପରାଜ୍ୟପାଳଙ୍କ ସହ ପାଟନା ଯାଇଥିଲେ। ତେଣୁ ଉକ୍ତ ଗଛକଟା ମାମଲା ଶୁଣାଣିରେ ସେ ରହିବା ଠିକ୍ ହେବ ନାହିଁ।

## ମଣିପୁର ଜଳୁଛି

# ଯାଉନାହାନ୍ତି, ପଠାଉଛନ୍ତି



**୨୦୨୩ ମେ'ରେ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଆରମ୍ଭ ହେବା ପରଠୁ ଉତ୍ତର ପୂର୍ବାଞ୍ଚଳର ଏହି ସୀମାନ୍ତ ରାଜ୍ୟରେ ଅଦ୍ୟାବଧି ଅନ୍ୟୂନ ୨୫୦ ଜଣଙ୍କୁ ହତ୍ୟା କରାଗଲାଣି। ସଂଘର୍ଷରେ ଅନେକ ଲକ୍ଷ ଲୋକ ବିସ୍ଥାପିତ ହେଲେଣି। ଏଥିଯୋଗୁ ମଣିପୁର ବସ୍ତୁତଃ ଦୁଇଟି ଜାତି ମଧ୍ୟରେ ବିଭାଜିତ ହୋଇଯାଇଛି। ମେଇତିମାନେ ଉପତ୍ୟକାରେ ଆଧିପତ୍ୟ ବିସ୍ତାର କରିଥିବାବେଳେ କୁକିଙ୍କ ପ୍ରଭାବ ପାର୍ବତ୍ୟାଞ୍ଚଳରେ ରହିଛି। ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଥିବା ସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରି ତାଙ୍କ ଇସ୍ତଫା ଦାବି ଜୋର୍ ଧରିବାରେ ଲାଗିଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଂସା ପ୍ରଭାବିତ ମଣିପୁରକୁ ଯାଉନାହାନ୍ତି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେବଳ କେନ୍ଦ୍ରୀୟ ପୋଲିସ ବଳ ପଠାଇ ନିଜ ଦାୟିତ୍ୱ ସାରିଦେଉଛି ବୋଲି ବିରୋଧୀ ସମାଲୋଚନା କରିଛନ୍ତି।**

ନୂଆଦିଲ୍ଲୀ/ଇମ୍ଫାଲ,୧୮।୧୧

ପୁଣି ଜାତିଆଣ ହିଂସାର ନିଆଁରେ ଜଳୁଛି ମଣିପୁର। ଜିରିବାମ୍‌ର ଏକ ଶିବିରରୁ ନିଖୋଜ ହୋଇଯାଇଥିବା ୬ ଅପହୃତଙ୍କ ମୃତଦେହ ମିଳିବା ପରେ ୩ ଦିନ ଧରି ଉପତ୍ୟକାରେ ଭଙ୍ଗାରୁଜା ଓ ଜଳାପୋଡ଼ା ଲାଗିରହିଛି। ଇତିମଧ୍ୟରେ ଅନେକ ବିଧାୟକ ଓ ମନ୍ତ୍ରୀଙ୍କ ଘରକୁ ମଧ୍ୟ ବିକ୍ଷୋଭକାରୀ ଟାର୍ଗେଟ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଘରକୁ ମଧ୍ୟ ଅନୁପ୍ରବେଶ ଉଦ୍ୟମ ହୋଇଛି। ମଣିପୁରର ମେଣ୍ଟ ସରକାରରେ ଭାଗୁଆଳି ଥିବା କନରାଡ୍ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ରବିବାର ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିବା ସହ ସମର୍ଥନ ପ୍ରତ୍ୟାହାର କରିଛି। ସୋମବାର ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ନିଜ କ୍ୟାବିନେଟ୍ ସଦସ୍ୟ ଓ ଶାସକ ଏନ୍‌ଡିଏ ବିଧାୟକମାନଙ୍କୁ ନେଇ ଏକ ବୈଠକ କରିଛନ୍ତି। ରାଜ୍ୟରେ ଅଣାୟତ୍ତ ହେଉଥିବା ସ୍ଥିତି ସମୀକ୍ଷା ପାଇଁ ଉକ୍ତ ବୈଠକ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଅର୍ଥାତ୍ ୫,୦୦୦ ଯବାନଙ୍କୁ ମଣିପୁରକୁ ପଠାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ରବିବାର ଓ ସୋମବାର ବସିଥିବା ବୈଠକରେ ମଣିପୁର ସ୍ଥିତି ସମୀକ୍ଷା କରାଯାଇଛି। ଆହ୍ୱାନପୂର୍ଣ୍ଣ ସ୍ଥିତିର ମୁକାବିଲା ପାଇଁ ଉକ୍ତ ବୈଠକରେ ଅତିରିକ୍ତ କେନ୍ଦ୍ରୀୟ ବଳ ପ୍ରେରଣ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହା ପୂର୍ବରୁ ନଭେମ୍ବର ୧୨ରେ ଜିରିବାମ ଜିଲାରେ ହିଂସା ଘଟିବା ପରେ ମନ୍ତ୍ରଣାଳୟ ୨୦ ସିଏପିଏଫ୍ (୧୫ ସିଆର୍‌ପିଏଫ୍ ଏବଂ ୫ ବିଏସ୍‌ଏଫ୍) କମ୍ପାନୀ ପଠାଇଥିଲା। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ମହାନିର୍ଦ୍ଦେଶକ ଏ.ଡି. ସିଂ ଏବଂ ସିଏପିଏଫ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ମଣିପୁରରେ ରହିଛନ୍ତି। ଏସବୁକୁ ମିଶାଇଲେ ମଣିପୁରରେ ଗତବର୍ଷ ମେ' ପରଠୁ ମୋଟ ୨୧୮ ସିଏପିଏଫ୍ କମ୍ପାନୀ ମୁତୟନ ହୋଇଛନ୍ତି। ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ମୋଦି ଥରୁଟିଏ ମଧ୍ୟ ମଣିପୁରକୁ ନ ଯିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସମାଲୋଚନା କରିଛି। ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମଣିପୁରରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଆସନ୍ତା ୨୫ରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝନ୍ତୁ। ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଇସ୍ତଫା ଦିଅନ୍ତୁ ବୋଲି ରମେଶ ଦାବି କରିଛନ୍ତି। ସେପଟେ ଭାଜପା ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ବିଧାୟକ ଅବ୍‌ଦୁଲ ନାସିର ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ଜିରିବାମରେ ମହିଳା ଓ ଶିଶୁଙ୍କ ହତ୍ୟା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ 'ଆତଙ୍କବାଦୀ' ଘୋଷଣା କରାଯାଉ ବୋଲି ସେ ଦାବି କରିଛନ୍ତି। ସଦ୍ୟ ହିଂସାକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୩ଟି ମାମଲା ରୁଜୁ କରିଛି। ସୋମବାର ଜିରିବାମ୍ ଜିଲାରେ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ବିକ୍ଷୋଭକାରୀ କେ. ଅଥୋଉବା(୨୦)ଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ସୁରକ୍ଷା ଦାୟିତ୍ୱରେ ଥିବା ଯବାନଙ୍କ ଗୁଳିମାଡ଼ରେ ଲୋକଙ୍କ ପ୍ରାଣହାନି ଘଟିବା ଉପତ୍ୟକାର ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି।



ଇମ୍ଫାଲରେ ମୁତୟନ ସେନା ଓ ଆସାମ ରାଇଫଲ୍ସ ଯବାନ।

### ପାକିସ୍ତାନୀ ଜାହାଜରୁ ୭ ଭାରତୀୟ ମତ୍ସ୍ୟଜୀବୀ ମୁକ୍ତ

ନୂଆଦିଲ୍ଲୀ ,୧୮।୧୧

ଭାରତ-ପାକିସ୍ତାନ ସାମୁଦ୍ରିକ ସୀମାରୁ ୭ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ପାକିସ୍ତାନୀ ପାଟ୍ରୋଲ ଜାହାଜ ରବିବାର ଧରିନେଉଥିଲା। ଖବର ପାଇ ଭାରତୀୟ ତଟ ସୁରକ୍ଷା ବାହିନୀ (ଆଇସିଜି) ୨ ଘଣ୍ଟା ଧରି ଉକ୍ତ ଜାହାଜକୁ ପିଛା କରିବା ପରେ ମତ୍ସ୍ୟଜୀବୀମାନଙ୍କୁ ମୁକୁଳାଇଛି। ପାକିସ୍ତାନୀ ସାମୁଦ୍ରିକ ସୁରକ୍ଷା ସଂସ୍ଥା (ପିଏମ୍‌ଏସ୍‌ଏ) ଜାହାଜ ପାଲଟା ଜବାବ ଦେବା ପାଇଁ ଉଦ୍ୟମ କରିବା ସତ୍ତ୍ୱେ ମତ୍ସ୍ୟଜୀବୀମାନଙ୍କୁ ସଫଳତାର ସହ ଉଦ୍ଧାର କରାଯାଇପାରିଛି।

### ଟେକା ମାଡ଼ରେ ଅନୀଲ ଦେଶମୁଖଙ୍କ ମୁଣ୍ଡ ଫାଟିଲା

ମୁମ୍ବାଇ, ୧୮।୧୧

ମହାରାଷ୍ଟ୍ରର ପୂର୍ବତନ ଗୃହ ମନ୍ତ୍ରୀ ତଥା ଏନ୍‌ସିପି(ଏସ୍‌ପି) ନେତା ଅନୀଲ ଦେଶମୁଖଙ୍କ କାର୍‌କୁ ସୋମବାର କାଟୋଲରେ ଟେକା ମାଡ଼ ହୋଇଛି। ଏଥିରେ ଅନୀଲ ଆହତ ହୋଇଛନ୍ତି। ଆଘାତ ଯୋଗୁ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ତାଙ୍କୁ କାଟୋଲସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ତାଙ୍କ ପୁଅ ସଲୀଲ ଦେଶମୁଖଙ୍କ ପାଇଁ ନିର୍ବାଚନ ପ୍ରଚାର କରି ଫେରୁଥିବାବେଳେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଜଣାପଡ଼ିଛି। ମୁମ୍ବାଇ ପୋଲିସ ତଦନ୍ତ ଜାରି ରଖିଛି।

## ମୋଜ୍‌ତାବା ଖାମେନେଇ ଇରାନ ସୁପ୍ରିମ ଲିଡର

ତେହରାନ,୧୮।୧୧



ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଗୁରୁତର ଅସୁସ୍ଥ ଥିବାରୁ ତାଙ୍କ ଦ୍ୱିତୀୟ ପୁଅ ମୋଜ୍‌ତାବା ଖାମେନେଇଙ୍କୁ ତାଙ୍କ ଉତ୍ତରାଧିକାରୀ ଚୟନ କରାଯାଇଛି। ସେ ସୁପ୍ରିମ ଲିଡର ଭାବେ ଇରାନର ନେତୃତ୍ୱ ନେବେ। ଏପରିକି ବାପାଙ୍କ ମୃତ୍ୟୁ ପୂର୍ବରୁ ମୋଜ୍‌ତାବା ଶିୟା ଇସ୍‌ଲାମିକ୍ ରାଷ୍ଟ୍ରର ନେତୃତ୍ୱ ନେଇପାରନ୍ତି ବୋଲି କୁହାଯାଉଛି। ଅଲି ଖାମେନେଇଙ୍କ ଉତ୍ତରାଧିକାରୀ ଚୟନ ଲାଗି ଏକ ଗୋପନ ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଇସ୍ରାଏଲ୍ ସହ ଇରାନର ମୁହାଁମୁହିଁ ସ୍ଥିତି ଲାଗିରହିଥିବାବେଳେ ଦେଶ ଏବେ ସଙ୍କଟରେ ରହିଛି। ୮୫ ବର୍ଷୀୟ ଅଲି ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ସେ ଶେଷ ଥର ପାଇଁ ଅକ୍ଟୋବର ୪ରେ ଇରାନୀୟମାନଙ୍କୁ ଉଦ୍‌ବୋଧନ ଦେବା ସହ ଇସ୍ରାଏଲ୍ ଆକ୍ରମଣରେ ନିହତ ହେଜ୍‌ବୋଲ୍ଲା ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ପାଇଁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୨୬ରେ ଇରାନ ବିଶେଷଜ୍ଞ ସଭାର ୬୦ ସଦସ୍ୟଙ୍କ ବୈଠକ ଡକାଯାଇଥିଲା। ତାଙ୍କ ଉତ୍ତରାଧିକାରୀ ବାଛିବାକୁ ଆସେମ୍ବ୍ଲି ସଦସ୍ୟମାନଙ୍କୁ କୁହାଯାଇଥିଲା। ପ୍ରଥମେ ଏହାକୁ ବିରୋଧ କରାଯାଇଥିବାବେଳେ ପରେ ଆସେମ୍ବ୍ଲି ସର୍ବସମ୍ମତକ୍ରମେ ମୋଜ୍‌ତାବାଙ୍କୁ ତାଙ୍କ ଉତ୍ତରାଧିକାରୀ କରିବା ପାଇଁ ରାଜି ହୋଇଥିଲା।

## ଅମରାସୁରିୟା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ

କଲମ୍ବୋ,୧୮।୧୧



ପାର୍ଲାମେଣ୍ଟ ନିର୍ବାଚନରେ ଏନ୍‌ପିପି ବିଜୟୀ ହେବା ପରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ସୋମବାର ଶିକ୍ଷାବିତ୍ ହରିନି ଅମରାସୁରିୟାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ପୁନଃ ନିଯୁକ୍ତ କରିଛନ୍ତି। ୨୨୫ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କ ନେତୃତ୍ୱାଧୀନ ଏନ୍‌ପିପି ମେଣ୍ଟ ୧୫୯ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ସୋମବାର ଶପଥ ଉତ୍ସବରେ ବିଜିଥା ହେରାଥଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ପୁନର୍ବାର ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ଅର୍ଥ ଓ ପ୍ରତିରକ୍ଷା ବିଭାଗ ନିଜ ହାତରେ ରଖିଛନ୍ତି।

## ୬ରେ କୃଷକଙ୍କ ଦିଲ୍ଲୀ ଅଭିଯାନ

ଚଣ୍ଡିଗଡ଼ ,୧୮।୧୧(ପି.ଟି.)

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ନ୍ୟାଯ୍ୟ ଦାବିକୁ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ନିମନ୍ତେ ଶମ୍ଭୁ ସୀମାରେ ଦୀର୍ଘଦିନ ହେଲା ଆନ୍ଦୋଳନରେ ବସିଥିବା କୃଷକମାନେ ଡିସେମ୍ବର ୬ରେ ଦିଲ୍ଲୀ ଅଭିଯାନରେ ବାହାରିବେ। ଏନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍‌ଏମ୍) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଚଳିତବର୍ଷ ଫେବୃଆରୀ ୧୩ରେ ଉକ୍ତ କୃଷକମାନେ 'ଦିଲ୍ଲୀ ଚଲୋ' ଶୋଭାଯାତ୍ରାରେ ବାହାରିଥିବାବେଳେ ସୁରକ୍ଷା ବଳ ବାଧାଦେବାରୁ ସେମାନେ ପଞ୍ଜାବ ଓ ହରିୟାଣା ମଧ୍ୟବର୍ତ୍ତୀ ଶମ୍ଭୁ ଏବଂ ଖନୌରି ସୀମାରେ ଅଟକି ରହିଛନ୍ତି। ଦୀର୍ଘଦିନର ପ୍ରତୀକ୍ଷା ପରେ ଚାଷୀମାନେ ଦିଲ୍ଲୀ ଅଭିମୁଖେ ଯିବା ପାଇଁ ନିଷ୍ପତ୍ତି ନେଇଥିବା କେଏମ୍‌ଏମ୍ ନେତା ସରୱନ୍ ସିଂ ପାନ୍ଧେର କହିଛନ୍ତି। ନଭେମ୍ବର ୨୬ରୁ କୃଷକ ନେତା ଜଗଜିତ ସିଂ ଡାଲେୱାଲ ଆମରଣ ଅନଶନରେ ବସିବେ। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ କୃଷିଋଣ ଛାଡ଼ କରିବା, କୃଷକ ଓ କୃଷି ଶ୍ରମିକଙ୍କ ପାଇଁ ପେନ୍‌ସନ ଲାଗୁ କରିବା, ବିଦ୍ୟୁତ ଦେୟ ନ ବଢ଼ାଇବା ଆଦି କୃଷକଙ୍କ ଦାବି ରହିଛି।



## ବାଇଡେନ୍-ମୋଦି ଭେଟ

ରିଓ ଡି ଜନେଇରୋ ,୧୮।୧୧

**ବ୍ରାଜିଲରେ ଜି୨୦**

ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବ୍ରାଜିଲର ରିଓ ଡି ଜନେଇରୋରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସେଠାରେ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁରେରେସ୍‌ଙ୍କ ସମେତ ଅନେକ ବିଶ୍ୱନେତାଙ୍କୁ ଭେଟିଛନ୍ତି। ୧୮ ଓ ୧୯ ଦୁଇଦିନ ଧରି ଜି୨୦ ସମିଟ୍ ଚାଲିବ। ସମ୍ମିଳନୀରେ ଆସନ ଗ୍ରହଣ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବାଇଡେନ୍‌ଙ୍କ ସହ କରମର୍ଦ୍ଦନ କରିଥିବାବେଳେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ। ନାଇଜେରିଆ ଗସ୍ତ ପରେ ସୋମବାର ବ୍ରାଜିଲରେ ପହଞ୍ଚିଥିବା ମୋଦିଙ୍କୁ ରିଓ ଡି ଜନେଇରୋରେ ପ୍ରବାସୀ ଭାରତୀୟମାନେ ସଂସ୍କୃତ ଶ୍ଲୋକ ଗାଇ ସ୍ୱାଗତ କରିଥିଲେ।

ଫୁର୍‌ସତ୍

## ପୁରୁଷଙ୍କୁ ମଧ୍ୟ ସମ୍ମାନ ଦେବା ଜରୁରୀ

**ଆଜି ଅନ୍ତର୍ଜାତୀୟ ପୁରୁଷ ଦିବସ**

ପ୍ରତିବର୍ଷ ନଭେମ୍ବର ୧୯ରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଏ। ୬୦ରୁ ଅଧିକ ଦେଶ ପୁରୁଷ ଦିବସ ପାଳନ କରନ୍ତି। ଏହି ଅବସରରେ ଅନେକ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

୧୯୨୩ରେ ପ୍ରଥମ ଥର ପାଇଁ ପୁରୁଷ ଦିବସ ପାଳନ କରିବାର ଦାବି ଉଠିଥିଲା। ଫେବୃଆରୀ ୨୩ରେ ସର୍ବଭାରତୀୟ ସ୍ତରରେ ପୁରୁଷ ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆମେରିକା, ଅଷ୍ଟ୍ରେଲିଆ ସଂଗଠନଗୁଡ଼ିକୁ ନିମନ୍ତ୍ରଣ କରାଯାଇଥିଲା। ଦୁଇ ବର୍ଷ ଧରି ପୁରୁଷ ଦିବସ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ୧୯୯୫ ପର୍ଯ୍ୟନ୍ତ ବହୁତ କମ ସଂସ୍ଥା ଏହି ଘଟଣାଗୁଡ଼ିକର ଅଂଶ ହୋଇଥିଲେ। ଫଳସ୍ୱରୂପ ଇଭେଣ୍ଟ ବନ୍ଦ ହୋଇଗଲା।

ତ୍ରିନିଦାଦ ଏବଂ ଟୋବାଗୋରେ ଥିବା ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡକ୍ଟର ଜେରୋମ ତିଲକ ସିଂ ୧୯୯୯ରେ ପ୍ରଥମ ଥର ପାଇଁ ନଭେମ୍ବର୧୯ରେ ପୁରୁଷ ଦିବସ ପାଳନ କରିଥିଲେ। ନିଜ ପିତାଙ୍କ ଜନ୍ମଦିନ ଅବସରରେ ପ୍ରଫେସର ଏହି ଦିନ ପାଳନ କରିଥିଲେ। ସେ ପୁରୁଷମାନଙ୍କୁ ପ୍ରସଙ୍ଗ ଉଠାଇବାକୁ ଲୋକଙ୍କୁ ଉତ୍ସାହିତ କରିଥିଲେ। ୧୯ ନଭେମ୍ବର ୨୦୦୭ରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥିଲା।

ଏକ ସ୍ୱତନ୍ତ୍ର ଥିମ୍ ଆଧାରରେ ପ୍ରତିବର୍ଷ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଏ। ଚଳିତବର୍ଷ ଅନ୍ତର୍ଜାତୀୟ ପୁରୁଷ ଦିବସ ୨୦୨୪ର ଥିମ୍ ହେଉଛି 'ମେନ୍ସ ହେଲ୍‌ଥ ଚାମ୍ପିଅନ' (Men's Health Champions)। ଏହି ଥିମ୍ ପୁରୁଷଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଉପରେ ଧ୍ୟାନ ଦେଇଥାଏ।

## ଭିକ୍ଟୋରିଆଙ୍କୁ ମିସ୍ ୟୁନିଭର୍ସ କଲା ଟ୍ରମ୍ପ୍ ଇଫେକ୍ଟ

**୨୦୨୪ ନଭେମ୍ବର ୧୭ରେ ମେକ୍ସିକୋ ସିଟିରେ ଆୟୋଜିତ ୭୩ତମ ମିସ୍ ୟୁନିଭର୍ସ ଇଭେଣ୍ଟରେ ଡେନ୍‌ମାର୍କର ୨୧ ବର୍ଷୀୟା ଭିକ୍ଟୋରିଆ କଜେର ଥେଇଲଭିଗ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୂର୍ବରୁ ଶି'ମେଲ୍‌ମାନେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଆଧିପତ୍ୟ ବିସ୍ତାର କରିଥିବାବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ତାଙ୍କ ପ୍ରଭାବରେ ଜଣେ ଜୈବିକ ମହିଳା ଭାବେ ଭିକ୍ଟୋରିଆ ଏହି ମୁକୁଟ ହାସଲ କରିପାରିଥିବା କୁହାଯାଉଛି।**

ମେକ୍ସିକୋ ସିଟି,୧୮।୧୧



ଇତିହାସରେ ପ୍ରଥମ ଥର ପାଇଁ ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଡେନ୍‌ମାର୍କରୁ ଜଣେ ଡାନିଶ୍ ପ୍ରତିନିଧି ମିସ୍ ୟୁନିଭର୍ସ ହୋଇପାରିଛନ୍ତି। ଟାଇଟଲ ପାଇଁ ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ନିଜ ଟ୍ୟାଲେଣ୍ଟ ପ୍ରଦର୍ଶନ କରିଥିବାବେଳେ ଉକ୍ତ ଇଭେଣ୍ଟରେ କଡ଼ା ମୁକାବିଲା ହୋଇଥିଲା। ୨୦୨୩ ପର୍ଯ୍ୟନ୍ତ ଆୟୋଜିତ ପ୍ରତିଯୋଗିତାରେ ବିବାହଯୋଗ୍ୟା, ଓଜନ ଅଧିକ ଥିବା ଏବଂ କିନ୍ନର କଣ୍ଟେଷ୍ଟାଣ୍ଟମାନେ ଭାଗ ନେଉଥିଲେ। ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ସୁରକ୍ଷା ପାଇଁ ପ୍ରୟାସରତ ଥାଇଲାଣ୍ଡର ଜଣେ ମିଡିଆ ମୋଗଲ ମିସ୍ ୟୁନିଭର୍ସ ଇଭେଣ୍ଟର ମାଲିକାନା ନେବା ପରେ ଚଳିତବର୍ଷର ଇଭେଣ୍ଟ ଅଧିକ ପାରମ୍ପରିକ ଥିଲା। ଗତବର୍ଷ ଶୀର୍ଷ ୨୦ ଜଣଙ୍କ ମଧ୍ୟରେ ପର୍ତ୍ତୁଗାଲର ମାରିନା ମାଚେଟେ ପ୍ରଥମ ଟ୍ରାନ୍ସଜେଣ୍ଡର ଓମେନ୍ ଭାବେ ସ୍ଥାନ ପାଇଥିଲେ। କିଛି ମାସ ପୂର୍ବରୁ ୨୨ ବର୍ଷୀୟା ରିକ୍କି ଭଲେରିଏ କୋଲ୍ଲେ ମିସ୍ ନେଦରଲାଣ୍ଡ୍ସ ମୁକୁଟ ହାସଲ କରିବାରେ ପ୍ରଥମ ଟ୍ରାନ୍ସଜେଣ୍ଡର ପର୍ସନ ଥିଲେ। ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାଗନେବାରେ ଆଞ୍ଜେଲା ପୋନ୍ସ ହେଉଛନ୍ତି ପ୍ରଥମ ଟ୍ରାନ୍ସ ଓମେନ୍। କିଛି ବର୍ଷ ତଳେ ସେ ମିସ୍ ସ୍ପେନ୍ ମୁକୁଟ ହାସଲ କରିଥିଲେ। ସଦ୍ୟ ଅନୁଷ୍ଠିତ ଇଭେଣ୍ଟରେ ଭିକ୍ଟୋରିଆ ଜଣେ ଅଣ-କିନ୍ନର ଭାବେ ଏହି ମର୍ଯ୍ୟାଦାଜନକ ମୁକୁଟ ପାଇବା ପରେ ଅନେକେ ବିସ୍ମିତ ହୋଇଯାଇଥିଲେ। ଜଣେ ଷ୍ଟ୍ରେଟ୍, ଶ୍ୱେତାଙ୍ଗୀ, ଜୈବିକ ମହିଳା ମିସ୍ ୟୁନିଭର୍ସ ୨୦୨୪ ହେବା ଏକ ବଡ଼ ଖବର ବୋଲି ଲୋକପ୍ରିୟ ରାଜନୈତିକ ଭାଷ୍ୟକାର ମାଟ୍ଟ ୱାଲେସ୍ କହିଛନ୍ତି। ଆଉ କେତେଜଣଙ୍କ ମତରେ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଜଣେ ଷ୍ଟ୍ରେଟ୍ ମହିଳା ମିସ୍ ୟୁନିଭର୍ସ ହୋଇପାରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ୍ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ କରିବା ପରେ ହିଁ ଏହା ଗଣମାଧ୍ୟମର ଦୃଷ୍ଟିଆକର୍ଷଣ କରି ଲୋକପ୍ରିୟ ହୋଇପାରିଥିଲା। ୨୦୦୩ରେ ଏନ୍‌ବିସି ସହ ଟ୍ରମ୍ପ୍‌ଙ୍କ ଡିଲ୍ ଯୋଗୁ ଏହା ଘରେ ଘରେ ପହଞ୍ଚିପାରିଥିଲା। କିନ୍ତୁ ୨୦୧୫ରେ ଟ୍ରମ୍ପ୍‌ଙ୍କ ଏକ ମନ୍ତବ୍ୟ ଏଥିରେ ତାଙ୍କର ସହଭାଗିତାରେ ପୂର୍ଣ୍ଣଚ୍ଛେଦ ପକାଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ବିସିର ଅର୍ଦ୍ଧାଧିକ ଅଂଶଧନ ଟ୍ରମ୍ପ୍‌ଙ୍କ ନିକଟରେ ରହିବାରୁ ସେ ଏହାର ମାଲିକ ହୋଇଥିଲେ। ଟ୍ରମ୍ପ୍‌ଙ୍କ ଅମଳରେ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଯୌନାଚାରରେ ଛନ୍ଦିହୋଇ ବିବାଦୀୟ ହୋଇଥିଲା। ବର୍ତ୍ତମାନ ମିସ୍ ୟୁନିଭର୍ସ ବ୍ରାଣ୍ଡ ଥାଇଲାଣ୍ଡର ଜେକେଏନ୍ ଗ୍ଲୋବାଲ ଗ୍ରୁପ୍ ଏବଂ ଆମେରିକାର ଲିଗାସି ହୋଲ୍ଡିଂ ଗ୍ରୁପ୍ ନିକଟରେ ରହିଛି। ପ୍ରଥମ ଓପନ୍ ଟ୍ରାନ୍ସ ଓମେନ୍ ଆନ୍ନେ ଜାକାପୋଙ୍ଗ୍ ଜାକ୍ରାଜୁଟାଟିପ୍ ଏହି ଥାଇ କଙ୍ଗ୍ଲୋମେରେଟ୍‌ର ମାଲିକାଣୀ, ଯିଏକି ସୁନ୍ଦରୀ ପ୍ରତିଯୋଗିତା ଇତିହାସରେ ଏକ ସକାରାତ୍ମକ ଅଧ୍ୟାୟ ଯୋଡ଼ିଥିବା କୁହାଯାଉଛି। ଜାକାପୋଙ୍ଗ୍ ଏଥିରେ ବିବାହିତ ମହିଳା ଓ ମା'ମାନଙ୍କୁ ସାମିଲ ହେବା ପାଇଁ ସୁଯୋଗ ଦେଇ ନୂଆ ନିୟମ ପ୍ରଣୟନ କରିଥିଲେ। ତେବେ ତାଙ୍କ ନେତୃତ୍ୱରେ ଜେକେଏନ୍ ଗ୍ଲୋବାଲ ୨୦୨୩ରେ ଦେବାଳିଆ ହୋଇଯାଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଶାରୀରିକ ଗଠନ ନିର୍ବିଶେଷରେ ସଶକ୍ତୀକରଣ ପାଇଁ ଅନେକ ମହିଳାଙ୍କୁ ଉତ୍ସାହିତ କରିଛି।




**ଆମ୍ୱଟାକୁଆ ଜାଉ ଖାଇବା ଘଟଣା**

# ଆଉ ଜଣଙ୍କ ଜୀବନ ଗଲା

କଟକ/ଦାରିଙ୍ଗବାଡ଼ି,୧୮।୧୧
(ଶିଳ୍ପା ପ୍ରିୟଦର୍ଶିନୀ/ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ୱଟାକୁଆ ବାସି ଜାଉ ଖାଇ ଗତ ୧ ତାରିଖରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ଅପରାହ୍ଣରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜିତା ମାଝୀ। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଗାଁକୁ ପଠାଯାଇଥିବା ନେଇ ସ୍ୱତନ୍ତ୍ର ଡାକ୍ତରୀ ଦଳ ସୂଚନା ଦେଇଛନ୍ତି। ଡାକ୍ତରୀ ଦଳରେ ଥିବା ଭେଷଜ ବିଭାଗର ଡା. ଜୟନ୍ତ ପଣ୍ଡା କହିଛନ୍ତି, ଏଠାରେ ଚିକିତ୍ସିତ ହେଉଥିବା ଜିତା ଏବଂ ଅନ୍ୟ ଜଣେ ମହିଳା ଚୁନି ମାଝୀଙ୍କ ବୃକକ୍ ସମସ୍ୟା ଥିବାବେଳେ ଡାଏଲିସିସ୍ ଜାରି ରହିଥିଲା। ରବିବାରଠାରୁ ଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅନ୍ୟପଟେ ଚୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଡା. ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ଏହି ଘଟଣାରେ ୬ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ବ୍ରହ୍ମପୁରରେ ଚିକିତ୍ସା କରାଯାଇଥିଲା। ୩ଦିନ ପରେ ଜିତା ଓ ଚୁନିଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜିତାଙ୍କ କିଡ୍‌ନୀଜନିତ ରୋଗରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ବୋଲି ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ଜିତାଙ୍କ ମୃତଦେହ ମାଣ୍ଡିପଙ୍କାକୁ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏନେଇ ସେ ସରପଞ୍ଚ କୁମାରୀ ମଲିକଙ୍କ ସହ କଥାବାର୍ତ୍ତା ହୋଇଥିବା ରଥ କହିଛନ୍ତି।

# ବଢ଼ିଲାଣି ଶୀତ, ପଡ଼ିଲାଣି କୁହୁଡ଼ି

ଭୁବନେଶ୍ୱର,୧୮।୧୧
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେବ ତାପମାତ୍ରାରେ ହ୍ରାସ ଘଟିବା ସହ ଶୀତ ଅନୁଭୂତ ହେଉଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଓ କନ୍ଧମାଳ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଆଗକୁ ଶୀତ ସହ କୁହୁଡ଼ି ପରିମାଣ ଆହୁରି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେବେ ଏବେ ବି ଅନେକ ସ୍ଥାନରେ ରାତିରେ ଶୀତ ଓ କୁହୁଡ଼ି ପ୍ରକୋପ ଦେଖିବାକୁ ମିଳୁଥିଲେ ମଧ ଦିନ ତାପମାତ୍ରା ଅଧିକ ରହୁଛି। ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହୁଛି। ହେଲେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ମାଲକାନଗିରି, ନୂଆପଡ଼ା ଓ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୨.୪ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ବିଶେଷକରି ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର କିଛି ସ୍ଥାନରେ କୁହୁଡ଼ି ପଡ଼ିବ ବୋଲି ସୂଚନା ଦିଆଯାଇଛି।

# ନୂଆପଡ଼ା ଅଦିନିଆ ରଥଯାତ୍ରା ନେଇ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ

## ସବୁ ଜିଲାପାଳଙ୍କୁ ଚିଠି ଲେଖିବାକୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ଦାବି

ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)

ବିଭିନ୍ନ ସ୍ଥାନରେ ମନଇଚ୍ଛା ରଥଯାତ୍ରାକୁ ନେଇ କିଛିଦିନ ହେବ ବିତର୍କ ଆରମ୍ଭ ହୋଇଛି। ନୂଆପଡ଼ା ଜିଲାର କୋମନା ବ୍ଲକର ଏକ ଗାଁରେ ଅଦିନିଆ ରଥଯାତ୍ରା କରାଯିବାକୁ ନେଇ ପ୍ରତିବାଦ ଉଠୁଛି। ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ସଦସ୍ୟମାନେ ସୋମବାର ଏହି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଛନ୍ତି। ପରିଷଦ ସଭାପତି ସଞ୍ଚିତା ମହାନ୍ତି ଏହି ଅବସରରେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି କହିଛନ୍ତି, ନିୟମ ଅନୁଯାୟୀ ରଥଯାତ୍ରା ସବୁ ସମୟରେ କରାଯିବା କଥା ନୁହେଁ। ହେଲେ ଏହାକୁ କେହି ମାନୁନାହାନ୍ତି। ଏହି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେହେତୁ ନୂଆପଡ଼ାଠାରେ ଏହା ହୋଇସାରିଲାଣି ଆଗକୁ ଯେପରି ଏଭଳି ଘଟଣା ନ ହେବ ସେଥିପ୍ରତି ସରକାର ଦୃଷ୍ଟି ଦେବା ଦରକାର। ସବୁ ଜିଲାପାଳଙ୍କୁ ଏନେଇ ଚିଠି ଲେଖାଯାଉ। ଆଗକୁ ଯଦି ଏପରି କେହି ପଦକ୍ଷେପ ଗ୍ରହଣ କରନ୍ତି ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସଞ୍ଚିତା ଦାବି କରିଛନ୍ତି। ଅନ୍ୟପଟେ ମନ୍ତ୍ରୀ ଏହି ଘଟଣା ସମ୍ପର୍କରେ ଅବଗତ ନ ଥିବାବେଳେ ଏ ସମ୍ପର୍କରେ ଜାଣିବା ପରେ ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଏହାସହ ଏହା ଯେଉଁଠାରେ ହୋଇଛି ତା'ର ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଆମେରିକାର ହ୍ୟୁଷ୍ଟୋନ ସହରରେ ଗତ ୯ ତାରିଖରେ ଅଦିନିଆ ନନ୍ଦିଘୋଷ ରଥ ଗଡ଼ିଥିଲା। ହେଲେ ସେଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନ ଥିବାବେଳେ ରାଧାକୃଷ୍ଣ ଓ ନିତାଇଗୌରଙ୍କ ମୂର୍ତ୍ତି ବିରାଜମାନ ଥିଲା। ନନ୍ଦିଘୋଷ ରଥ ଭଳି ଇସ୍କନର ଏହି ରଥ ପ୍ରତୀୟମାନ ହେଉଥିବାରୁ ଏହାକୁ ନେଇ ସବୁଆଡ଼ୁ ପ୍ରତିବାଦର ସ୍ୱର ଉଠିଥିଲା। ଏହାପରେ ଗଜପତି ମହାରାଜ ଇସ୍କନର ଏଭଳି କାର୍ଯ୍ୟ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଇସ୍କନ କିନ୍ତୁ ଗତ ୩ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ୯ରେ ରଥଯାତ୍ରା କରିବାକୁ ଯୋଜନା କରିଥିଲା। ହେଲେ ସବୁଆଡ଼ୁ ବିରୋଧର ସ୍ୱର ଉଠିବା ପରେ ଇସ୍କନ ନିଷ୍ପତ୍ତି ବଦଳାଇଥିଲା। ହେଲେ ନନ୍ଦିଘୋଷ ରଥ ଭଳି ନିଜର ଏକ ରଥ ନିର୍ମାଣ କରି ଓଡ଼ିଆ ଲୋକଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଥିଲା। ତେଣୁ ଆଗକୁ ଏଭଳି ଘଟଣା ଯେପରି ନ ଘଟିବ ତାକୁ ନେଇ ସବୁ ମହଲରେ ଦାବି ଉଠିଛି।

# ଜନସ୍ୱାର୍ଥ ମାମଲା ଆବେଦନକାରୀଙ୍କୁ ମରଣାନ୍ତକ ଆକ୍ରମଣ

- ଧର୍ମଶାଳା ଥାନାରେ ଅଭିଯୋଗ
- ଆରୁହା ପାହାଡ଼ରେ ବେଆଇନ କଳାପଥର ଖାଦାନ

ଯାଜପୁର,୧୮।୧୧
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା କଳାପଥର ଖାଦାନ ଲୁଟ୍ ହେଉଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ଡବ୍ଲ୍ୟୁପିସି ନଂ-୨୮୦୩୨/୨୦୨୪) ରୁଜୁ ହୋଇଛି। ତେବେ ଏହାର ଆବେଦନକାରୀ ଆରୁହା ଗ୍ରାମର ବିପିନ କୁମାର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବିପିନ ରବିବାର ସନ୍ଧ୍ୟା ପ୍ରାୟ ସାଢେ ୫ଟା ସମୟରେ ଆରୁହା ଛକରେ ଠିଆ ହୋଇଥିବାବେଳେ ଆରୁହା ପାହାଡ଼ର ଲିଜ୍‌ଧାରୀ ମନୋଜ ସାମଲ କେତେକ ବ୍ୟକ୍ତିଙ୍କୁ ପଠାଇ ଆକ୍ରମଣ କରିଥିଲେ। ଏଥିରେ ନିରାକାର ସାମଲ, ସୁରେଶ ସାମଲ ଓ ପ୍ରମୋଦ ସାମଲ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କାହିଁକି କେସ୍ କରିଛୁ ବୋଲି ବିପିନଙ୍କୁ ଧମକ ଦେଇଥିଲେ। ଏହାସହ ବନ୍ଧୁକ ଓ ଖଣ୍ଡା ଦେଖାଇ ବିପିନଙ୍କ ଛାତିକୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ସେ ଚିତ୍କାର କରି ତଳେ ପଡ଼ିଯିବାରେ ତାଙ୍କ ପକେଟରୁ ୮,୨୦୦ ଟଙ୍କା ଛଡ଼େଇ ନେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ମାମଲା ପ୍ରତ୍ୟାହାର ନ କଲେ ଜୀବନରେ ମାରିଦେବୁ ବୋଲି ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇ ସେଠାରୁ ଚାଲି ଯାଇଥିଲେ। ଏହାପରେ ବିପିନ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ତେଣୁ ଏହି ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଥାନାରେ ଲିଖିତ ଅନୁରୋଧ କରିଛନ୍ତି। ତେବେ ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ କିମ୍ବା ତଦନ୍ତ ହୋଇ ନ ଥିବା ଜଣାପଡ଼ିଛି। ଧର୍ମଶାଳା ଥାନାଧିକାରୀ ତପନ କୁମାର ନାୟକଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

ଜନସ୍ୱାର୍ଥ ମାମଲାରେ ହୋଇଥିବା ଅଭିଯୋଗ ଅନୁସାରେ ଆରୁହା ପାହାଡ଼ରେ ୫ଟି କଳାପଥର ଖାଦାନ ରହିଛି। ଏହି କଳାପଥର ଖାଦାନଗୁଡିକ ସ୍କୁଲ, ରେଲୱେ ଲାଇନ ଓ ବସତି ନିକଟରେ ରହିଛି। ସରକାର ଏଠାରେ ଏକ କ୍ଲଷ୍ଟର ମାଇନିଂ ଯୋଜନା କରିଛନ୍ତି। କିନ୍ତୁ ଉକ୍ତ ଯୋଜନା କରିବା ପୂର୍ବରୁ ସରକାର ଏହାର ନିକଟରେ ଥିବା ସ୍କୁଲ ଓ ରେଲୱେ ଲାଇନ ଅବସ୍ଥିତିକୁ ଭୁଲି ଯାଇଛନ୍ତି, ଯାହାକୁ ନେଇ ସ୍କୁଲରେ ଅଧ୍ୟୟନରତ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। କଳାପଥର ଖାଦାନରେ ବିସ୍ଫୋରଣ ଏବଂ ପରିବହନ ଯୋଗୁ ଅଞ୍ଚଳବାସୀଙ୍କୁ ବିଭିନ୍ନ ରୋଗ ହେବାର ଆଶଙ୍କା ରହିଛି। ବିନା ଅନୁମତିରେ କେତେକ ବ୍ୟବସାୟୀ ଏଠାରେ କଳାପଥର ଉତ୍ତୋଳନ କରୁଛନ୍ତି। ଏପରିକି ସ୍ଥାନୀୟ ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଧର୍ମଶାଳା ତହସିଲଦାର ମନୋଜ ସାମଲ, ସରୋଜ କୁମାର ଜେନା ଏବଂ ତ୍ରିନାଥ ଜେନାଙ୍କୁ ଖାଦାନ ଚଳାଇବାକୁ ଅନୁମତି ଦେଇଛନ୍ତି। ସେମାନେ ଅନୁମତି ଠାରୁ ବହୁଗୁଣ ଅଧିକ କଳାପଥର ଉତ୍ତୋଳନ କରିଛନ୍ତି। ଫଳରେ ତହସିଲ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ୪୫୦ ମିଟର ଦୂରତାରେ ସିନ୍ଦୁରାଇ ସ୍କୁଲ, ୩୦୦ ମିଟର ଦୂରତାରେ ଗୋଡିସାହି ବସ୍ତି, ୪୦୦ ମିଟର ଦୂରତାରେ ଗ୍ରାମ୍ୟ ପୋଖରୀ ଓ ଜାବରା ଗ୍ରାମ୍ୟ ବସତି, ୩୦୦ ମିଟର ଦୂରତାରେ ଆରୁହା ୟୁପି ସ୍କୁଲ ରହିଛି। ଏଥିଯୋଗୁ ଆରୁହା କଳାପଥର ଖାଦାନଗୁଡିକୁ ପରିଚାଳନା ଏବଂ ପରିବେଶଗତ ଅନୁମତି ମିଳିବା ଉଚିତ ନୁହେଁ। ତଥାପି ପ୍ରଶାସନ ପକ୍ଷରୁ ଆରୁହା ଗ୍ରାମର ପ୍ଲଟ ନମ୍ବର ୨୭୩୩ ଏବଂ ୨୫୯୪ ଜମିରେ ଶରତ କୁମାର ଜେନା ଓ ଅଶୋକ ପରିଡାଙ୍କୁ ୨ଟି କ୍ରଶର ୟୁନିଟ ଚଳାଇବାକୁ ଅନୁମତି ଦେଇଛନ୍ତି। ଏଥିଯୋଗୁ ସୃଷ୍ଟି ହୋଇଥିବା ପ୍ରଦୂଷଣ କାରଣରୁ ଗ୍ରାମବାସୀ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିସବୁ କାରଣରୁ ଆରୁହା ପାହାଡ଼ରେ ଥିବା ସମ୍ପୃକ୍ତ ଖାଦାନଗୁଡ଼ିକୁ ବନ୍ଦ କରିବାକୁ ଆବେଦନକାରୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।

# ପ୍ରଶାସନିକ ଅସହଯୋଗ: ସରପଞ୍ଚଙ୍କ ଆତ୍ମାହୁତି ଚେତାବନୀ

ରାମଚନ୍ଦ୍ରପୁର,୧୮।୧୧
(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ପଞ୍ଚାୟତର ସରପଞ୍ଚଙ୍କୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ବୃନ୍ଦାବନ ଜେନା ଘସିପୁରା ବ୍ଲକ୍ ଅଧିକାରୀଙ୍କୁ ଜଣାଇଥିଲେ ବି କୌଣସି ଫଳ ନ ମିଳିବାରୁ ସୋମବାର ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟା ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଚାଉଳ ବଣ୍ଟନଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ସରପଞ୍ଚଙ୍କୁ ଜାଣିଶୁଣି ଉପେକ୍ଷା କରାଯାଉଛି। ପଞ୍ଚାୟତରେ ଥିବା ୨ ପୋଖରୀ ଖାଲିଆମେଣ୍ଟାର ଗ୍ରାମବାସୀ ଅଗ୍ନି ଉତ୍ସବ ପାଇଁ ରଖାଯାଇଛି। ଧାଉଡ଼ଡିହା ଗ୍ରାମରେ ୨ ପୋଖରୀ ଥିବା ବେଳେ ମାଣିଗିରିରେ ଗୋଟିଏ ପୋଖରୀ ଅଛି, ଏ ପର୍ଯ୍ୟନ୍ତ ତାକୁ ନିଲାମ ଦିଆଯାଉନାହିଁ। ୨ ବର୍ଷ ୮ ମାସ କାର୍ଯ୍ୟକାଳ ମଧ୍ୟରେ ଘସିପୁରା ବ୍ଲକ୍ ଓ ଆନନ୍ଦପୁର ବ୍ଲକ୍ ଜନଶୁଣାଣିରେ ଜିଲାପାଳ, ଉପ ଜିଲାପାଳଙ୍କୁ ଦରଖାସ୍ତ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ସରକାରଙ୍କ ତରଫରୁ ୨୦୧୭ରେ ନିର୍ମାଣ ହୋଇଥିବା ୧୬ଟି ମାର୍କେଟ କମ୍ପ୍ଲେକ୍ସର ଗୃହ ପୂର୍ବତନ ସରପଞ୍ଚ ରାଜିନାମା ଦ୍ୱାରା କମ୍ପ୍ଲେକ୍ସ ବଣ୍ଟନ କରିଛନ୍ତି। ଫଳରେ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀ ମାସ ଶେଷରେ ଭଡ଼ା ମାଗିବାକୁ ଗଲେ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଛି। ଘସିପୁରା ଥାନାରେ ଏ ନେଇ ଜଣାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଅନ୍ୟପଟେ ପଞ୍ଚାୟତରେ ସାଧାରଣ ବଣ୍ଟନ ପାଇଁ ପିଇଓ ଥିଲେ ମଧ ତାଙ୍କ ଲାଇସେନ୍ସରେ ପଞ୍ଚାୟତକୁ ପିଡିଏସ ଦିଆଯାଉନାହିଁ। ଅନ୍ୟ ପଞ୍ଚାୟତର ପିଇଓଙ୍କ ଦ୍ୱାରା ସାଧାରଣ ବଣ୍ଟନ କରାଯାଉଛି। ବାରମ୍ବାର ଏ ନେଇ ବିଡିଓ, ଜିଲାପାଳଙ୍କୁ ଗୁହାରି କରିଛନ୍ତି। ମାତ୍ର ତାଙ୍କୁ ନିରାଶ ହେବାକୁ ପଡୁଥିବା ସରପଞ୍ଚ କହିବା ସହ ଏଭଳି ଲାଗି ରହିଲେ ଆତ୍ମାହୁତି ଦେବେ ବୋଲି କହିଥିଲେ। ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ କହିଛନ୍ତି, ସେ ଏ ବିଷୟରେ କିଛି ଜାଣି ନାହାନ୍ତି। ଯଦି ଏମିତି କିଛି ହେଉଥିବ, ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରାଯିବ।

# ବିଲରେ ଚାଷୀଙ୍କୁ ଦଳି ମାରିଲା ହାତୀ

**ପାକଳ ଧାନ ଜଗିବା କାଳ ହେଲା**

ସମ୍ବଲପୁର,୧୮।୧୧
(ପ୍ରମୋଦ ବହିଦାର)

ହାତୀ-ମଣିଷ ଲଢ଼େଇ ଥମିବା ନାଁ ନେଉନାହିଁ। ଗୋଟିଏ ଦିନରେ ସମ୍ବଲପୁର ଜିଲାରେ ଦୁଇଟି ପୃଥକ ଘଟଣାରେ ଗୋଟିଏ ଶାବକ ସହ ୩ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କର ମଧ ମୃତ୍ୟୁ ଘଟିଛି। ନାକଚିଦେଉଳ ବନଖଣ୍ଡ ବୁରୋମାଲରେ ବିଦ୍ୟୁତ ଫାଶରେ ପଡ଼ି ୩ ହାତୀଙ୍କ ଜୀବନ ଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ବିଲରେ ପାକଳ ଧାନ ଜଗିଥିବା ସମ୍ବଲପୁର ଜିଲା ଝୁଝୁମୁରା ଥାନା ଅନ୍ତର୍ଗତ ହାତୀବାରୀ ଟେଙ୍ଗୁପଡ଼ାର ଜଣେ ଚାଷୀଙ୍କୁ ହାତୀ ଦଳି ମାରିଦେଇଛି। ମୃତକ ହେଲେ ଟେଙ୍ଗୁପଡ଼ାର ଗଣେଶ୍ୱର ଭୋଇ। ବିଭିନ୍ନ ସମୟରେ ଗ୍ରାମ ସମୀପ ବିଲରେ ହାତୀପଲ ପଶି ଧାନ ଫସଲ ନଷ୍ଟ କରୁଛନ୍ତି। ରବିବାର ଗଣେଶ୍ୱର ନିକଟସ୍ଥ ଚଟିମାଲ ଗ୍ରାମ ନିକଟରେ ଥିବା ତାଙ୍କ ବିଲରେ ପାକଳ ଧାନ ଫସଲକୁ ହାତୀ ଦାଉରୁ ରକ୍ଷା କରିବା ପାଇଁ ଯାଇଥିଲେ। ଏହି ସମୟରେ ହାତୀ ତାଙ୍କୁ ଦଳି ଦେଇଥିଲା। ସୋମବାର ସକାଳେ ସ୍ଥାନୀୟ ଲୋକେ ବିଲରେ ଗଣେଶ୍ୱରଙ୍କ ମୃତଦେହ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକଙ୍କ ସହ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଝୁଯୋମୁରା ରେଞ୍ଜ ଅଧିକାରୀ ହରି ଶଙ୍କର ନାଏକ, ଫରେଷ୍ଟର ରଞ୍ଜନ ଖମାରୀ ଘଟଣାସ୍ଥଳରେ ପହଞ୍ଚି ଗଣେଶ୍ୱରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଝୁଝୁମୁରା ରେଞ୍ଜ ଅଧିକାରୀ ନାଏକ କହିଛନ୍ତି, ସରକାରୀ ଯୋଜନା ଅନୁସାରେ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯିବ।

# କୃଷିଋଣ ପାଇଁ ୮୩୦ କୋଟିର ସୁଧ ରିହାତି ବ୍ୟବସ୍ଥା

**୭୧ତମ ସମବାୟ ସପ୍ତାହ**

ଭୁବନେଶ୍ୱର,୧୮।୧୧
(ସୁଚିସ୍ମିତା ସାହୁ)


ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସହ ଅନ୍ୟ ଅତିଥିମାନେ ବାଲେଶ୍ୱରର ଏକ ସମବାୟ ସମିତିକୁ ପୁରସ୍କୃତ କରୁଛନ୍ତି।

ଅର୍ଥନୈତିକ ଓ ସାମାଜିକ ପ୍ରଗତିରେ ସମବାୟର ପ୍ରମୁଖ ଭୂମିକା ରହିଛି। ଚଳିତ ଆର୍ଥିକ ବର୍ଷରେ ସୁଧମୁକ୍ତ କୃଷିଋଣ ଯୋଜନା ପାଇଁ ରାଜ୍ୟ ସରକାର ୮୩୦ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ ବ୍ୟବସ୍ଥା କରିଛନ୍ତି। ସୋମବାର ସୂଚନା ଭବନରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଲେ, ସମବାୟର ଗୁରୁତ୍ୱକୁ ଉପଲବ୍ଧି କରି କେନ୍ଦ୍ର ସରକାର ନୂତନ ଭାବେ ସମବାୟ ମନ୍ତ୍ରଣାଳୟ ଖୋଲିଛନ୍ତି। ତିନୋଟି ମଲ୍ଟି ଷ୍ଟେଟ୍ ଆକ୍ଟରେ ୩ଟି ସମବାୟ ସମିତି ଗଠନ କରାଯାଉଛି। ସମବାୟରେ ସଭ୍ୟମାନଙ୍କୁ ଅଧିକରୁ ଅଧିକ ଅନ୍ତର୍ଭୁକ୍ତ କରାଯିବାକୁ ଚେଷ୍ଟା କରାଯାଉ। କେବଳ ରାଜ୍ୟ ନୁହେଁ, ରାଜ୍ୟଗୁଡ଼ିକ ଭିତରେ ସମବାୟ ସମ୍ପର୍କକୁ ଆହୁରି ଦୃଢ଼ କରିବାର ଆବଶ୍ୟକତା ରହିଛି। ବିକଶିତ ଭାରତ ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବାଚସ୍ପତି କହିଛନ୍ତି।

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ, ସମବାୟ କ୍ଷେତ୍ରରେ ଥିବା ବିଭିନ୍ନ ଆଇନଗତ ଅସୁବିଧାକୁ ଦୂର କରାଯିବ। ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ଦେବା ସହ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ପାଇଁ ସମସ୍ତ ନିୟନ୍ତ୍ରିତ ବଜାର କମିଟିରେ ଇ-ମାର୍କେଟିଂର ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ପ୍ରଭୁକଲ୍ୟାଣ ପଟ୍ଟନାୟକ, ୟୁନିୟନ ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ଓ ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ୟୁନିୟନ ଦ୍ୱାରା ପ୍ରକାଶିତ 'ସ୍ମରଣିକା' ଓ 'ସମବାୟ ସମାଚାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଉତ୍ତମ କାର୍ଯ୍ୟପ୍ରଣାଳୀ ପାଇଁ ରାଜ୍ୟର କେନ୍ଦ୍ର ସମବାୟ ବ୍ୟାଙ୍କ, ଅର୍ବାନ ସମବାୟ ବ୍ୟାଙ୍କ, ବୁଣାକାର, ମତ୍ସ୍ୟ ସମବାୟ, ଦୁଗ୍ଧ ସମବାୟ, ଶିଳ୍ପ ସମବାୟ, ତାଳ ଗୁଡ଼ ସମବାୟ, ଖାଉଟି ସମବାୟ, ପ୍ୟାକ୍ସ, ଲ୍ୟାମ୍ପସ, କର୍ମଚାରୀ ଋଣ ସମବାୟ ସମିତି ଆଦି ବିଭିନ୍ନ କ୍ଷେତ୍ରରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ସମବାୟ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ସେହିପରି ସମବାୟ ଡିପ୍ଲୋମା ପାଠ୍ୟକ୍ରମରେ ପ୍ରଥମ ସ୍ଥାନରେ ରହିଥିବା ଛାତ୍ରୀଛାତ୍ରଙ୍କୁ ମଧ ପୁରସ୍କୃତ କରାଯାଇଥିଲା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରିଲିଆନ୍ସ ଫାଉଣ୍ଡେଶନ ଏବଂ ୟୁନାଇଟେଡ୍ ନେଶନ୍ସ ଇଣ୍ଡିଆ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ମେ' ଫେୟାର ଲାଗୁନ, ସମୟ: ସକାଳ ୯ଟା ୪୫।
- ସୋସାଇଟି ଫର୍ ନେଚର ଏଜୁକେଶନ ଆଣ୍ଡ ହେଲ୍‌ଥ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ସମ୍ପ୍ରିତି, ପ୍ଲଟ୍ ନଂ. ଏନ୍‌ଡି ୧୯ ୨୦, ଆଇଏର୍‌ସ ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶରତ ସାହିତ୍ୟ ସମାରୋହ ଓ ନବୀନ ବରଣ ଉତ୍ସବ, ସମୟ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: କୁଆଖାଇ ନଦୀପଠା, ସମୟ: ଅପରାହ୍ନ ୩ଟା।
- ଭୁବନେଶ୍ୱର ଉତ୍ତର ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ଭୁବନେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିପ୍ଳବୀ କବି ମନମୋହନ ମିଶ୍ରଙ୍କ ୨୫ତମ ସ୍ମୃତି ସନ୍ଧ୍ୟା, ସ୍ଥାନ: ରୋଟାରୀ ଭବନ, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ୬ଷ୍ଠ ଲାସ୍ୟ ଲାବଣ୍ୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ଜିକେସିଏମ୍, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରଙ୍ଗୋତ୍ସବ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଡାଳିଯୋଡ଼ା କାର୍ତ୍ତିକେଶ୍ୱର ମହୋତ୍ସବ, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହରିହରପୁର ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ବିଜୟ କୁମାର ପଡ଼ିହାରୀଙ୍କ ରଚିତ ମାଟିର ମମତା ଓ ତିନୋଟି ଶିଶୁ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ୧୧ତମ ଏଗ୍ରିକଲ୍ଚର ସେନସସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ୬୮ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବେସ୍‌ବଲ୍ ଓ ସଫ୍ଟବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଜେଡିର ସଦର ବ୍ଲକ ଘେରାଉ ଓ ପ୍ରତିବାଦ ସଭା, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆହାର କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ହାଇସ୍କୁଲ, ଦହପାଣିଆ, ତିହିଡ଼ି, ସମୟ: ସକାଳ ୯ଟା।
- ବ୍ଲକ ବିଜେଡି ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୯ଟା।
- ବିଶ୍ୱ ଶୌଚ ଦିବସ ସଚେତନତା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- କୃଷକ ମୋର୍ଚ୍ଚାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- କାର୍ତ୍ତିକେଶ୍ୱରଙ୍କ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଶ୍ରୀ ହନୁମାନ ମନ୍ଦିରରେ ଭଜନ, ଆଧାତ୍ମିକ ଆଲୋଚନା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ବାଦିପାଲା ଅନୁଷ୍ଠିତ, ସ୍ଥାନ: ହସନପୁର, ମଦନପୁର, ଘଷିପୁରା, ସମୟ: ସନ୍ଧ୍ୟା ୮ ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଭଲିବଲ କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ. ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଆଇଆରସିଟିସି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ, ଶଙ୍କର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ବାପୁଜୀ ଆଶ୍ରମ,ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଢେଙ୍କାନାଳ ସିନର୍ଜୀ ଇଞ୍ଜିନିୟରିଂ କଲେଜ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଅନୁଗୋଳ

- ଆଞ୍ଚଳିକ ଏକକୀ ସମ୍ମିଳନୀ ସାକ୍ଷାତ, ସ୍ଥାନ: ଅନୁଗୋଳ ଚମ୍ପତିମୁଣ୍ଡା ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଘଟିକା।

## କୋରାପୁଟ

- ପରବ ଅବସରରେ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ ଟା।
- ମାଣ୍ଡିଆ କ୍ଷେତ ପ୍ରଦର୍ଶନୀ, ସ୍ଥାନ: ମାଛରା, କୋରାପୁଟ ବ୍ଲକ, ସମୟ: ସକାଳ ୯ ଟା।
- ଜାତୀୟ ଶିକ୍ଷା ନୀତି ନେଇ ସେମିନାର, ସ୍ଥାନ: ଡିଏଭି ବିଇଡି କଲେଜ, କୋରାପୁଟ, ସମୟ: ୧୦ ଟା।
- ଜିଲା ଧାନ ସଂଗ୍ରହ ନେଇ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- କେଉଁଟ, କୈବର୍ତ୍ତ, ଧିବର ହଟାଅ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ଆମରଣ ଅନଶନ, ସ୍ଥାନ: ଆରଡିସି ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା କମିଟିରେ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପାଟଣାଗଡ ଏନଏସିସ୍ଥିତ ରମାଇ ହାଇସ୍କୁଲ ଖେଳପଡିଆ, ସମୟ : ଅପରାହ୍ନ ୩ଟା।
- ଦି ହଷ୍ଟେଲ ଡେଜ୍ କାର୍ଯ୍ୟକ୍ରମ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ, ସ୍ଥାନ: କୁଞ୍ଜାପାଲି ଆଶ୍ରମ ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ଦାଦରପାଲି,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥାନରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସମଲେଶ୍ୱରୀ ସରକାରୀ ହାଇସ୍କୁଲ, ଅମ୍ବାପାଲି, ବରଗଡ଼, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ରାମଚରିତ ମାନସ ପାଠ, ସ୍ଥାନ: ମହାକାଳ ମନ୍ଦିର ବାଗଡ଼ିହି, ସମୟ: ସକାଳ ୮ଟା।
- ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଡୁଙ୍ଗାଯୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଡୁଙ୍ଗାଯୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ସମାରୋହ ଓ ଫଟୋ ପ୍ରଦର୍ଶନୀ, ସ୍ଥାନ:ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଶିଶୁ ମହୋତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪ ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୨ଟା।
- ପ୍ରଥମ ରାଉରକେଲା ସାହିତ୍ୟ ଉତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ କଲୋନି, ସମୟ: ଅପରାହ୍ନ ୪ଟା ୩୦।
- ଜଙ୍ଗଲ, ପରିବେଶ ମନ୍ତ୍ରୀଙ୍କ ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ ଗସ୍ତ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଓ ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଛେଣ୍ଡ ଗିର୍ଜା ପରିସର, ସମୟ: ସକାଳ ୬ଟା।
- ନନ୍ହେ କଲାମକି ଖୋଜ୍ କର୍ମଶାଳା, ସ୍ଥାନ: ସେକ୍ଟର-୨ ଡିସୌଜା ସ୍କୁଲ, ସମୟ: ସନ୍ଧ୍ୟା ୫ଟା।

## ଦେବଗଡ଼

- ମେଗା ରକ୍ତଦାନ ଶିବିର, ସ୍ଥାନ: ତାରଙ୍ଗ ଆୟୋଜକ ମହାପାତ୍ରାଣୀ କ୍ଲବ, ବ୍ଲକ ରିଆମାଳ, ସମୟ: ପୂର୍ବାହ୍ନ ୧୦ଟା।
- ୭୧ତମ ସମବାୟ ସପ୍ତାହ-୨୦୨୪ର ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଶିଳାନ୍ୟାସ, ଦୁଗ୍ଧ ଶୀତଳକରଣ ଭଣ୍ଡାର ଉଦ୍‌ଘାଟନ, ସ୍ଥାନ: ତିଲେଇବଣି ବ୍ଲକ, ଛେପିଲିପାଲି ଗ୍ରାମପଞ୍ଚାୟତ, ଧୋବଲିପଥର ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଳାହାଣ୍ଡି ଅଧିବକ୍ତା ପରିଷଦ ପକ୍ଷରୁ ଚିନ୍ତନ ଶିବିର, ସ୍ଥାନ: ଭବାନୀପାଟଣା ହୋଟେଲ ବିନାୟକ, ସମୟ: ଅପରାହ୍ନ ୪ଟା ୩୦।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ସମବାୟ ସପ୍ତାହ ପାଳନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ନାଗବାଚା ଗାଦିଯାତ୍ରା ଉଦ୍‌ଯାପନୀ ସମାରୋହ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳମୁଣ୍ଡି ଗାଁ, ସମୟ: ସକାଳ ୭ଟା।

## ବୌଦ୍ଧ

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ୮ଟା ୩୦ ମିନିଟ।

## ପ୍ରଦୂଷଣମୁକ୍ତ ପରିବେଶ...

ମଧ୍ୟ ସରକାର ଏହାର ପ୍ରତିକାର ପାଇଁ କଠୋର ପଦକ୍ଷେପ ନେବାରେ ବିଳମ୍ବ କରିଥିବାରୁ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଆର୍‌ଏପିର ବିଭିନ୍ନ ପର୍ଯ୍ୟାୟ ଲାଗୁ କରିବାରେ ବିଳମ୍ବ କ'ଣ ପାଇଁ ହେଲା ବୋଲି ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ଙ୍କୁ ପ୍ରଶ୍ନ କରିଛନ୍ତି। ସୋମବାରଠାରୁ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥିବା ଦିଲ୍ଲୀ ସରକାରଙ୍କ ଓକିଲ କହିବାରୁ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ପହଞ୍ଚିବାମାତ୍ରେ ଏହା ଲାଗୁ କରାଯିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ କହିଥିଲେ। ଏକ୍ୟୁଆଇ ୩୦୦ରୁ ୪୦୦ ମଧ୍ୟରେ ପହଞ୍ଚିବା ପରେ ଜିଆର୍‌ଏପିର ଚତୁର୍ଥ ପର୍ଯ୍ୟାୟ ଲାଗୁ କରାଯିବା କଥା। ପ୍ରଦୂଷଣ ରୋକିବା ପାଇଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଜରିଆରେ ୨୨ ତାରିଖ ସୁଦ୍ଧା ଜଣାଇବା ପାଇଁ ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ଏନ୍‌ସିଆର୍ ରାଜ୍ୟଗୁଡ଼ିକୁ କହିଛନ୍ତି।

ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଆର୍‌ଏପି ପ୍ରଥମେ ୨୦୧୭ରେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଲାଗୁ ହୋଇଥିଲା। ବାୟୁ ଗୁଣବତ୍ତା ଅନୁଯାୟୀ ଏହାର ବିଭିନ୍ନ ପର୍ଯ୍ୟାୟ ଲାଗୁ କରାଯାଇଥାଏ। ଏକ୍ୟୁଆଇ ୨୦୧ରୁ ୩୦୦ ମଧ୍ୟରେ ରହିଲେ ଜିଆର୍‌ଏପିର ପ୍ରଥମ ପର୍ଯ୍ୟାୟ ଲାଗୁ ହେଉଥିବାବେଳେ ଏହି ସ୍ତର ୩୦୧ରୁ ୪୦୦ ରହିଲେ ଦ୍ୱିତୀୟ ପର୍ଯ୍ୟାୟ, ୪୦୧ରୁ ୪୫୦ ରହିଲେ ତୃତୀୟ ପର୍ଯ୍ୟାୟ ଏବଂ ୪୫୦ ଟପିଲେ ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥାଏ। ରବିବାର ବାୟୁମାନ ୪୫୭ରେ ପହଞ୍ଚିବା ପରେ ସୋମବାର ସକାଳ ୮ରୁ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ ଲାଗୁ କରିବା ପାଇଁ ସିଏକ୍ୟୁଏମ୍ ନିର୍ଦ୍ଦେଶନାମା ଜାରି କରିଥିଲେ। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ଅତ୍ୟାବଶ୍ୟକ ସାମଗ୍ରୀ କିମ୍ବା ସ୍ୱଚ୍ଛ ଇନ୍ଧନ ପରିବହନ କରୁଥିବା ଯାନକୁ ବାଦ୍ ଦେଇ ଅନ୍ୟ ସମସ୍ତ ଟ୍ରକ୍‌କୁ ଦିଲ୍ଲୀରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଦିଲ୍ଲୀ ବାହାରେ ପଞ୍ଜୀକୃତ ଅତିଜରୁରୀ ନ ଥିବା ହାଲୁକା ବ୍ୟବସାୟିକ ଯାନ ଉପରେ ମଧ୍ୟ କଟକଣା ଜାରି ହୋଇଛି। କେବଳ ବିଦ୍ୟୁତ୍, ସିଏନ୍‌ଜିରେ ଚାଲୁଥିବା ଗାଡ଼ି ଏବଂ ବିଏସ୍-୬ ଡିଜେଲ ଗାଡ଼ିକୁ ଅନୁମତି ମିଳିବ।

## ଦିଲ୍ଲୀକୁ ଘୋଡ଼ାଇ...

ସୁସ୍ଥ ବ୍ୟକ୍ତି ମଧ୍ୟ ଶ୍ୱାସକ୍ରିୟାଜନିତ ଅସୁସ୍ଥତା ଏବଂ ଅନ୍ୟାନ୍ୟ ଜଟିଳ ସ୍ଥିତିର ସମ୍ମୁଖୀନ ହୋଇପାରନ୍ତି ବୋଲି ୟୁସିଏମ୍‌ଏସ୍ ଆଣ୍ଡ ଜିଟିବି ହସ୍ପିଟାଲ୍‌ର ରେସିଡେଣ୍ଟ ଡାକ୍ତର ରଜତ ଶର୍ମା କହିଛନ୍ତି। ଲୋକମାନେ ଅତ୍ୟଧିକ ସତର୍କ ରହିବା ଜରୁରୀ ବୋଲି ସାର୍ ଗଙ୍ଗାରାମ ହସ୍ପିଟାଲର ଚେଷ୍ଟ ମେଡିସିନ୍ ବିଭାଗ ବରିଷ୍ଠ ଡାକ୍ତର ଉଜ୍ଜ୍ୱଳ ପରଖ କହିଛନ୍ତି। ଯଥାସମ୍ଭବ ବାହାରକୁ ନ ଯିବା ଏବଂ ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ବିଦ୍ୟୁତ୍ ଫାଶରେ...

ଟିମ୍ ସୋମବାର ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି.ଅଶୋକ କୁମାର, ରେଢ଼ାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଉପସ୍ଥିତ ଥିଲେ। ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ ଲାଡେ କହିଛନ୍ତି, ଟାସ୍କଫୋର୍ସ ଟିମ୍ ଘଟଣାସ୍ଥଳରୁ ବିଛାଯାଇଥିବା କିଛି ବିଦ୍ୟୁତ୍ ତାର ଜବତ କରିଛି। ପ୍ରଥମେ ଗୋଟିଏ ହାତୀ ଏହି ତାର ସଂସ୍ପର୍ଶରେ ଆସିଯିବା ପରେ ଅନ୍ୟ ୨ଟି ସେଥିରେ ଲାଗି ପ୍ରାଣ ହରାଇଛନ୍ତି। ଗୋଟିଏ ହାତୀର ଶରୀରରେ ବିଦ୍ୟୁତ୍ ଆଘାତର ଚିହ୍ନ ରହିଛି। ମଙ୍ଗଳବାର ସକାଳେ ୩ଟିଯାକ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜେଟିଏଫ୍‌ର ଟିମ୍ ଲିଡର ଲାଡେ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ହାତୀପଲରେ ଆଉ କିଛି ଶାବକ ରହିଛନ୍ତି। ଗୋଟିଏ ଶାବକ ହାତୀ ମୃତ୍ୟୁସ୍ଥଳରେ ବୁଲାବୁଲି କରୁଛି। ମା' ହାତୀର ମୃତ୍ୟୁ ପରେ ଖାଦ୍ୟ ପାଇଁ ସେ ଡହଳବିକଳ ହେଉଥିବା କୁହାଯାଇଛି। ନାକଟିଦେଉଳ ବନାଞ୍ଚଳରେ ଗତ ୪ ମାସ ମଧ୍ୟରେ ବିଦ୍ୟୁତ୍ ଆଘାତରେ ୪ଟି ହାତୀର ମୃତ୍ୟୁ ଘଟି ସାରିଲାଣି। ଗତ ଅଗଷ୍ଟ ୧୭ରେ ଘୋଷରାମାଳ ଫରେଷ୍ଟ ସେକ୍ସନର ଚହଟାପଦାଠାରେ ମଧ୍ୟ ୩୩କେଭି ବିଦ୍ୟୁତ୍ ତାରରେ ଲାଗି ଗୋଟିଏ ମାଈହାତୀର ମୃତ୍ୟୁ ଘଟିଥିଲା। ବାରହା ଶିକାର ପାଇଁ ବିଭିନ୍ନ ଜଙ୍ଗଲ ନିକଟ ଗ୍ରାମରେ ବିଦ୍ୟୁତ୍ ତାର ବିଛାଇବା କାରଣରୁ ଏହିଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଗତ ଅକ୍ଟୋବର ୨୯ରେ ନେଭରାପାଳ ଏବଂ ବସାଲୋଇ ଗ୍ରାମ ମଝିରେ ବାରହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଯାଇଥିବା ବେଳେ ସେଥିରେ ଲାଗି ବଡ଼ଝରଣ ଗ୍ରାମର ଭକ୍ତବନ୍ଧୁ ନାୟକ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଅଞ୍ଚଳବାସୀ ବନ ବିଭାଗ ଅବହେଳାକୁ ଦାୟୀ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ୩ କ୍ଷେତ୍ର ବନ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ୨ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିଶ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଉଦ୍‌ବେଗ ପ୍ରକାଶ କଲେ ଶକ୍ତିମନ୍ତ୍ରୀ

ବିଦ୍ୟୁତ୍‌ଆଘାତରେ ୩ ହାତୀଙ୍କ ମୃତ୍ୟୁକୁ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ଆଘାତ ପାଇଁ ରାଜ୍ୟରେ ହାତୀମୃତ୍ୟୁ ହେଉଛି। ଶିକାରୀମାନେ ବାରହା ମାରିବା ପାଇଁ ବିଦ୍ୟୁତ୍ ଲାଇନ ଲଗାଇ ରଖୁଥିବାରୁ ଏଭଳି ଅଘଟଣ ଘଟୁଛି। ଏହା ଜଙ୍ଗଲ ବିଭାଗ ଏବଂ ଶକ୍ତି ବିଭାଗ ଉଭୟର ଦାୟିତ୍ୱରେ ରହୁଛି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ବଢ଼ୁଥିବା ହାତୀମୃତ୍ୟୁକୁ ନେଇ ଗତ କିଛିଦିନ ତଳେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟରେ କେତେ ହାତୀଙ୍କ ମୃତ୍ୟୁ ହୋଇଛି ଏବଂ ଏଥିପାଇଁ କେଉଁମାନେ ଦାୟୀ, ତାହାର ତଦନ୍ତ କରି ୧ମାସ ମଧ୍ୟରେ ରିପୋର୍ଟ ଦେବାକୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବନ ବିଭାଗ ପକ୍ଷରୁ କମିଟି ଗଠନ କରାଯାଇ ତଦନ୍ତ କରାଯାଉଥିବାବେଳେ, ପୁନର୍ବାର ଏଭଳି ହାତୀମୃତ୍ୟୁ ବନବିଭାଗ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି।

## ବିଦ୍ୟୁତ୍ ଆଘାତରେ...

ତୃତୀୟ ଘଟଣା। ବୁରୋମାଳ ଗ୍ରାମ ମଧ୍ୟଦେଇ ୧୧କେଭି ବିଦ୍ୟୁତ୍ ତାର ଯାଇଥିବାବେଳେ, ଜିଆଇ ତାର ମାଧ୍ୟମରେ ବେଆଇନ ଭାବେ ହୁକିଂ କରି ଏଥିରୁ ବିଦ୍ୟୁତ୍ ଟଣାଯାଇଥିଲା। ବାରହା ଶିକାର ପାଇଁ ଶିକାରୀ ବିଛାଇଥିବା ଏହି ତାରରେ ପଡି ୩ହାତୀଙ୍କର ମୃତ୍ୟୁ ହୋଇଥିବା ପିସିସିଏଫ୍ ସ୍ପଷ୍ଟ କରିଛନ୍ତି। ତେବେ ଏହି ଘଟଣା ପାଇଁ ସେଠାରେ ପାଟ୍ରୋଲିଂ କରୁଥିବା ହାତୀ ସ୍କ୍ୱାଡ୍ ବନ କର୍ମଚାରୀଙ୍କ ତ୍ରୁଟି ରହିଛି। ସେମାନଙ୍କର ଅବହେଳା ପାଇଁ ଏଭଳି ଘଟଣା ଘଟିଛି। ଆର୍‌ସିସିଏଫ୍‌ଙ୍କୁ ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଏହି ଘଟଣା ପାଇଁ ଯେଉଁ ବିଭାଗୀୟ କର୍ମଚାରୀଙ୍କ ତ୍ରୁଟି ଥିବା ଜଣାପଡ଼ିବ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିସ କରାଯିବ। ଶିକାରୀଙ୍କ ପ୍ରାଦୁର୍ଭାବ ରୋକିବାକୁ ବିଦ୍ୟୁତ୍ ବିଭାଗ ସହ ବୈଠକ କରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ପୁଣିଥରେ ଡିଏଫ୍‌ଓମାନଙ୍କୁ ନୂଆ ଏସ୍‌ଓପି ଜାରି ହେବ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

## ବ୍ୟବସାୟ ପାଇଁ...

**ପ୍ରଥମ ପୃଷ୍ଠାରୁ...**

ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରାଜ୍ୟରେ ଶିଳ୍ପ ରୂପାନ୍ତରୀକରଣ ପାଇଁ ସିଙ୍ଗାପୁରର ବିଶ୍ୱ ପ୍ରସିଦ୍ଧ ଭିତ୍ତିଭୂମି ଓ ଏଷ୍ଟାବ୍ଲିଶମେଣ୍ଟର ଅଂଶୀଦାର ଉପରେ ଆଲୋଚନା କରିଛନ୍ତି। ଟିମ୍‌ର ସଦସ୍ୟମାନେ ସୁର୍ବନା ଜୁରଙ୍ଗ୍ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ଏହା ରାଜ୍ୟର ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ସୃଷ୍ଟି କରିବ। ପାରାଦୀପଠାରେ ଥିବା ପେଟ୍ରୋଲିୟମ, କେମିକାଲ୍ସ ଆଣ୍ଡ ପେଟ୍ରୋ କେମିକାଲ୍ସ ଇନ୍‌ଭେଷ୍ଟମେଣ୍ଟ ରିଜିଅନ (ପିସିପିଆଇଆର)ର ମଧ୍ୟ ଅଭିବୃଦ୍ଧିରେ ଏହା ସହାୟକ ହେବ। ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପାରମ୍ପରିକ ନୌବାଣିଜ୍ୟ, ବୋଇତ ବନ୍ଦାଣ ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସିଙ୍ଗାପୁରସ୍ଥିତ କମ୍ପାନୀଗୁଡ଼ିକ ଓଡ଼ିଶାରେ ନିବେଶ ପାଇଁ ଥିବା ସୁଯୋଗକୁ ହାତଛଡ଼ା ନ କରିବାକୁ ଆହ୍ୱାନ ଦେଇଛନ୍ତି। ଏନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କୁ ଆସନ୍ତା ଜାନୁଆରୀରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ -୨୦୨୫ରେ ଯୋଗ ଦେବାକୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି। ଏହାଛଡ଼ା ପ୍ରତିନିଧି ଦଳ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍ନଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଓଡ଼ିଶାରେ ସିଙ୍ଗାପୁର ଓ ଆଇଟିଇଏସ୍ ଦ୍ୱାରା ସ୍ଥାପନ କରାଯାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ଏହାର ଏକ ସଫଳ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ଅର୍ବାନ ମୋବିଲିଟି, ଗ୍ରୀନ୍ ସିପିଂ କରିଡର, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ସ୍ଥାପନ ନେଇ ଗୁରୁତ୍ୱାରୋପ କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବାକୁ ସିଙ୍ଗାପୁର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଓଡ଼ିଶା ଦକ୍ଷତା ବିକାଶ ସହ ଶିଳ୍ପ ବିକାଶ ଉପରେ ଫୋକସ କରି ଆସୁଛି। ରାଜ୍ୟର ଯୁବଗୋଷ୍ଠୀଙ୍କର କାର୍ଯ୍ୟ ଦକ୍ଷତା ବଢ଼ାଇବା ପାଇଁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସହିତ ବିଶ୍ୱସ୍ତରୀୟ ଦକ୍ଷତା ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥିସହିତ ମୁଖ୍ୟମନ୍ତ୍ରୀ ମନିଟାରୀ ଅଥରିଟି ଅଫ ସିଙ୍ଗାପୁରର ଚିଫ୍ ଫିନଟେକ୍ ଅଫିସର ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ସିଙ୍ଗାପୁରରେ ଆସନ୍ତା ଦୁଇଦିନ ଓଡ଼ିଶା ବିଜ୍‌ନେସ୍ ମିଟ୍, ନିବେଶ ପ୍ରସାର ରୋଡ୍ ଶୋ'ରେ ଭାଗନେବେ। ସେଠାରେ ବାସ କରୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଭାବ ବିନିମୟ କରିବେ। ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ୍କାର, ସରକାର-ବ୍ୟବସାୟ ବୈଠକ ଆଦି ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି।

## ରତ୍ନଭଣ୍ଡାର ଅଳଙ୍କାର...

ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଓ ମାଗଦର୍ଶନ ଆସିବ, ତାହାକୁ କାର୍ଯ୍ୟକାରୀ କରାଯିବ। ତେବେ ଆଇନମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନ ଅନୁଯାୟୀ ଯଥାସମ୍ଭବ ପ୍ରସ୍ତୁତ ଅଛୁ। ପ୍ରଥମତଃ ରତ୍ନଭଣ୍ଡାର ମରାମତି କରାଯିବ, ତେଣୁ ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟ ଆରମ୍ଭ କରାଯିବ। ମରାମତି ପରେ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର ଏବଂ ଏହାପରେ ଗଣତିମଣତି କରାଯିବ। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏନେଇ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ରତ୍ନଭଣ୍ଡାର କାର୍ଯ୍ୟ ଦୀର୍ଘସ୍ଥାୟୀ ଭାବେ କରାଯାଉ। ତୁରନ୍ତ ରତ୍ନଅଳଙ୍କାରଗୁଡ଼ିକୁ ରତ୍ନଭଣ୍ଡାରକୁ ନିଆଯାଉ। ଗଣତିମଣତି କରାଯାଇ ରିପୋର୍ଟକୁ ସାର୍ବଜନୀନ କରାଯାଉ। ଫଳରେ ମହାପ୍ରଭୁଙ୍କ ଜିନିଷ ସମ୍ପର୍କରେ ଜନସାଧାରଣ ଜାଣିପାରିବେ ବୋଲି ସ୍ୱାଇଁ ମହାପାତ୍ର କହିଛନ୍ତି। ଗତ ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯାଇଥିଲା ଓ ଭିତର ରତ୍ନଭଣ୍ଡାର ତାଲା କଟାଯାଇ ନୂତନ ତାଲା ପକାଯାଇଥିଲା। ସେହିପରି ଜୁଲାଇ ୧୮ରେ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଜୁଲାଇ ୨୯ରେ ଏଏସ୍‌ଆଇ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୨୩ରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରୁ ସିନ୍ଦୁକ, ଆଲମିରା ଆଦିକୁ ଖାଲି କରାଯାଇ ନୀଳାଦ୍ରି ମ୍ୟୁଜିୟମର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ତେବେ ଭିତର ରତ୍ନଭଣ୍ଡାରରେ ଗୁପ୍ତ କୋଠରି ଓ ସୁଡ଼ଙ୍ଗ ଥିବା ନେଇ ଜନସାଧାରଣ ତଥା ସେବାୟତଙ୍କ ମନରେ ସନ୍ଦେହ ରହିଥିଲା। ରତ୍ନଭଣ୍ଡାର ମରାମତି ହେବା ପୂର୍ବରୁ ସ୍କାନିଂ କରି ଭିତରେ ଗୁପ୍ତ ସୁଡ଼ଙ୍ଗ ରହିଛି କି ନାହିଁ ତାହା ଜାଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ସେପ୍ଟେମ୍ବର ୧୮ରେ ଏଏସ୍‌ଆଇ ଟିମ୍ ସହ ସିଏସ୍‌ଆଇଆର୍ ଏବଂ ଏନ୍‌ଜିଆର୍‌ଆଇର ଭୂତତ୍ତ୍ୱବିତ୍‌ମାନେ ଭିତର ରତ୍ନଭଣ୍ଡାରକୁ ଲେଜର୍ ସ୍କାନିଂ କରିଥିଲେ। ସେପ୍ଟେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ଧରି ପୁନର୍ବାର ଭିତରରତ୍ନଭଣ୍ଡାରର ଜିପିଆର୍ ସର୍ଭେ ହୋଇଥିଲା। ତେବେ ଏହି ରିପୋର୍ଟ ଆଧାରରେ ମରାମତି ହେବାକୁ ଥିବାବେଳେ ଜଗନ୍ନାଥପ୍ରେମୀ ଏହାକୁ ଚାହିଁ ରହିଛନ୍ତି।

## ଭାଜପା ନେତା ସମୀର...

ଏକ ହସ୍ପିଟାଲରେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ସେ ଗୁରୁତର ନିମୋନିଆ ଓ ଶ୍ୱାସନଳୀ ସଂକ୍ରମଣଜନିତ ରୋଗରେ ପୀଡ଼ିତ ଥିଲେ। ଗତ ପ୍ରାୟ ୧୫ ଦିନ ତଳେ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଦୀପିକା ଦତ୍ତରାୟ ଉପସ୍ଥିତ ଥିଲେ। ସ୍ୱର୍ଗତ ଦେ ଓକିଲାତି, ରାଜନୀତି ସମେତ କ୍ରୀଡ଼ା, ସାଂସ୍କୃତିକ, ଧାର୍ମିକ ଆଦି ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା କାରଣରୁ ସେ ୧୯୯୫, ୨୦୦୦ ଓ ୨୦୦୪ ମସିହାରେ ଲଗାତର ୩ଥର କଟକ ସହରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ମେଣ୍ଟ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଭାବେ ଦକ୍ଷତାର ସହ ୨୦୦୦ ମାର୍ଚ୍ଚ ୬ରୁ ୨୦୦୪ ମେ ୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ହେଲେ ଏହା ପରଠୁ ସେ ନିର୍ବାଚନରେ ସଫଳତା ପାଇ ନ ଥିଲେ। ସେ ରାଜ୍ୟ ଭାଜପାର ଜଣେ ଜଣାଶୁଣା ଚେହେରା ଥିଲେ। ଏହାବ୍ୟତୀତ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ଓଡ଼ିଶାରେ ପରିଚିତ ଥିଲେ। ସେ ଦୀର୍ଘବର୍ଷ ଧରି ୨୦୦୪ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ୍‌ର ସଭାପତି ରହିଥିଲେ। ତେବେ ୪ବର୍ଷର ବ୍ୟବଧାନ ପରେ ପୁଣି କ୍ରୀଡ଼ା ଜଗତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ବର୍ଷ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ୍‌ର ସଭାପତି ଭାବେ ନିର୍ବାଚିତ ହୋଇ କାର୍ଯ୍ୟରତ ଥିଲେ। ବାସ୍ତବିକ ଦିଗଭାଗ ମଣ୍ଡଳୀର ସର୍ବାଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଥିଲେ।

ତାଙ୍କ ବିୟୋଗରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି କାରଣରୁ ସ୍ଥଗିତ ଥିବା କାମ ହାସଲର ଅନୁକୂଳ ସୂଚନା ପାଇବେ। ପାରିବାରିକ ସମସ୍ୟାର ସମାଧାନ ଖୁସିକୁ ଦ୍ୱିଗୁଣିତ କରିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଦ୍ୱିଜା ନକ୍ଷତ୍ର ବୈଷୟିକ ସମୃଦ୍ଧିଜନିତ ପ୍ରତିଷ୍ଠା ହାସଲ କରିପାରନ୍ତି।

**ବୃଷ** – ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ବହୁବିଧ କର୍ମରେ ଅନୁପ୍ରବେଶ କରାଇପାରେ। କିନ୍ତୁ ଯାତ୍ରା, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା, ବିବାଦ ପ୍ରଭୃତି ପାଇଁ ଅନୁକୂଳ ରହିବ ନାହିଁ। ବନ୍ଧୁମାନେ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟିହେବା ଆଶଙ୍କା ରହିଛି।

**ମିଥୁନ** – ଧନାଧିପ ରାଶିରେ ଅବସ୍ଥାନକରି ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରିନେବେ। ପ୍ରତ୍ୟେକ ସ୍ତରରେ ବୁଝି ବିଚାରି ଓ ଭାବିଚିନ୍ତି କାମ କରିବା ଭଲ। ପରିବାରରେ ନିଜ ନିଜ ଜିଦ୍‌ରେ ଅଟଳ, ଅଟଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଆନୁଷ୍ଠାନିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**କର୍କଟ** – କୋଣଭାବସ୍ଥ ରବି ଓ ବୁଧ ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହେବ।

**ସିଂହ** – କର୍ମଭାବସ୍ଥ ଗୁରୁଙ୍କ ଯୋଗୁ ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ସଫଳତା ପାଇବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ପାରିବାରିକ, ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତି ସ୍ୱାଭାବିକ ରହିବ।

**କନ୍ୟା** – ସୁଖଭାବ ଶୁକ୍ରଙ୍କ ରାଶି ହେତୁ ଆଜି ସୁସ୍ୱାଦୁଭୋଜନ, ବସ୍ତ୍ରଭୂଷଣ, ସୁଖ, ସମ୍ମାନ ପ୍ରାପ୍ତି ଘଟିବ। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ଉପକୃତ ହେବେ। ଆଜିର ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ସନ୍ତାନହେତୁକ ଗୌରବାନ୍ୱିତ ହେବାର ଯୋଗ ରହିଛି।

**ତୁଳା** – ଆଜିର ଭାଗ୍ୟଭାବସ୍ଥ ଚନ୍ଦ୍ର ଯାତ୍ରା, କର୍ମାରମ୍ଭ, ଋଣ ପରିଶୋଧ ପାଇଁ ରାସ୍ତା ସୁଗମ କରିପାରେ। କିନ୍ତୁ ସ୍ୱାସ୍ଥ୍ୟହାନି, ଶତ୍ରୁତା ଓ ଆତ୍ମୀୟଙ୍କ ବିରୋଧ ସ୍ୱର ଦୁଶ୍ଚିନ୍ତା ବଢ଼ାଇବ। ଆଲୋଚନା ପରିସରରେ ସମାଧାନର ସରଳ ସୂତ୍ର ବାହାର କରିବାରେ ସମର୍ଥହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯାଇପାରେ।

**ବିଛା** – ଆଜିର ଗ୍ରହ ସ୍ଥିତି ଆପଣଙ୍କ ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ମଙ୍ଗଳ ଓ ଶନିଙ୍କ ଷଷ୍ଠାଷ୍ଟମ ସ୍ଥିତି ଟେନ୍‌ସନ ସୃଷ୍ଟି କରିବ। ସତର୍କତା ଅଭାବରୁ ଯାହା ଭାବୁଥିବେ କରିବା ବେଳକୁ ତାହା ଓଲଟା ହୋଇଯାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ଚତୁର୍ଥ ସ୍ଥାନରେ ଶନିଙ୍କ ସ୍ଥିତି କାରଣରୁ ପରିବାର, ଲୋକ ସମ୍ପର୍କ ପାଇଁ ସମସ୍ୟାର କ୍ଷେତ୍ର ସୃଷ୍ଟି କରିପାରେ। ସରଳ ବିଶ୍ୱାସୀ ହେଲେ ଅସୁବିଧା ଭୋଗିବେ। ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କିତ ଆଲୋଚନା କରିବା ସୁଯୋଗ ପାଇବେ। ଆତ୍ମୀୟମାନଙ୍କ ଆର୍ଥିକ ସାହାଯ୍ୟରୁ ସ୍ଥଗିତ କାମ ତ୍ୱରାନ୍ୱିତ ହେବା ସମ୍ଭାବନା ରହିଛି।

**ମକର** – ସୋମବାର ଯାହା ଭାବୁଥିଲେ ତାହା ମଙ୍ଗଳବାର ବାସ୍ତବତାରେ ପରିଣତ ହେବ। ନୂତନ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଲକ୍ଷ୍ୟ ହାସଲକରିବେ। ପାରିବାରିକ କ୍ଷେତ୍ରରେ ବିରୋଧ କିମ୍ବା ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କୌଣସି ଏକ ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିହେବା ସୂଚନା ରହିବ।

**କୁମ୍ଭ** – କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିଲେ ମଧ୍ୟ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସକାଳ ସମୟରେ ଖୁସି ଖବର ପାଇପାରନ୍ତି, ଯାହାକି ସରକାରୀ କ୍ଷେତ୍ର ସମ୍ବନ୍ଧିତ ରହିବ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** – ଚନ୍ଦ୍ରଙ୍କ କେନ୍ଦ୍ରାବସ୍ଥିତି ଆପଣଙ୍କୁ କଳ୍ପନା ମାଧ୍ୟମରେ ଆନନ୍ଦ ପ୍ରଦାନ କରାଇବ। ବ୍ୟସ୍ତ ବିବ୍ରତ ନ ହୋଇ କାମଟିକୁ ଆରମ୍ଭକଲେ ଯଥା ସମୟରେ ସବୁ ଠିକ୍ ହୋଇଯିବ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟିହେବା ସୂଚନା ରହିଛି। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୧୯ ତାରିଖ, ଜାତୀୟ ସଂହତି ଦିବସ, ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ମାର୍ଗଶିର କୃଷ୍ଣ ଚତୁର୍ଥୀ ମଙ୍ଗଳବାର, ସୀତା ବିବାହ। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୦୧ ଗତେ, ଘ.୦୬।୪୫ ମଧ୍ୟେ, ଘ.୦୮।୪୬ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩। ୩୯ ମଧ୍ୟେ ରାହୁକାଳ।

# ଓଡ଼ିଶାର ସବୁଜ ସ୍ୱର



ଅନ୍ତରା ଚକ୍ରବର୍ତ୍ତୀ, ଗାୟିକା



ସ୍ୱତି ରଞ୍ଜନ ମହାନ୍ତି, ଅଭିନେତା



ଶ୍ରୁତକୀର୍ତ୍ତି ତ୍ରିପାଠୀ, ଲେଖିକା



ରବି କ୍ରିଷ୍ଣା, ବ୍ୟବସାୟୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଭୁବନେଶ୍ୱର



ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲା



କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା



ଯୁବୋଦୟ କଲେଜ, ବଲାଙ୍ଗୀର

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...


ଭୁବନେଶ୍ୱର, ମଙ୍ଗଳବାର, ୧୯ ନଭେମ୍ବର, ୨୦୨୪


## ଅନ୍ୟାନ୍ୟ ଖବର

# ଜନବସତିମୁହାଁ ବାଘ

- ପାଦଚିହ୍ନ ଦେଖି ଲୋକେ ଭୟଭୀତ
- ସଚେତନ କଲା ବନ ବିଭାଗ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା, (ସନ୍ତୋଷ ବାଛିନୀ),୧୮।୧୧

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ କପ୍ତିପଦା ରେଞ୍ଜ ଅଧୀନ ଅସନବଣି ଗ୍ରାମରେ ବାଘ ପାଦଚିହ୍ନକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବାଘ ଉପସ୍ଥିତିକୁ ନେଇ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଗାଁ ଲୋକେ ବାଘ ଭୟରେ ଘରୁ ବାହାରିବାକୁ ଉଚିତ ମଣୁ ନ ଥିବା ବେଳେ ସନ୍ଧ୍ୟା ପୂର୍ବରୁ ଘରକୁ ବାହୁଡ଼ିବାରେ ଲାଗିଛନ୍ତି। ଏନେଇ ବନ ବିଭାଗ ଅନୁଧ୍ୟାନ ଜାରି ରଖିଥିବା ବେଳେ ମହାରାଷ୍ଟ୍ରରୁ ଅଣାଯାଇଥିବା ମହାବଳ ବାଘୁଣୀ 'ଯମୁନା' ଅନୁପ୍ରବେଶ କରିଥିବା ଗ୍ରାମବାସୀ ଆଶଙ୍କା କରୁଛନ୍ତି। ହାତୀ ଦାଉରୁ ପାଚିଲା ଧାନ କ୍ଷେତକୁ ସୁରକ୍ଷା ଦେବା ପାଇଁ ଲୋକେ ଚିନ୍ତିତ ଥିବା ବେଳେ ବାଘର ଉପସ୍ଥିତିକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଧାନ କ୍ଷେତର ସୁରକ୍ଷା ପାଇଁ ବାଘ ମୁହଁରେ ଆହାର ହେବା ଭୟରେ ଲୋକେ ପ୍ରମାଦ ଗଣିବାରେ ଲାଗିଛନ୍ତି। ତେବେ ଉକ୍ତ ଅଞ୍ଚଳରେ ମହାବଳ ବାଘ 'ଯମୁନା'ର ଚଳପ୍ରଚଳ ନ ଥିବା ଏବଂ ଲୋକେ ସତର୍କତା ଅବଲମ୍ବନ କରିବା ପାଇଁ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ପ୍ରଦାନ କରାଯାଉଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।


ବାଘର ପାଦଚିହ୍ନ।

ସୂଚନାଯୋଗ୍ୟ, କପ୍ତିପଦା ରେଞ୍ଜ ଅସନବଣି ଗ୍ରାମରେ ଥିବା କେନାଲର ୮ରୁ ଅଧିକ ସ୍ଥାନରେ ବାଘ ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଛି। ବାଘଟି ନିକଟସ୍ଥ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରୁ ବଫର ଅଞ୍ଚଳ ପାର୍ ହୋଇ ଜନବସତି ମୁହାଁ ହୋଇଥିବା କୁହାଯାଉଛି। ଗାଁ ନିକଟସ୍ଥ ଜଙ୍ଗଲରୁ ଖସିଆସି କେନାଲ ପାର୍ ହେବା ସମୟରେ ମାଛ ଧରିବା ପାଇଁ ବସିଥିବା ଏକ ଅନ୍ଧୁଣିକୁ ଭାଙ୍ଗିଥିବା ଜଣାପଡ଼ିଛି। ସୋମବାର ସକାଳୁ ମାଛ ଧରିବାକୁ ଆସିଥିବା ବ୍ୟକ୍ତି ଜଣକ ଭଙ୍ଗା ଅନ୍ଧୁଣି ଓ ଆଖପାଖ ସ୍ଥାନରେ ବାଘର ପାଦଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗାଁ ନିକଟସ୍ଥ ଜଙ୍ଗଲରେ ବାଘ ଥିବା ନେଇ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ କରାଯିବା ସହ ଜଙ୍ଗଲକୁ ନ ଯିବା ପାଇଁ ବାରଣ କରାଯାଇଛି।

ଶିମିଳିପାଳ ପାଦଦେଶରେ ଥିବା ଦେବଳା ପଞ୍ଚାୟତର ପିଙ୍ଗୁ, ଅସନବଣି, କଣ୍ଟାଗଡି, ସାରବସା, ଚୁଇପୋଷି, ହାଣ୍ଡିଫୁଟା, ଗଡିପାଳ, ଅଡାସାହି, ଗଣ୍ଡିଦର ଓ ପୋଡାଡିହା ଆଦି ସଂଲଗ୍ନ ଗ୍ରାମଗୁଡ଼ିକରେ ମହାବଳ ବାଘ ଚଳପ୍ରଚଳ କରୁଥିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ପାଦ ଚିହ୍ନ ଦେଖି ବାଘଟି ଜନବସତି ମଧ୍ୟରେ ପ୍ରବେଶ କରିଥିବା ଗ୍ରାମର ପାର୍ବତୀ ସୋରେନ ଓ ମନୋଜ ବାରିକ ସନ୍ଦେହ କରୁଥିବା କହିଛନ୍ତି। ଏପରିକି ବନ ବିଭାଗର ସତର୍କତା ମୂଳକ ପଦକ୍ଷେପ ଓ ବାଘର ପାଦଚିହ୍ନକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଧାନ ଫସଲର ସୁରକ୍ଷା ପାଇଁ ହାତୀ ଘଉଡ଼ାଇବାକୁ ଯାଉଥିବା ଚାଷୀମାନେ ମହାବଳ ହାବୁଡ଼ରେ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ତେବେ ହାତୀ ଓ ବାଘକୁ ନେଇ ଲୋକେ ଅସହାୟ ହୋଇପଡ଼ିଥିବା ଗଣ୍ଡିଦର ଗ୍ରାମର ଚାଷୀ ରଶ୍ମୀ ସେନାପତି, ବୃନ୍ଦାବନ କୁସୁମାଳିଆ ଓ କୋଲରୀ କୋସମାଳିଆ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୯ ତାରିଖରେ ଏନକ୍ଲୋଜରରୁ ଛଡ଼ାଯାଇଥିବା ମହାବଳ ବାଘୁଣୀ 'ଯମୁନା' କୋର୍ ଅଞ୍ଚଳ ଛାଡ଼ି ଜନବସତି ମୁହାଁ ହେଉଛି। ବିପଦ ଆଶଙ୍କାରେ ବନ ବିଭାଗ ପକ୍ଷରୁ ତା' ପାଇଁ ଯନ୍ତା ପ୍ରସ୍ତୁତ କରି ରଖାଯାଇଛି। 'ଯମୁନା' ଦେହରେ ଲାଗିଥିବା ରେଡିଓ କଲାର ଯୋଗେ ତା'ର ଗତିବିଧି ଉପରେ ବନ ବିଭାଗ ସମ୍ପୂର୍ଣ୍ଣ ନଜର ରଖିଛି। ତେବେ ପଡ଼ିଥିବା ପାଦଚିହ୍ନ କଲରାପତରିଆ ବାଘର ହୋଇପାରେ ବୋଲି ବନ ବିଭାଗ ସନ୍ଦେହ କରି ତଦନ୍ତ ଜାରି ରଖିଛି। ତେବେ 'ଯମୁନା'ର ସ୍ଥିତି ଅନ୍ୟ ସ୍ଥାନରେ ରହିଛି ଓ ତାକୁ ନେଇ ଭୟଭୀତ ନ ହେବାକୁ ଆରସିସିଏଫ୍ ଗୋଗିନେନୀ କହିଛନ୍ତି।

# କଲରାପତରିଆ ବାଘଛାଲ ଜବତ, ୩ ଗିରଫ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା),୧୮।୧୧

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶ ବାଙ୍ଗିରିପୋଷି ଥାନା ଅଞ୍ଚଳରୁ ବନ ବିଭାଗ ଏକ କଲରାପତରିଆ ବାଘଛାଲ ଜବତ କରିଛି। ଏହା ସହିତ ବ୍ୟବସାୟରେ ଜଡିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବନ ବିଭାଗ ଅଭିଯୁକ୍ତମାନଙ୍କ ପରିଚୟ ଗୋପନ ରଖିଛି।

ସୂଚନାଯୋଗ୍ୟ, ବାରିପଦା ବନଖଣ୍ଡ ଅଧୀନ ବାଙ୍ଗିରିପୋଷି ରେଞ୍ଜ ବାଲିଖଣି ଗ୍ରାମରେ କଲରାପତରିଆ ବାଘଛାଲ ବିକ୍ରି ପାଇଁ ଡିଲ୍ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବନ ବିଭାଗ ଖବର ପାଇଥିଲା। ଏନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ନେଇ ଗଠିତ ଏକ ଟିମ୍ ଚଢ଼ାଉ କରିଥିଲା। ଦୁଇଟି ବାଇକ୍‌ରେ ୪ ଜଣ ବାଘଛାଲ ନେଇ ଡିଲ୍ କରୁଥିବା ସମୟରେ ବନ କର୍ମଚାରୀମାନେ ସେମାନଙ୍କୁ ମାଡ଼ି ବସିଥିଲେ। ୩ ଜଣ ଧରାପଡ଼ିଥିବା ବେଳେ ଅନ୍ୟ ଜଣେ ବାଇକ୍ ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଜବତ ବାଘଛାଲର ଲମ୍ବ, ଓସାର ଏବଂ ବୟସ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଏହି ର୍‍ୟାକେଟରେ ଜଡ଼ିତ ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି। ତେବେ କିଛି ଦିନ ହେଲା ବାଘଛାଲ କାରବାରରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ବେଳେ ଅପରାଧୀମାନେ ପୁଣି ସକ୍ରିୟ ହୋଇ ବ୍ୟବସାୟ ଆରମ୍ଭ କରିଛନ୍ତି। ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ବହୁ ବେପାରୀ ଏଥିରେ ସାମିଲ ହୋଇ ପୂର୍ବରୁ ଧରା ପଡ଼ିଥିବା ନଜିର ମଧ୍ୟ ରହିଛି। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡ଼ି କରିବା ସହ ଗାଡ଼ିମୋଟର ଯାଞ୍ଚ କରାଗଲେ ବନ୍ୟପ୍ରାଣୀଙ୍କ ଅଂଶ ବିଶେଷ ଧରାପଡ଼ିବ ବୋଲି ପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।


ଜବତ କଲରାପତରିଆ ବାଘଛାଲ।

# ସରକାରୀ ଚାକିରିରେ ନିଯୁକ୍ତି ବୟସସୀମା ବୃଦ୍ଧି ଦାବି

## ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ଚିଠି ଲେଖିଲେ ଚାକିରି ଆଶାୟୀ

ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସ ସୀମା ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୨୦୨୪, ୨୦୨୫ ଓ ୨୦୨୬ ଲାଗି ୪୩ ବର୍ଷକୁ ବୃଦ୍ଧି କରିବାକୁ ଦାବି ହୋଇଛି। ଏନେଇ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀମାନେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ବିଧାନସଭାରେ ବିଧାୟକମାନେ ବହୁବାର ବୟସ ବୃଦ୍ଧି ପାଇଁ ଦାବି କରି ଆସୁଥିଲେ ମଧ୍ୟ ପୂର୍ବ ସରକାର ଏହାକୁ ସ୍ଥାୟୀଭାବେ ବୃଦ୍ଧି ନ କରି ମାତ୍ର ୩ବର୍ଷ ଯଥା-୨୦୨୨, ୨୦୨୩, ୨୦୨୪ ବର୍ଷ ପର୍ଯ୍ୟନ୍ତ ୩୮ବର୍ଷକୁ ବୃଦ୍ଧି କରିଥିଲେ। ଦୀର୍ଘ ୧୫ବର୍ଷ ହେବ ନିୟମିତ ଭାବରେ ସରକାରୀ ପଦବୀ ପୂରଣ ନ କରିବା ଫଳରେ ମେଧାବୀ ଛାତ୍ରୀଛାତ୍ରଙ୍କ ବୟସ ଅତିବାହିତ ହୋଇଯାଇଥିବା ଆଶାୟୀମାନେ ଉଲ୍ଲେଖ କରିଛନ୍ତି। ଅନେକ ଛାତ୍ରୀଛାତ୍ର କରୋନା ମହାମାରୀରେ ଆକ୍ରାନ୍ତ ହୋଇ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଯୁବବର୍ଗ ଉତ୍କଟ ବେକାରି ଯୋଗୁଁ ପରିବାର ପ୍ରତିପୋଷଣ କରିପାରୁନାହାନ୍ତି। ଏପରିକି କେତେକ ପରୀକ୍ଷାଫଳ ବାହାରି ପୋଷ୍ଟିଂ ହେଉ ହେଉ ୨ବର୍ଷରୁ ଅଧିକ ସମୟ ଲାଗିଯାଉଛି ଓ ପିଲାଙ୍କ ବୟସ ସୀମା ଅତିକ୍ରାନ୍ତ ହୋଇଯାଉଛି। ସେହିପରି ଓଡ଼ିଶାର ଏସ୍‌ଏସ୍‌ବି ଅଧାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୨ ରଖାଯାଇଛି। ଓଡ଼ିଶାରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଅଧାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୩ ବର୍ଷରୁ ୪୫ବର୍ଷ ବୃଦ୍ଧି କରାଯାଇଛି। ଗୋଆରେ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୫ବର୍ଷ ହୋଇଥିବାବେଳେ ତେଲଙ୍ଗାନାରେ ୪୪ବର୍ଷ, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଲଦାଖ ଓ ଆସାମରେ ୪୨ବର୍ଷ, ସିକିମ୍, ରାଜସ୍ଥାନ, ଛତିଶଗଡ଼, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ତ୍ରିପୁରା ଓ ମହାରାଷ୍ଟ୍ରରେ ୪୦ବର୍ଷ ବୟସ ସୀମା ରହିଛି। ସେହି ଅନୁସାରେ ଓଡ଼ିଶାରେ ମଧ୍ୟ ବର୍ଦ୍ଧିତ ବୟସସୀମା ଲାଗୁ କରିବାକୁ ଅନୁରୋଧ କରାଯାଇଛି। ବିଭିନ୍ନ ଖାଲି ପଦବୀରେ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଇଛି। ତେଣୁ ଚାକିରି ଆଶାୟୀଙ୍କ ଆବେଦନ ବୟସ ସୀମା ୪୩ ବର୍ଷକୁ (୩ବର୍ଷ ପାଇଁ) ବୃଦ୍ଧି କରିବାକୁ ପ୍ରାର୍ଥୀମାନେ ଦାବି କରୁଛନ୍ତି।

# ୩୦ଯାଏ କନିଷ୍ଠ ମେଧାବୃତ୍ତି ପାଇଁ ଆବେଦନ

ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ରାଜ୍ୟର ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ କନିଷ୍ଠ ମେଧାବୃତ୍ତି ପ୍ରଦାନ ପାଇଁ ଆବେଦନ ଆରମ୍ଭ ହୋଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସିବିଏସ୍‌ଇ ଓ ଆଇସିଏସ୍‌ଇ ଅନୁବନ୍ଧିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟରଙ୍କ ପକ୍ଷରୁ ଜାରି ଏହି ଚିଠିରେ ଆବେଦନର ପ୍ରଣାଳୀ, ଯୋଗ୍ୟତା, ସମୟସୀମା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଇ-ମେଧାବୃତ୍ତି ଯୋଜନାରେ ରାଜ୍ୟର ମୋଟ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବାକୁ ଥିବାବେଳେ ଆସନ୍ତା ୩୦ ତାରିଖ ଯାଏ ଆବେଦନ ଗ୍ରହଣ କରାଯିବ। ଦଶମରେ ୬୦%ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ବାର୍ଷିକ ଆୟ ୬ଲକ୍ଷ ଟଙ୍କାରୁ କମ୍ ଥିଲେ ସେମାନେ ମେଧାବୃତ୍ତି ପାଇଁ ଆବେଦନ କରିପାରିବେ। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ବାର୍ଷିକ ୩ ହଜାର ଟଙ୍କା ବୃତ୍ତି ରାଶି ପାଇବେ । ଆବେଦନ ସମ୍ପର୍କିତ ସମସ୍ତ ତଥ୍ୟ ସାମସ୍ ୱେବ୍‌ସାଇଟରେ ଉପଲବ୍ଧ ରହିଛି।

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ହୁଅନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡ଼ାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ଭାରତରେ ଷ୍ଟାରଲିଙ୍କ୍

ଆମେରିକାର ଏରୋସ୍ପେସ୍ କମ୍ପାନୀ ସ୍ପେସ୍‌ଏକ୍ସ ଅଧୀନରେ ଥିବା ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବାର ଭାରତ ପ୍ରବେଶକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ଉଲ୍ଲେଖନୀୟ ଯେ, ସ୍ପେସ୍‌ଏକ୍ସର ମାଲିକ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିବିଶେଷ ଏଲନ୍ ମସ୍କ। ସେ ୨୦୨୦ରେ ପ୍ରଥମେ ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବା ଯୋଗାଇ ଦେଇଥିଲେ। ଏବେ ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ଏହା ସେବା ଯୋଗାଉଛି। ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ନିକଟରେ ଶେଷ ହୋଇଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିଛନ୍ତି। ଏହି ଜିତାପଟ ପଛରେ ଏଲନ୍ ମସ୍କଙ୍କ ଖୋଲାଖୋଲି ଆର୍ଥିକ ସାହାଯ୍ୟ ରହିଥିଲା। ତତ୍‌ସହିତ ମସ୍କଙ୍କ ଦ୍ୱାରା ପରିଚାଳିତ ଏକ୍ସ (ପୂର୍ବତନ ଟୁଇଟର)କମ୍ପାନୀ ଟ୍ରମ୍ପଙ୍କୁ ଜନସାଧାରଣଙ୍କ ନିକଟତର କରିବାରେ ସକ୍ରିୟ ସାହାଯ୍ୟ କରିଥିଲା। ଜିତିବା ପରେ ଟ୍ରମ୍ପ ଏବେ ଏଲନ୍ ମସ୍କଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦାୟିତ୍ୱ ଦେଇଛନ୍ତି।

କୁହାଯାଉଛି, ଷ୍ଟାରଲିଙ୍କ୍ ଭାରତରେ ସମସ୍ତଙ୍କୁ ଦ୍ରୁତଗତିର ଇଣ୍ଟରନେଟ ସେବା ଯୋଗାଇଦେବ, ବିଶେଷକରି ଗ୍ରାମାଞ୍ଚଳରେ ଡିଜିଟାଲ କ୍ଷେତ୍ରରେ ଉପୁଜୁଥିବା ବାଧା ଦୂର ହେବ ଏବଂ ଲୋକେ ସହଜରେ ଇଣ୍ଟରନେଟ ସୁବିଧା ପାଇପାରିବେ। ଗତମାସରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମନ୍ତବ୍ୟ ଷ୍ଟାରଲିଙ୍କ୍‌ର ପ୍ରବେଶ ସମ୍ଭାବନାକୁ ଉଜାଗର କରିଛି। ଜ୍ୟୋତିରାଦିତ୍ୟ କହିଥିଲେ, ସରକାର ସାଟେଲାଇଟ୍ ସ୍ପେକ୍ଟ୍ରମ ଆବଣ୍ଟନ କ୍ଷେତ୍ରରେ ପାରମ୍ପରିକ ନିଲାମ ପରିବର୍ତ୍ତେ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ବଡ଼ କଥା ହେଉଛି, ସିନ୍ଧିଆଙ୍କ ମନ୍ତବ୍ୟକୁ ପ୍ରଶଂସା କରି ଷ୍ଟାରଲିଙ୍କ୍ ମାଲିକ ଏଲନ୍ ମସ୍କ ଏକ୍ସରେ ତାଙ୍କ ପ୍ରତିକ୍ରିୟା ରଖିଥିଲେ। ଭାରତରେ ଷ୍ଟାରଲିଙ୍କ୍ ଉତ୍ତମ ସେବା ଯୋଗାଇଦେବ ଏବଂ ସରକାରଙ୍କ ଆଭିମୁଖ୍ୟକୁ ନେଇ ସେ ଉତ୍ସୁକ ବୋଲି କହିଥିଲେ। ବାସ୍ତବରେ ମସ୍କଙ୍କ ଏହି ପୋଷ୍ଟିଂ ପରେ ଭାରତରେ ଷ୍ଟାରଲିଙ୍କ୍ ପ୍ରବେଶର ସଙ୍କେତ ମିଳିଛି। ତେବେ ଷ୍ଟାରଲିଙ୍କ୍ କେଉଁ ପ୍ରକାର ସେବା ଯୋଗାଇବ ତାହା ବୁଝିବା ଦରକାର। ପ୍ରକୃତରେ ଷ୍ଟାରଲିଙ୍କ୍ ନାମକରଣ ଦି ଫଲ୍ଟ ଅଫ ଆୱାର ଷ୍ଟାରସ୍ ଉପନ୍ୟାସରୁ ଉଦ୍ଧୃତ କରାଯାଇଛି। ଏହି ଦ୍ରୁତ ଇଣ୍ଟରନେଟ ସେବା କେବଳ ଆଧାରିତ ନୁହେଁ। ଏହା ଅତି ଦୁର୍ଗମ ଅଞ୍ଚଳ ସମେତ ସବୁ ଅଞ୍ଚଳକୁ ପୃଥିବୀପୃଷ୍ଠରୁ ୨୦୦୦ କିଲୋମିଟର ତଳେ ଥିବା ମହାକାଶ ସ୍ତର(ଲୋଅର୍ବିଟ)ରୁ ତା' ନିଜସ୍ୱ ସାଟେଲାଇଟ୍‌ରୁ ସେବା ଯୋଗାଇ ଦିଏ। ୬,୪୨୬ଟି ସାଟେଲାଇଟ୍ ଯୋଗେ ରେଡିଓ ସିଗ୍‌ନାଲ ମାଧ୍ୟମରେ ସିଧାସଳଖ ବ୍ୟବହାରକାରୀଙ୍କୁ ଇଣ୍ଟରନେଟ ସୁବିଧା ଯୋଗାଇ ଦିଆଯାଉଛି। ଏବେ ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବାର ଭାରତ ପ୍ରବେଶକୁ ରିଲାଏନ୍ସ ଜିଓ ମାଲିକ ମୁକେଶ ଅମ୍ବାନୀ ବିରୋଧ କରିଛନ୍ତି। ଏହାର ସମ୍ଭାବ୍ୟ ପ୍ରବେଶ ଉପରେ ସମୀକ୍ଷା କରିବାକୁ ଟେଲ୍‌କମ ରେଗୁଲେଟରକୁ ସେ ଜଣାଇ ସ୍ପେକ୍ଟ୍ରମ ନିଲାମ ପାଇଁ ଦାବି କରିଛନ୍ତି। ଏହା ବ୍ୟତୀତ ରିଲାଏନ୍ସ ଜିଓ ତାହାର ବ୍ୟବହାର କାରୀଙ୍କୁ ଯେତିକି ଡେଟା ଯୋଗାଉଛି ଷ୍ଟାରଲାଇନ୍ ତାହାଠାରୁ ବହୁତ କମ୍ ଯୋଗାଇବ ବୋଲି ରିଲାଏନ୍ସ ଦାବି କରିଛି। ସମାନ୍ତରାଳ ଭାବେ ଏହାର ସମ୍ଭାବ୍ୟ ପ୍ରବେଶକୁ ନେଇ ଭାରତର ଦିଲ୍ଲୀସ୍ଥିତ କୂଟନୀତି ଫାଉଣ୍ଡେଶନ ବିରୋଧ କରିଛି। ଏହା ରିପୋର୍ଟରେ ଦର୍ଶାଇଛି ଯେ, ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ସେବାକୁ ଭାରତରେ ଅନୁମତି ମିଳିଲେ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ଆମେରିକାର ଗୋଇନ୍ଦା ଓ ମିଲିଟାରୀ ସଂସ୍ଥାଗୁଡ଼ିକ ସହିତ ଷ୍ଟାରଲିଙ୍କ୍‌ର ଘନିଷ୍ଠ ସମ୍ପର୍କ ରହିଥିବାରୁ ଭାରତର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ନଜର ରଖିବା ସହଜ ହୋଇଯିବ। ଅନ୍ୟପଟେ ଆଜିର ପୃଥିବୀରେ ସବୁ ଦେଶର ସବୁ ପ୍ରକାର ଭିତ୍ତିଭୂମି ଉପରେ ସାଟେଲାଇଟ୍ ମାଧ୍ୟମରେ ଦୃଷ୍ଟି ରଖି ହେଉଛି। ଷ୍ଟାରଲିଙ୍କ୍ ସେବା ଭାରତରେ ପ୍ରବେଶ କଲେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ ବୋଲି ଯାହା କୁହାଯାଉଛି ତାହା ତ୍ରୁଟିପୂର୍ଣ୍ଣ। ଏଭଳି ଦାବି ପଛରେ ବ୍ୟବସାୟିକ ଉଦ୍ଦେଶ୍ୟ ରହିଛି ବୋଲି କହିହେବ।

ଅନ୍ୟ ଏକ ଦିଗରୁ ବିଚାର କଲେ ଷ୍ଟାରଲିଙ୍କ୍ ପ୍ରବେଶ ପାଇଁ ବାଟ ସଫା କରିବାର ପ୍ରୟାସ ଡିଜିଟାଲ ଇଣ୍ଡିଆ ଯୋଜନାର ଦୁର୍ବଳତାକୁ ପଦାରେ ପକାଉଛି। ଭାରତରେ ୧ ଜୁଲାଇ ୨୦୧୫ରୁ ଡିଜିଟାଲ ଇଣ୍ଡିଆ ଅଭିଯାନ ଆରମ୍ଭ ହୋଇଥିଲା। କିନ୍ତୁ ଅକ୍ଟୋବର ୨୦୨୪ ସୁଦ୍ଧା ଭାରତର ଅଫ୍‌ଲାଇନ ଜନସଂଖ୍ୟା ବିଶ୍ୱର ସବଠୁ ଅଧିକ। ୬୫ କୋଟି ଲୋକ ଇଣ୍ଟରନେଟ୍‌ରୁ ବଞ୍ଚିତ ବୋଲି ଜର୍ମାନୀର ଅନ୍‌ଲାଇନ ପ୍ଲାଟଫର୍ମ ଷ୍ଟାଟିଷ୍ଟାର ଏକ ରିପୋର୍ଟରୁ ଜଣାପଡ଼ିଛି। ଏହା ବ୍ୟତୀତ ଡିଜିଟାଇଜେଶନ କ୍ଷେତ୍ରରେ ଭାରତରେ ନାଗରିକ ତଥା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦିଆଯାଇପାରୁନାହିଁ। ଆଧାରଠାରୁ ଆରମ୍ଭ କରି ପାନ୍‌କାର୍ଡକୁ ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ସହ ଯୋଡ଼ିବା ଫଳରେ ସାଧାରଣ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ସାଇବର ଅପରାଧୀଙ୍କ ହାତରେ ପଡ଼ିଗଲାଣି। ସେମାନେ ବ୍ୟାଙ୍କ ଖାତାରୁ ଜମାକାରୀଙ୍କ ଟଙ୍କା ଲୁଟିନେବା ସହ ବ୍ୟବସାୟିକ କାର୍ଯ୍ୟରେ ବାଧାସୃଷ୍ଟି କରୁଛନ୍ତି। ଏପରି କି ଡାର୍କ ୱେବ ହାତରେ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ଘୂରିବୁଲୁଛି। ଏହି ଅପରାଧକୁ ସରକାର ନିୟନ୍ତ୍ରଣ କରିପାରୁନାହାନ୍ତି କି ଅପରାଧର ଗମ୍ଭୀରତା ଅନୁଯାୟୀ ସାଇବର ପୋଲିସର ପ୍ରଯୁକ୍ତିଗତ ଦକ୍ଷତା ନାହିଁ। ଭାରତର ଡିଜିଟାଲ ସ୍ଥିତି ଅତ୍ୟନ୍ତ ଦୁର୍ବଳ ବୋଲି ସମସ୍ତେ ବୁଝୁଛନ୍ତି। ତଥାପି ଏହି ଦେଶର ଜନସାଧାରଣ ଅନ୍ତରଙ୍ଗ ତଥ୍ୟର ମୂଲ୍ୟ ବୁଝିପାରୁନାହାନ୍ତି ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଳ୍ପ ପରିମାଣରେ କିନ୍ତୁ ଲଗାତର ଭାବେ ଅର୍ଥ ଚୋରି ହେଉଥିଲେ ମଧ୍ୟ ଭାରତୀୟମାନେ ବୁଝିବାରେ ଅକ୍ଷମ। ତେଣୁ ସବୁ ଦୋଷ ଦୁର୍ବଳତା ସତ୍ତ୍ୱେ ସରକାର ବାହାସ୍ଫୋଟ ମାରି ଆଗେଇ ଯାଇପାରୁଛନ୍ତି। କାରଣ ସାଧାରଣ ଲୋକ ସମ୍ପୂର୍ଣ୍ଣ ଭାବେ ଅନଭିଜ୍ଞ ଓ ଅନ୍ଧାରରେ ରହୁଛନ୍ତି। ଷ୍ଟାରଲିଙ୍କ୍‌ର ପ୍ରବେଶ ଭାରତକୁ ବିପଦରେ ପକାଇବା ପରିବର୍ତ୍ତେ କେତେକ ବଡ଼ ବ୍ୟବସାୟୀଙ୍କ ଏକଚାଟିଆ ନୀତିରେ ଅସୁବିଧା ସୃଷ୍ଟି କରିବ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 6 | | |
| | | | | 5 | | | | 3 |
| 2 | | 7 | 8 | | | | | |
| 3 | | 6 | 2 | | | | | 8 |
| 7 | | | | 8 | | 2 | | 6 |
| | | | | | | | | 7 |
| | | | 5 | | | 4 | | 1 |
| | 1 | | | 2 | 4 | | | |
| 8 | | 2 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 4 | 1 | 7 | 6 | 9 | 8 |
| 4 | 9 | 7 | 6 | 8 | 3 | 5 | 1 | 2 |
| 8 | 6 | 1 | 9 | 5 | 2 | 3 | 4 | 7 |
| 5 | 8 | 2 | 3 | 4 | 9 | 1 | 7 | 6 |
| 1 | 4 | 6 | 7 | 2 | 5 | 8 | 3 | 9 |
| 9 | 7 | 3 | 8 | 6 | 1 | 4 | 2 | 5 |
| 2 | 3 | 4 | 5 | 7 | 6 | 9 | 8 | 1 |
| 7 | 5 | 8 | 1 | 9 | 4 | 2 | 6 | 3 |
| 6 | 1 | 9 | 2 | 3 | 8 | 7 | 5 | 4 |

ଗତକାଲିର ଉତ୍ତର

# ନାରୀ ସଶକ୍ତୀକରଣ ଓ ଗୋଷ୍ଠୀ ଗଠନ



ପ୍ରତାପ ଚନ୍ଦ୍ର ସାମଲ

ଆନ୍ତର୍ଜାତିକ ଖାତିସମ୍ପନ୍ନ ବ୍ୟାଖ୍ୟାକାର 'ଜାକେବ୍ ଜର୍ଜ ହିଲିଓକ'ଙ୍କ ଭାଷାରେ ସମବାୟ ହେଉଛି ଏକ ସ୍ୱେଚ୍ଛାକୃତ ସମ୍ମେଳନ, ଯହିଁରେ ସମସ୍ତଙ୍କ ସହଭାଗୀ, ଯୋଗଦାନ ଓ କର୍ତ୍ତୃତ୍ୱ ମଧ୍ୟରେ ଏକ ଐକ୍ୟବଦ୍ଧ ଉଦ୍ୟୋଗଟି ପରିପୂର୍ଣ୍ଣ ପଥରେ ଅଗ୍ରସର ହୋଇଥାଏ।' ଭାରତର ବହୁ ପ୍ରାଚୀନ କାଳରୁ ସମବାୟର ପ୍ରବହମାନ ଧାରା ସଂଘବଦ୍ଧ ଜୀବନଯାପନରେ ପ୍ରବାହ ସହିତ କେବଳ ସମନ୍ୱିତ ହୋଇନଥିଲା ସାମାଜିକ ଜୀବନ ବିନ୍ୟାସ ଓ ସମ୍ମିଳିତ ଉଦ୍ୟୋଗ ମଧ୍ୟରେ ଏହା ଅବିଚ୍ଛେଦ୍ୟ ଭାବେ ନିମଜ୍ଜିତ ରହିଆସିଥିଲା। ପ୍ରାଚୀନ ବୈଦିକ ଯୁଗର ଏକତ୍ର ଜୀବନଧାରଣର ମନ୍ତ୍ରତା ମଧ୍ୟରେ ସମବାୟର ପରିପ୍ରକାଶ ଘଟି ତାହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ମଧୁବାବୁଙ୍କ ଇଂଲଣ୍ଡ ଭ୍ରମଣ ପଥରେ ୧୮୯୭ରେ କୃଷିଭିତ୍ତିକ ସମବାୟ ବ୍ୟାଙ୍କ ସ୍ଥାପନର ବାସ୍ତବ ପରିକଳ୍ପନା ଅବଶେଷରେ ୧୮୯୮ରେ ରୂପ ନେଇଥିଲା ''କଟକ କୋ-ଅପରେଟିଭ୍ ଷ୍ଟୋର' ଭାବରେ ଏବଂ ମଧୁବାବୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ୧୯୦୩ରେ ବାଙ୍କୀ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସମବାୟ କୃଷି ସମିତିମାନ ସ୍ଥାପିତ ହୋଇଥିଲା। ଆଉ ଠିକ୍ ଏହାର ଅଳ୍ପ କେଇଟା ଦିନ ପରେ ସମଗ୍ର ଭାରତବର୍ଷକୁ ସମବାୟ ଆନ୍ଦୋଳନର ଉତ୍ତୋଳନ ପାଇଁ ୨୫.୦୩.୧୯୦୪ରେ ଋଣ ସମବାୟ ସମିତି ଆଇନର ପ୍ରଥମ ଭିତ୍ତିଭୂମି ସୃଷ୍ଟି ହୋଇଥିଲା।

ଆଇନଗତ ଭାବରେ ୧୨୦ ବର୍ଷ ଅତିକ୍ରମ କରିସାରିଛି ଏହି ସମବାୟ ଆନ୍ଦୋଳନ। ୧୨୦ବର୍ଷର ଇତିହାସ ଯେ କୌଣସି ଜାତି ପାଇଁ ଅନେକ କିଛି ସ୍ମରଣୀୟତାର ଚିହ୍ନକୁ ବହନ କରିଥାଏ। ବିଂଶ ଶତାବ୍ଦୀର ଅୟମାରମ୍ଭରେ ଯେଉଁ ଆନ୍ଦୋଳନ ଜମିଦାର ଓ ସାହୁକାରମାନଙ୍କ ଶୋଷଣରୁ ଭାରତର ଗରିବ ଅବହେଳିତମାନଙ୍କୁ ସହାୟ ଯୋଗାଇ ପାରିଥିଲା ସେଦିନର ସେହି ଜନ୍ମିତ ଶିଶୁଟି ଆଜି ଅନେକ କିଛି ସ୍ମୃତିର ବର୍ଣ୍ଣିଳ ଶୋଭାକୁ ନେଇ ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଏକ ନୀରବ ଆକର୍ଷଣ। ଉନବିଂଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ପରେ ଆର୍ଥିକ ଅନଟନରେ ସାଉଁଟି ହେଉଥିବା ମଣିଷଟି ବଞ୍ଚିବା ପାଇଁ ଯେଉଁ ରାହା ଖୋଜୁଥିଲା ସେଥିରୁ ଜନ୍ମ ନେଇଥିଲା 'ରକଡେଲ'ର ସମବାୟ। ସମବାୟ ଆନ୍ଦୋଳନ ବହୁ ବିଫଳ ପ୍ରୟାସକୁ ପରାହତ କରି ତା'ର ବିକଶିତ ନିନାଦିତ ଧାରାରେ କେବେବି ପୂର୍ଣ୍ଣଚ୍ଛେଦ ଟାଣିନି।

ଆତ୍ମନିଯୁକ୍ତିର ମାଧ୍ୟମ ରୂପରେ ଏବଂ ବ୍ୟକ୍ତିର ଆର୍ଥିକ ସ୍ୱାଧୀନତାକୁ ଏକ ସଫଳ ପଥରେ ରୂପାୟନ କରିବାରେ ସମବାୟ ଆନ୍ଦୋଳନ ଅନେକ କ୍ଷେତ୍ରରେ ତା'ର ସଫଳତାର ଚିହ୍ନକୁ ବହନ କରିସାରିଛି। ପୃଥିବୀର ସର୍ବବୃହତ ଅର୍ଥନୈତିକ ଆନ୍ଦୋଳନ ଭାରତର ସମବାୟ ଆନ୍ଦୋଳନ। ଭାରତର ମୋଟ ସମବାୟ ସମିତି ସଂଖ୍ୟା ୨୪.୧୧.୨୦୦୩ ମସିହା



ସୁଦ୍ଧା ୭ ଲକ୍ଷ ୯୪ ହଜାର ୮୬୬, ଯାହାର ସଭ୍ୟ ସଂଖ୍ୟା ୨୯ କୋଟି ୭ ଲକ୍ଷ ୬୦ ହଜାର ୫୩୭ ଏବଂ ୪୦୦୫୪୨.୫ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନକୁ ନେଇ ଭାରତର ସମବାୟ ଆନ୍ଦୋଳନ ଆଜି ଦଣ୍ଡାୟମାନ। ସମଗ୍ର ଭାରତବର୍ଷରେ ସମବାୟ ଋଣ ଅନୁଷ୍ଠାନଗୁଡ଼ିକ ମୋଟ ଋଣର ପ୍ରାୟ ୫୬.୨୫% କୃଷିଋଣ ଓ ୪୬ ପ୍ରତିଶତରୁ ଊର୍ଦ୍ଧ୍ୱ ରାସାୟନିକ ସାର ବିତରଣ କରୁଛନ୍ତି। ଚିନି ଉତ୍ପାଦନ କ୍ଷେତ୍ରରେ ସମବାୟର ଅବଦାନ ୫୪% ଓ ହସ୍ତତନ୍ତରେ ୭%। ସମବାୟ ଦେଶର ଶତ ପ୍ରତିଶତ ଗ୍ରାମ ଏବଂ ୭୫% ପରିବାର ସହିତ ପରିବ୍ୟାପ୍ତ। ଭାରତର ଅର୍ଥନୈତିକ ଜୀବନ କ୍ଷେତ୍ରରେ ସମବାୟର ଏକ ପ୍ରମୁଖ ଭୂମିକା ରହିଛି। ଦେଶର ଗ୍ରାମାଞ୍ଚଳରେ ଗରିବ ଜନସାଧାରଣଙ୍କ ସାମାଜିକ, ଆର୍ଥିକ ବିକାଶ କ୍ଷେତ୍ରରେ ସମବାୟର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥନୀତିର ପରିବର୍ତ୍ତନ ପରିସ୍ଥିତିରେ ଗ୍ରାମାଞ୍ଚଳର ଅଣକୃଷିକ୍ଷେତ୍ର ଓ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ପ୍ରଗତି ଆଣିବା ଓ ତିଷ୍ଠି ରହିବା ପାଇଁ ସମବାୟ ବ୍ୟାଙ୍କର ସାହାଯ୍ୟ ଅବିସ୍ମରଣୀୟ।

କୃଷି ଭାରତୀୟ ଅର୍ଥନୀତିର ପ୍ରକୃଷ୍ଟ କ୍ଷେତ୍ର। କୃଷି ଏବଂ ଏହାର ସଂଲଗ୍ନ କ୍ଷେତ୍ର ଜାତୀୟ ମୋଟ ଆୟର ଏକକ ସର୍ବବୃହତ ଅବଦାନ। ଭାରତର ମୋଟ ଘରୋଇ ଆୟର ୧୮%ରୁ ଊର୍ଦ୍ଧ୍ୱ ହେଉଛି କୃଷିର ଅବଦାନ। ନିଯୁକ୍ତି କ୍ଷେତ୍ରରେ କୃଷି ହେଉଛି ସର୍ବବୃହତ୍ ଶିଳ୍ପ ଓ ଉତ୍ପାଦିତ ସାମଗ୍ରୀର ବୃହତ୍ ଘରୋଇ ବଜାର ହେଉଛି କୃଷିକ୍ଷେତ୍ର। ଏହି କୃଷିକ୍ଷେତ୍ର ଭାରତର ରପ୍ତାନିରେ ୧୫% ସ୍ଥାନ ଗ୍ରହଣ କରିପାରିଛି। ସମବାୟ ସମଗ୍ର ଭାରତବର୍ଷକୁ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ସହିତ ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବର ସଫଳତା ଆଣିଦେଇଥିଲା। ବାସ୍ତବିକ୍ ଭାରତର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆଜି ଏହି ସବୁଜ ବିପ୍ଳବକୁ ସାକାର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସମବାୟ ଆନ୍ଦୋଳନର ଅବଦାନ ହିଁ ଦେଶକୁ ସ୍ୱାବଲମ୍ବୀ କରିବାରେ ସୁନିଶ୍ଚିତ କରିପାରିଛି। ବର୍ତ୍ତମାନ ସମୟରେ ଦେଶର ଉତ୍ପାଦନ ହ୍ରାସ, ଜଳସ୍ତର ନିମ୍ନଗାମୀ ଓ ବର୍ଦ୍ଧିତ କୃଷି ଉତ୍ପାଦନ ଖର୍ଚ୍ଚ ଯୋଗୁ କୃଷକ ମୃତ୍ୟୁବରଣ ଭଳି ସମସ୍ୟା ଦେଖାଦେଇଛି। ଭବିଷ୍ୟତରେ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ଦେଶକୁ ଆଉ ଏକ ସବୁଜ ବିପ୍ଳବ ପଥରେ ଅଗ୍ରସର ହେବାକୁ ପଡ଼ିବ। ଏଥିପାଇଁ ଆନ୍ତଃରାଜ୍ୟ ସମବାୟ କୋଠଚାଷ, ବଜାରରୁ ଉତ୍ପାଦନ ସାମଗ୍ରୀର ଏକତ୍ରୀକରଣ ଓ ସଂରକ୍ଷଣ ବର୍ତ୍ତମାନ ସମୟରେ ଏକମାତ୍ର ଆବଶ୍ୟକତା। ଗ୍ରାମୀଣ ଋଣ ସମବାୟ ପଦ୍ଧତିର ସଶକ୍ତୀକରଣ କରିବା ସହିତ ସମବାୟକୁ ଅଣକୃଷି କ୍ଷେତ୍ରରେ ନିୟୋଜିତ କରାଇ ସବୁଜ ବିପ୍ଳବକୁ କୃତକାର୍ଯ୍ୟ କରିବାରେ ସହାୟକ ହେବା ପାଇଁ ସମବାୟକୁ ଦୃଢ଼ କରିବା ଦରକାର। ମହିଳା ଓ ଯୁବ ଶକ୍ତିର ସଶକ୍ତୀକରଣ କ୍ଷେତ୍ରରେ ସମବାୟ ଏକ ନିଚ୍ଛକ ରୂପରେଖକୁ ନିର୍ବାହ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା ସହ ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏକ ଶୁଭ ସଂକେତକୁ ବହନ କରୁ। ସମବାୟ ପ୍ରତ୍ୟକ୍ଷ ଭାବରେ ଓ ଆତ୍ମନିଯୁକ୍ତି ସୃଷ୍ଟି କରିବାରେ ନିଜର କାର୍ଯ୍ୟଧାରାକୁ ସଫଳଭାବରେ ବଜାୟ ରଖି ପ୍ରାୟ ୨୫.୯ ମିଲିୟନ ବ୍ୟକ୍ତିବିଶେଷଙ୍କୁ କର୍ମନିଯୁକ୍ତି ଯୋଗାଇ ଦେଇଛି।

ଏହି ପରିସ୍ଥିତିରେ ଓଡ଼ିଶା ସରକାର ସମବାୟ ଆନ୍ଦୋଳନକୁ ତୃଣମୂଳ ସ୍ତରରେ କ୍ରିୟାଶୀଳ କରିବା ପାଇଁ ଏହାର ଗଣତାନ୍ତ୍ରିକ ଅଧିକାରକୁ ସୁଯୋଗ ଦେବା ଦରକାର। କାରଣ ସମବାୟ ହେଉଛି ଏକ ସ୍ୱୟଂଶାସିତ ସଂଘ, ଯେଉଁଥିରେ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଏକତ୍ରିତ ହୋଇ ସେମାନଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଆବଶ୍ୟକତା ଓ ଯୁଗ୍ମ ଚାହିଦାର ଅଧିକାର ତଥା ଗଣତନ୍ତ୍ର ଭିତ୍ତିରେ ନିୟନ୍ତ୍ରଣ କରିଥାନ୍ତି। ମାତ୍ର ସମବାୟର ନୀତି, ମୂଲ୍ୟବୋଧ ଏବଂ ସଂଜ୍ଞାକୁ ରାଜ୍ୟ ସରକାର ସମ୍ମାନ ଦେଇ ସମବାୟ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରା ନିର୍ବାହ କରିବା ପାଇଁ ସଭ୍ୟମାନଙ୍କ ହାତରେ ସ୍ୱାଧୀନ ଭାବେ ପରିଚାଳନା ଦାୟିତ୍ୱ ଦେଇ ସମବାୟର ପୁନରୁଦ୍ଧାର ପାଇଁ କାର୍ଯ୍ୟଭାର ନ୍ୟସ୍ତ କରିବା ଆଜି ସମୟର ଆହ୍ୱାନ। ଓଡ଼ିଶା ସରକାର ବୈଦ୍ୟନାଥନ୍ କମିଟିର ସୁପାରିସକୁ ଗ୍ରହଣ କରି ସମବାୟ ଅନୁଷ୍ଠାନଗୁଡ଼ିକର ଗଣତାନ୍ତ୍ରିକ ଧାରାର କଣ୍ଠରୋଧ କରାଇ ଓଡ଼ିଶାର ସମବାୟ ଆନ୍ଦୋଳନକୁ କାହିଁକି ବର୍ଷ ବର୍ଷ ଧରି ବିକାଶର ଧାରାକୁ ପଛକୁ ଠେଲି ଦେଇଛନ୍ତି ତାହାର ଉତ୍ତର କେବଳ ସେହିମାନଙ୍କ ହାତରେ, ଯେଉଁମାନେ ଅନ୍ଧପୁଟୁଳି ବାନ୍ଧି ଶାସନ ଡୋରିକୁ ନିଜ ହାତରେ ଟାଣି ରଖିଛନ୍ତି। ଜାତିର ସ୍ୱାର୍ଥ, ରାଜ୍ୟର ବିକାଶ, ଆତ୍ମନିଯୁକ୍ତି କ୍ଷେତ୍ରର ବଳିଷ୍ଠ ମାଧ୍ୟମ ଏବଂ ବେକାରି ଦୂରୀକରଣର ଯାଦୁକରୀ ମନ୍ତ୍ର ସମବାୟକୁ ଆଉ ଉପେକ୍ଷିତ ନକରି ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏହାର ସଫଳ ପ୍ରୟାସକୁ ପ୍ରତିପାଦିତ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଏକାନ୍ତ ଆବଶ୍ୟକ। ଏବେବି ଓଡ଼ିଶା ସମବାୟ ଆଇନ ୧୯୬୨ ଅନୁସାରେ ସମବାୟ ଅନୁଷ୍ଠାନଗୁଡ଼ିକ ଚାଷୀ, କୃଷକ ଓ ଖଟିଖିଆ ମଣିଷମାନଙ୍କର ଏକମାତ୍ର ଆଶା ଓ ଭରସାର ଅନୁଷ୍ଠାନ। ତେଣୁକରି ସମବାୟରେ ଦାରିଦ୍ର୍ୟ ଦୂରୀକରଣ ଓ ଆତ୍ମନିଯୁକ୍ତି ସଫଳ ପଥରେ ଆଗେଇ ପାରିଲେ ସମବାୟର ବଳିଷ୍ଠ ଅବଦାନ ଭାରତବର୍ଷର ଶାସନକୁ ତଥା ରାଜ୍ୟ ଶାସନକୁ ସୁଦୃଢ଼ କରିପାରିବ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଆଳୁ ଖୋଳୁ ଖୋଳୁ ମହାଦେବ



ଡ. ସୀତାକାନ୍ତ ତ୍ରିପାଠୀ

ଥରେ ଜଣେ ଚାଷୀ ନିଜ ବିଲରେ ଆଳୁ ଖୋଳୁ ଖୋଳୁ ତାଙ୍କ କୋଦାଳରେ ପଥର ଭଳି କ'ଣ ବାଜିଲା। ଯେଉଁ ବିଲକୁ ସିଏ ପୁରୁଷାନୁକ୍ରମେ ଚାଷ କରି ଆସୁଛନ୍ତି, ସେଠି ପଥର ରହିବା କଥା ସିଏ ବିଶ୍ୱାସ କରି ନ ପାରି ପୁଣିଥରେ ସେହି ଜାଗାକୁ ଖୋଳିଲେ। ପରେ ପରେ ଦେଖାଗଲା, ତାହା ଏକ ଛୋଟ ପଥର ନୁହେଁ ବରଂ ଏକ ବଡ଼ ଏବଂ ଗଭୀରକୁ ଯାଇଥିବା ପଥର। ଏକଥା ପାଖ ବିଲରେ କାମ କରୁଥିବା ଚାଷୀମାନେ ଦେଖି ସେଠାରେ ରୁଣ୍ଡ ହେଲେ। କଥା କାନକୁ କାନ ବ୍ୟାପୀ ସମଗ୍ର ଅଞ୍ଚଳରେ ବ୍ୟାପିଗଲା ଯେ ଅମୁକ ଚାଷୀର ଆଳୁ କିଆରିରୁ ଶିବଲିଙ୍ଗ ଆବିର୍ଭାବ ହୋଇଛନ୍ତି। ତାଙ୍କର ଦର୍ଶନ ପାଇଁ କିଏ କ୍ଷୀର ନେଇ ଆସିଲେ ତ ଆଉ କିଏ ପାଣି, ଘିଅ, ମହୁ, ଗଞ୍ଜେଇ, ଧୂପ, ଦୀପ ଆଦି ପୂଜା ସାମଗ୍ରୀ ଧରି ପହଞ୍ଚିଲେ। ଯେହେତୁ ଶିବଲିଙ୍ଗଙ୍କୁ ସ୍ଥାନାନ୍ତର କରାଯାଏ ନାହିଁ, ତେଣୁ ଲୋକମାନଙ୍କ ନିଷ୍ପତ୍ତି ଫଳରେ ଉକ୍ତ ଜାଗାରେ ଏକ ଭବ୍ୟ ମନ୍ଦିର ସ୍ଥାପନ ହେତୁ ଜମିର ମାଲିକ ଭକ୍ତ ଶ୍ରେଷ୍ଠ ବୋଲି ପରିଗଣିତ ହେବା ସହିତ ଆଖପାଖ ୭-୮ ଖଣ୍ଡ କିଆରିର ମାଲିକମାନେ ଚାଷକାମ ଛାଡ଼ି ମନ୍ଦିରରେ ଫୁଲ, ବେଲପତ୍ର, ଧୂପ, ଦୀପ, ଫଳ, ମୂଳ ଆଦି ଦୋକାନ ଖୋଲି ନିଜ ନିଜର ଗୁଜରାଣ ମେଣ୍ଟାଇଲେ। ଧୀରେ ଧୀରେ ଗାଁଟି ପ୍ରସିଦ୍ଧି ଲାଭ କଲା। ଏଠାରେ ଆଳୁ ଖୋଳିବା ସାଙ୍ଗରେ ଶିବଲିଙ୍ଗର ଆବିର୍ଭାବ ହେବା ମଧ୍ୟରେ କାର୍ଯ୍ୟ-କାରଣର କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଗୋଟିଏ ଛୋଟ କାମ କରୁ କରୁ ଏକ ବିରାଟ ପରିବର୍ତ୍ତନ ଯେତିକି ପ୍ରତ୍ୟାଶିତ ସେତିକି ଆଶ୍ଚର୍ଯ୍ୟ କଥା ଥିଲା।

ଆମ ଜୀବନରେ ଛୋଟିଆ ଛୋଟିଆ ଉଦ୍ୟମ କରୁ କରୁ ବଡ଼ ସଫଳତା ଲାଭ କରିବା ହେଉ କିମ୍ବା ଛୋଟିଆ ଘଟଣାର ତଦନ୍ତ କରୁ କରୁ ଲୁକ୍କାୟିତ ଘଟଣା ପଦାକୁ ଆସିଲେ ଆମେ ତାକୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା କଥା କହି ଥାଉ। ଯାହା କେବଳ ଖୋଳୁଥିବା ବା ତଦନ୍ତ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଆବଶ୍ୟକତା ଥାଏ କିମ୍ବା ସେମାନଙ୍କର ବିକାଶର ସହାୟତା କରିଥାଏ ସେ କଥା ନୁହେଁ, ବରଂ ବୃହତ୍ ଅର୍ଥରେ ପ୍ରକୃତ ଘଟଣା ପଦାକୁ ଆସିବା ସହିତ ସତ୍ୟର ଉନ୍ମୋଚନ ହୁଏ ଏବଂ ବିକାଶଧାରା ବହୁ ଗୁଣିତ ହୋଇଥାଏ।

ଗ୍ରୀସ୍‌ର ରାଜା ଥରେ ଜଣେ ବଣିଆକୁ ଡକାଇ ନିଜ ପାଇଁ ଏକ ସୁନ୍ଦର ମୁକୁଟ ତିଆରି କରିବା ପାଇଁ ବରାଦ ଦେଲେ। ବଣିଆ ଜଣକ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ମୁକୁଟ ତିଆରି କରି ଆଣି ରାଜାଙ୍କୁ ଦେଲେ। କିନ୍ତୁ ରାଜାଙ୍କର ସନ୍ଦେହ ହେଲା ସିଏ



କହିଥିବା ସୁନା ଅନୁପାତରେ ମୁକୁଟରେ ସୁନା ନାହିଁ ଏବଂ ସେଥିରେ ଅଧିକ ଖାଦ ରହିଛି। ଏହି ରହସ୍ୟକୁ ଉନ୍ମୋଚନ କରିବା ପାଇଁ ସିଏ ଆର୍କମେଡିସ୍‌ଙ୍କୁ ଦାୟିତ୍ୱ ଦେଇଥିଲେ। ମୁକୁଟଟି ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ରାଜା ତାକୁ ତରଳାଇବାକୁ ମଧ୍ୟ ରାଜି ନଥିଲେ। ଶେଷରେ ଆର୍କମେଡିସ୍ ଗାଧୋଉଥିବା ବେଳେ ଉକ୍ତ ସମସ୍ୟାର ସମାଧାନ ସ୍ୱରୂପ 'ସାନ୍ଦ୍ରତାତ୍ୱ' ଉଦ୍ଭାବନ କରିଥିଲେ ଏବଂ ସିଏ ରାଜାଙ୍କୁ ବୁଝାଇଦେଲେ ଏକ କିଲୋ ସୁନାର ଆୟତନ ଏକ କିଲୋ ରୁପାର ଆୟତନଠାରୁ କମ୍। ସିଏ ରାଜାଙ୍କୁ କହି ମୁକୁଟ ଓଜନ ସହିତ ସମାନ ଓଜନର ସୁନା ଓ ରୁପା ଆଣିବା ପାଇଁ କହିଲେ। ପ୍ରଥମେ ଗୋଟିଏ ପାଣି ପାତ୍ରରେ ସୁନା ମୁକୁଟ ଓଜନର ବୁଡ଼ାଇ ନିଗିଡ଼ିଥିବା ପାଣି ମାପ କଲେ ଏବଂ ପରେ ପରେ ରୁପା ବୁଡ଼ାଇ ନିଗିଡ଼ି ଥିବା ପାଣି ମାପ କଲେ। ଶେଷରେ ପାତ୍ରକୁ ପୁଣି ଜଳପୂର୍ଣ୍ଣ କରି ସେଥିରେ ମୁକୁଟଟିକୁ ବୁଡ଼ାଇ ଦିଆଗଲା, କିନ୍ତୁ ସେଥିରୁ ଅଧିକ ଜଳ ନିଗିଡ଼ିଗଲା। ଯଦି ମୁକୁଟଟି ସୁନାରେ କିମ୍ବା ରୁପାରେ ତିଆରି ହୋଇ ଥାଆନ୍ତା, ତା'ହେଲେ ସିଏ ସୁନା କିମ୍ବା ରୁପା ଓଜନର ଜଳ ଅପସାରିତ କରିଥାଆନ୍ତା। ଯେହେତୁ ମୁକୁଟଟି ସୁନାଠାରୁ କମ୍ ଏବଂ ରୁପାଠାରୁ ଅଧିକ ଜଳ ଅପସାରିତ କଲା, ତେଣୁ ମୁକୁଟଟି ସୁନା ଏବଂ ରୁପା ମିଶ୍ରିତ ହୋଇ ତିଆରି ହୋଇଛି ବୋଲି ପ୍ରମାଣ ସିଦ୍ଧ ହେଲା।

ବେଳେବେଳେ ଏହି ଆଳୁ ଖୋଳିବା ବା ଅନୁସନ୍ଧାନରୁ ମଧ୍ୟ ସର୍ବନାଶ ହେବାର ଉଦାହରଣ ଅଛି। ମହାଭାରତରେ ଆଖ୍ୟାୟିକା ଅନୁଯାୟୀ ରାଜସଭାରେ ଭୀମ ଯେତେବେଳେ ଦୁର୍ଯ୍ୟୋଧନଙ୍କୁ ଗୋଲକ ପୁତ୍ର ବୋଲି ସମ୍ବୋଧନ କଲେ, ଦୁର୍ଯ୍ୟୋଧନ ତାହାର ଅର୍ଥ କ'ଣ ବୁଝି ନ ପାରି ସମସ୍ତଙ୍କୁ ପଚାରି ଚାଲିଲେ ; କିନ୍ତୁ କେହି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଶେଷରେ ତାଙ୍କ ମା'ଙ୍କଠାରୁ ଉତ୍ତର ଜାଣିବା ପରେ ସିଏ ତାଙ୍କ ମାମୁଘର ବଂଶକୁ ଦୋଷୀ ସାବ୍ୟସ୍ତ କରି ବନ୍ଦୀ କରି ରଖିଥିଲେ ଏବଂ ସେମାନଙ୍କୁ ଖାଦ୍ୟ ନ ଦେଇ ମାରି ଦେଇଥିବା ଫଳରେ ପ୍ରତିଶୋଧ ସ୍ୱରୂପ ମାମୁଘରର ଶେଷ ସନ୍ତକ ଶକୁନି କୁରୁବଂଶ ଧ୍ୱଂସ କରିବାରେ ସଫଳ ହୋଇଥିଲେ।

ତେଣୁ ଆମ ସମାଜରେ କିମ୍ବା ଆମ ନିଜ ଜୀବନରେ, ଛୋଟ ଛୋଟ ଅନୁସନ୍ଧିତ୍ସା ଯୋଗୁ ବୃହତ୍ତର ଲକ୍ଷ୍ୟ ପୂରଣ ହେବା କଥା ହେଉ କିମ୍ବା ଅପ୍ରତ୍ୟାଶିତ ଫଳାଫଳ ପ୍ରାପ୍ତ ହେଉ, ସବୁଠି ଫଳାଫଳକୁ ସହୃଦୟତାର ସହିତ ଗ୍ରହଣ କରି ଏହାର ତର୍ଜମା କରିବା ଦରକାର। ବେଳେବେଳେ ବାହ୍ୟ ଜଗତ ପରିବର୍ତ୍ତନ ସମ୍ପର୍କିତ ଚିନ୍ତା କରିବା ସହିତ ଆତ୍ମସମୀକ୍ଷାର ମଧ୍ୟ ଆବଶ୍ୟକତା ରହିଛି। କାରଣ ଏହି ମହାଦେବ ପ୍ରାପ୍ତି କାହା ପାଇଁ ପୁଷ ମାସ ତ ଆଉ କାହା ପାଇଁ ସର୍ବନାଶ ହୋଇଯିବାର ଆଶଙ୍କା ରହିଛି।

**ଭଦ୍ରକ, ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ପଞ୍ଜାବର ସୁଖପାଲ ସିଂ ସିଦ୍ଧୁ ଜଣେ ପ୍ରଥମିକ ବିଦ୍ୟାଳୟର ଶିକ୍ଷକ। ସେ ଶିକ୍ଷାର ମହତ୍ତ୍ୱ ବୁଝି ତାହାକୁ ସାମାଜିକ ସ୍ତରରେ ପ୍ରତିଫଳିତ କରିଛନ୍ତି । ଶିକ୍ଷା ବିନା ସଶକ୍ତ ନାଗରିକ ହେବା ଅସମ୍ଭବ; ତାହା ମଧ୍ୟ ସେ ହୃଦୟଙ୍ଗମ କରିଛନ୍ତି । ପଞ୍ଜାବ ଭଟିଣ୍ଡା ନିକଟବର୍ତ୍ତୀ ନାନ୍‌ଥାନ ଅଞ୍ଚଳର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକି ସୁଖପାଲ ସ୍କୁଲ୍ ଦାୟିତ୍ୱ ସମ୍ଭାଳିବା ସହ ରାସ୍ତା କଡ଼ରେ ରହୁଥିବା ପିଲାମାନଙ୍କ ପାଇଁ ଫୁଟ୍‌ପାଥ୍ ସ୍କୁଲ ଖୋଲିଛନ୍ତି। ରାସ୍ତାକଡ଼ରେ ରହି ଭିକ୍ଷା ମାଗୁଥିବା ଓ କେବେ ବି ସ୍କୁଲ ଦେଖି ନ ଥିବା ପିଲାମାନଙ୍କୁ ସୁଖପାଲ ଭଟିଣ୍ଡାର ଏକ ଛକରେ ପଢାଉଛନ୍ତି। ଜୁଲାଇ ୨୦୨୨ରେ ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇ ସେ ପିଲାଙ୍କୁ ପଢାଇବା ଆରମ୍ଭ କରିଥିଲେ। ସ୍କୁଲରୁ ଫେରିବା ପରେ ପ୍ରତିଦିନ ଅପରାହ୍ନରେ ତାଙ୍କ ସ୍ତ୍ରୀ ସିନ୍ଦରପାଲ କୌର ସିଦ୍ଧୁଙ୍କ ସହ ସୁଖପାଲ ପିଲାମାନଙ୍କୁ ପଢ଼ାଉଛନ୍ତି। ଫୁଟପାଥ ସ୍କୁଲ ଆରମ୍ଭ କରିବାବେଳେ ପ୍ରଥମେ ୫ ଜଣ ପିଲା ଆସିଥିଲେ। ସେମାନଙ୍କୁ ଏହି ଦମ୍ପତି ପଢାଇବା ଆରମ୍ଭ କରିଥିଲେ। ପରେ ଜଣେ ପରେ ଜଣେ ପିଲା ସେମାନଙ୍କ ସହ ସ୍କୁଲ ଆସିଲେ ଏବଂ ଏବେ ୨୨ ଜଣ ଆସୁଛନ୍ତି। କେବଳ ଏତିକି ନୁହେଁ ସୁଖପାଲ ତାଙ୍କ ସରକାରୀ ସ୍କୁଲରେ ପିଲାମାନଙ୍କ ପାଇଁ ଉଚ୍ଚମାନର ଘରୋଇ ବିଦ୍ୟାଳୟର ଭଳି ଏସିଠାରୁ ଆରମ୍ଭ କରି ଅନ୍ୟ ସୁବିଧା କରିଛନ୍ତି। ଏଥିପାଇଁ ସବୁ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସୁଖପାଲଙ୍କ ଏହି କାର୍ଯ୍ୟରେ ଅନୁପ୍ରଣିତ ହୋଇ ତାଙ୍କ ସାଥୀ ଶିକ୍ଷକମାନେ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ଚଉଦିଗେ ଛୁଟେ କୁହୁ
ଛୁଟେ ଦୂରେ ଦୂରେ
ସୁରଧୂନୀ ବହିଯାଏ
ତପତ ମରୁରେ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗର୍ଭବତୀଙ୍କ ପାଇଁ ପାଇଖାନା

ମହାଶୟ,

ସ୍ୱଚ୍ଛତା ପାଇଁ ଅନେକ ସଚେତନତା କରିଲା ପରେ ମଧ୍ୟ ଭାରତର ଗାଁଗୁଡ଼ିକରେ ଅନେକଙ୍କ ଘରେ ପାଇଖାନାଟିଏ ନାହିଁ। ସରକାର ମାଗଣାରେ ପାଇଖାନା ଯୋଗାଇ ଦେଇଥିବା ସତ୍ତ୍ୱେ ଅନେକେ ନିଜ ପାଖରେ ଜାଗା ନଥିବା ଦର୍ଶାଇ ପାଇଖାନା ତିଆରି କରିନାହାନ୍ତି। ଗାଆଁ ମାନଙ୍କରେ ଲୋକେ ବାହାରକୁ ଯାଇ ଶୌଚ ହେଉଛନ୍ତି। ତାଙ୍କ ସହିତ ପିଲାପିଲିଙ୍କୁ ମଧ୍ୟ ଏହି ଅଭ୍ୟାସ କରାଇଦେଇଛନ୍ତି। ଏହା କୌଣସି ପ୍ରକାରେ ସମାଧାନ ହୋଇଯାଉଛି। ବର୍ଷା ଦିନରେ ବା ଚାଷ ସମୟରେ ଆମ୍ଭେ ଦେଖିବାକୁ ପାଉଛେ ଯେ, ଗାଁର ବୁଢ଼ୀ ବୁଢ଼ା ତଥା ଗର୍ଭବତୀ ମହିଳାମାନେ ଝଡ଼ା ଫେରିବା ପାଇଁ ରାତିଦିନ ବହୁ କଷ୍ଟ ସହି ବାହାରକୁ ଯାଉଛନ୍ତି। ଫଳରେ ଏମାନଙ୍କୁ ତଥା ନିଜ ପରିବାର ଲୋକଙ୍କୁ ଡାଇରିଆ, ମ୍ୟାଲେରିଆ, ଝାଡ଼ାରୋଗ ଭଳି ବହୁ ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ରହୁଛି। ଏହା ହେଉଥିବାର ନଜିର ମଧ୍ୟ ରହିଛି। ଏହା ସହିତ ରାତି ସମୟରେ ଭୟ ରହିଛି। ବାହାରେ ମଳତ୍ୟାଗ କରିବା ତାଲିକାରେ ଅନେକ ନୂଆ ହେଇ ଆସିଥିବା ବୋହୂମାନେ ମଧ୍ୟ ଅଛନ୍ତି। ଏହା ଦେଖିଲେ ଦୁଃଖ ଲାଗେ। କ୍ରୋଧ ମଧ୍ୟ ଆସେ ସେଇ ଅସଚେତନ ପରିବାର ଲୋକଙ୍କୁ ଦେଖି। ତେବେ ଏଠାରେ ସରକାରଙ୍କୁ ଅନୁରୋଧ ଯେ ଯାହା ଘରେ ପାଇଖାନା ନାହିଁ ଓ ତାଙ୍କ ଘରେ ବୃଦ୍ଧାବୃଦ୍ଧ ଓ ଗର୍ଭବତୀ ମହିଳା ଅଛନ୍ତି , ସେଇ ପରିବାରକୁ ଆଶାମାନଙ୍କ ମଧ୍ୟରେ ଚିହ୍ନଟ କରି ଅନ୍ୟସବୁ ସୁବିଧା ପରେ ଥାଉ, ପ୍ରଥମେ ଯୁଦ୍ଧକାଳିନ ଭିତ୍ତିରେ ସରକାର ନିଜ ଉଦ୍ୟମରୁ ପାଇଖାନାଟିଏ ଅବଶ୍ୟ କରିଦିଅନ୍ତୁ। ତା' ପରେ ଯାଇ ଗର୍ଭବତୀ ମହିଳାଙ୍କୁ ଅନ୍ୟସବୁ ସରକାରୀ ସୁବିଧା ଯୋଗାଇ ଦେଲେ ଭଲ ହୁଅନ୍ତା।

**-ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜଳିଗଲା ବିଦ୍ୟୁତ୍ କେବୁଲ

ଲୋଇସିଂହା,୧୮।୧୧(ସୁଶାନ୍ତ ବାରିକ)

ସୋମବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ବସଷ୍ଟାଣ୍ଡରେ ସର୍ଟସର୍କିଟ ଯୋଗୁ ବିଦ୍ୟୁତ୍ କେବୁଲ ଜଳିଯାଇଛି। ବୁର୍ଡା ବସଷ୍ଟାଣ୍ଡସ୍ଥିତ ନବନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ନିକଟ ବିଦ୍ୟୁତ୍ ଖୁଣ୍ଟ ଦେଇ ବସ୍ତିକୁ କେବୁଲ ଯୋଗେ ବିଦ୍ୟୁତ୍ ଯୋଗାଣ ହୋଇଛି। ସନ୍ଧ୍ୟା ୬ଟା ବେଳେ ଉକ୍ତ ବିଦ୍ୟୁତ୍ ଖୁଣ୍ଟ କେବୁଲ ସର୍ଟସର୍କିଟ ଯୋଗୁ ହଠାତ୍ ଜଳିଯାଇଥିଲା। ସେଠାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟରେ ବସ ଅପେକ୍ଷାରେ ଥିବା ଯାତ୍ରୀ ଏବଂ ବିଦ୍ୟୁତ୍ ଖୁଣ୍ଟ ତଳେ ଥିବା ଏକ ହୋଟେଲରେ ଜଳଖିଆ ଖାଇବା ପାଇଁ ଥିବା ଲୋକେ ଏହା ଦେଖି ଭୟଭୀତ ହୋଇ ପଡ଼ିଥିଲେ। ପ୍ରାୟ ୧୦ ମିନିଟ ଧରି କେବୁଲ ଜଳି ଉଠିଥିଲା। ଫଳରେ ୨ ମିଟର ଯାଏ କେବୁଲ ଜଳି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ପଞ୍ଚାୟତ ସବ୍‌ସେଣ୍ଟରର କର୍ମଚାରୀଙ୍କୁ ଜଣାଇଲା ପରେ ସର୍ଟଡାଉନ କରାଯାଇଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣା ପରେ କେବୁଲ ନିରାପତ୍ତାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ

ଖପ୍ରାଖୋଲ,୧୮।୧୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ପ୍ରେସ କ୍ଳବ ପକ୍ଷରୁ ଜାତୀୟ ପ୍ରେସ ଦିବସ ସ୍ଥାନୀୟ ଥାନା ପରିସରରେ ଥିବା ଅଭ୍ୟର୍ଥନା କକ୍ଷରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ନରେନ୍ଦ୍ର ଛତର, ରେଞ୍ଜ ଅଫିସର ଅରବିନ୍ଦ ନାୟକ ଓ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ ଯୋଗ ଦେଇଥିଲେ। ବକ୍ତାମାନେ ସ୍ୱଚ୍ଛ ଓ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେହିପରି ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ଦ୍ୱାରା ସାମ୍ବାଦିକତା ବୃତ୍ତିରେ ଅନେକ ପ୍ରଭାବ ପଡିଛି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ପ୍ରେସ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ବିଷୟବସ୍ତୁ ରଖାଯାଇଛି ବୋଲି ଓଡ଼ିଶା ସାମ୍ବାଦିକ ୟୁନିୟନର ବରିଷ୍ଠ ସାମ୍ବାଦିକ ତଥା ଜାତୀୟ ପରିଷଦ ସଦସ୍ୟ ସଦାଶିବ ସରାଫ ସୂଚନା ଦେଇଥିଲେ। ଜିଲା ସାମ୍ବାଦିକ ୟୁନିୟନର ସମ୍ପାଦକ ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସଦାଶିବ ସରାଫ ଓ ବଂଶୀଧର ସେଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବନପାଳ ସୁଧୀର ଜେନା, ତାପସ ରଞ୍ଜନ ବେହେରା, ଉମାକାନ୍ତ ପ୍ରଧାନ, ବଂଶୀଧର ସେଠ, ଭୋଜରାଜ ବରିହା, ଉମେଶ ଗୁପ୍ତା, ଦିବାକର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ନରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଶର ପ୍ରଗତିରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦେଓଗାଁ,୧୮।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ଶନିବାର ଓଡିଶା ସାମ୍ବାଦିକ ସଂଘ ବଲାଙ୍ଗୀର ଜିଲା ଶାଖା ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଓଜେୟୁର ଜିଲା ସଭାପତି ସୁମିତ ରଞ୍ଜନ ପୁରୋହିତଙ୍କ ସଭାପତିତ୍ୱରେ ତଥା ଉପ-ସଭାପତି ରାମଚନ୍ଦ୍ର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରିୟରଞ୍ଜନ କୁମାର, ସିଡିପିଓ ମିନତି ମିଶ୍ର, ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନେ ଦେଶର ପ୍ରଗତିରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମ୍ବାଦିକ ଅନ୍ତିମ ପାଣିଗ୍ରାହୀ, ସୁନ୍ଦର ସାହୁ ତଥା କବାଡି ଖେଳରେ ଜାତୀୟ ସ୍ତରରେ ବାଳିକା ବିଭାଗରେ ଖେଳିବାର ସୁଯୋଗ ପାଇଥିବା ହାତିସରା ଗ୍ରାମର ସୀତା ଜାନୀ ଓ କଳା,ସାହିତ୍ୟ ଓ ସଂସ୍କୃତି ସଂଘର ଉପ-ସଭାପତି ସୁଦାମ ବିଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଜେୟୁ ଜିଲା ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସମନ୍ୱୟ ରଖିବାକୁ ନିର୍ଦ୍ଦେଶ

## ବଲାଙ୍ଗୀର ପୌର ପରିଷଦ ବୈଠକ

ବଲାଙ୍ଗୀର, ୧୮।୧୧
(ବୀରେନ୍ଦ୍ର କୁମାର ଝାଙ୍କର)


ପୌର ପରିଷଦ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ପୌର ପରିଷଦ ସଦସ୍ୟ।

ବଲାଙ୍ଗୀର ପୌର ପରିଷଦ ବୈଠକ ସ୍ଥାନୀୟ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ଲିକା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ସହରର ବିଭିନ୍ନ ବିଭାଗ ପକ୍ଷରୁ ରାସ୍ତାକଡ ଡ୍ରେନ୍ ତିଆରି ବେଳେ ବିଭାଗୀୟ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଲୋକ ସଭା ଏମ୍‌ପିଙ୍କ ପ୍ରତିନିଧି ପଙ୍କଜିନୀ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ବଲାଙ୍ଗୀର ସହରର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବଲାଙ୍ଗୀର ସହରର ଡ୍ରେନ୍ ମାଷ୍ଟର ପ୍ଲାନ କାର୍ଯ୍ୟାନ୍ୱୟନ, ୧୭ଟି ବନ୍ଧର ପୁନରୁଦ୍ଧାର ଏବଂ ୩ ନମ୍ବର ୱାର୍ଡରେ ୧କୋଟି ଟଙ୍କା ବ୍ୟୟରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ବିଧାୟକ ସିଂଦେଓ ବଲାଙ୍ଗୀର ସହରରେ ବ୍ୟାପକ ବୃକ୍ଷରୋପଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଦିଗରେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କ ମିଳିତ ପ୍ରୟାସ ଉପରେ ଜୋର ଦେଇଥିଲେ। ବିଭିନ୍ନ ୱାର୍ଡର ଅନ୍ୟାନ୍ୟ ସମସ୍ୟା ଏବଂ ଉନ୍ନୟନ କାମ ଉପରେ କାଉନସିଲରମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ମୁଖ୍ୟତଃ ଡ୍ରେନ ଓ ରାସ୍ତାଗୁଡିକର ଉନ୍ନତୀକରଣ, ସଫେଇକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ, ଜାତୀୟ ରାଜପଥ ଓ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସହରରେ ଉପରୋକ୍ତ ବିଭାଗ ଅଧୀନରେ ଥିବା ଡ୍ରେନଗୁଡିକୁ ତୁରନ୍ତ ନିର୍ମାଣ ଓ ମରାମତି କରିବାକୁ ବିଧାୟକ ସିଂଦେଓ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ପାନୀୟ ଜଳ ଯୋଗାଣ ଏବଂ ବିଜୁଳି ଯୋଗାଣ ଉପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିର



ଶିବିରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

**କଣ୍ଟାବାଞ୍ଜି ,୧୮।୧୧(ଗୁରୁ ଦୟାଲ ହଂସ)** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମା ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରି , ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ ପ୍ରଧାନ, ଜିଲା ଉନ୍ନୟନ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ତୁରେକେଲା ବ୍ଲକର ୨୯ଗୋଟି ପଞ୍ଚାୟତରୁ ଆସିଥିବା ଲିଖିତ ଅଭିଯୋଗ ମଧ୍ୟରୁ ୯୩ଟି ଗ୍ରାମୀଣ ଆବାସ ଯୋଜନା ଓ ୪୦ଟି ଅନ୍ୟାନ୍ୟ ଅଭିଯୋଗ ପଞ୍ଜୀକୃତ ହୋଇଛି । ଶିବିରରେ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପୋଲିସ ପ୍ରଶାସନ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# 'ମହାରାଣୀ ସାଗର ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ହେଉ'

## ଅପରାଧମୁକ୍ତ ପ୍ରସଙ୍ଗ ଉଠାଇ ବିଧାୟକଙ୍କୁ ସମାଲୋଚନା କଲେ

ବଲାଙ୍ଗୀର,୧୮।୧୧ (ବୀରେନ୍ଦ୍ର କୁମାର ଝାଙ୍କର)


ପୂର୍ବତନ ବିଧାୟକ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ମହାରାଣୀ ସାଗରରେ ମହାଦୁର୍ନୀତି ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ସ୍ଥାନୀୟ ସର୍କିଟ ହାଉସଠାରେ ରବିବାର ଏକ ଖବରଦାତା ସମ୍ମିଳନୀ କରି ଦାବି କରିଛନ୍ତି। ସେ କହିଛନ୍ତି ଯେ, ମହାରାଣୀ ସାଗର ଉନ୍ନତିକରଣ ପାଇଁ ୨୦ କୋଟି ଟଙ୍କାର ଅନୁଦାନ ଅଣାଯାଇଥିଲା । ଏନ୍‌ବିସିସି ଭଳି ସଂସ୍ଥା ସହ ଜିଲା ପ୍ରଶାସନ ଚୁକ୍ତି କରିଥିଲା । କିନ୍ତୁ ତତ୍କାଳୀନ ବିଜେଡି ସରକାର, ତାଙ୍କ ସ୍ଥାନୀୟ ନେତା ଓ ପୌର ପରିଷଦର ମିଳିତ ଷଡଯନ୍ତ୍ରରେ ମହାରାଣୀ ସାଗର ଶ୍ରୀହୀନ ହୋଇପଡିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏନ୍‌ବିସିସି ଚୁକ୍ତିରେ ମହାରାଣୀ ସାଗରର ସଫେଇ, ଜଳଧାରଣ କ୍ଷମତା ବୃଦ୍ଧି ସହ ଛୋଟ ପିଲାମାନଙ୍କ ପାଇଁ ଅବସର ବିନୋଦନ, ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ ପାର୍କ, ଓ୍ୱାଟର ଗେମର ବ୍ୟବସ୍ଥା, କ୍ୟାଫେଟେରିଆ, ସୁଦୃଶ୍ୟ ତୋରଣ ସହ ଅବସର ବିନୋଦନ ବ୍ୟବସ୍ଥା ରହିଥିଲା। ମାତ୍ର ପୌର ପରିଷଦ ଷଡଯନ୍ତ୍ର କରି ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାଁରେ ଜଣେ ଠିକାଦାରଙ୍କୁ ବିନା ଟେଣ୍ଡରରେ କାମ ଦେଇ ମହାଦୁର୍ନୀତି କରିଛି ବୋଲି ଅଭିଯୋଗ କରିଥିଲେ। ମହାରାଣୀ ସାଗରର ବର୍ତ୍ତମାନ ଯେଉଁ ଅବସ୍ଥା ହୋଇଛି ଏଥିରୁ ବିକାଶ ପରିବର୍ତ୍ତେ ବିନାଶ ହୋଇଥିବା ଜଳଜଳ ଦେଖାଯାଉଛି ବୋଲି ସେ କହିଛନ୍ତି। ସହରର ୧୭ଟି ବନ୍ଧର ଅବସ୍ଥା ସାଂଘାତିକ ହୋଇପଡିଛି ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ଗତ ନିର୍ବାଚନ ପୂର୍ବରୁ ବର୍ତ୍ତମାନର ବିଧାୟକ ତାଙ୍କ ସଂକଳ୍ପପତ୍ରରେ ଅପରାଧ ମୁକ୍ତ ବଲାଙ୍ଗୀରର କଥା କହିଥିଲେ। କିନ୍ତୁ ଏବେ ବଲାଙ୍ଗୀରରେ କଫ୍ ସିରଫ, ନିଶା କରାବାର ବଢ଼ିଛି। ଲୋକଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇ ଥିବା ବିଧାୟକ ଏବେ କୁଆଡେ ଗଲେ ବୋଲି ମିଶ୍ର ପ୍ରଶ୍ନ କରିଥିଲେ। ସହର ମଧ୍ୟରେ ବିଜୁଳି କରଣ, ସିସି ଟିଭି ଲଗାଇବା ଇତ୍ୟାଦି କାମ ଆଜି ପର୍ଯ୍ୟନ୍ତ ହୋଇନାହିଁ ବୋଲି କହିଥିଲେ । ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅଶୋକ ନନ୍ଦ, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ମୁଖପାତ୍ର ଅଜୟ ବାଲି, ନଗର ସଭାପତି ବୁଲୁ ଦାନି, କିଶାନ ସେଲ ସଭାପତି ସାନନ୍ଦ ମିଶ୍ର, କୈଳାସ ମିଶ୍ର, ଲୋପନ ମିଶ୍ର, ମାନସ ମହାନ୍ତି, ଅନ୍ତ ବେହେରା, ଅଙ୍କିତ ସାହୁ, ଜୁଲୁ ପଟ୍ଟନାୟକ ଉପସ୍ଥିତ ଥିଲେ । ପୂର୍ବତନ ବିଧାୟକ ମିଶ୍ରଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଧାୟକ କଳିକେଶ ନାରାୟଣ ସିଂଦେଓ କହିଥିଲେ ଯେ, ତାଙ୍କର ଧୈର୍ଯ୍ୟ ନାହିଁ, ସେ ୧୦ ମାସ ଅପେକ୍ଷା କରିପାରିଲେ ନାହିଁ। ତେବେ ସଂକଳ୍ପ ପତ୍ରରେ ସେ ଯାହା କହିଛନ୍ତି ପର୍ଯ୍ୟାୟକ୍ରମେ ତାହା କରିବେ ବୋଲି କହିଛନ୍ତି।

# ଟିଟିଲାଗଡ଼ ରେଳ ଜଙ୍କଶନ୍‌ରୁ ୩୨ କେଜି ଗଞ୍ଜେଇ ଜବତ

ଟିଟିଲାଗଡ଼,୧୮।୧୧(ଶରତ ମିଶ୍ର)

ଟିଟିଲାଗଡ଼ ରେଳ ଜଙ୍କସନ୍‌ରୁ ନିୟମିତ ଭାବରେ ଟ୍ରେନ ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେବା ସାଧାରଣ ଘଟଣା ହୋଇଛି। ତେବେ ଏହି ଚୋରା ବେପାରରେ ଟିଟିଲାଗଡ଼ ଅଞ୍ଚଳରେ ବସବାସ କରୁଥିବା ରୋହିଙ୍ଗ୍ୟା ଏବଂ ବାଂଲାଦେଶୀ ଶରଣାର୍ଥୀଙ୍କ ସମ୍ପୃକ୍ତି ଅନେକ ସମୟରେ ଚର୍ଚ୍ଚାର ବିଷୟ ହୋଇଥାଏ। ସୋମବାର ଭୋର ସମୟରେ ଟିଟିଲାଗଡ଼ ଆରପିଏଫ ଏବଂ ଅବକାରୀ ପୋଲିସ ପକ୍ଷରୁ ଟିଟିଲାଗଡ଼ ରେଳ ଜଙ୍କସନରେ ଚଢାଉ କରାଯାଇଥିଲା। ଏହି ଚଢାଉ ସମୟରେ ଟିଟିଲାଗଡ଼ ହାଓ୍ୱଡା ଇସ୍ପାତ ଏକ୍ସପ୍ରେସ ଯୋଗେ ଚାଲାଣ ହେବାକୁ ୪ ନମ୍ବର ପ୍ଲାଟଫର୍ମରେ ରଖା ଯାଇଥିବା ୩୨ କେଜି ୩୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ପଶ୍ଚିମବଙ୍ଗର ମୁର୍ଶୀଦାବାଦ ଜିଲାର ସରିଫୁଲ ଇସଲାମ (୪୦) ଓ ସେକ୍ ମୀରାଜୁଲଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ୨୩ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ତେବେ ଗିରଫ ଦୁଇଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ଆରପିଏଫ ଓ ଅବକାରୀ ପୋଲିସ ମନା କରିଛି । ଚଢ଼ାଉରେ ଟିଟିଲାଗଡ଼ ଆରପିଏଫ ଅଧିକାରୀ ଭଗବାନ ପୁନିଆ, ଏଏସଆଇ କେ ଶ୍ରୀନିବାସ, ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ବେହେରା, ଏଏସଆଇ ଭୃଗୁପତି ଦିଗାଲ, କୁମୁଦିନୀ ମଲ୍ଲିକ, ବୁଲୁ ସେଠୀ ପ୍ରମୁଖ ସାମିଲ ଥିଲେ।

# ବ୍ଲକସ୍ତରୀୟ ଯାଦବ ସମାଜ ବୈଠକ

ମୁରିବାହାଲ ,୧୮।୧୧( ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯାଦବ ସମାଜ ତରଫରୁ ରବିବାର ଦିନ ମୁରିବାହାଲ ବ୍ଲକସ୍ତରୀୟ ଯାଦବ ସମାଜର ଅଧିକାରୀମାନଙ୍କୁ ନେଇ ଏକ ସାମାଜିକ ବୈଠକ ରବିବାର ଦିନ ମୁରିବାହାଲ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା ସଭାପତିତ୍ୱ କରିଥିଲେ । ବ୍ଲକର ୨୨ ଗୋଟି ଗ୍ରାମ ପଞ୍ଚାୟତର ସଭାପତି , ସମ୍ପାଦକ ଓ ଯାଦବ ସମାଜ ଅଧିକାରୀ ଯୋଗ ଦେଇଥିଲେ। ମୁରିବାହାଲ ବ୍ଲକସ୍ତରୀୟ ଯାଦବ ମହାସଭାର କାର୍ଯ୍ୟକାଳ ଶେଷ ହୋଇ ଯାଇଥିବାରୁ ବ୍ଲକସ୍ତରୀୟ କାର୍ଯ୍ୟ ପରିଚାଳନା କମିଟି ଆସନ୍ତା ୧ ତାରିଖରେ ଗଠନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୁରୁଷୋତ୍ତମ ବାଗ, ଚକ୍ରଧର ହେର୍ଣ୍ଣା , ଏଫ. ହାତୀ, ଶ୍ରୀପତି ଷାଣ୍ଡ, ତେଜୁରାମ ବାଗ, ହୃଦାନନ୍ଦ ବାଗ, ରଞ୍ଜନ ବଗର୍ତ୍ତୀ , ରୁଦ୍ର ମନହିରା, ଲବ କାଣ୍ଡ , ମାନପତି ଷାଣ୍ଡ, ଅନାକ୍ଷୀ ହଂସ , ମଧୁସୂଦନ ନାଗ, ଉପିନ ନିଆଲ, ସରୋଜ କୁମାର ବାଗ, ରାମଚନ୍ଦ୍ର ନାଗ, ରବିଲାଲ ନାଗ, ଟଙ୍କ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ବୁଢୁକା ପ୍ରଗଣା କନ୍ଧ ସମାଜ ବୈଠକ


ବୈଠକ ଅବସରରେ ଅଧିକାରୀଙ୍କ ସହ କର୍ମକର୍ତ୍ତାବୃନ୍ଦ।

ମୁରିବାହାଲ,୧୮।୧୧
(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ମୁରିବାହାଲ ବ୍ଲକର ପ୍ରଗଣା କନ୍ଧ ସମାଜର ସାମାଜିକ କର୍ମକର୍ତ୍ତାମାନଙ୍କୁ ନେଇ ରବିବାର ଦିନ କୋକଡୁଙ୍ଗୁରି ଠାରେ ଏକ ସାମାଜିକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛ । ଏଥିରେ ଗ୍ରାମ ପଞ୍ଚାୟତ ଶାଖା ସଭାପତି ଲଳିତ ଯାନୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଇଷ୍ଟ ଦେବୀ ମା' ଜାଡେନଙ୍କ ପୂଜାର୍ଚ୍ଚନା କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ପଶ୍ଚିମ ଓଡିଶା ଆଦିବାସୀ ମହାସଂଘର ଉପ ସଭାପତି ସୁରେଶ ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ସମାଜର ସାମଗ୍ରିକ ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଜିଲା କନ୍ଧ ସମାଜ ଯୁବ ସଂଗଠନର ସାଧାରଣ ସମ୍ପାଦକ ଡିଙ୍ଗର ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଯୁବ ସଂଗଠନର ସଭାପତି ବ୍ରଜ ଭୋଇ, କାର୍ଯ୍ୟକାରୀ ସଭାପତି କୁବେର ଭୋଇ, ତୁରେକେଲା ବ୍ଲକ ସଭାପତି ତିଳ ଭୋଇ, ଅର୍ଜୁନ ଭୋଇ, କପିଳାଶ ଭୋଇ, ବିପ୍ର ଯାନୀ, ଦିଗସନ ଭୋଇ, ଶ୍ରୀକର ମାଝୀ ଯୋଗ ଦେଇଥିଲେ। ଡମ୍ବରୁଧର କୁଆଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସ ଘେରାଉ

ବଲାଙ୍ଗୀର, ୧୮।୧୧ (ବୀରେନ୍ଦ୍ର କୁମାର ଝାଙ୍କର)


ପ୍ରକଳ୍ପ କ୍ଷତିଗ୍ରସ୍ତମାନେ ଧାରଣାରେ ବସିଛନ୍ତି।

ବଲାଙ୍ଗୀର ଲୋୟର ସୁକତେଲ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ କ୍ଷତିପୂରଣ ଟଙ୍କା ମିଳି ନ ଥିବା ଅଭିଯୋଗ କରି ସୋମବାର ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡଗିଆ ଗାଁର ବହୁ ଲୋକ ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସ ଘେରାଉ କରିବା ସହ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଜମି ଅଧିଗ୍ରହଣ ବେଳେ କେତେଜଣ ପ୍ରକଳ୍ପ କର୍ମଚାରୀଙ୍କ ଭୁଲ ଯୋଗୁ ଯେଉଁ ଲୋକଙ୍କ ଜମି ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେଉଛି ସେମାନଙ୍କୁ କ୍ଷତିପୂରଣ ଦିଆଯାଇନାହିଁ ଏବଂ ଯେଉଁମାନଙ୍କ ଜମି ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେଉନାହିଁ ସେଇ ଲୋକଙ୍କୁ ଟଙ୍କା ବଣ୍ଟନ କରାଯାଇଛି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଏନେଇ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସେମାନେ ବାଧ୍ୟହୋଇ ଧାରଣା ଦେଇଥିବା କହିଥିଲେ। ଏହି ପ୍ରସଙ୍ଗକୁ ନେଇ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଲୋୟର ସୁକ୍‌ତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସକୁ ଆସି ସହକାରୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଜୟ କୁମାର ବେହେରା ଓ ଅତିରିକ୍ତ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ୍‌ଙ୍କ ସହ ଆଲୋଚନା କରିଥିଲେ। ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ଧାରଣାରୁ ଉଠିଥିଲେ।ଆଲୋଚନା ବେଳେ ଟାଉନ ଥାନା ଆଇଆଇସି ଅବନୀ ସାହୁ ଓ ଅନ୍ୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ବାରପୁଡଗିଆ ଗାଁର ପର୍ଶୁରାମ ନାଏକ, କୁମାର ମହାନନ୍ଦ, କଷ୍ଟ ରଣା, ଖାଡିବିଶ୍ୱାଳ, ବୁଧୁମହାନନ୍ଦ, ଲାଲ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

ପାଟଣାଗଡ଼,୧୮।୧୧
(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ବ୍ଲକ କେରବେଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏବିଡିଓ ମେନକା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨ ଶହରୁ ଉର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ନୂତନ ରେଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ହିତାଧିକାରୀମାନେ ଆବେଦନ କରିଥିବା ଜଣାପଡିଛି। ଶିବିରରେ ଜିପିଓ, ତହସିଲଦାର ରୁଦ୍ରମୋହନ ନାୟକ,ସିଡିପିଓ ପ୍ରଭାମୟୀ ନାଏକ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, କ୍ଷୁଦ୍ର ଜଳସେଚନ , କୃଷି, ଖାଦ୍ୟ ଯୋଗାଣ କର୍ମଚାରୀ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ଷ୍ଟାଡିୟମ ଆଥ୍‌ଲେଟିକ ଆସୋସିଏଶନର ବୈଠକ

## ଦିଲୀପ ହେଲେ କାର୍ଯ୍ୟକାରୀ ସଭାପତି

ଲୋଇସିଂହା,୧୮।୧୧(ସୁଶାନ୍ତ ବାରିକ)



ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡ଼ିୟମ ସଭାଗୃହରେ ଷ୍ଟାଡିୟମ ଆଥେଲେଟିକ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଦିଲୀପ ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆଥେଲେଟିକ ଆସୋସିଏଶନର ସଦସ୍ୟ ଯୋଗଦେଇ ଅଞ୍ଚଳର କ୍ରିଡ଼ାବିତ୍‌ଙ୍କ ବିକାଶ ଏବଂ ବିଭିନ୍ନ କ୍ରୀଡ଼ା ଯଥା ଫୁଟବଲ, କ୍ରିକେଟ, ଭଲିବଲ, ବ୍ୟାଡ୍‌ମିଣ୍ଟନ, କବାଡ଼ି ଆଦିକୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ପରେ ଆଥେଲେଟିକ ଆସୋସିଏଶନକୁ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଏକ ନୂତନ ପରିଚାଳନା କମିଟି ଗଠନ ପାଇଁ କାର୍ଯ୍ୟକାରୀ ସଭାପତି ବେହେରା ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ସର୍ବସମ୍ମତି କ୍ରମେ ଦିଲୀପ ବେହେରା କାର୍ଯ୍ୟକାରୀ ସଭାପତି, ଶିବ କୁମାର ଅଗ୍ରୱାଲଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ସଦସ୍ୟ ଭାବେ ବିଭୂତି ଭୂଷଣ ସାହାଣୀ, ଭୋଳାନାଥ ମିର୍ଦ୍ଧା, ପ୍ରତାପ ବହିଦାର ଏବଂ କମିଟି ସଦସ୍ୟ ଭାବରେ ପ୍ରଦୀପ ବଗର୍ତ୍ତି , ଅଞ୍ଜନ ବେଶ୍ରା, ସୁରେଶ ସଲତର, ଚତୁର ଦଲାଇ, ଆନନ୍ଦ ପୁଟେଲ, ମୋହିତ ମିଶ୍ର, ରଞ୍ଜନ ବେହେରା, ଭାଗବତିଆ ଭୋଇ, ନଜୁ ଖାନ, ଭୋଲାନାଥ ନାଏକ, ବିଜୟ ରଣା, ନବକିଶୋର ନାଏକଙ୍କ ସମେତ ଅନ୍ୟ କେତେଜଣଙ୍କୁ ମନୋନୀତ କରାଯାଇଛି।

# ଅଭିଯୋଗକାରୀ କମ୍, କର୍ମଚାରୀ ଅଧିକ

## ନାମକୁ ମାତ୍ର ଜନଶୁଣାଣି ଶିବିର

ଲାଠୋର,୧୮।୧୧
(ଭୁବନେଶର ବାରିକ)



ଜନଶୁଣାଣି ଶିବିରରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଅଭିଯୋଗ ଶୁଣୁଛନ୍ତି।

ପ୍ରତି ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଆୟୋଜନ କରି ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ସରକାରଙ୍କ କଡାକଡି ନିର୍ଦ୍ଦେଶ ରହିଛି । ତେବେ ପ୍ରଶାସନିକ ଅବହେଳା ଯୋଗୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆୟୋଜନ ହେଉଥିବା ଜନଶୁଣାଣି ଶିବିର ଅନେକ ସମୟରେ ନାମକୁ ମାତ୍ର ହେଉଛି। କେଉଁଠି ଲୋକଙ୍କ ଅଭାବ ରହୁଛି ତ ଆଉ କେଉଁଠି ସରକାରୀ କର୍ମଚାରୀଙ୍କ ଅଭାବ ରହୁଛି । ଫଳରେ ଲୋକଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ । ସୋମବାର ଦିନ ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିରର ଆୟୋଜନ କରାଯାଇଥିଲା । ଏଡି ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପରମେଶ୍ୱର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ସରପଞ୍ଚ ଗୋପାଳ ମେହେରଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଶିବିର ଆୟୋଜନ ହେବାର କିଛି ଦିନ ପୂର୍ବରୁ ଲୋକଙ୍କୁ ସୂଚନା ଦେବା କଥା । ହେଲେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଅଧିବାସୀଙ୍କୁ ଶିବିର ଆୟୋଜନ ହେବା ପୂର୍ବ ଦିନ ସୂଚନା ଦିଆଯାଇଥିଲା । ଲୋକ ଠିକ ସମୟରେ ସୂଚନା ପାଇ ନ ପାରି ନିଜ ନିଜ କାମରେ ବ୍ୟସ୍ତ ଯୋଗୁ ଶିବିରକୁ ଆସି ପାରି ନ ଥିଲେ । ଫଳରେ ଶିବିରକୁ ମାତ୍ର ୨୭ ଗୋଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୯ ଗୋଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗୋଟିଏ ଏମଜିଏନଆରଇଜିଏସ୍ ,୨ ଗୋଟି ବାର୍ଦ୍ଧକ୍ୟ ଭତ୍ତା ଏବଂ ୧୫ଟି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା । ଶିବିରରେ ଅଭିଯୋଗକାରୀଙ୍କ ସଂଖ୍ୟା କମିବାରେ ପ୍ରଶାସନ ଯେତିକି ଦାୟୀ, ପଞ୍ଚାୟତ କର୍ତ୍ତୃପକ୍ଷ ମଧ୍ୟ ସେତିକି ଦାୟୀ ବୋଲି ଲୋକେ ଆଲୋଚନା କରୁଛନ୍ତି। ଲୋକଙ୍କ ପାଇଁ ଜନଶୁଣାଣି ଶିବିର ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଜାଣି ଶୁଣି ପ୍ରଚାର କରାଯାଉ ନଥିବାରୁ ଲୋକେ ଉପକୃତ ହୋଇ ପାରୁନାହାନ୍ତି। ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସଂକ୍ଷେପରେ

### ରସମୁଣ୍ଡାରେ ଛପନ ପ୍ରହର ନାମଯଜ୍ଞ ଆରମ୍ଭ

**ପାଇକମାଲ, ୧୮।୧୧(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ଭେଙ୍ଗରାଜପୁର ଗ୍ରାମପଞ୍ଚାୟତର ରସମୁଣ୍ଡା ଗ୍ରାମରେ ମା ଲକ୍ଷ୍ମୀ ରାଇସ୍ ମିଲ୍‌ର ପରମାନନ୍ଦ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ଛପନ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହି ନାମଯଜ୍ଞ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମନିଷ କୁମାର ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ବିନ୍ଦିଆ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ କାମାକ୍ଷା ପ୍ରସାଦ ଯୋଶୀ, ନବଘନ ଦାଶ, ପିଣ୍ଟୁ ମିଶ୍ର, ଶିଶିର ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ନାମଯଜ୍ଞରେ ସତ୍ୟାନନ୍ଦ ବରଗ୍ତି, ନାମଯଜ୍ଞ ପରିଚାଳନା କମିଟି ସଭାପତି ପାତାଳ ସାହୁ, ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ହୃତାସନ ପାଣ୍ଡେ, ସୁବୋଧ କୁମାର ବଡପଣ୍ଡା, ବୃନ୍ଦାବନ ନାୟକ, ଉମାକାନ୍ତ ଶତପଥୀ, ରଶ୍ମିରଞ୍ଜନ ବରିହା ତଥା ଭେଟଘାଟ ପଞ୍ଚାୟତବାସୀ ସହଯୋଗ କରୁଛନ୍ତି। ସେହିପରି ପାଇକମାଲ ଅଞ୍ଚଳର ୨୫ଟି ସଂକୀର୍ତ୍ତନ ଦଳ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ବରଗଡ ଜିଲା ଭାଜପା ଉପ ସଭାପତି ସରୋଜ ସାମଲ, ବରିଷ୍ଠ ନେତା ଗୋବର୍ଦ୍ଧନ ଅଗ୍ରୱାଲ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଗୁଡିପାଲି ପ୍ରାଥମିକ ସ୍କୁଲରେ ପୋଷାକ ବିତରଣ

**ସରଣ୍ଡା, ୧୮।୧୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଅନ୍ତର୍ଗତ ସିଂହପାଲି କ୍ଲଷ୍ଟର ଅଧୀନ ଗୁଡିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୋଷାକ ବିତରଣ ଉତ୍ସବ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କରୁଣାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବି ବନଛୋରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମୁକୁନ୍ଦ ନାଏକ, ଲିଲିମା ବାରିକ, ପୂଜା ପସାଏତ, ଭାରତୀ କଠାର, ସରସ୍ୱତୀ ମଲ୍ଲିକ, ଆରତୀ କଠାର, ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ସୁଷମା ପ୍ରଧାନ ଓ ସଭାନେତ୍ରୀ କରିସ୍ମା ପ୍ରଧାନ, ମମତା ମେହେର, ଅନିତା ପ୍ରଧାନ, ସବିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ସୁବାଷ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି।

# ଧାନକିଣା ନ ହେଉଣୁ ଅସନ୍ତୋଷ

**ବରଗଡ଼, ୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲାରେ ଆସନ୍ତା ୨୦ତାରିଖରେ ଧାନ ସଂଗ୍ରହ ଆରମ୍ଭ ହେବ। ଏ ନେଇ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଆଉ ମାତ୍ର ୨ଦିନ ରହିଛି। ମାତ୍ର ଏପର୍ଯ୍ୟନ୍ତ ଜିଲାର ଅନେକ ଧାନକ୍ରୟ କେନ୍ଦ୍ର(ମଣ୍ଡି)ରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇପାରିନାହିଁ। ସେହିପରି ନୂଆ ସରକାର ଗଠନ ହେବା ପୂର୍ବରୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି ଏବଂ ବର୍ତ୍ତମାନ ଧାନକିଣା ରୂପରେଖ ମଧ୍ୟରେ ଅନେକ ତାରତମ୍ୟ ପରିଲକ୍ଷିତ ହେଉଥିବା ଯୋଗୁ ଧାନକ୍ରୟ ପୂର୍ବରୁ ଜିଲାର ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଜିଲାର ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧି ସୋମବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଗତ ସାଧାରଣ ନିର୍ବାଚନ ପ୍ରଚାରବେଳେ ମଣ୍ଡିକୁ ଦଲାଲମୁକ୍ତ କରାଯିବା ସହ କଟନୀଛଟନୀ ହେବନାହିଁ ଏବଂ ୪୮ଘଣ୍ଟା ମଧ୍ୟରେ ମଣ୍ଡିକୁ ଆସିଥିବା ଚାଷୀଙ୍କ ଧାନ କିଣାଯାଇ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏଁ ଦିଆଯିବ ବୋଲି


ଜିଲାପାଳଙ୍କୁ ଫେରାଦ ହୋଇଥିବା ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧି।

ପ୍ରତିଶ୍ରୁତି ଦିଆଯାଇଥିଲା। ଚାଷୀମାନଙ୍କ ମଧ୍ୟରେ ସେଭଳି ପ୍ରତିଶ୍ରୁତିରେ ନୂଆ ଆଶା ପରିଲକ୍ଷିତ ହୋଇଥିଲା। କିନ୍ତୁ ଚାଷୀମାନଙ୍କ ସେହି ଆଶା ଏବେ ଆଶଙ୍କାରେ ପରିଣତ ହୋଇଛି। ଚାଷୀମାନେ ଧାନବିକ୍ରି ବାବଦକୁ ଏକକାଳୀନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ଲେଖାଏଁ ପାଇବେ ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ କୁଇଣ୍ଟାଲ ପ୍ରତି ୨୩୦୦ଟଙ୍କା ପ୍ରଥମେ ଚାଷୀଙ୍କୁ ମିଳିବ ଏବଂ ପରେ ବୋନସ୍ ୮୦୦ଟଙ୍କା ଲେଖାଏଁ ଚାଷୀମାନେ ପାଇବେ ବୋଲି ସରକାର ଘୋଷଣା କରିଛନ୍ତି।

ସେହିପରି ମଣ୍ଡିରେ କଟନୀଛଟନୀ ହେବନାହିଁ ବୋଲି ନିର୍ବାଚନୀ ପ୍ରଚାରବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ନୂଆ ସରକାର ଆସିବା ପରେ ଧାନର ଗୁଣମାନ ପରୀକ୍ଷା ପାଇଁ ମଣ୍ଡି ଗୁଡ଼ିକୁ ପେଡ୍ଡି ଏନାଲାଇଜର ମେଶିନ ପହଞ୍ଚିଛି। ସେହି ମେଶିନ ଧାନର ଗୁଣମାନ ପରୀକ୍ଷା କରିବ ଏବଂ ପରୀକ୍ଷା ପରେ ଧାନ କଟନୀଛଟନୀ ହେବା ଆଶଙ୍କା ରହିଛି। ଏହାସହିତ ପଞ୍ଜୀକୃତ ଜମି ତୁଳନାରେ କମ୍ ଟୋକନ ଆସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳିସ୍ଥଳେ ଅନେକ ଚାଷୀ ସେମାନଙ୍କ ଧାନବିକ୍ରିରୁ ବଞ୍ଚିତ ହେବା ସମ୍ଭାବନା ରହିଛି। କେବଳ ସେତିକି ନୁହେଁ, ପଞ୍ଜୀକରଣ ସମୟରେ ଚାଷୀମାନଙ୍କୁ ଉଦ୍ଦିଷ୍ଟ ଫର୍ମରେ ସମ୍ଭାବ୍ୟ ବିକ୍ରି ଦିବସ ଉଲ୍ଲେଖ କରିବାକୁ ବାଧ କରାଯାଉଛି। ମାତ୍ର ଏବେ ଧାନ ଅମଳ ଜୋର୍ ଧରିଥିବାବେଳେ ଟୋକନରେ ଫେବୃୟାରୀ, ମାର୍ଚ୍ଚ ମାସକୁ ବିକ୍ରି ଦିବସ ଭାବେ ଉଲ୍ଲେଖ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ବସ୍ତା ସମସ୍ୟା ସବୁବର୍ଷ ଲାଗି ରହିଥିବାବେଳେ ଏହାର ନିର୍ଦ୍ଦିଷ୍ଟ ସମାଧାନ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଫଳରେ ଉକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଧାନ ସଂଗ୍ରହ ପ୍ରକ୍ରିୟାରେ ତୁରନ୍ତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଦାବି କରିଛି। ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି। ଚାଷୀନେତା ସୁରେଶ ନେକାଣ୍ଡିଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଓଡ଼ିଶା ରସାୟନ ସଂସଦର ଆଞ୍ଚଳିକ ସମ୍ମିଳନୀ ଉଦ୍‌ଯାପିତ

**ବରଗଡ଼, ୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନକୁଳ ସେଠ୍ ସଭାପତିତ୍ୱ କରି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ବିଜ୍ଞାନ ଗବେଷଣା, ପ୍ରଯୁକ୍ତିବିଦ୍ୟାର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଶାସନିକ ଅଧିକାରୀ ଡ. ଉମେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶା ରସାୟନ ସଂସଦ ସଭାପତି ପ୍ରଫେସର ଅଜୟ କୁମାର ବେହେରା ଏବଂ ସମ୍ପାଦକ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ନିଜ ନିଜ ଅଭିମତ ପ୍ରଦାନ କରିଥିଲେ। ବୈଷୟିକ ଅଧିବେଶନର ତିନୋଟି ପର୍ଯ୍ୟାୟରେ ପ୍ରଫେସର ପ୍ରମିଳା କୁମାରୀ ମିଶ୍ର, ପ୍ରଫେସର ଆଶୁତୋଷ ସାମନ୍ତରାୟ ଏବଂ ପ୍ରଫେସର ଶରତ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଭାରତର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନରୁ ବହୁ ଖ୍ୟାତନାମା ପ୍ରଫେସର ଏବଂ ଗବେଷିକା, ଗବେଷକ ଯୋଗଦେଇ ନିଜର ଗବେଷଣା ନିବନ୍ଧ ଉପସ୍ଥାପନ କରିଥଲେ। ସେମାନଙ୍କ ମଧ୍ୟରେ ପ୍ରଫେସର ନୀତିନ ଚଟ୍ଟୋପାଧ୍ୟାୟ, ଡ. ଅଞ୍ଜଳି ପତି, ଅନିଲ ସାହୁ, ସରୋଜ କୁମାର ସାହୁ, ଡ. ବାମା ପ୍ରସାଦ ବାଗ, ଡ. ପିତାମ୍ବର ପଟେଲ, ଡ. ଭାରତ ସାହୁ, ଡ. ବୃନ୍ଦାବନ ନାୟକ, ଡ. ଶ୍ରୀକାନ୍ତ ମହାରଣା, ଡ. ସୁନାଶିର ମିଶ୍ର, ଡ. ଦିଲୀପ କୁମାର ସାହୁ ପ୍ରମୁଖ ଥିଲେ। ବିଜ୍ଞାନ ଗବେଷଣା କ୍ଷେତ୍ରରେ ଆଗ୍ରହ ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ପ୍ରସ୍ତୁତିରେ ତତ୍ତ୍ୱାବଧାନ କରି ସେମାନଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ଉଦାହରଣ ସୃଷ୍ଟି କରିପାରିଥିବା ବରଗଡ଼ ଲସ୍ତଲା ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତ୍ରୈଲୋଚନ ପଧାନଙ୍କୁ ସର୍ବୋତ୍ତମ ବିଜ୍ଞାନ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପଞ୍ଚାୟତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ସ୍ନାତକ ଶ୍ରେଣୀ ଶେଷ ବର୍ଷର ଛାତ୍ର ପ୍ରଭାସ ସାହୁ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ମଧ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରଫେସର ଡ. ସ୍ମୃତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ସିପୁନ୍ ସେଠୀ, ଲଳିତା ଧାରୁଆ, ମାନସ ରଞ୍ଜନ ଭୋଇ, ଆକାଶ କୁମାର ଭୋଇ, ଶଶିଭୂଷଣ ସେଠ୍, ସମୀର ସେଠ୍, ସୁଶାନ୍ତ କୁମାର ପଧାନ, ତ୍ରିନାଥ ତ୍ରିପାଠୀ, ଚନ୍ଦ୍ରଭାନୁ ସାହୁ, ବେଦ ପ୍ରକାଶ ମେହେର, ନୃପରାଜ ପଟେଲ ଏବଂ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ।

## ୨୧ରେ ପାଇକମାଲ ବ୍ଲକସ୍ତରୀୟ ବିଜ୍ଞାନ ମେଳା



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିଗଣ।

**ପାଇକମାଲ, ୧୮।୧୧(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବିଇଓ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ରାଜବୋଡ଼ାସମ୍ବର ବିଇଓ ଜନକଲାଲ ମେହେର, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସାହୁ, ପାଇକମାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ମଧୁସୂଦନ ଦାସ, ମୋ ସ୍କୁଲ ସଭାପତି ରମାକାନ୍ତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ନାୟକ, ଏବିଇଓ ଧଳେନ୍ଦ୍ର କୁମାର ବାରିକ ଓ ବିଜ୍ଞାନ ଫୋରମ ସମ୍ପାଦକ ଭବାନୀ ଶଙ୍କର ଭୋଇ, ଅବସରପ୍ରାପ୍ତ ଶିକ୍ଷକ ସୀତାନାଥ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଲଖମରାଠାରେ ନଭେମ୍ବର ୨୧ ତାରିଖରେ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଶିକ୍ଷକ ବ୍ରଜକିଶୋର ଭୀଲ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଶିକ୍ଷୟିତ୍ରୀ କାନ୍ତି ଲୁହାର ଧନ୍ୟବାଦ ଅର୍ପଣ କରିଥିଲେ।

## ୫୮ ଅଭିଯୋଗର ଶୁଣାଣି

**ବରଗଡ଼, ୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ବିଡ଼ିଓ ବେର୍ସିୟସ୍ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ସେବା, ରାଶନ କାର୍ଡ ଆଦି ୫୮ ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୩୧ ବ୍ୟକ୍ତିଗତ ଏବଂ ୨୭ ସାମୂହିକ ରହିଥିଲା। ଜିଲାପାଳ ଗୋୟଲ ସମସ୍ତ ଅଭିଯୋଗ ଶୁଣି ସେଗୁଡ଼ିକର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା।

## ଲାଉନସାରା ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ


ମହାରାଜା ଜଳନ୍ଧର ପାତ୍ରମନ୍ତ୍ରୀଙ୍କ ସହ ନଗର ଭ୍ରମଣ କରୁଛନ୍ତି।

**ବରଗଡ଼, ୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଲଉନସରା ନିକଟ ଜିରା ନଦୀର ସତୀଘାଟରେ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗାଇସିମା ଶୈବ ପୀଠରୁ ଶିବଙ୍କ ପ୍ରତିମୂର୍ତ୍ତି ଅଣାଯାଇ ଜିରା ନଦୀରେ ସ୍ଥାପନ ସହ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟା ସମୟରେ ମହାପ୍ରଭୁଙ୍କ ନଗର ପରିକ୍ରମା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ପ୍ରଦା ଗାୟକ ବାୟକ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ଲାଉନସରାର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳ ବିଶ୍ୱାଳ ଜଳନ୍ଧର ଭୂମିକାରେ ଅଭିନୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

## କଳା ନିକେତନର ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ କଳା ନିକେତନର ପ୍ରତିନିଧିବୃନ୍ଦ।

**ବରଗଡ଼, ୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଚିତ୍ରକଳା ଅନୁଷ୍ଠାନ କଳା ନିକେତନ ପକ୍ଷରୁ ଆସନ୍ତା ଡିସେମ୍ବର ୧ତାରିଖରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ନବମ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଅବସରରେ ସୋମବାର ଅନୁଷ୍ଠାନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରୀତମ ସିଂ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରତିଯୋଗିତାରେ ନର୍ସରୀ ଶ୍ରେଣୀଠାରୁ ସାଧାରଣ ବର୍ଗ ପ୍ରତିଯୋଗୀମାନେ ଭାଗ ନେଇପାରିବେ ବୋଲି ସୂଚନା ଦିଆଯାଇଛି। ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର, ଉପାଧ୍ୟକ୍ଷ ରାମକୃଷ୍ଣ ଠାକୁର, ସଂଯୋଜକ ନୀଳାମ୍ବର ମେହେର, ଶିକ୍ଷୟିତ୍ରୀ ସୁଲୋଚନା ମହାପାତ୍ର, ଅବିନାଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନର ସୁରକ୍ଷା ଦାବି କଲା ଏଏପି

**ବରଗଡ଼, ୧୮।୧୧(ପ୍ରେମାନନ୍ଦ ଖମାରୀ)**

ଗନ୍ଧମାର୍ଦ୍ଦନ ପର୍ବତକୁ ସରକାର ଆଦାନୀ କମ୍ପାନୀ ହାତରେ ଟେକିଦେବା ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି କ୍ରମରେ ସୋମବାର ଆମ୍ ଆଦମୀ ପାର୍ଟି (ଏଏପି) ବରଗଡ଼ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗନ୍ଧମାର୍ଦ୍ଦନକୁ ବିକ୍ରି ବଦଳରେ ଏହାର ସୁରକ୍ଷା ଏବଂ ଜୈବ ବିବିଧତା ବଜାୟ ରଖିବାକୁ ଏଏପି ସ୍ମାରକପତ୍ରରେ ଦାବି କରିଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି,


ଏଏପିର ପ୍ରତିନିଧିବୃନ୍ଦ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଗନ୍ଧମାର୍ଦ୍ଦନ ହେଉଛି ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏଠାରେ ଜୈବ ବିବିଧତା ଭରପୂର ରହିଛି। ଅନ୍ୟପଟେ ଐତିହ୍ୟସମ୍ପନ୍ନ ଏହି ପର୍ବତ ଉପରେ ଆଦାନୀ କମ୍ପାନୀର ଲୋଲୁପଦୃଷ୍ଟି ପଡ଼ିଛି। ଉକ୍ତ କମ୍ପାନୀ ଗନ୍ଧମାର୍ଦ୍ଦନ ପାଦଦେଶରେ ରହିଥିବା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭରୁଆମୁଣ୍ଡାରେ ୧୮ଏକର ୩୯ଡେସିମିଲ ଜମି କିଣିଛି। ଗନ୍ଧମାର୍ଦ୍ଦନରେ ବହୁ ମୂଲ୍ୟବାନ ରତ୍ନ ସମ୍ପଦ ଭରପୂର ରହିଥିବା ଯୋଗୁ ଉକ୍ତ କମ୍ପାନୀ ତାକୁ ନେବା ପାଇଁ ଏଭଳି ଯୋଜନା ଆରମ୍ଭ କରିଛି ବୋଲି ଏଏପି ଅଭିଯୋଗ କରିଛି। ଏଭଳି ସ୍ଥିତିରେ ଗନ୍ଧମାର୍ଦ୍ଦନକୁ କୌଣସି କମ୍ପାନୀ ହାତରେ ଟେକି ଦିଆ ନ ଯାଉ ବୋଲି ଏଏପି ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଏଏପିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଯଦୁମଣି ପ୍ରଧାନ, ମେରିୟମ ବାର୍ଲା, ନରୋତ୍ତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ଦାଡଙ୍ଗର ହାଇସ୍କୁଲର ରୌପ୍ୟଜୟନ୍ତୀ ପ୍ରସ୍ତୁତି ବୈଠକ

**ଝାରବନ୍ଧ, ୧୮।୧୧(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ କନ୍ଦାଡଙ୍ଗର ସ୍ୱାମୀ ବିବେକାନନ୍ଦ ହାଇସ୍କୁଲର ରୌପ୍ୟଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଓ ବନ୍ଧୁମିଳନ ସ୍ଥାନୀୟ ପେଟଲି ଝରଣଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସୁଶାନ୍ତ ପଟେଲଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଆସନ୍ତା ଏପ୍ରିଲ ମାସରେ ରୌପ୍ୟ ଜୟନ୍ତୀ ପାଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସାରଙ୍ଗଧର ସାହୁ ସଭାପତି, ଅଯୋଧ୍ୟା ପ୍ରସାଦ ନାଏକ ଉପ ସଭାପତି, ଜନ୍ମେଜୟ ବରିହା ସମ୍ପାଦକ, ସୁଶାନ୍ତ କୁମାର ପଟେଲ ସହ ସମ୍ପାଦକ, ବିନୋଦ ପଟେଲ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରିଣୀ କମିଟିରେ ବସନ୍ତ ନାଗ, ଦୀପକ ଭୋଇ, ଘନଶ୍ୟାମ ବାଗ, ନିର୍ମଳ ଚନ୍ଦ୍ର ପ୍ରଧାନ, ଧନଞ୍ଜୟ ପଟେଲ, ଆଭାସ ଦାସ, ମାଧବ ରଣା, ସୁଶୀଳ ବରିହା, ମନୋଜ ନାଏକ, ଲୋକେଶ ନାଏକ, ସୁରେଶ ଲୁହାର, ବରୁଣ ପାଣ୍ଡେ, ରମେଶ ଗଜାକୁଶ, ଛବିଲାଲ ବାରିକ, ଯଦୁମଣି ପଟେଲ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ସଞ୍ଜୟ ଶଗର, ଈଶ୍ୱର ପଟେଲ, ଫେକନ ନାଏକ, ବିଜୟ ସାହୁ, ରେଶମ ପ୍ରଧାନ, କୃପାସିନ୍ଧୁ ବରିହାଙ୍କୁ ଚୟନ କରାଯାଇଛି।



ପ୍ରସ୍ତୁତି ବୈଠକ ଓ ବନ୍ଧୁ ମିଳନରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

# ମଦ, ସଟ୍ଟା ବନ୍ଦ ଦାବିକଲେ ମହିଳା

**ବରଗଡ଼, ୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଚୋରାମଦ, ସଟ୍ଟା କାରବାର ଜୋର୍ ଧରିଛି। ଜିଲାର ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଗଳିକନ୍ଦିରେ ଏହା ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ଅବକାରୀ ଏବଂ ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଅନ୍ୟପଟେ ଏହାକୁ ନେଇ ଚୋରି, ଲୁଟ୍‌ପାଟ୍‌ଠୁ ହତ୍ୟାକାଣ୍ଡ ଭଳି ଅପରାଧ ଜିଲାରେ ବଢ଼ି ଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜିଲାରେ ଅସନ୍ତୋଷ ବଢୁଥିବାବେଳେ ସୋମବାର ଜିଲାର ବାନ୍ଦେନବାହାଲ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଚୋରାମଦ, ସଟ୍ଟା ବନ୍ଦ କରିବା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏହି କ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ।

କରିଛନ୍ତି, ପୂର୍ବରୁ ମଦଭାଟି ନଥିବା ଯୋଗୁ ଗ୍ରାମରେ ସେଭଳି କିଛି ଅପରାଧ କିମ୍ବା ଅପ୍ରୀତିକର ପରିସ୍ଥିତି ଉପୁଜି ନଥିଲା। ଅନ୍ୟପଟେ ଗତ କିଛିଦିନ ତଳୁ ଗ୍ରାମର କିଛି ନିର୍ଦ୍ଦିଷ୍ଟ ଲୋକେ ଗ୍ରାମରେ ଚୋରାମଦ ଏବଂ ସଟ୍ଟା କାରବାର ଚଲାଇଛନ୍ତି। ସେଭଳି ଅସାମାଜିକ କାରବାର ଗ୍ରାମରେ ବନ୍ଦ କରିବାକୁ କହିଲେ ମଧ୍ୟ ସେମାନେ ତାକୁ କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ଫଳରେ ଚୋରାମଦ ଏବଂ ସଟ୍ଟା କାରବାର ଗ୍ରାମର କୋମଳମତି ପିଲାଛୁଆଙ୍କଠାରୁ ଆରମ୍ଭ କରି ଯୁବକ ତଥା ସମସ୍ତ ଗ୍ରାମବାସୀଙ୍କ ଉପରେ ଯଥେଷ୍ଟ କୁପ୍ରଭାବ ପକାଉଛି ବୋଲି ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ କହିଛନ୍ତି।

ମଦ ପିଇ ଲୋକେ ନିଶାସକ୍ତ ଅବସ୍ଥାରେ ଗାଁ ଦାଣ୍ଡରେ ବୁଲାବୁଲି କରୁଥିବା ଯୋଗୁ ସ୍ଥାନୀୟ ଛାତ୍ରୀଛାତ୍ର, ମହିଳାମାନେ ରାସ୍ତାରେ ଯାତାୟାତ କରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ସେହିପରି ମଦ ଏବଂ ସଟ୍ଟା କାରବାର ଯୋଗୁ ଯୁବକମାନେ ମଧ୍ୟ ପଥଭ୍ରଷ୍ଟ ହେଉଛନ୍ତି। ଏଥିଯୋଗୁ ଗ୍ରାମର ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ଏହି ଦୃଷ୍ଟିରୁ ବାନ୍ଦେନବାହାଲ ଗ୍ରାମରେ ଅବାଧରେ ଚାଲିଥିବା ଚୋରାମଦ ଏବଂ ସଟ୍ଟା କାରବାର ବନ୍ଦ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ମହିଳାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବାକୁ ବାଧ୍ୟ ହେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ଗ୍ରାମର ମାଁ ରାଜଲକ୍ଷ୍ମୀ, ମାଁ ପାର୍ବତୀ, ମାଁ କରମସାନୀ, ମାଁ ଘଣ୍ଟେଶ୍ୱରୀ, ମାଁ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଏବଂ ସଦସ୍ୟମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

**ଲିଙ୍କରେ କ୍ଲିକ୍ କରି ଠକେଇର ଶିକାର**

ରାଉରକେଲା (ସଙ୍ଗୀତା ଜେନା): କୋଏଲ ନଗର ଅଞ୍ଚଳର ରମେଶ ଚୌଧୁରୀ ସୋମବାର ମୋବାଇଲରେ ଆସୁଥିବା ଲିଙ୍କରେ କ୍ଲିକ୍ କରି ଠକେଇର ଶିକାର ହୋଇଛନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୯୮ହଜାର ଟଙ୍କା ଗାଏବ ହୋଇଯାଇଛି। ଏ ନେଇ ଅଭିଯୋଗ ହେବା ପରେ ଝିରପାଣି ଥାନା ପୋଲିସ ଏକ ମାମଲା (ନଂ.୧୭୭/୨୪) ରୁଜୁ କରି ତଦନ୍ତ କରୁଛି।



## ସଂକ୍ଷେପରେ

### ୩ ଆନ୍ତଃ ରାଜ୍ୟ ମୋବାଇଲ ଚୋର ଗିରଫ

ରାଉରକେଲା,୧୮।୧୧(ସଙ୍ଗୀତା ଜେନା): ମୋବାଇଲ ଚୋରି ଅଭିଯୋଗରେ ପୋଲିସ ୩ ଆନ୍ତଃରାଜ୍ୟ ଚୋରଙ୍କୁ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୭ର ପ୍ରସନ୍ନ ନାଗ(୨୨), ମଧୁସୂଦନ ସ୍କୁଲ ନିକଟରେ ରହୁଥିବା ଶିବ ଦାସ(୧୯) ଏବଂ ନାଲାରୋଡ୍‌ର ଏମ୍‌ଡି ଅର୍ସାଦ(୩୦)। ସେମାନଙ୍କ ନିକଟରୁ ୧୪ଟି ମୋବାଇଲ ଫୋନ୍, ବାଇକ୍ ଜବତ ହୋଇଛି। ଜବତ ମୋବାଇଲଗୁଡ଼ିକୁ ମୋବାଇଲ ମାଲିକଙ୍କୁ ଫେରାଇ ଦିଆଯାଇଛି। ଅଭିଯୁକ୍ତମାନେ ଆ'ଃରାଜ୍ୟ ମୋବାଇଲ ଚୋରି ର୍‍ୟାକେଟ୍‌ରେ ସଂଶ୍ଳିଷ୍ଟ ଥିବା ପୋଲିସ କହିଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା,୧୮।୧୧(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ସୋମବାର ଜଣେ ଯୁବକଙ୍କଠାରୁ ପ୍ରାୟ ୩୨କେଜି ୧୫୦ ଗ୍ରାମ ଗଞ୍ଜେଇ ଓ ୧୦ ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ଯୁବକ ହେଲେ ପ୍ଲାଣ୍ଟସାଇଟ୍ ଥାନା ହନୁମାନ ମନ୍ଦିର ନିବାସୀ ଚିତ୍ତରଞ୍ଜନ ରାଉତ(୪୬)।ଏ ନେଇ ପୋଲିସ ଏକ ମାମଲା (ନଂ.୯୫୭/୨୪) ରୁଜୁ କରିଛି।

# ବେଆଇନ କେନ୍ଦୁପତ୍ର ଚାଲାଣକୁ ଅଙ୍କୁଶ ନାହିଁ

ରାଉରକେଲା,୧୮।୧୧(ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଲୱେର ଚକ୍ରଧରପୁର ମଣ୍ଡଳ ଅଧୀନ ରାଉରକେଲା ଜୋନ୍‌ରେ ଚାଲୁଥିବା ଟ୍ରେନଗୁଡ଼ିକରେ ପ୍ରତିଦିନ ବେଆଇନ ଭାବେ କାଠ ଓ କେନ୍ଦୁପତ୍ର ଚାଲାଣ କରାଯାଉଛି। ମାଲ୍‌ବୁହା ଖର୍ଚ୍ଚ ରେଲୱେ ପାଖରେ ନ ଯାଇ ରେଳସୁରକ୍ଷା ଦାୟିତ୍ୱରେ ଥିବା ଏଜେନ୍ସି ତଥା କିଛି ଅସାଧୁ କର୍ମଚାରୀଙ୍କ ପକେଟ୍‌କୁ ଯାଉଛି। ୨ ଦିନ ତଳେ ଟ୍ରେନ୍‌ରେ ଯାଉଥିବାବେଳେ ରାଉରକେଲା ଷ୍ଟେଶନରୁ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଧରାଯିବା ପରେ ଏଭଳି ଘଟଣା ସାମ୍ନାକୁ ଆସିଛି।

ରେଲୱେକୁ ଲାଭକାରୀ ସଂସ୍ଥା ଭାବେ ଗଢ଼ିବା ପାଇଁ ମାଲଭଡ଼ା ଏକମାତ୍ର ମାଧ୍ୟମ। ଚକ୍ରଧରପୁର ମଣ୍ଡଳର ଏହି ଜୋନ୍ ସର୍ବାଧିକ ଲାଭକାରୀ ଜୋନ୍ ଭାବେ ପ୍ରମୁଖତା ହାସଲ କରିଛି। ତେବେ ଚକ୍ରଧରପୁର ମଣ୍ଡଳ ଅଧୀନରେ ଓଡ଼ିଶା ଝାଡ଼ଖଣ୍ଡ ମଧ୍ୟବର୍ତ୍ତୀ ବିଶ୍ରା, ଜରେଇକେଲା, ଭାଲୁଲତା, ମନୋହରପୁର ତଥା ରାଞ୍ଚି ରୋଡ୍‌ରେ ଥିବା ନୂଆଗାଁ, ଓଡ଼ଗାଁ, ବାନୋ ଆଦି



ରାଉରକେଲା ଷ୍ଟେଶନରେ ଜବତ ହୋଇଥିବା କେନ୍ଦୁପତ୍ର।

**ରେଲୱେ ହରାଉଛି କୋଟି କୋଟି ଟଙ୍କାର ରାଜସ୍ୱ**

ରେଲଷ୍ଟେଶନରୁ ଶହ ଶହ ଛୋଟ ବଡ଼ ବ୍ୟବସାୟୀ ଫଳ, ପନିପରିବା, କେନ୍ଦୁପତ୍ର, କାଠ, ଦେଶୀକୁକୁଡ଼ା, ଜଙ୍ଗଲଜାତ ଦ୍ରବ୍ୟ ଆଣି ରାଉରକେଲାରେ ବେପାର କରିଥାନ୍ତି। ତେବେ ଏଗୁଡ଼ିକ ବେଆଇନ ଭାବେ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବ୍ରେକ୍‌ଭ୍ୟାନରେ ମାଲଗୁଡ଼ିକ ନ ଆଣି ରେଳ ସୁରକ୍ଷାକର୍ମୀଙ୍କ ସହାୟତାରେ ସୁରୁଖୁରୁରେ ମାଲ ପରିବହନ କରାଯାଉଛି। ଉକ୍ତ ରୁଟ୍‌ଗୁଡ଼ିକରେ ମାଲବାହୀ ଟ୍ରେନ ଆସୁଥିଲେ ମଧ୍ୟ ଟାଟା-ନାଗପୁର ପାସେର, ଟାଟା-ଏତୱାରୀ, ଝାରସୁଗୁଡ଼ା-ହାଟିଆ, ରାଉରକେଲା-ଚକ୍ରଧରପୁର, ଡିଏମ୍‌ୟୁ ପାସେଞ୍ଜର ଟ୍ରେନ ବ୍ୟତୀତ ଉତ୍କଳ ଏକ୍ସପ୍ରେସ ତଥା ଅନ୍ୟ ଦୂରଗାମୀ ପାସେଞ୍ଜର ଟ୍ରେନ ଗୁଡ଼ିକରେ ଏଭଳି ସାମଗ୍ରୀ ପରିବହନ କରାଯାଉଛି। ବିଭିନ୍ନ ସାମଗ୍ରୀଗୁଡ଼ିକର ବେଆଇନ ଚାଲାଣ କରାଯାଉଥିବାରୁ ଲୋକେ ଆବଶ୍ୟକତା ଅନୁସାରେ ଚେନ୍ ପୁଲିଂ କରି ସାମଗ୍ରୀ ଓହ୍ଲାଇଥାନ୍ତି।

ଏ ସମ୍ପର୍କରେ ରାଉରକେଲା ଜୋନ୍ ଦାୟିତ୍ୱରେ ଥିବା ମୁଖ୍ୟ ବାଣିଜ୍ୟ ନିରୀକ୍ଷକ ଅତୁଲ ଘୋଷଙ୍କୁ ପଚରାଯିବାରୁ ସେ କହିଲେ, ମୁମ୍ବାଇ-ହାୱଡ଼ା ରୁଟ୍‌ରେ ଥିବା ଏହି ଜୋନ୍‌ରେ ରେଲୱେର ଅଧିକ ଆୟ ସମ୍ଭାବନା ରହିଛି। ଏହି ଜୋନ୍‌ରେ ଦୈନିକ ସାଢ଼େ ୪ ଲକ୍ଷ ଟଙ୍କା ବୁକିଂ କରାଯାଉଛି। ହେଲେ ବେଆଇନ ସାମଗ୍ରୀ ପରିବହନ ଯୋଗୁ ରେଲୱେ ପ୍ରାୟ ୨୦ରୁ ୨୫ ପ୍ରତିଶତ ରାଜସ୍ୱ ହରାଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ରେଲୱେ ସୁରକ୍ଷା ବାହିନୀ ଓ ଜିଆରପି ଉପରେ ରେଳବାଇ ନିର୍ଭର କରୁଛି। ମାସିକ ୧ କୋଟି ୩୫ ଲକ୍ଷ ଟଙ୍କା ରୋଜଗାର କରାଯାଉଥିବା ବେଳେ ଏହାର ପରିମାଣ ବୃଦ୍ଧି ପାଇପାରନ୍ତା। ଜୋନ୍ ପରିଦର୍ଶନରେ ଆସୁଥିବା ବରିଷ୍ଠ ରେଳବାଇ ଅଧିକାରୀ ତଥା ବୋର୍ଡ ନିକଟରେ ଏପରି ମାଲ୍ ପରିବହନ ସମ୍ପର୍କରେ ଆଲୋଚନା କରାଯାଉଛି। ଏହାକୁ ନିୟନ୍ତ୍ରଣ କରିବା ଆବଶ୍ୟକ ଅଟେ। ସୀମାନ୍ତ ଷ୍ଟେଶନ ଗୁଡ଼ିକରେ ଏହିପରି ଗତିବିଧି ଅଧିକ ପରିଲକ୍ଷିତ ହେଉଛି ବୋଲି ଘୋଷ କହିଥିଲେ।

# ଭାରତୀୟ ସଂସ୍କୃତିରେ ବରିଷ୍ଠ ନାଗରିକ ସଦା ନମସ୍ୟ



ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ ସ୍ଥିତ ଆଦର୍ଶ ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରର ସପ୍ତମ ବାର୍ଷିକୋତ୍ସବ ସୋମବାର କେନ୍ଦ୍ର ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ର ସଭାପତି ମହେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ବରିଷ୍ଠ ନାଗରିକମାନେ ସର୍ବଦା ନମସ୍ୟ ଓ ସମ୍ମାନସ୍ପଦ ବ୍ୟକ୍ତିତ୍ୱ ଭାବେ ବିବେଚିତ। ତ୍ରେତୟା ଯୁଗରେ ଜାମ୍ବବାନଙ୍କ ଉପଦେଶ ପାଳନ କରି ରାମ ଲଙ୍କା ଜୟ କରିଥିଲେ। ମହାଭାରତରେ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ଉପଦେଶ ପାଳନ କରି ମହାଭାରତ ଯୁଦ୍ଧରେ ବିଜୟଲାଭ କରିଥିଲେ। ବର୍ତ୍ତମାନ ଯୁଗର ଉତ୍ତରପିଢ଼ି ମଧ୍ୟ ବରିଷ୍ଠ ନାଗରିକଙ୍କ ଉପଦେଶ ପାଳନ କଲେ ଜୀବନ ନିରାପଦ ଓ ସୁଖଦ ହେବା ନିଶ୍ଚିତ ବୋଲି ରାୟ କହିଥିଲେ। ସମାରୋହରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପ୍ରତି ରହିଥିବା କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଏହାସହ ବରିଷ୍ଠ ନାଗରିକଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଲେ କଣ ସବୁ ଦଣ୍ଡ ରହିଛି ତାହା ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ୯ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନୀତ କରାଯାଇଥିଲା। କେନ୍ଦ୍ର ସମ୍ପାଦକ ବିଜୟ ଭୋଳ ଏବଂ ହୃଷୀକେଶ ନାଏକ କାର୍ଯ୍ୟକ୍ରମ ସଂଯୋଜନା, ବରିଷ୍ଠ ନାଗରିକ ମଞ୍ଚର ପ୍ରାନ୍ତୀୟ ସଂଯୋଜକ ଡ. ସୁମନ ଦତ୍ତ ଉଦ୍ଦେଶ୍ୟ ଏବଂ ଅମଳେଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲା ଏବିଭିପିର ମହାନଗର ସମ୍ମିଳନୀ

ରାଉରକେଲା,୧୮।୧୧(ଦିନେଶ ମିଶ୍ର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଉରକେଲା ସାଙ୍ଗଠନିକ ଜିଲା ପକ୍ଷରୁ ସୋମବାର ରାଉରକେଲା ମହାନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପାତ୍ର ମୁଖ୍ୟ ଅତିଥି, ଏବିଭିପିର ପ୍ରାନ୍ତ ସହ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହି ଏବିଭିପିର ୭୭ ବର୍ଷର ଇତିହାସ ଉପରେ ଆଲୋଚନା କରିଥିଲେ। ଏବିଭିପିର ଜିଲା ପ୍ରମୁଖ ତଥା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଆଭାସ ହୋତା ଦେଶ ବିକାଶ ଦିଗରେ ତତ୍ପର ହେବା ଲାଗି ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶାଳ କୁମାର ରାମ ମଞ୍ଚ ପରିଚାଳନା କରିଥିଲେ। ଏବିଭିପିର ପୂର୍ବତନ ମହାନଗର ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ ନୂତନ କାର୍ଯ୍ୟକାରିଣୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଏବିଭିପିର ଶିକ୍ଷାବର୍ଷ ୨୦୨୪-୨୫ ପାଇଁ ରାଉରକେଲା ମହାନଗର ନୂତନ ସଭାପତି ଭାବେ ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅର୍ଘ୍ୟଦୀପ ବାନାର୍ଜୀ ଓ ସମ୍ପାଦକ ଭାବେ ଛାତ୍ର ନେତା କିଶୋର କୁମାର ଭିଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ଅନ୍ୟ ୩୦ ଜଣ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମହାନଗର କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ସମ୍ମିଳନୀରେ ୧୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ୨୦ ଏସ୍‌ଏଚ୍‌ଜି ମହିଳାଙ୍କୁ ଛତୁଚାଷ ତାଲିମ



ମହିଳାମାନଙ୍କୁ ଛତୁଚାଷ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପାର୍ଶ୍ୱାଞ୍ଚଳ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଛତୁଚାଷ ତାଲିମ ପ୍ରଦାନ କରୁଛି। ଏହି କ୍ରମରେ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ନୂଆଗାଁ ବ୍ଲକର ବରାଇଗଡା, କଦେଲିବାହାଲ, ତୁମପାହାଡ ଏବଂ ରମକଟାର ୨୦ଜଣ ଏସ୍‌ଏଚ୍‌ଜି ମହିଳାଙ୍କୁ ଛତୁଚାଷ ତାଲିମ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ହର ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ସ୍ଥାନରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଏହା ସମ୍ପର୍କରେ ଉତ୍ସାହିତ କରିବା ପାଇଁ ଛତୁ ମଞ୍ଜି ପ୍ରଦାନ କରାଯାଇଥିଲା। ସିଏସ୍‌ଆର ବିଭାଗର ମାଷ୍ଟର ଟ୍ରେନର ଟିଣ୍ଟସ ଭେଙ୍ଗରା ଓ ଦଳପୋଷ ଗ୍ରାମ ଏସ୍‌ଏଚ୍‌ଜିର ମାଷ୍ଟର ଟ୍ରେନର ସୁଶ୍ରୀ କମଳା ଟପ୍ପୋ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସିଏସଆର ବିଭାଗ ଜିଏମ ବିଭାବସୁ ମଲ୍ଲିକ ସ୍ୱାଗତ ଭାଷଣ ଓ ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା ଆର୍‌ଏସ୍‌ପିର ବିଭିନ୍ନ ସିଏସ୍‌ଆର କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ସୁଧିରମ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି.ଏକ୍କା ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଡକାୟତି ଯୋଜନା ପଣ୍ଡ: ୭ ଗିରଫ, ମାରଣାସ୍ତ୍ର ଜବତ

ରାଉରକେଲା,୧୮।୧୧(ସଙ୍ଗୀତା ଜେନା)

ରାଉରକେଲା ଉଦିତନଗର ଓ ରଘୁନାଥପାଲୀ ଥାନା ଅଞ୍ଚଳରେ ଡକାୟତି ଯୋଜନା ବେଳେ ପୋଲିସ ସୋମବାର ୭ ଜଣଙ୍କୁ ଗିରଫ କରିଛି। ଏହି କ୍ରମରେ ଉଦିତ ନଗର ଥାନା ଅନ୍ତର୍ଗତ ମ୍ୟୁନିସିପାଲ କଲେଜ ପଡ଼ିଆରେ ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ବନ୍ଦ ଘର, ଦୋକାନ ଆଦିରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଖବର ପାଇ ପାଟ୍ରୋଲିଂ ଟିମ୍ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ଅଞ୍ଚଳର ସୌରଭ ଗିରି(୨୩), ଏମ୍‌ଡି ସୋହେଲ୍(୨୨), ସୁଇପର ବସ୍ତିର ସନ୍ତୋଷ ନାଗ(୨୦) ଓ ସଚିନ୍ କୁର୍ମି(୨୩)। ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ, ୫ଟି ଗୁଳି, ରଡ୍, ଫାଇବର, ଛୁରି, ରଶି, ଲଙ୍କାଗୁଣ୍ଡ ଓ ବାଇକ୍ ଆଦି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୪୧୪/୨୪) ରୁଜୁ ହୋଇଛି। ତେବେ ଅଭିଯୁକ୍ତମାନେ ବିଶ୍ରା ଡାହାରରୋଡ୍‌ରେ ଜଣଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିବା ବିଷୟ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ସେହିପରି ରବିବାର ରାତିରେ ରଘୁନାଥପାଲୀ ଥାନା ଅନ୍ତର୍ଗତ ତର୍କେରା ପମ୍ପହାଉସ ପାଚେରି ନିକଟରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚୋରାଟୋଲାର ଆଲୋକ ପ୍ରଜାପତି(୨୮), ରୁପୁଟୋଲାର ସୋନୁ ସମାସୀ(୩୦) ଓ ଧାନୁ ବାହାଦୁର(୨୨)। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ୨ଟି ଗୁଳି, ଖଣ୍ଡା, ଛୁରି, ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୬୦୭/୨୪) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

ରାଉରକେଲା,୧୮।୧୧(ସଙ୍ଗୀତା ଜେନା)

ରାଉରକେଲା ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ସୋମବାର ୨୦୧୭ ମସିହାରେ ସଙ୍ଗଠିତ ଏକ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ପଙ୍କଜ ସୁନାଙ୍କୁ ବିଚାରପତି ପି. ସୁରିୟା ରାଓ ଦୋଷୀ ସାବ୍ୟସ୍ତ କରିଛନ୍ତି। ୩ଟି ଧାରାରେ ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ଲକ୍ଷ ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସୂଚନାଯୋଗ୍ୟ, ୨୦୧୭ରେ ପୀଡ଼ିତା ନାବାଳିକା ଏକ ବସ୍ ଯୋଗେ ପଟ୍ଟାମୁଣ୍ଡାଇରୁ ରାଉରକେଲା ଆସୁଥିବା ବେଳେ ବସ୍‌ର କଣ୍ଡକ୍ଟର ପଙ୍କଜ ସୁନା ରାତି ୩ଟାରୁ ୫ଟା ମଧ୍ୟରେ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ମହିଳା ଥାନା ପୋଲିସ ଏକ ମାମଲା (ନଂ.୧୨/୨୭) ରୁଜୁ କରିଥିଲା। ବିଚାରପତି ମୋଟ ୯ ଜଣ ସାକ୍ଷ୍ୟ ଏବଂ ୧୦ଟି ଦସ୍ତାବିଜ୍‌କୁ ଅନୁଧ୍ୟାନ କରି ଉକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶ ମାମଲା ପରିଚାଳନା କରୁଥିଲେ।

# ସିପିଆଇଏମ୍‌ର ସାଙ୍ଗଠନିକ ସମ୍ମିଳନୀ

ରାଉରକେଲା,୧୮।୧୧(ଦିନେଶ ମିଶ୍ର)

ସେକ୍ଟର-୨୨ ସ୍ଥିତ ପାଣିଟାଙ୍କି ମାର୍କେଟସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ସିପିଆଇଏମ୍ ରଘୁନାଥପାଲୀ ଆଞ୍ଚଳିକ ସାଙ୍ଗଠନିକ କମିଟିର ୧୦ତମ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପାର୍ଟିର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ସମ୍ପାଦକ ବିଷ୍ଣୁ ମହାନ୍ତି ମୁଖ୍ୟ ଅତିଥି, ବିମାନ ମାଇତି, ରାଜକିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଜନଗଣଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଦରଦାମ୍ ବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା, ତୈଳ ଦରବୃଦ୍ଧି, ମହିଳା ଓ ଶିଶୁଙ୍କ ଉପରେ ବର୍ଦ୍ଧିତ ଯୌନ ନିର୍ଯାତନା ଓ ମୋଦୀ ସରକାରଙ୍କ ଏକ ଦେଶ ଏକ ନିର୍ବାଚନ ବିରୋଧରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ଗୁରୁତ୍ୱ ଦେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ଆବାହକ ହୃଦାୟାନନ୍ଦ ଯାଦବ ରାଜନୈତିକ ଓ ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଶେଷରେ ଆଗାମୀ ୩ ବର୍ଷ ପାଇଁ ୫ ଜଣିଆ ଆଞ୍ଚଳିକ ସାଙ୍ଗଠନିକ କମିଟି ଓ ଜଣେ ନିୟନ୍ତ୍ରିତ ସଦସ୍ୟ ନିର୍ବାଚନ କରାଯାଇଥିଲା।

# ମହିଳା ହକି: ରାଞ୍ଚି ୟୁନିଭର୍ସିଟି ଚାମ୍ପିୟନ

ରାଉରକେଲା,୧୮।୧୧(ଦିନେଶ ମିଶ୍ର)

ପାନପୋଷ ସ୍ଥିତ ସ୍ପୋର୍ଟସ ହଷ୍ଟେଲ ପରିସରରେ ଇଷ୍ଟଜୋନ୍ ଇଣ୍ଟର ୟୁନିଭର୍ସିଟି ମହିଳା ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟକୁ ସମ୍ବଲପୁର ୟୁନିଭର୍ସିଟି ଅଧୀନ ମ୍ୟୁନିସିପାଲ କଲେଜ ପକ୍ଷରୁ ଆୟୋଜନ କରାଯାଇଥିଲା। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରାଞ୍ଚି ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଞ୍ଚି ଦଳ ସମ୍ବଲପୁର ଦଳକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ରାଞ୍ଚି ଦଳ ୩ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସମ୍ବଲପୁର ୟୁନିଭର୍ସିଟି ୨ ପଏଣ୍ଟ ପାଇ ଦ୍ୱିତୀୟ ଓ ଭି. ବି. ଏସ୍ ଦଳ ତୃତୀୟ ସ୍ଥାନ ବଜାଇ ରଖିଥିଲା। ଚତୁର୍ଥ ସ୍ଥାନରେ ଭୁବନେଶ୍ୱର କିଟ୍ ୟୁନିଭର୍ସିଟି ରହିଥିଲା। ବିଜୟୀ ଦଳ ଆସନ୍ତା ଅଲ୍ ଇଣ୍ଡିଆ ଇଣ୍ଟର ୟୁନିଭର୍ସିଟି ମହିଳା ହକି ଟୁର୍ନାମେଣ୍ଟରେ ଖେଳିବା ପାଇଁ ମନୋନିତ ହୋଇଛନ୍ତି।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସୁନ୍ଦରଗଡ ଜିଲା ପକ୍ଷରୁ ସହର ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଜିଲାର କଚାରୁ, ସୁନ୍ଦରଗଡ, ବେଦବ୍ୟାସ, ବଣେଇ, କୁଆଁରମୁଣ୍ଡା, ଛେଣ୍ଡ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୬ ସରସ୍ୱତୀ ଶିଶୁ ମନ୍ଦିରରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଲୋକ ସଂସଦର ଆବାହକ ଶିକ୍ଷାବିତ୍ ନିରୁପମା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ଡିସେମ୍ବର ୧୨ତାରିଖ ଅନୁଷ୍ଠାନ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ରାଜକୁମାର ମହାନ୍ତି, ଡ. ସଂଯୁକ୍ତା ପତି, ଅର୍ଚ୍ଚନା ପାତ୍ର, ଅନିତା ନାୟକ ପ୍ରମୁଖ ପରିଚାଳନା କାର୍ଯ୍ୟକ୍ରମ କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**୧୯ତମ ଶିଶୁ ମହୋତ୍ସବ ଉଦ୍‌ଘାଟିତ**

# ପ୍ରଥମ ଦିବସରେ ୮ ନାଟକ ମଞ୍ଚସ୍ଥ

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆନୁକୂଲ୍ୟରେ ରାଉରକେଲାର ସ୍ପନ୍ଦନ ଓ ଗୃହସ୍ଥୀ ଉଦ୍ୟୋଗ ଆନୁକୂଲ୍ୟରେ ୧୯ତମ ଶିଶୁ ମହୋତ୍ସବ-୨୦୨୪ ସୋମବାର ସେକ୍ଟର-୪ ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏସ୍‌ପି ସହରସେବା ପ୍ରଶାସନିକ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ଏବଂ ରାଉରକେଲା ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ସନାତନ ପ୍ରଧାନ ଶିଶୁ ମହୋତ୍ସବ ପିଲାମାନଙ୍କ କଳା ପ୍ରତିଭାକୁ ବିକଶିତ କରିବାର ମାଧ୍ୟମ ସାଜୁଛି ବୋଲି କହିଥିଲେ। ସେହିପରି ପ୍ରତାପ କୁମାର ସ୍ୱାଇଁ ଶିଶୁମାନେ ପାଠ ପଢିବା ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜର ପ୍ରତିଭା ପ୍ରଦର୍ଶନ କରିବା ଆବଶ୍ୟକ ବୋଲି କହିଥିଲେ। ସ୍ପନ୍ଦନ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲି ସଭା ପରିଚାଳନା ଓ ସହ ସମ୍ପାଦକ ଡ. ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସିଭିକ ସେଣ୍ଟର ପ୍ରେକ୍ଷାଳୟରେ ମଧୁସୂଦନ ଶିକ୍ଷା ନିବାସ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ 'ପ୍ରେତାତ୍ମା' ମଞ୍ଚସ୍ଥ ହୋଇଥିଲା। ନାଟକଟି ସମାଜରେ ଭୂତ, ପ୍ରେତ ନାଁରେ କିଭଳି ଲୋକଙ୍କୁ ଠକାଯାଉଛି ଓ ଲୋକମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଭୁଲ୍ ପଦକ୍ଷେପ ନେଇ ବିପଦରେ ପଡୁଛନ୍ତି ତାହା ନାଟକରେ ପରିବେଷଣ ହୋଇଥିଲା। ପରେ ସେଣ୍ଟ ଯୋଶେଫ୍ କନଭେଣ୍ଟ ସ୍କୁଲ ପିଲାମାନଙ୍କ ଦ୍ୱାରା ଦ୍ୱିତୀୟ ନାଟକ 'ଖୋଲା ଆକାଶ ତଳେ' ମଞ୍ଚସ୍ଥ ହୋଇଥିଲା। ସମାଜରେ ଗାନ୍ଧୀ ଆଦର୍ଶବାଦୀ କିପରି ନିଜ ପରିବାର ଦ୍ୱାରା ପ୍ରତାରିତ ହୁଅନ୍ତି ତାକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ତୃତୀୟ ନାଟକ 'ବୁଢ଼ୀ ମାଁର କାହାଣୀ ପେଡ଼ି' ବିବେକାନନ୍ଦ ଶିକ୍ଷା ସଦନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିବା ବେଳେ ନାଟକଟି ପିଲାମାନଙ୍କୁ ମୋବାଇଲ ଗେମ୍ ଖେଳିବା ଓ ତାର କୁପରିଣତି ଉପରେ ପର୍ଯ୍ୟବେଶିତ ଥିଲା। ୪ର୍ଥ ନାଟକ 'ଆମ୍‌କୋ ସିମ୍‌କୋ' ଡକ୍ଟର ଏ.ଏନ ଖୋସଲା ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ନାଟକଟି ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଅତୁଳନୀୟ ବଳିଦାନ ଗାଥା ଉପରେ ଆଧାରିତ ଥିଲା। ପରେ ୫ମ ନାଟକ 'ଚଳନ୍ତି ଠାକୁର' କବିବର ରାଧାନାଥ ରାୟ ବିଦ୍ୟାପୀଠର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ନାଟକଟି ମା' ବାପାଙ୍କ ନିଜ ସନ୍ତାନସନ୍ତତି ପ୍ରତି ରହିଥିବା ନିଃସ୍ୱାର୍ଥପର ବଳିଦାନ ଉପରେ ଆଧାରିତ ଥିଲା। ଶେଷ ନାଟକ 'ମା' ପରିବେଷଣ କରିଥିଲେ ବାଜିରାଉତ ଶିକ୍ଷା ନିକେତନର ପିଲାମାନେ। ମା'ର ମମତା କିଭଳି ମହାନ ତାହା ନାଟକରେ ପରିବେଷଣ ହୋଇଥିଲା। ସେହିପରି ଶିଶୁ ମହୋତ୍ସବରେ ଦୀପିକା ଇଂଲିଶ ମାଧ୍ୟମ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ସମାଜ ସୁଧାର ସଂଘ' ମଞ୍ଚସ୍ଥ ହୋଇଥିବାବେଳେ ହମିରପୁର ଇଣ୍ଡୋ ଇଂଲିଶ ସ୍କୁଲ ଛାତ୍ରୀଛାତ୍ରଙ୍କ 'ଅଦ୍ଭୁତ ନଗରୀ ଅଦ୍ଭୁତ ରାଜା' ରିବେଷଣ କରାଯାଇଥିଲା। ମହୋତ୍ସବର ପ୍ରଥମ ଦିବସରେ କ୍ଷୀରୋଦ ବାଡତ୍ୟା, ଶିଶିର ମୁଦାଲି, ରମେଶ ଗୌଡ, ଅମୂଲ୍ୟ ବେହେରା, ସୁଦୀଶ ମିଶ୍ର, ନରୋତ୍ତମ ସାମଲ, ମିହିର ମେହେର, କୃଷ୍ଣା ସିଂ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ନିତ୍ୟାନନ୍ଦ ଜେନା, ବନ୍ଦନା ଦାସ ଓ ଚିନ୍ମୟ ନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶିଶୁ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି (ବାମ)। ନାଟକ 'ବୁଢ଼ୀମାଁର କାହାଣୀ ପେଡ଼ି'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

ରେମେଡ୍-ହୀରାକୁଦ ରାସ୍ତାରେ ଲରପଙ୍କ ନିକଟରେ ଏକ ବାଇକ୍‌କୁ ମାଲ ବୋଝେଇ ଟ୍ରକ୍ ଧକ୍କା ଦେବାରୁ ବାଇକରେ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହୀରାକୁଦ ଗାନ୍ଧୀନଗରର ବିଶୁ ଗୌଡ଼(୪୫)। ଗୁରୁତର ଭିଏସ୍‌ଏସ୍ କଲୋନୀର ସମୀର ଜେନା(୩୫) ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉଭୟେ ବାଇକ୍(ନଂ.ଓଡି-୧୫-ଇ-୨୫୦୫)ରେ ରେମେଡ୍ ପଟୁ ହୀରାକୁଦ ଫେରୁଥିବା ସମୟରେ ମାଲ ବୋଝେଇ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ହୀରାକୁଦ ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ଚାଳକଙ୍କୁ ଅଟକ ରଖିଛି।

### କେଉଟ, କୈବର୍ତ୍ତ ଓ ଧୀବରଙ୍କୁ ଏସ୍‌ସି ତାଲିକାରୁ ବାଦ୍ ଦିଅ

ସମ୍ବଲପୁର,୧୮।୧୧ (ଭବାନୀ ଶଙ୍କର ଭୋଇ)

କେଉଟ, କୈବର୍ତ୍ତ ଓ ଧୀବର ହଟାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଉତ୍ତରାଞ୍ଚଳ ଆରଡିସି କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ଆରମ୍ଭ ହୋଇଛି। ସମ୍ବିଧାନରେ ଅନୁସୂଚିତ ଜାତି ଜନଜାତି ଲୋକଙ୍କୁ ସାମାଜିକ ଏବଂ ଆର୍ଥିକ ଭାବେ ଉନ୍ନତ କରିବା ପାଇଁ ସଂରକ୍ଷଣ ଦିଆଯାଉଛି । ତେବେ ସଂରକ୍ଷଣର ପ୍ରକୃତ ଲାଭ ଦଳିତ ବର୍ଗ ପାଇବା ପୂର୍ବରୁ ଅନ୍ୟ ଜାତିର ଲୋକ ଫାଇଦା ଉଠାଉଥିବା ନେଇ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ରାଜନୈତିକ କ୍ଷେତ୍ରରେ ମଧ ଅନୁସୂଚିତ ଜାତିର ସମସ୍ତ ଲାଭ କେଉଁଟ, କୈବର୍ତ୍ତ ଓ ଧୀବରମାନେ ପାଉଛନ୍ତି ବୋଲି କମିଟି ଅଭିଯୋଗ କରିଛି। ସେଥିପାଇଁ ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରୁ ସଦସ୍ୟମାନେ ସାମିଲ ହୋଇ ଅନୁସୂଚିତ ଜାତି ଜନଜାତି ତାଲିକାରୁ ହଟାଇବାକୁ ଦାବି କରାଯାଇଛି। ଆମରଣ ଅନଶନରେ କମିଟି ଆବାହକ ଡିଙ୍ଗର ମେହେର, ଧନଞ୍ଜୟ ଦୀପ, ପାତ୍ର ନାଗ, ଭାଗୀରଥୀ ନାଗ, ଧନୀରାମ ସୁନା, ଅଶୋକ କୁମାର ତାଣ୍ଡୀ ସାମିଲ ହୋଇଛନ୍ତି।

### ଭୂମାଶ୍ରୀ ସାହିତ୍ୟ ପତ୍ରିକା ଉନ୍ମୋଚିତ

ସମ୍ବଲପୁର,୧୮।୧୧(ବି.ଶଙ୍କର)

ବସୁମତୀ ସାହିତ୍ୟ ସଂସଦର ଭୂମାଶ୍ରୀ ସାହିତ୍ୟ ପତ୍ରିକା ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଉନ୍ମୋଚିତ ହୋଇଛି। କବି ସୌଭାଗ୍ୟବନ୍ତ ମହାରଣାଙ୍କ ସାହିତ୍ୟ ସମାଲୋଚନା ଦୃଷ୍ଟି ଓ ଦିଗନ୍ତ ପୁସ୍ତକ ମଧ ଲୋକାର୍ପିତ ହୋଇଛି । ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଉନ୍ମୋଚନ ଉତ୍ସବ ହୋଇଥିଲା । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇଥିଲେ । ଡ. ଲକ୍ଷ୍ମୀପ୍ରିୟା ବେହେରା, ଡ. ସୁନେଲି ଦେବୀ, ପ୍ରଫେସର ଗିରିଜା ଶଙ୍କର ଶର୍ମା, ଡା. ଗୁଣସାଗର ଦାଶ ସମ୍ମାନୀତ ଅତିଥି ଥିଲେ। ରୀତାରାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରୋହିତ ଦାଶ, ଡ. ମମତା ପ୍ରିୟଦର୍ଶିନୀ ସାହୁ, ଡା. ଗୁଣସାଗର ଦାଶ, ସୌଭାଗ୍ୟବନ୍ତ ମହାରଣା, ଗିରିଜା ଶଙ୍କର ଶର୍ମା, ଯୋଗେଶ ହୋତା, ଜୟକୃଷ୍ଣ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ସୁନେଲି ଦେବୀ, ସୁଶୀଳ ପାଣିଗ୍ରାହୀ, ପଦ୍ମାଳୟା ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ। ଜୟକୃଷ୍ଣ ବେହେରା ଧନ୍ୟବାଦ ଦେଇଥିଲେ।

# ଖନନରୁ ମିଳିଥିବା ପ୍ରମାଣ ମହାଭାରତ ସହ ଜଡ଼ିତ

### ଜିଏମ୍‌ୟୁରେ ହସ୍ତିନାପୁର ପ୍ରତ୍ନତତ୍ତ୍ୱ ଉପରେ ଆଲୋଚନାଚକ୍ର

ସମ୍ବଲପୁର,୧୮।୧୧ (ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଇତିହାସ ବିଭାଗ ତରଫରୁ ସୋମବାର ନୂତନ ଛାତ୍ରୀଛାତ୍ରମଙ୍କ ପାଇଁ ମହାକାବ୍ୟ ବର୍ଣ୍ଣିତ ହସ୍ତିନାପୁର ପ୍ରତ୍ନତତ୍ତ୍ୱ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼. ଏନ୍ ନାଗରାଜୁ ଉଦ୍‌ଘାଟନ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ଼ ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ରୂପରେଖ ଏବଂ ଲକ୍ଷ୍ୟ ବିଷୟରେ କହିଥିଲେ।

ମୁଖ୍ୟବକ୍ତାଭାବେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ଼. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ ହସ୍ତିନାପୁର ପ୍ରତ୍ନତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ହସ୍ତିନାପୁର ଖନନରୁ ବହୁ ପ୍ରାଚୀନ ଦେଶୀୟ ଏବଂ ବିଦେଶୀୟ ପ୍ରମାଣ ମିଳିଛି। ଉତଖନନରୁ ଯଜ୍ଞବେଦି, ଯେଉଁଥିରେ ଅଶ୍ୱର ମଧ



ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ ହସ୍ତିନାପୁର ପ୍ରତ୍ନତତ୍ତ୍ୱ ଉପରେ ଫଟୋ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରୁଛନ୍ତି।

ପ୍ରମାଣ ମିଳିଥିବା ସେ ଦେଖାଇଥିଲେ। ଖନନରୁ ମିଳିଥିବା ତଥ୍ୟ ଅନୁସାରେ ୩ ହଜାର ବର୍ଷ ପୂର୍ବରୁ ସହରି ସଭ୍ୟତା ବିଷୟରେ ସୂଚନା ମିଳୁଛି। ହସ୍ତିନାପୁର ସେତେବେଳେ ଗଙ୍ଗାନଦୀ ତଟରେ ରହିଥିଲା ଯାହା ଏବେ ୫କିମି ଦୂରକୁ ଚାଲିଯାଇଛି। ସେତେବେଳେ ହସ୍ତିନାପୁର ୪୦ଏକର ଜାଗା ମଧ୍ୟରେ ୪ଟି ଛୋଟ ପାହାଡ ଉପରେ ପ୍ରତିଷ୍ଠା ହୋଇଥିବା ସେ କହିଥିଲେ। ପାହାଡ ପାଦଦେଶରେ ଉର୍ବର ଜମି ରହିଥିଲା। ଖନନରୁ ହାତୀଦାନ୍ତରେ ତିଆରୀ ପଶା ମିଳିଛି ଯାହା ମହାଭାରତର ଦ୍ୟୁତକ୍ରୀଡା ଘଟଣାକୁ ସୂଚିତ କରିଥାଏ ବୋଲି ଡ ଗଡନାୟକ କହିଥିଲେ। ତେବେ ହସ୍ତିନାପୁର ଖନନ କାର୍ଯ୍ୟ ମହାଭାରତର ଅନେକ ଘଟଣାବଳୀ ସହ ସମ୍ପର୍କିତ। ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ମହାଭାରତର ଘଟଣାବଳୀ ବିଷୟରେ ଅନେକ ତଥ୍ୟ ମିଳି ପାରିଥବା ସେ ସୂଚନା ଦେଇଥିଲେ। ହସ୍ତିନାପୁରର ବହୁତ ଅନାଲୋକଚିତ ତଥ୍ୟକୁ ଉତଖନନ ମାଧ୍ୟମରେ ଲୋକ ଲୋଚନକୁ ଆଣାଯାଉଥିବା ଇତିହାସ ବିଭାଗ ମୁଖ୍ୟ ଡ ପ୍ରଧାନ କହିଥିଲେ। ଗବେଷକ ଦୀପକ କୁମାର ପଣ୍ଡା ଛାତ୍ରୀଛାତ୍ରଙ୍କୁ ସମ୍ବଲପୁରର ସମସ୍ତ ଐତିହ୍ୟସ୍ଥଳ ଉପରେ ସବିଶେଷ ଗବେଷଣା କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଇତିହାସ ବିଭାଗ ଅତିଥି ଅଧ୍ୟାପକ ଶଙ୍ଖନାଦ ଦେହୁରୀ, ସୁଶ୍ରୀ ଅଙ୍କିତା ପାଟଜୋଷୀ ଏବଂ ସମ୍ବଲପୁରର ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଡ଼ ସନ୍ତୋଷ କୁମାର ମଲ୍ଲିକ ପରିଚାଳନା କରିଥିଲେ। ଅଞ୍ଜଳି ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟରେ ସିଟିସ୍କାନ୍ ସେବାର ଶୁଭାରମ୍ଭ

### ଗରିବ, ମଧବିତ୍ତ ବର୍ଗର ଲୋକେ ଉପକୃତ ହେବେ: ଧର୍ମେନ୍ଦ୍ର

ସମ୍ବଲପୁର,୧୮।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘଦିନରୁ ଦାବି ହୋଇଆସୁଥିବା ସିଟି ସ୍କାନ ସେବାକୁ ସୋମବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି । ଏହି ନିଃଶୁଳ୍କ ସିଟି ସ୍କାନ୍ ସେବା ଶୁଭାରମ୍ଭ ଅବସରରେ ପ୍ରଧାନ କହିଛନ୍ତି ରାଜ୍ୟରେ ସରକାର ଚିକିତ୍ସା ସେବାର ସୁଦୃଢ଼ୀକରଣ ଦିଗରେ ବିହିତ ପଦକ୍ଷେପ ନେଉଛନ୍ତି । ଏହି ହସ୍ପିଟାଲରେ ସିଟି ସ୍କାନ୍ ସେବା ପରିଚାଳନା ପାଇଁ କଟକସ୍ଥିତ ଆଡାନେକ୍ସ ହେଲଥ କେୟାର ପ୍ରାଇଭେଟ୍ ଲିମିଟେଡ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ୍ ଲିମିଟେଡ୍ ଆଡାନେକ୍ସ ହେଲଥ କେୟାର ପ୍ରାଇଭେଟ୍ ସହ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଅତ୍ୟାଧୁନିକ ସିଟି ସ୍କାନ୍ ସେବା କାର୍ଯ୍ୟକାରୀ ହେବା ଦ୍ୱାରା ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକେ ଉପକୃତ ହୋଇପାରିବେ। ଏହି ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ଏଣିକି ଲୋକଙ୍କୁ ସିଟି ସ୍କାନ ପାଇଁ ଘରୋଇ ଡାକ୍ତରଖାନା ଉପରେ ନିର୍ଭର ହେବାକୁ ପଡିବନି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର କମିଶନର ବେଦଭୂଷଣ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏକକ ଚିତ୍ରକଳା ପ୍ରଦର୍ଶନୀ ଡୋସ୍କୋପ ଉଦ୍‌ଯାପିତ

### ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା -୨ର ପୋଷ୍ଟର ଉନ୍ମୋଚିତ

ସମ୍ବଲପୁର,୧୮।୧୧(ବି.ଶଙ୍କର)

ଏକକ ଚିତ୍ରକଳା ପ୍ରଦର୍ଶନୀ କଲାଇ ଡୋସ୍କୋପ-୨୪ ସୋମବାର ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି। ସମ୍ବଲପୁର ବଡବଜାର ଗୌରିଶଙ୍କର ସାହାଣୀ ପାର୍କସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ୧୧ଦିନ ବ୍ୟାପୀ ପ୍ରଦର୍ଶନୀ ଚାଲିଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ନୃପରାଜ ସାହୁ ଯୋଗଦେଇଥିଲେ। ଏତାଦୃଶ ଆକର୍ଷଣୀୟ ପ୍ରଦର୍ଶନୀ ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବା ସହ ଶିଳ୍ପୀଙ୍କ ପ୍ରତିଭାକୁ ଆହୁରି ମୁଖର କରିବ ଡ.ସାହୁ ସୂଚିତ କରିଥିଲେ। ଶିକ୍ଷାବିତ୍ ଜୀବର୍ଦ୍ଧନ ନାଏକ, ବିଶିଷ୍ଟ ଚିତ୍ରଶିଳ୍ପୀ ଅକ୍ଷୟ ସାମଲ, ବିଶିଷ୍ଟ ଶ୍ୟାମ ସୁନ୍ଦର ମେହେର, ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିବେଦିତା ସାହୁ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗୀୟ ମୁଖ୍ୟ କବି ଗୋପୀନାଥ ବାଗ, ବିଶିଷ୍ଟ



ଡୋସ୍କୋପ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

ଚିତ୍ରଶିଳ୍ପୀ ନୃସିଂହନାଥ ନାୟକ ସମ୍ମାନୀତ ଅତିଥି ଭାବେଯୋଗଦେଇ ପ୍ରଦର୍ଶନୀରେ ସ୍ଥାନିତ କଳାକୃତିର କଳାତ୍ମକତାକୁ ପ୍ରଶଂସା କରିଥିଲେ । ପ୍ରଦର୍ଶନୀରେ ଡାକ୍ତର ଦୀନବନ୍ଧୁ ସାହୁଙ୍କ ଚାରି ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କଳାକୃତୀ ପ୍ରଦର୍ଶିତ ହୋଇଥିଲା । ସ୍ପିନିଂ, ଦି ବେଟେଲ୍ ୱିନର, ଇନ୍ସାଇଟ୍, ଦି ଡେଭିଂ ଟୟଜ୍, ଏଣ୍ଡ୍ରେ ପେଡ ପ୍ରଭୃତି ପେଣ୍ଟିଂ ବହୁ ଆଦୃତ ହୋଇ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ଅବସରରେ ଏକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଅବନ୍ତିକା ନାୟକ, ଅନୁରାଗ ବାରିକ, ଝରଣା ସେଠ୍, ସୁଗନ୍ଧା ବିଶ୍ୱାସ, ଅନୁପ୍ରଭା ବେହେରା, ଶିବାଂଶି ଶାୟୁରି ଶତପଥୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀ, ବନ୍ଦନା ପଣ୍ଡା, ବିଦ୍ୟାପତି ପ୍ରଧାନ ଏବଂ ସାଂସ୍କୃତିକା ପୁରୋହିତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଡାକ୍ତର ସାହୁ ପରିଚାଳନା କରିଥିଲେ । ଏଥିରେ ବୁଦ୍ଧିଜୀବୀ, କବି, ଲେଖକ, ସାହିତ୍ୟିକ, କଳାକାର, କଳାପ୍ରେମୀ ଉପସ୍ଥିତ ଥିଲେ । ଏହି ଅବସରରେ ଚଳିତ ମାସ ୨୭ ତାରିଖରୁ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଆରମ୍ଭ ହେବାକୁ ଥିବା ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା -୨ର ପୋଷ୍ଟର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ବିଦେଶୀ ବିହନ ପ୍ରଚଳନ ମସୁଧାକୁ ନେଇ ଉଦ୍‌ବେଗ

### କେନ୍ଦ୍ରମନ୍ତ୍ରୀଙ୍କୁ କିଷାନ ସଂଘର ଦାବିପତ୍ର ପ୍ରଦାନ

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

ଭାରତରେ ତୈଳ ଜାତୀୟ ଫସଲ ଉତ୍ପାଦନ ହ୍ରାସ ଓ ଅଭାବ ଆଳରେ ବହୁରାଷ୍ଟ୍ରୀୟ କମ୍ପାନୀ ଜିଏମ୍(ହାଇବ୍ରିଡ୍) ସୋରିଷ ବିହନ ପ୍ରଚଳନ ପାଇଁ ପ୍ରୟାସ କରିଛି। ଏହାକୁ ନେଇ ସମ୍ବଲପୁର ଜିଲା ଭାରତୀୟ କିସାନ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏ ନେଇ ସଂଘର ଏକ ପ୍ରତିନିଧି ଦଳ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ ନେଇ ସାଂସଦରେ ବିତର୍କ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛିଯେ ଉକ୍ତ ଜିଏମ୍ ବିହନ ପ୍ରଚଳନକୁ ନେଇ ୨୦ବର୍ଷ ତଳେ ସୁପ୍ରିମ କୋର୍ଟରେ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ରାୟ ଗତ ୨୦୨୪ ଜୁଲାଇ ୨୩ରେ ପ୍ରକାଶ ପାଇଛି। ଏକ ଦୁଇଜଣିଆ ଖଣ୍ଡପୀଠ ଉକ୍ତ ମାମଲାର ରାୟ ପ୍ରକାଶ କରି ଭାରତରେ ବହୁରାଷ୍ଟ୍ରୀୟ ଜିଏମ୍ ବିହନର ଆବଶ୍ୟକତା ଅଛି ନା ନାହିଁ ୪ମାସ ମଧ୍ୟରେ ଏକ କମିଟି ଗଠନ କରିବାକୁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ କମ୍ପାନୀର ବୈଜ୍ଞାନିକମାନେ ଭାରତକୁ ସେମାନଙ୍କ କୁତ୍ସିତ ଚିନ୍ତାଧାରା ପ୍ରଯୋଗଶାଳାରେ ପରିଣତ କରିବାକୁ ଯାଉଛନ୍ତି ବୋଲି କିସାନ ସଂଘ ଅଭିଯୋଗ କରିଛି। ସଂଘର ଜିଲା ସଭାପତି ଭବାନୀ ହୋତା, ସମ୍ପାଦକ ସୁଶାନ୍ତ ପ୍ରଧାନ, କୋଷାଧକ୍ଷ ସତ୍ୟନାରାୟଣ ପୂଜାରୀ, ଉପଦେଷ୍ଟା ସୁଶୀଳ ବାରିକ, ହୀରାଲାଲ ବାରିକ, ରମେଶ ଭୋଇ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ଅବସରରେ ଏଗ ଫସଲର କୁପ୍ରଭାବ ସମ୍ପର୍କରେ ଅବଗତ କରିଥିଲେ।

# ମଜୁରି ପ୍ରଦାନ, ଛଟେଇ ପ୍ରତିବାଦରେ ଆମରଣ ଅନଶନ



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ।

ଦେବଗଡ଼,୧୮।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ନ ୧୦ଟାରୁ ବକେୟା ମଜୁରି ପ୍ରଦାନ ଏବଂ ଛଟେଇ ପ୍ରତିବାଦରେ ପିଅନ ଓ ରାତ୍ରି ଜଗୁଆଳି ଆମରଣ ଅନଶନରେ ବସି ଆନ୍ଦୋଳନ କରଛନ୍ତି। ତିଳେଇବଣି, ରିଆମାଳ ଓ ବାରକୋଟ ବ୍ଲକରେ କାର୍ଯ୍ୟରତ ୩ଜଣ ପିଅନ, ରାତ୍ରି ଜଗୁଆଳୀ ଦିଲୀପ କୁମାର ବିଶ୍ୱାଳ, ଜିତେନ୍ଦ୍ର ମହାକୁଳ ଏବଂ ଦୁଃଶାସନ ଗୋଛାୟତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଦିବାରାତ୍ର ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଜିଲାର ୩ଟି ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟରେ ଦୀର୍ଘ ୧୨ରୁ ୧୫ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଏପରି କି ଦୀର୍ଘ ୩୦ ମାସ ହେଲା ମଜୁରୀ ନ ପାଇ ସେମାନେ କାମ କରୁଛନ୍ତି। ମଜୁରୀ ପାଇଁ ସେମାନେ ଗତ ୨ ତାରିଖରେ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ଜିଲା କୃଷି ଅଧିକାରୀ ଛୁଟିରେ ଥିବାରୁ ଦାୟିତ୍ୱରେ ଥିବା ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀ ସେମାନଙ୍କୁ ଛଟେଇ କରାଯାଇଥିବା ଦର୍ଶାଇବା ସହ ସେମାନଙ୍କୁ ମଜୁରୀ ପ୍ରଦାନ ପାଇଁ ତାଙ୍କର ଅର୍ଡର ନାହିଁ ବୋଲି କହିଥିଲେ। ତେବେ ରାଜ୍ୟର ୩୦ଟି ଜିଲା ମଧ୍ୟରୁ କେବଳ ଦେବଗଡ ଜିଲାରେ କୃଷି ବିଭାଗ ଦ୍ୱାରା ଏଭଳି ଛଟେଇ କରାଯାଇଥିବା ବେଳେ ଛଟେଇ କରାଯିବା ନେଇ ସେମାନଙ୍କୁ କୌଣସି ସୂଚନା ଦିଆଯାଇନାହିଁ। ସମ୍ପୃକ୍ତ ୩ଜଣ ଦେବଗଡ ଜିଲା ମୁଖ୍ୟ କୃଷି ଅଧିକାରୀ ଦାୟିତ୍ୱରେ ଥିବା ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ନିକଟରେ କାକୁତି ମିନତି ହୋଇଥିଲେ ମଧ ସେ କୌଣସି କଥା ଶୁଣି ନ ଥିଲେ। ୧୫ ଦିନ ମଧ୍ୟରେ ଗୁହାରୀ ନ ଶୁଣିଲେ ଜିଲା କୃଷି କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ଗୁହାରି ନ ଶୁଣିବାରୁ ସେମାନେ ସୋମବାରଠାରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଦିବାରାତ୍ର ଆମରଣ ଅନଶନରେ ବସିଛନ୍ତି।

# କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ସମ୍ବଲପୁର,୧୮।୧୧(ବି.ଶଙ୍କର)

ହୀରାକୁଦ ସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ସ୍ଥାନୀୟ ଖ୍ରୀଷ୍ଟିୟନପଡାଠାରେ ଏକ କମ୍ୟୁନିଟି ସେଣ୍ଟର ସୋମବାର ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ହିଣ୍ଡାଲକୋ ହୀରାକୁଦର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ହୀରାକୁଦ୍ ଏଫଆରପି ମାନବ ସମ୍ବଳ ମୁଖ୍ୟ ଶିବା ମିଶ୍ର, ସମୀର ମହାନ୍ତି ଏବଂ ହିଣ୍ଡାଲକୋ ହୀରାକୁଦ ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ରେଭେରେଣ୍ଟ ସୁରେଶ କୁମାର ନାଗ , ପ୍ରଦୀପ ପଣ୍ଡା ଯୋଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସ୍ଥାନୀୟ ମହିଳା ସମିତି ପକ୍ଷରୁ ସସ୍ମିତା ତାଣ୍ଡି, ମଦରିନ ତାଣ୍ଡି, ମମତା ନନ୍ଦ, ନମିତା ବାରିକ, ସୁନନ୍ଦା ପାଣିଗ୍ରାହୀ, ସରିତା ନାଗ,



କମ୍ୟୁନିଟି ସେଣ୍ଟରକୁ ସୋମବାର ଅତିଥିମାନେ ଉଦଘାଟନ କରୁଛନ୍ତି।

ଗୁଲାପି ନାଗ, ସୁଷମା କୌଶଳୀ, ନିବେଦିତା କୁମାରୀ ଉପସ୍ଥିତ ଥିଲେ । ସିଏସଆର ପକ୍ଷରୁ ଉନ୍ନତି ମୂଳକ କାମକୁ ଆଗକୁ ନେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସିଏସ୍‌ଆର ଅଧିକାରୀ ଜିତେଶ ରଥ, ସରୋଜ ଆଚାର୍ଯ୍ୟ ଓ ପର୍ଶୁରାମ ବିଶ୍ୱାଳ, ପ୍ରଭୁଦତ ତାଣ୍ଡି, ପିୟୁଷ କୌଶଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ହାତୀ ମୃତ୍ୟୁକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍‌ବେଗ

ସମ୍ବଲପୁର ,୧୮।୧୧(ପ୍ରମୋଦ ବହିଦାର)

ନାକଟିଦେଉଳ ହାତୀ ମୃତ୍ୟୁକୁ ନେଇ ସମ୍ବଲପୁର ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ପ୍ରକାଶ କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏଅଞ୍ଚଳରେ ହାତୀ ଓ ମଣିଷ ଲଢ଼େଇ ଏକ ଜଟିଳ ଓ ଦ୍ୱନ୍ଦ୍ୱାତ୍ମକ ସମସ୍ୟା। କେତେବେଳେ ହାତୀ ମଣିଷ ମାରୁଛି, ଆଉ କେତେବେଳେ ମଣିଷ ହାତୀକୁ ମାରୁଛି। ମାତ୍ର ହାତୀର କୌଣସି କ୍ଷେତ୍ରରେ ଅପ୍ରାକୃତିକ ଭାବେ ମୃତ୍ୟୁ ବା ମଣିଷ ଦ୍ୱାରା ମୃତ୍ୟୁ ଆଦୌ ଗ୍ରହଣୀୟ ନୁହେଁ। ହାତୀ ମୃତ୍ୟୁ ରୋକିବା ପାଇଁ ବନ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଏ ବୋଲି ସେ କହିଛନ୍ତି।

### ଭଏସ୍ ଅଫ୍ ୱେଷ୍ଟର୍ନ ଓଡ଼ିଶା ପ୍ରତିଯୋଗିତା

# ଗୋବିନ୍ଦ ବାଗ ଯାଦବ ବିଜେତା

ସମ୍ବଲପୁର,୧୮।୧୧(ବି.ଶଙ୍କର)

ସାଂସ୍କୃତିକ ଅନୁଷ୍ଠାନ ରଙ୍ଗୋଲି ଆୟୋଜିତ ଭଏସ୍ ଅଫ୍ ୱେଷ୍ଟର୍ନ ଓଡ଼ିଶା ପ୍ରତିଯୋଗିତା ସୋମବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀତାରେ ୩୪ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ବଲାଙ୍ଗୀର ଜିଲାର ଗୋବିନ୍ଦ ବାଗ ଯାଦବ ଚଳିତବର୍ଷର ଭଏସ୍ ଅଫ୍ ୱେଷ୍ଟର୍ନ ଓଡ଼ିଶା ଟ୍ରଫି ହାସଲ କରିଛନ୍ତି। ଗୋବିନ୍ଦଙ୍କ ସଙ୍ଗୀତର ଯାଦୁରେ ସମସ୍ତେ ମୁଗ୍ଧ ହୋଇଯାଇଥିଲେ। ପ୍ରତିଯୋଗିତା ଚୂଡ଼ାନ୍ତ ପର୍ଯ୍ୟାୟକୁ ପାଟଣାଗଡ଼ର ମହେନ୍ଦ୍ର ମହାନନ୍ଦ, ସହଦେବ ପୁଟେଲ, ସୁବର୍ଣ୍ଣପୁରର ଆଶରାଣୀ ପଣ୍ଡା, ଝାରସୁଗୁଡ଼ାର ଦେବସ୍ମିତା ଦାସ ଏବଂ ବଲାଙ୍ଗୀରର ଗୋବିନ୍ଦ ବାଗ ଯାଦବ ପହଞ୍ଚିଥିଲେ। ଶ୍ରୋତାଙ୍କ ପସନ୍ଦର କଣ୍ଠଶିଳ୍ପୀ ଭାବେ ରାଜେଶ କୁମାର ଶତପଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବ୍ୟବସାୟୀ ମାଧବ ଡାଲମିଆ, ସମୀର କୁମାର ମହାନ୍ତି ଏବଂ ଭାଜପାର ବରିଷ୍ଠ ନେତା ତଥା କ୍ରୀଡା ସଙ୍ଗଠକ ଦୁଲାଲ ଚନ୍ଦ୍ର ପ୍ରଧାନ ଓ ସଙ୍ଗୀତଜ୍ଞ ଦେବାଶିଷ ପାଢ଼ୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ରଙ୍ଗୋଲି ସଭାପତି ପବିତ୍ର କୁମାର ତ୍ରିପାଠୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ଭାଗିରଥି ସିଂଦେଓ ପ୍ରତିଯୋଗୀତାର ନିତି ନିୟମ ବିଷୟରେ ସୂଚିତ କରିଥିଲେ। ସଙ୍ଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ସତ୍ୟ ଓ ଶ୍ରୀନୁ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବେଦଶ୍ରୁତି ମହାପାତ୍ର, ଶଙ୍କର ପ୍ରଧାନ ଓ ଦୋଳଗୋବିନ୍ଦ ଗର୍ଡ଼ିଆ ବିଚାରକ ଭାବେ ଯୋଗ ଦେଇଥିଲେ।




ବିଜେତା ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ୨୦୩୬ ସୁଦ୍ଧା ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର ହେବ: ଧର୍ମେନ୍ଦ୍ର

### ମତ୍ସ୍ୟ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

ସମ୍ବଲପୁରରେ ନିର୍ମାଣ ହେବ ମତ୍ସ୍ୟ ପାର୍କ। ପ୍ରାୟ ଶହେ ଏକର ପରିମିତ ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପାଇଁ ଶହେ କୋଟି ଟଙ୍କା ବ୍ୟୟ ଅଟକଳ କରାଯିବ। ସେହିପରି ୨୦୩୬ ମସିହା ସୁଦ୍ଧା ମାଛ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସୋମବାର ସମ୍ବଲପୁର ବହିଦାର ନୂଆଁପାଲିଠାରେ ଜିଲା ମତ୍ସ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ନୂତନ କୋଠାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି, ମତ୍ସ୍ୟଚାଷକୁ ପ୍ରୋତ୍ସାହନ ତଥା ମତ୍ସ୍ୟଜୀବୀଙ୍କ ବିକାଶ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପିଏମ୍ ମତ୍ସ୍ୟ ସମ୍ପଦ ଯୋଜନା ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିଛି। ଏଥିପାଇଁ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ସହ ରପ୍ତାନିକୁ ଦୁଇଗୁଣା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ମାଛ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ପରୀକ୍ଷଣ ଓ ପ୍ରୟୋଗ ସକାଶେ ଏହି ନୂତନ ଭବନରେ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ ରବିନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ଜଣେ ମତ୍ସ୍ୟ ଚାଷୀଙ୍କୁ ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ କରାଯାଉଛି।

ମତ୍ସ୍ୟ ବିଭାଗର ଜିଲା ଓ ଜୋନାଲ କାର୍ଯ୍ୟାଳୟ ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ଖଚିତ ଆକ୍ୱା ଲ୍ୟାବ୍‌ର ବ୍ୟବସ୍ଥା ହୋଇଛି। ହୀରାକୁଦ ଓ ଆଖପାଖ ଅଞ୍ଚଳରେ ଉତ୍ପାଦନ ହେଉଥିବା ଉତ୍ତମ ମାନର ମାଛ ଚାହିଦା ରାଜ୍ୟ ବାହାରେ ରହିଛି। ସେହି ମାଛଚାଷକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ନୂତନ ଭବନ ସହାୟକ ହେବ। ଓଡ଼ିଶାରେ ପୂର୍ବ ସରକାରଙ୍କ ଅପାରଗତାରୁ ମତ୍ସ୍ୟଚାଷୀମାନେ ପ୍ରତ୍ୟକ୍ଷ ଲାଭରୁ ବଞ୍ଚିତ ହୋଇଛନ୍ତି। ନୂତନ ଭାଜପା ସରକାର ରାଜ୍ୟ ଅର୍ଥନୀତିରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ସମ୍ବଲପୁର, ଦେବଗଡ଼, ବରଗଡ ଜିଲାରେ ମାଛ ଚାଷ ତଥା ଉତ୍ପାଦନକୁ ଦ୍ୱିଗୁଣିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ କେତେଜଣ ମତ୍ସ୍ୟଚାଷୀଙ୍କୁ ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଓ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଆରଡିସି ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ସ୍ଥାୟୀ ନିଯୁକ୍ତି ଦାବିରେ ଦାବିପତ୍ର

**ତୁଣ୍ଡଲା, ୧୮।୧୧(ଫିରୋଜ କୁମାର ଦାଶ):** ପ୍ରାଣୀସମ୍ପଦ ବିଭାଗରେ କାର୍ଯ୍ୟ କରିଆସୁଥିବା କୃତ୍ରିମ ପ୍ରଜନନକାରୀ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ କର୍ମଚାରୀମାନେ ୨୦୧୮ରୁ ସରକାରଙ୍କ ଏନ୍ଏଆଇପି ଯୋଜନାରେ ସାମିଲ ହୋଇ ଘର ଘର ବୁଲି କୃତ୍ରିମ ପ୍ରଜନନ, ଟିକାକରଣ, ବନ୍ଧ୍ୟାକରଣ, ପଶୁ ଗଣନା, ପ୍ରାଥମିକ ଚିକିତ୍ସା ଇତ୍ୟାଦି କାର୍ଯ୍ୟକ୍ରମ ଜରିଆରେ ଗୋପାଳକଙ୍କୁ ସେବା ପ୍ରଦାନ କରିଆସୁଛନ୍ତି। ମାତ୍ର ସେମାନଙ୍କୁ ସରକାରଙ୍କ ତରଫରୁ କୌଣସି ଦରମା କି ପ୍ରୋତ୍ସାହନ ରାଶି ଦିଆଯାଉ ନ ଥିବାରୁ ପରିବାର ଚଳାଇବାରେ ସମସ୍ୟା ହେଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସ୍ଥାୟୀ ନିଯୁକ୍ତି ପାଇଁ ସଂଘର ରାଜ୍ୟ ସଭାପତି କୁଳମଣି ମଲ୍ଲିକ, ବିଶ୍ୱନାଥ ମହାରଣା, ବିବେକାନନ୍ଦ ନାୟକ, ଅଭିଲିପ୍ସା ଜୟସିଂ, ଅରକ୍ଷିତ ନାଗଙ୍କ ସମେତ କଳାହାଣ୍ଡି ଜିଲା ସଭାପତି ଜ୍ୟୋତି ରଞ୍ଜନ ଦାଶ ଓ ସମ୍ପାଦକ ମୀନକେତନ ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିର୍ସାମୁଣ୍ଡା କପ ଫୁଟ୍‌ବଲ: ତୁଷରା ବିଜୟୀ

**ରିଷିଡ଼ା, ୧୮।୧୧ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ସିରାବାହଲ ବିର୍ସା ମୁଣ୍ଡା ଖେଳପଡିଆ ଠାରେ ତୃତୀୟ ବିର୍ସା ମୁଣ୍ଡା କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ସୋମବାର ଚତୁର୍ଥ ଦିବସ ମ୍ୟାଚ ତୁଷରା ଓ ଡଙ୍ଗାପଟା ମଧ୍ୟରେ ହୋଇଥିଲା। ଏଥିରେ ତୁଷରା ୩ ଗୋଲ ଦେଇ ଡଙ୍ଗାପଟାକୁ ହରାଇ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ବଲାଙ୍ଗୀର ଜିଲାର ମହୀପୁର ଓ କଳାହାଣ୍ଡି ଜିଲାର ରାସ୍ତାମାଳ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ମାନସିଂହ ଫୁଟା, ସମ୍ପାଦକ ଯତନ ଭୋଇ, ଉପସଭାପତି ରମାକାନ୍ତ ଭୋଇ ସୂଚନା ଦେଇଛନ୍ତି। ଖେଳ ପରିଚାଳନା କରିଥିଲେ ରେଫରି ପିଙ୍କୁ ଚନ୍ଦନ, ଟୁଟୁ ମାଝୀ, ଦିନେଶ କୁମାର। ମୁଖ୍ୟ ଅତିଥି ସମିତିସଭ୍ୟ ସୁଧିର ଭୋଇ, ମନୋଜ ଫୁଟା, କବିରାଜ ଭୋଇ, କୁଝ ଭୋଇ, କ୍ଷୀରୋଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଶିବିରରେ ୪୧୬ ଅଭିଯୋଗ ଶୁଣାଣି



**କଲମପୁର, ୧୮।୧୧(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ ପରିସର ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସମୁଦାୟ ୪୧୬ଗୋଟି ଅଭିଯୋଗ ହୋଇଥିଲା। ସେଥିରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ୩୧୬, ସାମାଜିକ ସୁରକ୍ଷା ୫, ରାଶନ କାର୍ଡ ୪, ଜମିଜମା ସଂକ୍ରାନ୍ତିୟ ୩୫, ଉନ୍ନୟନମୂଳକ ୧୦, ଅନ୍ୟାନ୍ୟ ୪୬ ଅଭିଯୋଗ ଗ୍ରହଣ କରାଯାଇଥିଲା। ଶିବିରରେ ଜିଲାପାଳ ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲାପାଳ ଧୃମାନ ଚକମା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏବି ଗୁରୁ, ସିଡିଏମ୍‌ଓ ଡା. ସୁଚେତା ପାଣି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶ୍ରମ ଅଧିକାରୀ ସୁବାସ ମଣ୍ଡଳ, ଡିଡବ୍ଲ୍ୟୁଓ ଅରବିନ୍ଦ ରଏଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ରବି ଚାଷ ଲାଗି ଇନ୍ଦ୍ରାବତୀରୁ ଜଳ ଯୋଗାଣ ହେଉ

**ଧର୍ମଗଡ଼ ବିଧାୟକ ଓ ଉପଜିଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର**

**ଧର୍ମଗଡ଼/କୋକସରା, ୧୮।୧୧ (ଆକାଶ କୁମାର ଜଗତ/ଦୁଷ୍ମନ୍ତ ପାଟଯୋଶୀ)**

ଆସନ୍ତା ରବି ଚାଷ ପାଇଁ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ଜଳସେଚନ ବନ୍ଦ ହେବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ କୋକସରା ଅଞ୍ଚଳର ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳସେଚନ ବ୍ୟବସ୍ଥା ଦାବିରେ ସୋମବାର କୋକସରା କୃଷକ ସଚେତନ ମଞ୍ଚର ସଭାପତି ଶିବ ପ୍ରସାଦ ପ୍ରଧାନୀ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧର୍ମଗଡ଼ ବିଧାୟକ ଓ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଚଳିତ ବର୍ଷ ଖରିଫ ସମୟରେ କୋକସରା ବ୍ଲକର ଜଳସେଚିତ ଅଞ୍ଚଳରେ ଚାଷୀ ରୋଗପୋକ ଓ ଅଣ ଜଳସେଚିତ ଅଞ୍ଚଳରେ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ରବି ଋତୁରେ ଏହାକୁ ଭରଣ କରିବା ପାଇଁ ଚାଷୀ ଆଶା ବାନ୍ଧିଥିବାବେଳେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ଜଳସେଚନ ବନ୍ଦ ହେବା ଜାଣିବା ପରେ ଚାଷୀକୁଳ ଚିନ୍ତାରେ ପଡ଼ିଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଇନ୍ଦ୍ରାବତୀ ଡ୍ୟାମରେ ଅଧିକ ଜଳପୂର୍ଣ୍ଣ ଥିବା ଚାଷୀ ଅଭିଯୋଗ କରି ବିଭାଗୀୟ ଅଧିକାରୀଙ୍କ ଟାଳଟୁଳ ନୀତିକୁ ବିରୋଧ କରିଛନ୍ତି। ଏହାକୁ ନେଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ଏକତ୍ରିତ ହୋଇ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ପାଟଯୋଷୀ ଚାଷୀମାନଙ୍କ ସହ ଆଲୋଚନା ପରେ ଫୋନ ଯୋଗେ କଳାହାଣ୍ଡି ଜିଲାପାଳଙ୍କ ସହିତ ଆଲୋଚନା କରି ଜଳସେଚନ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ପରେ ଚାଷୀମାନେ ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲାପାଳ ଜନଶୁଣାଣି ଶିବିରରେ ଯାଇଥିବାରୁ ତାଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରବି ଋତୁରେ ଜଳ ସେଚନ ବ୍ୟବସ୍ଥା କରିବା ପାଇଁ ଦାବି କରିବା ସହ ଦାବି ପୂରଣ ନ କଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଡେପୁଟି କଲେକ୍ଟର ତ୍ରିପାଠୀ ଉପଜିଲାପାଳଙ୍କୁ ଏ ବିଷୟରେ ଅବଗତ କରିବା ସହ ଚାଷୀ ଯେମିତି ଜଳସେଚନ ନେଇ କୌଣସି ହଇରାଣ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷକ ସଚେତନ ମଞ୍ଚ ଉପାଧ୍ୟକ୍ଷ, ବ୍ଲକ ଉପାଧ୍ୟକ୍ଷ ସମେତ ଚିନ୍ତାମଣି ପଟେଲ, ପଙ୍କଜ ପୋଡ଼, ପଙ୍କଜମୁଖ ଚୌଧୁରୀ, ଜୟଲାଲ ନାଏକ, ଧବଳେଶ୍ୱର ଶବର, ମଲୟ ଛତ୍ରିଆ, କେଶବ ନାଏକ, ସତ୍ୟବାନ ପାଣିଗ୍ରାହୀ ପ୍ରମୁଖ ଶତାଧିକା ଚାଷୀ ଉପସ୍ଥିତ ଥିଲେ।

## ଜୋରାଡବରାକୁ ଆଦର୍ଶ ସମବାୟ ସମିତି ମାନ୍ୟତା




ସମବାୟ ସମିତି ସଭାପତି ଅଧିକାରୀଙ୍କଠାରୁ ଅନୁଦାନ ରାଶିର ଚେକ୍ ଗ୍ରହଣ କରୁଛନ୍ତି।

**କର୍ଲାମୁଣ୍ଡା, ୧୮।୧୧ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପ୍ରାଥମିକ କୃଷି ସମବାୟ ସମିତି ଠାରେ ସୋମବାର ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପ ନିବନ୍ଧକ ପ୍ରମୋଦ କୁମାର ସାହୁ, କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେ, ନାବାର୍ଡ ଡିଡିଏମ୍ ମହେଶ୍ୱର ଦାଶ, ଏଆର୍‌ସିଏସ୍ ମଧୁସୂଦନ ମେହେର, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ମ ରାମପୁର ଶାଖା ପରିଚାଳକ ମନୋରଞ୍ଜନ ଚାନ୍ଦ, ସମବାୟ ସମିତି ସଭାପତି ଦେବରାଜ ରଣା ପ୍ରମୁଖ ଯୋଗଦେଇ ଧାନ କ୍ରୟରେ ସ୍ୱଚ୍ଛତା ଆଣିବା ଓ କୃଷି ଋଣ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଜୋରାଡବରା ସମିତିକୁ ଆଦର୍ଶ ସମବାୟ ସମିତି ଭାବେ ଘୋଷଣା କରାଯାଇ ସ୍ୱତନ୍ତ୍ର ଅନୁଦାନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ମା' ଲଙ୍କେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ବିଭାଗ, ଆର୍‌ଏମ୍‌ସି କର୍ମଚାରୀ, ସମବାୟ ସମିତି ନିର୍ଦ୍ଦେଶକ ଅଂଶଗ୍ରହଣ କରିଥିଲେ।

# ହାଇସ୍କୁଲ ପରିସରରୁ ଜବରଦଖଲ ଉଚ୍ଛେଦ

**କୋକସରା, ୧୮।୧୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଜେସିବି ସାହାଯ୍ୟରେ ଘର ଭଙ୍ଗାଯାଉଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡ଼ା ଶମ୍ଭୁଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରୁ ସୋମବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସୂଚନା ମତେ ଡେଙ୍ଗାଗୁଡ଼ା ଗ୍ରାମର ଗୌନ୍ତିଆ ସୁଦାମ ଚରଣ ନାଏକ ୧୯୯୩ ମସିହାରେ ସ୍କୁଲ ନିର୍ମାଣ ପାଇଁ ୩ ଏକର ଜମି ଦାନ କରିଥିଲେ। ତେବେ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜମିକୁ ନିଜର ପୈତୃକ ଜାଗା ଦର୍ଶାଇ ଜବରଦଖଲ କରି ଘର ନିର୍ମାଣ କରିଥିଲେ। ଏ ନେଇ ସ୍କୁଲ ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ଜାଗା ଖାଲି କରିବାକୁ କହିବା ସତ୍ତ୍ୱେ ଜବରଦଖଲକାରୀ ଓଲଟା ସ୍କୁଲ କର୍ତ୍ତୃପକ୍ଷ ଓ କମିଟିର ସଦସ୍ୟଙ୍କୁ ଧମକଚମକ ଦେଇ ଆସୁଥିଲେ। ପରେ ସ୍କୁଲ ପକ୍ଷରୁ ଜବରଦଖଲକାରୀଙ୍କ ବିରୋଧରେ କୋକସରା ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। ତହସିଲ ପକ୍ଷରୁ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ପରେ ମଧ୍ୟ ସେ ଜାଗା ଖାଲି କରି ନ ଥିଲେ। ଏ ନେଇ ଗତ ଜୁଲାଇ ୧୮ରେ ତହସିଲଦାର ନବୀନ କିଶୋର ପାଢ଼ୀ ପୋଲିସ ଫୋର୍ସ ନେଇ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିବା ବେଳେ ଦଖଲକାରୀ କିଛି ମାସ ସମୟ ମାଗିଥିଲେ। ତେବେ ପରବର୍ତ୍ତୀ ସମୟରେ ମଧ୍ୟ ଜାଗା ଖାଲି ନ କରିବାରୁ ସୋମବାର କୋକସରା ତହସିଲଦାର ପାଢ଼ୀ, ସହାୟକ ଜିଲାପାଳ ଅଜିତ କୁମାର ଶବର, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଆମପାଣି ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା, ରାଜସ୍ୱ ବିଭାଗ କର୍ମଚାରୀ ଛନ୍ଦା ଚରଣ ଖମାରି, ରାଧାଗୋବିନ୍ଦ ପଟ୍ଟନାୟକ ପ୍ରମୁଖ ସ୍କୁଲ ପରିସରରୁ ଜବରଦଖଲକାରୀଙ୍କ ଘରକୁ ଜେସିବି ଲଗାଇ ଭାଙ୍ଗିଥିଲେ। ପରେ ଉକ୍ତ ଜାଗାକୁ ଖାଲି କରାଯାଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

## ନୃତ୍ୟ ସଙ୍ଗମ-୨୦୨୪ ଯୁବ ପ୍ରତିଭା ପାଇଁ ନାମ ଘୋଷଣା

**ଭବାନୀପାଟଣା, ୧୮।୧୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭା ଦ୍ୱାରା ଆୟୋଜିତ ଲୋକ କଳାର ମହାକୁମ୍ଭ ନୃତ୍ୟ ସଙ୍ଗମ-୨୦୨୪ରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ପ୍ରତିଭାଙ୍କ ନାମ ଘୋଷଣା ହୋଇଯାଇଛି। ପଶ୍ଚିମ ଓଡ଼ିଶାର ଲୋକକଳା ଓ ଲୋକ ସଂସ୍କୃତିର ଗବେଷଣା ପାଇଁ ନୂଆପଡ଼ା ଜିଲା କୋମନାର ଗବେଷକ ରଜତ ରାଜ ପାଣିଗ୍ରାହୀଙ୍କୁ ଯୁବ ଗବେଷକ ସମ୍ମାନ, ବରଗଡ ଜିଲାର ବିଶିଷ୍ଟ ଢୋଲ ବାଦକ ତଥା ଯୁବ ନୃତ୍ୟଗୁରୁ ଦୀଲିପ ସାହୁଙ୍କୁ ଲୋକନୃତ୍ୟ ପାଇଁ ଯୁବ ପ୍ରତିଭା ସମ୍ମାନ, କଳାହାଣ୍ଡି ଜିଲା କାଣ୍ଡେଲ ଗ୍ରାମର ବିଶିଷ୍ଟ ନିଶାନ ବାଦକ କମ୍ପୁପାଣି ବାଗଙ୍କୁ ଯୁବ ପ୍ରତିଭା ସମ୍ମାନ, ଭବାନୀପାଟଣାର ରାମେଶ୍ୱର ତ୍ରିପାଠୀଙ୍କୁ ଭାନୁପ୍ରକାଶ ରଥଙ୍କୁ ଯୁବ ନାଟ୍ୟ ସମ୍ମାନ, ଭବାନୀପାଟଣାର ସୁଦାମ ବିଶିଙ୍କୁ ଘୁମୁରା ଓ ବଜାଶାଲ ନୃତ୍ୟ ପାଇଁ ଯୁବ ପ୍ରତିଭା ସମ୍ମାନ, ଭବାନୀପାଟଣାର ବିଶିଷ୍ଟ ନୃତ୍ୟାଙ୍ଗନା କୁନି ସାହୁଙ୍କୁ ନୃତ୍ୟାଙ୍ଗନା ସମ୍ମାନ ପ୍ରଦାନ କରିବା ପାଇଁ ଅନୁଷ୍ଠାନ ଦ୍ୱାରା ନାମ ଘୋଷିତ ହୋଇଛି। ଏହି ବିଶିଷ୍ଟ ଯୁବ ପ୍ରତିଭାମାନଙ୍କୁ ଆସନ୍ତା ନଭେମ୍ବର ୨୯, ୩୦ ଓ ଡିସେମ୍ବର ୧ରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟେଡିୟମଠାରେ ସମ୍ବର୍ଦ୍ଧିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି।

## ବୋଡ଼େନରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ନୂଆପଡ଼ା, ୧୮।୧୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା ବୋଡ଼େନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୬ ଅଭିଯୋଗରୁ ୪୫ ଟି ବ୍ୟକ୍ତିଗତ ଓ ୧୧ଟି ଗୋଷ୍ଠୀଗତ ରହିଥିଲା। ଏହିସବୁ ଅଭିଯୋଗର ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳ ମଧୁସୂଦନ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ମାଝୀ, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତାଙ୍କ ସମେତ ବିଭିନ୍ନ ବିଭାଗୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସାସ୍ଥ୍ୟ ଶିବିର ଓ ସ୍ଥାନୀୟ ସାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ସମୟସୀମା ମଧ୍ୟରେ ସମାଧାନ କରି ସରକାରଙ୍କ ବିଭିନ୍ନ ସହାୟତା ସେମାନଙ୍କୁ ଯୋଗାଇଦେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

# ଅଙ୍ଗନୱାଡି କର୍ମୀ ଚୟନରେ ବିଳମ୍ବ

**ବେହେରା, ୧୮।୧୧ (ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଅଙ୍ଗନୱାଡ଼ି କର୍ମୀ ଚୟନରେ ଅହେତୁକ ବିଳମ୍ବ ହେତୁ ଆବେଦନକାରୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ କୋକସରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବିଜ୍ଞାପନ ସଂଖ୍ୟା ୪୫୯/୧୮।୦୭।୨୪ରେ ବ୍ଲକ ଅଧୀନ ଖପରାମାଲ, ଚିତାମୁଣ୍ଡା, ଚିଲଡଙ୍ଗରି, ମିରଜାପୁର, ନେଗିଗୁଡ଼ା, ଗଡବନ୍ଧ ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ଭର୍ତ୍ତି ପାଇଁ ବିଜ୍ଞାପନ ବାହାରିଥିଲା। ଏହି ଆଧାରରେ ଗ୍ରାମର ମହିଳାମାନେ ଆବେଦନ କରିଥିଲେ। କିନ୍ତୁ ତିନିମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଚୟନ ପ୍ରକ୍ରିୟା ହୋଇପାରି ନାହିଁ। ଅନ୍ୟପକ୍ଷେ ଉକ୍ତ ଅଙ୍ଗନୱାଡ଼ି ସେଣ୍ଟର୍‌ର ଅଙ୍ଗନୱାଡ଼ି କର୍ମୀ ଅବସର ନେଇ ଥିବାବେଳେ ସେଣ୍ଟର ପରିଚାଳନାରେ ଅନ୍ୟ ଅଙ୍ଗନୱାଡ଼ି ସେଣ୍ଟର କର୍ମୀ ରହିଛନ୍ତି। ଫଳରେ ସେଣ୍ଟର୍ ପରିଚାଳନା ଠିକ ଭାବରେ ହେଉ ନ ଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଶୀଘ୍ର ନୂତନ କର୍ମୀଙ୍କୁ ଚୟନ କରାଯାଇ ଅଙ୍ଗନୱାଡ଼ି ସେଣ୍ଟର ସୁପରିଚାଳନା ପାଇଁ ସେମାନେ ଦାବି କରିଛନ୍ତି। ଏ ନେଇ ଧର୍ମଗଡ ଉପଜିଲାପାଳ ଧୃମାନ ଚକମାଙ୍କୁ ପଚାରିବାରୁ ନିଯୁକ୍ତି ସମ୍ବନ୍ଧୀୟ କାଗଜପତ୍ର ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଛି। ଅଳ୍ପଦିନ ମଧ୍ୟରେ ଖାଲି ଥିବା ଅଙ୍ଗନୱାଡ଼ି ସେଣ୍ଟର୍‌ରେ ନୂତନ କର୍ମୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ କରିଥିଲେ।

## ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଖଡ଼ିଆଳ, ୧୮।୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବାଦି ବଗିଚାଠାରେ ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହପାଠୀଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପବିତ୍ର ମୋହନ ପ୍ରଧାନ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଅଜିତ ଚନ୍ଦ୍ର ପ୍ରଧାନ ଓ ପ୍ରସନ୍ନ କୁମାର ପଣ୍ଡା ଭାରତମାତାଙ୍କୁ ମାଲ୍ୟାର୍ପଣ କରିଥିଲେ। ସଜନ କୁମାର ଅଗ୍ରୱାଲ ବନ୍ଧୁମିଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହପାଠୀମାନେ ପୁରୁଣା ସ୍ମୃତି ରୋମନ୍ଥନ କରିବା ସହ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ଗୌରବ ଗାଥା ଉପସ୍ଥାପନ କରିଥିଲେ। ପ୍ରଦୀପ କୁମାର ଦଣ୍ଡସେନା ଓ ଦେବେଶ କୁମାର ହୋତା ଉପସ୍ଥିତ ବନ୍ଧୁ ଓ ସେମାନଙ୍କ ପରିବାରର ପରିଚୟ ପ୍ରଦାନ କରିଥିଲେ। ପରିବାର ସଦସ୍ୟ ବିଭିନ୍ନ ଖେଳରେ ମଜ୍ଜିରହିବା ସହ ନାଚଗୀତ କରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶେଷରେ ରତନ ସିଂ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାକୁ ସଫଳ କରିବାରେ ତରୁଣ କୁମାର ହେର୍ଣ୍ଣା, ନରେନ୍ଦ୍ର ମେହେର, ଫତେ ମହମ୍ମଦ, ପ୍ରଶାନ୍ତ କୁମାର, ରାଜେନ୍ଦ୍ର ଶାହ, ମନୋଜ କୁମାର ପାଢ଼ୀ, ବସନ୍ତ ଅଗ୍ରୱାଲ, ରମେଶ କୁମାର ଅଗ୍ରୱାଲ, ସାରଦା ପ୍ରସାଦ ସ୍ୱାଇଁ, ଡ. ଆଦିତ୍ୟ କୁମାର ଜୋଷୀ ପ୍ରମୁଖ ସହାୟତା କରିଥିଲେ।

# ଧରଣିଗୁଡ଼ି ଭାଙ୍ଗିବା ପ୍ରତିବାଦରେ ଧାରଣା

**ଲାଞ୍ଜିଗଡ଼, ୧୮।୧୧ (ରମେଶ ଚନ୍ଦ୍ର ନାୟକ)**



ଗଛପକାଇ ରାସ୍ତା ଅବରୋଧ କରାଯାଇଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କେନ୍ଦୁବର୍ଡ଼ି ଗ୍ରାମର ଧରଣୀଗୁଡ଼ି ଭାଙ୍ଗିବା ପ୍ରତିବାଦରେ ଗ୍ରାମବାସୀ ରାସ୍ତାରେ ଗଛ ପକାଇ ଧାରଣା ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ରବିବାର ବେଦାନ୍ତ କର୍ମଚାରୀ ବେଦାନ୍ତ ଷ୍ଟାଫ କଲୋନି ନିକଟ ହନୁମାନ ମନ୍ଦିର ପାଖକୁ ଭୋଜି କରିବାକୁ ଯାଇଥିଲେ। ସେମାନେ ଆଦିବାସୀଙ୍କ ଧରଣିଗୁଡ଼ି ଭାବେ ପଥରରେ ତିଆରି ମନ୍ଦିର ଭାଙ୍ଗି ସେଥିରେ ବ୍ୟବହୃତ ପଥରରେ ଚୁଲି ତିଆରି କରି ରୋଷେଇ କରିଥିଲେ। ଗ୍ରାମବାସୀ ସୋମବାର ଧରଣୀଗୁଡି ଭାଙ୍ଗିଥିବା ଦେଖି ଲାଞ୍ଜିଗଡ ଥାନାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେବା ସହ କ୍ଷତିପୂରଣ ଦାବିରେ ରାସ୍ତାରେ ଗଛ ପକାଇ ରାସ୍ତା ଅବରୋଧ କରିଥଲେ। ସୂଚନା ପାଇ ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ, ଏସ୍ଆଇ ମାଝୀ ଗୋମାଙ୍ଗଙ୍କ ସମେତ ପୋଲିସ ବଳ ଓ ବେଦାନ୍ତ ଅଧିକାରୀ ପହଞ୍ଚି ଗାଁ ଲୋକଙ୍କୁ ବୁଝାଶୁଝା କରିଥଲେ। ଗ୍ରାମବାସୀ ଧରଣିଗୁଡ଼ିର ପୁନରୁଦ୍ଧାର ଦାବି ରଖିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟି ନ ଥିଲା।

## ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ କାଟ ଖାଇଲା ଅନାସ୍ଥା ପ୍ରସ୍ତାବ

**କେସିଙ୍ଗା, ୧୮।୧୧ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଭୋଟ ସୋମବାର କାଟ ଖାଇଛି। ମିଳିଥିବା ସୂଚନା ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସପକ୍ଷବାଦୀ ଦୀର୍ଘଦିନ ହେଲା ଅଜ୍ଞାତବାସରେ ଥିଲେ ମଧ୍ୟ ଆବଶ୍ୟକ ଥିବା ସଂଖ୍ୟା ୩୭ ଜଣ ସଦସ୍ୟ ନ ହେବାରୁ ସେମାନେ ସୋମବାର ବ୍ଲକ୍ କାର୍ଯ୍ୟାଳୟରେ ଅନୁପସ୍ଥିତ ରହି ଭୋଟିଂରେ ଭାଗନେଇପାରି ନ ଥିଲେ। ଫଳରେ ବ୍ଲକ୍ ଅଧ୍ୟକ୍ଷ ସେନାପତି ଅନାସ୍ଥା ପ୍ରସ୍ତାବରେ ବିଜୟୀ ହୋଇ ତାଙ୍କ ପଦବୀ ବଜାୟ ରଖିଛନ୍ତି। ଏହାପରେ ସେନାପତିଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ସମସ୍ତେ ତାଙ୍କ ସହ ସାମିଲହୋଇ ଉନ୍ନୟନ କାର୍ଯ୍ୟ ଆଗେଇନେବାରେ ସାହାଯ୍ୟ କରନ୍ତୁ ବୋଲି ସେନାପତି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଭାଗନେଉଛି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟିମ୍



ବିଶ୍ୱବିଦ୍ୟାଳୟ ଟିମ୍ ଖେଳାଳି।

**ଭବାନୀପାଟଣା, ୧୮।୧୧ (ଉତ୍ତମ କୁମାର ଦାଶ)**

**ଇଷ୍ଟ ଜୋନ୍ ଇଣ୍ଟର ୟୁନିଭର୍ସିଟି ହକି ଟୁର୍ଣ୍ଣାମେଣ୍ଟ**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ଇଷ୍ଟଜୋନ୍‌ଇଣ୍ଟରୟୁନିଭର୍ସିଟିହକିଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟିମ୍ ଭାଗ ନେଇଛି। ଟିମ୍ ପରିଚାଳକ ଭାବେ ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳ ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ମଙ୍ଗଳବାର ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଟିମ୍ ଓ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହାକୁ ନେଇ ନିଜ ଟିମ୍‌କୁ ଆଗୁଆ ଶୁଭେଚ୍ଛା ଜଣାଇଛନ୍ତି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଓ ଖେଳ ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା।

# ନୂଆପଡ଼ା ଏକଲବ୍ୟ ବିଦ୍ୟାଳୟର ସଫଳତା

**ନୂଆପଡ଼ା, ୧୮।୧୧ (ମକାରୁ ବେମାଲ)**




କୃତୀ ପ୍ରତିଯୋଗୀଙ୍କ ସହ ଶିକ୍ଷକ।

ନୂଆପଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ରାଜ୍ୟସ୍ତରରେ ସଫଳତା ଅର୍ଜନ କରି ଜିଲା ପାଇଁ ସୁନାମ ଆଣିଛନ୍ତି। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ଏକଲବ୍ୟ ବିଦ୍ୟାଳୟର ଅଧ୍ୟକ୍ଷା ସୁନିତା ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ ଭୋଇ ଓ ଜିଲାପାଳ ମଧୁସୂଦନ ଦାସ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ମୁତାବକ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାରେ ନୂଆପଡ଼ା ଏକଲବ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଭୁବନେଶ୍ୱରଠାରେ ଗତ ୧୨ରୁ ଆୟୋଜିତ ଜନଜାତୀୟ ସଂସ୍କରଣରେ ଛାତ୍ରୀଛାତ୍ର ବାଦ୍ୟ ଯନ୍ତ୍ର ସହ ଆଦିବାସୀ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅନ୍ୟ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ମେଘା ଶୁକ୍ଲା ଭାଷଣ ପ୍ରତି ଯୋଗିତା କନିଷ୍ଠ ବର୍ଗରେ ପ୍ରଥମ ହୋଇଥିବା ବେଳେ ଛାତ୍ର ପ୍ରଭାତ ଦାସ ବରିଷ୍ଠ ବର୍ଗ ହିନ୍ଦୀ ଭାଷଣ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ୨ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ବାରଣ୍ଡାରେ ପାଠପଢ଼ା

**କୋକସରା, ୧୮।୧୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ପରିତ୍ୟକ୍ତ ହୋଇପଡିଥିବା ଅଙ୍ଗନୱାଡି କେନ୍ଦ୍ର।

**ଶିଶୁ ବିକାଶ ଯୋଜନା ବାଟବଣା**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଶିଶୁ ବିକାଶ ଯୋଜନା ବାଟବଣା ହୋଇଛି। ଲଡୁଗାଁ ପଞ୍ଚାୟତ ପୀତବାସପୁରଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଗୃହ ନ ଥିବାରୁ ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ପାଠପଢା ଚାଲିଆସୁଛି। ୪ବର୍ଷ ହେବ କେନ୍ଦ୍ରଟି ଭଙ୍ଗାଦଦରା ହୋଇ ପଡ଼ିରହିଛି। କାନ୍ଥରେ ଫାଟ ଦେଖାଯିବା ପରେ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ସହାୟିକାଙ୍କ ଘରେ ପ୍ରାକ୍ ବିଦ୍ୟାଳୟର ୨୦ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଥିବା ବେଳେ ଘର ବାହାରେ ପିଲାମାନଙ୍କୁ ନେଇ ଶିକ୍ଷାଦାନ କରାଯାଉଛି। କେନ୍ଦ୍ରକୁ ମରାମତି କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମଳିନାହିଁ। ସେହିପରି ଲଡୁଗାଁ ପଞ୍ଚାୟତ ଆଇଁଲୀ ଦିସାରୀପଡ଼ାରେ ଶିଶୁମାନଙ୍କୁ ଶିକ୍ଷାଦାନ ଓ ଗର୍ଭବତୀଙ୍କୁ ଯତ୍ନ ନେବା ପାଇଁ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଛି। ହେଲେ ଦୁଇବର୍ଷ ବିତିଯାଇଥିଲେ ହେଁ କେନ୍ଦ୍ର ପାଇଁ ଗୃହ ନିର୍ମାଣ କରାଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ପାଠପଢା ସହ ଖାଦ୍ୟ ରାନ୍ଧି ଦିଆଯାଉଛି। ସୂଚନା ଅନୁସାରେ କୋକସରା ବ୍ଲକରେ ୧୬୮ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେମଧ୍ୟରୁ ୪୪ଟି କେନ୍ଦ୍ରକୁ ସକ୍ଷମ ମାନ୍ୟତା ଦିଆଯାଇ ସମର୍ଥ କରାଯାଇଥିବା ବେଳେ ୪୧ ଅଙ୍ଗନୱାଡ଼ି କେନ୍ଦ୍ରର କେଉଁଠି ଅଙ୍ଗନୱାଡ଼ି କର୍ମୀଙ୍କ ବାରଣ୍ଡାରେ ତ ଆଉ କେଉଁଠି ଖୋଲା ଆକାଶ ତଳେ ପାଠପଢା ଚାଲିଛି। ଏ ନେଇ କୋକସରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସରୋଜା ଦେଇଙ୍କ ପ୍ରତିକ୍ରିୟା ନେବାରୁ ବ୍ଲକରେ ଅନେକ ଅଙ୍ଗନୱାଡ଼ି କେନ୍ଦ୍ରର କୋଠା ନାହିଁ, ଏ ନେଇ ଜିଲାକୁ ଅବଗତ କରାଯାଇଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ହରଭଙ୍ଗା,୧୮।୧୧
(ନରେନ୍ଦ୍ର କୁମାର ସାହୁ)

ସୋମବାର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଗଣ୍ଡାପାଜୁ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ପତିତପାବନ କହଁର (୨୫)। ପ୍ରକାଶ ଯେ,ସନ୍ଧ୍ୟାରେ ପତିତପାବନ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ତାର ସଂଯୋଗ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆଡ଼େଣିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ୫ ଏକର ଜଙ୍ଗଲ ଜମିରୁ ଗଞ୍ଜେଇ ଚାଷ ନଷ୍ଟ

ବାଉଁଶୁଣୀ, ୧୮।୧୧
(ଦେବାଶିଷ ନେପାକ)

ସୋମବାର ବାଉଁଶୁଣୀ ପୋଲିସ ଉଡବିଲିକା ଗ୍ରାମ ନିକଟ ଜଙ୍ଗଲରେ ଚଢାଉ କରି ୫ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରିଛି । ବେଆଇନ ଭାବେ ଏହା ଚାଷ କରାଯାଇଥିଲା । ଚଢାଉରେ ପୋଲିସ ବାହିନୀ ସମେତ ରାଜସ୍ୱ ଓ ବନ ବିଭାଗ କର୍ମଚାରୀମାନେ ସାମିଲ ଥିଲେ । ଏନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି।

### ନବାହ୍ନ ପାରାୟଣ ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତର ଦନ୍ତାପାଲି ଗ୍ରାମରେ ଆଗାମୀ ଫେବୃୟାରୀରେ ହେବାକୁ ଥିବା ନବାହ୍ନ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦତ୍ତାତ୍ରୟ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଗତବର୍ଷ ନବାହ କାର୍ଯ୍ୟକ୍ରମରେ ହୋଇଥିବା ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଆସନ୍ତା ପାରାୟଣ ପାଇଁ ଏକ ପରିଚାଳନା କମିଟି ଗଠନ କରିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ସଭାପତି ଭାବେ ଦ୍ୱିତୀକୃଷ୍ଣ ପଣ୍ଡା, ଉପ ସଭାପତି ଜଗଦୀଶ ପଣ୍ଡା, ସମ୍ପାଦକ ସୁଶିଲ କୁମାର ପଣ୍ଡା, କୋଷାଧକ୍ଷ ହୃଷୀକେଶ ପଣ୍ଡା, ଭଣ୍ଡାର ରକ୍ଷକ ଦାଶରଥି ପଣ୍ଡା, ପୂଜା ମଣ୍ଡପ ଦାୟିତ୍ୱ ଗଜାନନ ପଣ୍ଡା, ଉପଦେଷ୍ଟାଭାବେ ବେଣୁଧର ପଣ୍ଡା, ଦତ୍ତାତ୍ରୟ ପଣ୍ଡା, ସଦାଶିବ ଶତପଥୀ, ସୁକାନ୍ତ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରା ଯାଇଛି। ଏହି ବୈଠକରେ ଆଶୁତୋଷ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ଅଶୋକ କର, ପଞ୍ଚାନନ ପଣ୍ଡା, ଗଜାନନ ପଣ୍ଡା, ଯଜ୍ଞେଶର ବିଶି, ଶ୍ରୀନିବାସ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଅମ୍ବରୀଶ ପଣ୍ଡା, ଭୀମସେନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଧାନକିଣାରେ ବାଧା ଆଶଙ୍କା

ସୋନପୁର,୧୮।୧୧
(ମୃତ୍ୟୁଞ୍ଜୟ ଶତପଥୀ)

■ ରବିରେ ମିଲର୍ସ ଦେଇଛନ୍ତି ୧୪.୫୧% ଚାଉଳ
■ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ଧିମା



ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଗଲାଣି। ଜିଲାର ପଞ୍ଜିକୃତ ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ ପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ପୂର୍ବାହ୍ନରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହେବ। ତେବେ ଚଳିତଥର ଧାନକିଣାରେ ବାଧା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। କଷ୍ଟମ ମିଲିଂ ଚାଉଳ(ସିଏମ୍ଆର) ସଂଗ୍ରହରେ ଧିମା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କାରଣ ସୋମବାର ସନ୍ଧ୍ୟା ସୁଦ୍ଧା ଜିଲାର ମିଲର୍ସମାନେ ଗତ ରବିଋତୁର ମାତ୍ର ୧୪.୫୧% ସିଏମ୍ଆର ସରକାରଙ୍କୁ ପ୍ରଦାନ କରିଛନ୍ତି। ମିଲର୍ସମାନଙ୍କ ଗୋଦାମରେ ଧାନ ଭର୍ତ୍ତି ହୋଇ ରହିଛି। ତେଣୁ ଚାଷୀଙ୍କ ନିକଟରୁ ସଂଗୃହୀତ ହେବାକୁ ଥିବା ଖରିଫ ଧାନ କେଉଁଠି ରଖିବେ ସେ ଚିନ୍ତା ଘାରିଛି। ବର୍ଷା ହେଲେ ଚାଷୀଙ୍କ ଧାନ ମଣ୍ଡିରେ ରହି ଓଦା ହେବ। ଅନ୍ୟପକ୍ଷେ ମିଲର୍ସଙ୍କ ଧାନ ଗୋଦାମରେ ସୁରକ୍ଷିତ ନ ରହିଲେ ମାନ ନଷ୍ଟ ହେବାର ଆଶଙ୍କା ରହିଛି।

ସୂଚନା ଅନୁଯାୟୀ, ଗତ ୨୦୨୨-୨୩ ଖରିଫ ଋତୁ(ଖରିଫ ଓ ରବି)ରେ ଏହି ଜିଲାରୁ ସୁବର୍ଣ୍ଣପୁର ଜିଲାର ୫୦ ମିଲର୍ସ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୩୮ଲକ୍ଷ ୩୪ହଜାର ୬୨କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ପ୍ରଦାନ କରିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ମିଲର୍ସମାନେ ୨୬ଲକ୍ଷ ୩୮ହଜାର ୪୫୪କୁଇଣ୍ଟାଲ ଚାଉଳ(୬୮.୮୨%) ସରକାରଙ୍କୁ ଦେଇଛନ୍ତି। ଆହୁରି ୧୧ଲକ୍ଷ ୯୫ହଜାର ୬୦୮କୁଇଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ମିଲର୍ସ ମାନେ ଖରିଫରେ ନେଇଥିବା ଧାନର ଶତପ୍ରତିଶତ ସିଏମ୍ଆର ଦେଇଥିବା ବେଳେ ରବିର ବାକି ରହିଛି। ରବିରେ ଜିଲାର ମିଲର୍ସ ମାନେ ୨୦ଲକ୍ଷ ୩୨ହଜାର ୩୪୯କୁଇଣ୍ଟାଲ ଧାନ ନେଇଥିଲେ। ସେମାନେ ୧୩ଲକ୍ଷ ୮୧ହଜାର ୯୯୭କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେବା କଥା। କିନ୍ତୁ ମାତ୍ର ୨ଲକ୍ଷ ୭୪୮ କୁଇଣ୍ଟାଲ ସିଏମ୍ଆର ଚାଉଳ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଚାଉଳ ସଂଗ୍ରହ କେନ୍ଦ୍ର ଗୁଡିକ ସ୍ୱଳ୍ପ ପରିମାଣର ଚାଉଳ ଗଚ୍ଛିତ ରଖୁଥିବା ବେଳେ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଚାଉଳ ସଂଗ୍ରହ ଧିମା ରହିଛି। ଡୁଙ୍ଗୁରିପାଲି ସ୍ଥିତ ଏଫ୍‌ସିଆଇର ଖାଦ୍ୟ ସଂରକ୍ଷଣ ଭଣ୍ଡାର ସମ୍ମୁଖରେ ଶ୍ରମିକ ଅଶାନ୍ତି ଯୋଗୁ କିଛି ମାସ ଜିଲାରୁ ଚାଉଳ ସଂଗ୍ରହ ଓ ବାହାର ରାଜ୍ୟକୁ ଚାଉଳ ପଠାଇବା ବନ୍ଦ ରହିଥିଲା। ଫଳରେ ମିଲର୍ସମାନେ ଠିକ୍ ସମୟରେ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ଦେଇ ପାରିନାହାନ୍ତି। ଆଉ ୧୫ ଦିନ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦରରେ ଧାନ ବିକ୍ରି କରିବା ନେଇ ଚାଷୀ ଉତ୍ସାହିତ ଅଛନ୍ତି। ତେବେ ମିଲର୍ସ ମାନେ ଏକ ସମୟରେ ମଣ୍ଡିରୁ ଧାନ ସଂଗ୍ରହ କରିବେ ଓ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ଦେବେ। ଏଥିଯୋଗୁ ଟ୍ରକ୍ ଅଭାବ ଲାଗିରହିବ। ଫଳରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ନେଇ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠନାଥ ଶତପଥୀ କହିଛନ୍ତି।

ଚଳିତ ଖରିଫରେ ଜିଲାରେ ପ୍ରାୟ ୭୪ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଧାନ ବିକ୍ରି ପାଇଁ ପ୍ରାୟ ୬୮ ହଜାର ୫୦୦ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଛନ୍ତି। ଜିଲା ଧାନ ସଂଗ୍ରହ କମିଟି ବୈଠକରେ କୃଷି ବିଭାଗର ମତାମତ କ୍ରମେ ଧାନ ସଂଗ୍ରହ ଆରମ୍ଭ ପାଇଁ ତାରିଖ ଧାର୍ଯ୍ୟ ହେବାର ସମ୍ଭାବନା ରହିଛି। ରାଜ୍ୟ ସରକାର ଚଳିତ ଥର ତ୍ରୁଟିଶୂନ୍ୟ ତଥା ସୁବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ ପାଇଁ ଗୁରୁତ୍ୱ ଦେଉଛନ୍ତି। ପୂର୍ବ ବର୍ଷ ଭଳି ଡିସେମ୍ବର ମାସ ପ୍ରଥମ ସପ୍ତାହରୁ ଜିଲାରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ନେଇ ନିଷ୍ପତ୍ତି ନିଆ ଯାଇପାରେ।

## ଜିଲାପାଳଙ୍କ ଜନଶୁଣାଣି ଶିବିର




ଜିଲାପାଳ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

ଖୁଣ୍ଟଗୋରା,୧୮।୧୧( ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ସମୁଦାୟ ୮୨ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୬୬ ଗୋଟି ବ୍ୟକ୍ତିଗତ ମାମଲା ଓ ୧୬ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ୩୧ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ୧୯ ଜଣଙ୍କୁ ପେନ୍‌ସନ ଯୋଜନାରେ ସାମିଲ କରାଯାଇଥିବା ବେଳେ ଜଣଙ୍କୁ ବସ୍ ପାସ ପ୍ରଦାନ କରାଯାଇଥିଲା। ଏହାସହ ଶିବିରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶିବିରରେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ବିଡିଓ ସାମୀ ରେଡି ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବୁରୋଗୋର ଗ୍ରାମରେ ଶିଶୁ ଉତ୍ସବ

ବାଉଁଶୁଣୀ/ବଘିଆପଡା(ଦେବାଶିଷ ନେପାକ/ଶ୍ରୀକାନ୍ତ ସାହୁ),୧୮।୧୧




ସୋମବାର ଦିନ ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତ ବୁରୋଗୋରା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପତାଙ୍ଗୀ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୱାଇସିଡ଼ିଏ ସହଯୋଗରେ ହୋଇଥିବା ଉକ୍ତ କାର୍ଯକ୍ରମରେ ବୁରୋଗୋରା, ଜମୁଖୋଲ, ବିରିଗଡ, ମଲ୍ଲିକପଡ଼ା ଓ ଗୁଡ଼ିଆଲି ଗ୍ରାମର ୩୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ବିଜ୍ଞାନ ମେଳା ଆୟୋଜନ କରାଯାଇଥିଲା। ମେଳାରେ ଛାତ୍ରୀଛାତ୍ରମାନେ ନାଚ, ଗୀତ, ଚିତ୍ରାଙ୍କନ ସମେତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସଂଘମିତ୍ରା ପଣ୍ଡା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ୱାଇସିଡ଼ିଏର ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର, ପ୍ରୋଗ୍ରାମ ଡାଇରେକ୍ଟର ଅରୁଣ ପ୍ରଧାନ, ବୁରୋଗୋରା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ ଯୋଗଦେଇ ଶିଶୁ ଅଧିକାର ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରକଳ୍ପ ଅଧିକାରୀ ଦେବଦତ୍ତା ଦାସ ଏଫ୍ଏଫ୍ଭିଡିପି କାର୍ଯକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗୋଟିଏ ରାତିରେ ୫ ଚୋରି

ତରଭା, ୧୮।୧୧(ମାନଭଞ୍ଜନ ମିଶ୍ର)

ସୁବର୍ଣପୁର ଜିଲା ତରଭା ସହରରେ ରବିବାର ରାତିରେ ୫ ଟି ସ୍ଥାନରେ ଚୋରି ନେଇ ତରଭା ଥାନାରେ ଅଭିଯୋଗ ହୋଇଛି। ଏଥିରେ ତିନୋଟି ମନ୍ଦିର, ଗୋଟିଏ ଦୋକାନ ଓ ଗୋଟିଏ ଟେଷ୍ଟ ହାଉସ ରହିଛି। ଏତଲା ଅନୁସାରେ ତରଭା ନୂଆପଡ଼ା ବାଇପାସ୍ ରାସ୍ତା କଡରେ ଥିବା ଶନି ମନ୍ଦିରର ତାଲା ଭାଙ୍ଗି ଦୁଇଟି ଦାନବାକ୍ସ ଦୁର୍ବୃତ୍ତ ନେଇଯାଇଥିବା ମନ୍ଦିର ପୂଜକ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ତରଭା ବଡବନ୍ଧ ନିକଟ ଶିବ ମନ୍ଦିରର ତାଲା ଭାଙ୍ଗି ମୁଖ୍ୟଦାନ ବାକ୍ସ ଚୋରି ହୋଇଥିବା ପୂଜକ ମୃତ୍ୟୁଞ୍ଜୟ ଥନାପତି ଅଭିଯୋଗ କରିଛନ୍ତି। ତରଭା ବ୍ଲକ ସମ୍ମୁଖରେ ଥିବା ରଶ୍ମିରଞ୍ଜନ ମହାଣାଙ୍କ ଦୋକାନ ତାଲା ଭାଙ୍ଗି ଚୋରି ହୋଇଥିବା ଏତଲା ହୋଇଛି। ତରଭା ପ୍ରବେଶ ପଥକଡରେ ଥିବା ବଇସରାନି ମନ୍ଦିର ଏବଂ ଗୁରୁ ଟେଷ୍ଟ ହାଉସ୍‌ରେ ଚୋରି ଉଦ୍ୟମ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ପୃଥକ ମାମଲା ରୁଜୁ ହୋଇ ପୋଲିସ ସାଇଣ୍ଟିଫିକ ଟିମ୍ ଓ ଡଗସ୍କ୍ୱାଡ ସହାୟତାରେ ତଦନ୍ତ ଜାରି ରହିଛି ।

## ଜିଲାସ୍ତରୀୟ ସମବାୟ ସପ୍ତାହ ପାଳିତ

ବରଗଡ,୧୮।୧୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ସୋମବାର ଜିଲାସ୍ତରୀୟ ସମବାୟ ସପ୍ତାହ ମହୋତ୍ସବ ଅନୁଷ୍ଠିତ ହୋଇଛି। ସମବାୟ ସମିତି ଉପନିବନ୍ଧକ ଯୁଗଳ କିଶୋର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଏସ୍‌ଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଏଆର୍‌ସିଏସ୍, ପଦ୍ମପୁରଙ୍କ ସମେତ ବରଗଡ଼ ଜିଲାର ସମବାୟ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମବାୟ ସମିତି ସମସ୍ତଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତର ଗଠନ ଶୀର୍ଷକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ସ୍ତରରେ ଜ୍ଞାନାନନ୍ଦ ପ୍ରଧାନ ପ୍ରଥମ, ସ୍ୱନ୍ଦନ ଶାଶ୍ୱତ ପ୍ରଧାନ ଦ୍ୱିତୀୟ, ଆର୍ଯ୍ୟାଂଶୁ ପରିଡ଼ା ତୃତୀୟ, ବରିଷ୍ଠ ସ୍ତରରେ ସ୍ମିତା ଗୌଡ ପ୍ରଥମ, ଆଲୋକ ସୁନା ଦ୍ୱିତୀୟ, ଅଙ୍କିତାରାଣୀ ଛୁରିଆ ତୃତୀୟ ଏବଂ ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ସ୍ତରରେ ସାରିକା ବାରିକ ପ୍ରଥମ, ଗୌରବ ପାଣିଗ୍ରାହୀ ଦ୍ୱିତୀୟ, ରାସେଶ୍ୱରୀ ହୋତା ତୃତୀୟ, ବରିଷ୍ଠ ସ୍ତରରେ ଆରାଧନା ପ୍ରଧାନ ପ୍ରଥମ, ଅବିନାଶ ନାଗ ଦ୍ୱିତୀୟ, ସାଦିଆ ଖାତୁନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏତଦବ୍ୟତୀତ ବରଗଡ ଜିଲା ଅଧୀନରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ସମବାୟ ସମିତି ଏବଂ ପ୍ୟାକ୍ସଗୁଡିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସର୍ବୋତ୍ତମ ପ୍ୟାକ୍ସ ଭାବେ ବରଗଡ଼ ଉପଖଣ୍ଡ ଲହଣ୍ଡା, ନାରାୟଣ ଏବଂ ପଦ୍ମପୁର ଉପଖଣ୍ଡର ମେଲଛାମୁଣ୍ଡା, ଲାଉମୁଣ୍ଡା ପ୍ୟାକ୍ସ ପୁରସ୍କୃତ ହୋଇଥିଲା। ସର୍ବୋତ୍ତମ ସିସିବି ଶାଖା ଭାବେ ଉଟଲି ଶାଖା ଏସ୍‌ଡିସିସି ବ୍ୟାଙ୍କ, ଶ୍ରେଷ୍ଠ ପ୍ରଦର୍ଶନକାରୀ ବୁଣାକାର ସମବାୟ ସମିତି ଭାବେ ଅତାବିରା ବୁଣାକାର ସମବାୟ ସମିତି ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁଗ୍ଧ ସମବାୟ ସମିତି ଭାବେ ବୀର ହନୁମାନ ସମବାୟ ସମିତି ପ୍ରକାଶପୁରକୁ ପୁରସ୍କୃତ କରଯାଇଥିଲା।

## ଭୁବନେଶ୍ୱର ମହାଦେବ ମନ୍ଦିର ଜରାଜୀର୍ଣ୍ଣ

ବାଉଁଶୁଣୀ,୧୮।୧୧
(ଦେବାଶିଷ ନେପାକ)

ରକ୍ଷଣାବେକ୍ଷଣା ଅଭାବରୁ ଡାହାଣ ପାର୍ଶ୍ୱକୁ ଢଳୁଛି

ବୌଦ୍ଧ ଜିଲାର ବାଉଁଶୁଣୀଠାରେ ଥିବା ପ୍ରାଚୀନ ଭୁବନେଶ୍ୱର ମହାଦେବ ମନ୍ଦିର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜାରାଜୀର୍ଣ୍ଣ ହେବାରେ ଲାଗିଛି । ଜିଲା ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ନଜର ନ ପଡ଼ିବା ଜନ ଅସନ୍ତୋଷର କାରଣ ହୋଇଛି । ଦ୍ୱାଦଶ ଶତାବ୍ଦୀରେ ପୁରୀ ରାଜା ତୃତୀୟ ଅନଙ୍ଗ ଭୀମଦେବ କୌଣସି ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇବା ପାଇଁ ସ୍ୱପ୍ନାଦେଶ ଅନୁସାରେ ବୌଦ୍ଧ ଜିଲାର ମହାନଦୀ କୂଳେ କୂଳେ ଅନେକ ଶିବ ମନ୍ଦିର ନିର୍ମାଣ କରିଥିଲେ । ଏହି ଶିବମନ୍ଦିର ମଧ୍ୟରୁ ବାଉଁଶୁଣୀ ଠାରେ ଥିବା ଭୁବନେଶ୍ୱର ମହାଦେବ ମନ୍ଦିର ଅନ୍ୟତମ । ତେବେ ମହାନଦୀ କୂଳରେ ଥିବା ଏହି ମହାଦେବ ମନ୍ଦିରରେ ବର୍ଷା ଋତୁରେ ନଦୀର ସ୍ରୋତ ବାରମ୍ବାର ବାଡ଼େଇ ହେବା କାରଣରୁ ଏହା କ୍ରମଶଃ ଦୁର୍ବଳ ହୋଇ ଡାହାଣକୁ ଢଳିବାରେ ଲାଗିଛି। ଏପରି କି ମନ୍ଦିର ଚୂଳ ମଧ୍ୟ ଭାଙ୍ଗିବାରେ ଲାଗିଲାଣି । ଏହି ମନ୍ଦିରର ମରାମତି ପାଇଁ ନେତା, ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇ ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରତିବର୍ଷ ଶିବରାତ୍ରିରେ ଏହି ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥାଏ । ଭକ୍ତମାନେ ଦୂର ଦୂରାନ୍ତରୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ତେବେ ମନ୍ଦିରର ମରାମତି କରାଯାଉ ନ ଥିବାରୁ ଆଗାମୀ ଦିନରେ ଏହା ମହାନଦୀ ଗର୍ଭରେ ବିଲୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ଜିଲାପାଳ ଯଥାଶୀଘ୍ର ମନ୍ଦିର ରକ୍ଷଣାବେକ୍ଷଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ସହ ମନ୍ଦିର କମିଟି ପକ୍ଷରୁ ଦାବି କରାଯାଇଛି ।

## ଅମରପାଲି କ୍ରିକେଟ କପ୍ ପ୍ରସ୍ତୁତି ବୈଠକ

ଅମରପାଲି,୧୮।୧୧
(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମରେ ଫ୍ରେଣ୍ଡସ କ୍ଲବ ଓ ଜେମସଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ୩୧ତମ ଅମରପାଲି କ୍ରିକେଟ କପ୍‌ର ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କହ୍ନେଇ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କ୍ଲବର ସମସ୍ତ ସଭ୍ୟ ଯୋଗଦେଇଥିଲେ। ଚଳିତ ନଭେମ୍ବର ୨୭ ଉକ୍ତ ଟୁର୍ନାମେଣ୍ଟ ଆରମ୍ଭ ହୋଇ ଏହାର ଫାଇନାଲ ଡିସେମ୍ବର ୧ରେ ହେବ ବୋଲି ସ୍ଥିରୀକୃତ ହୋଇଛି। ପ୍ରାରମ୍ଭରେ ଗତ ଟୁର୍ନାମେଣ୍ଟର ବିବରଣୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ବିଦ୍ୟାଧର ସାହୁ ସଭାପତି, କହ୍ନେଇ ଚରଣ ସାହୁଙ୍କୁ ସମ୍ପାଦକ ମନୋନୀତ କରାଯାଇଛି। ଏହା ସହିତ ଅଶୋକ କୁମାର ସାହୁଙ୍କୁ ଉପସଭାପତି, ଦିଲ୍ଲୀପ କୁମାର ପ୍ରଧାନଙ୍କୁ ସହସମ୍ପାଦକ ଓ ଜୟପ୍ରକାଶ ସାହୁଙ୍କୁ କୋଷାଧ୍ୟକ୍ଷଭାବେ ଚୟନ କରାଯାଇଛି। ପ୍ରାଣବନ୍ଧୁ ସାହୁ, ପୀତାମ୍ବର ସାହୁ, ଭବାନୀ ଶଙ୍କର ସାହୁ, ଚନ୍ଦ୍ରଶେଖର ପତି, ସୁରେଶ ବିଶି, ଲକ୍ଷିନ୍ଦ୍ର ପ୍ରଧାନ, ବିଷ୍ଣୁ ଚରଣ ଧଳ, ନାରାୟଣ ପ୍ରଧାନ, ଜ୍ଞାନରଞ୍ଜନ ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଟୁର୍ନାମେଣ୍ଟରେ ରାଜ୍ୟର ଶ୍ରେଷ୍ଠ ୧୫ଟି ଦଳ ଅଂଶ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆ ଯାଇଛି। ଟୁର୍ନାମେଣ୍ଟ ଆଇପିଏଲ ଢାଞ୍ଚାରେ ଖେଳାଳି ଅଂଶ ଗ୍ରହଣ କରିବେ। ମ୍ୟାଚ ଗୁଡ଼ିକ ଟି-୧୦ ଫର୍ମାଟରେ ଖେଳାଯିବ ଏବଂ ଫାଇନାଲ ମ୍ୟାଚତିନୋଟି ଫର୍ମାଟରେ ଖେଳାଯିବ। ଚାମ୍ପିୟନ ଦଳକୁ ୧୮ ହଜାର ଓ ଉପବିଜେତା ଦଳକୁ ୧୨ ହଜାର ଟଙ୍କା ସହିତ ମର୍ଯ୍ୟାଦାଜନକ କବିନ ସ୍ମାରକୀ ଟ୍ରଫି ଏବଂ ତ୍ରିଲୋଚନ ସ୍ମାରକୀ ଟ୍ରଫି ପ୍ରଦାନ କରାଯିବ।

## ଗୋପୀ-ପ୍ରିୟବ୍ରତ ଯୋଡ଼ି ଚାମ୍ପିୟନ

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ଗ୍ୟାଲେକ୍ସି କପ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ
■ ମନୋଜ, ଜଗନ୍ନାଥ ଯୋଡ଼ି ରନର ଅପ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଦେଉଳମୁଣ୍ଡା ଗ୍ରାମରେ ଚାଲିଥିବା ତୃତୀୟ ଗ୍ୟାଲେକ୍ସି କପ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧୀରେନ୍ଦ୍ର ବାଘ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଖେଳ ଅଧ୍ୟାପକ ନରେନ୍ଦ୍ର ଚାନ୍ଦ, ଶିକ୍ଷକ ଗୋପବନ୍ଧୁ ଭୋଇ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ସୁବଳୟା, ବୀରମହାରାଜପୁର ଗ୍ୟାଲେକ୍ସି, ଭଳିଆପଦର, ଦେଉଳମୁଣ୍ଡାର ୧୭ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବୀରମହାରାଜପୁର ଗ୍ୟାଲେକ୍ସି ଟିମ୍‌ର ଗୋପୀନାଥ ମହାକୁର ଓ ପ୍ରିୟବ୍ରତ ଜଗଦଲା ଚାମ୍ପିୟନ ହୋଇଥିବା ବେଳେ ମନୋଜ ଝଙ୍କାର ଓ ଜଗନ୍ନାଥ ମେହେର ରନର ଅପ ହୋଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଓ ରନର ଅପ ଦଳକୁ ଆର୍ଥିକ ପୁରସ୍କାର ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସର୍ବୋତ୍ତମ ସ୍ୱେଚ୍ଛାସେବୀ ହିସାବରେ ଗଙ୍ଗାଧର ନାୟକ ଓ ପ୍ରଦ୍ୟୁମ୍ନ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବୋତ୍ତମ ଖେଳାଳି ହିସାବରେ ମନୋଜ ଝଙ୍କାରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନୁଷ୍ଠାନ ସଭାପତି ସତ୍ୟନାରାୟଣ ଚାନ୍ଦ,ବରିଷ୍ଠ ଖେଳାଳି ମନୋରଞ୍ଜନ ଚାନ୍ଦ, ଯୁବ ଖେଳାଳି ଅକ୍ଷୟ ଚାନ୍ଦ, ସୁଜିତ ଛନ୍ଦ, ଶୁଭେନ୍ଦୁ ଚାନ୍ଦ, ଧ୍ରୁବଚରଣ ବାଗ ଓ ପ୍ରାଣବନ୍ଧୁ ଭୋଇ, ଗିରିଧାରୀ ହୋତା ସହଯୋଗ କରିଥିଲେ।



ଚାମ୍ପିୟନ ଓ ରନର ଅପ୍ ଖେଳାଳିମାନେ।

## ଟେଣ୍ଡର ସରିଛି, ଜମିରୁ ଅବରୋଧ ହଟିନି

ସୋନପୁର,୧୮।୧୧
(ମୃତ୍ୟୁଞ୍ଜୟ ଶତପଥୀ)

■ ବସ୍‌ଷ୍ଟାଣ୍ଡ କାମ ଆରମ୍ଭ ହେଉନି
■ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଶୋଭାଯାତ୍ରା




ଯାତ୍ରୀଙ୍କ ପାଇଁ ସର୍ବନିମ୍ନ ସୁବିଧା ନଥିବା ସୁବର୍ଣ୍ଣପୁର ବସ୍‌ଷ୍ଟାଣ୍ଡ।

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି ସ୍ୱପ୍ନ ହୋଇ ରହିଛି। ୧୯୯୩ ମସିହାରେ ଏହି ଜିଲା ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଗମନାଗମନ କ୍ଷେତ୍ରରେ ସର୍ବନିମ୍ନ ସୁବିଧା ପୂରଣ ହୋଇନି। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଏକାଧିକ ଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ମଧ୍ୟ ଇଟା ଖଣ୍ଡେ ଯୋଡାଯାଇନି। ନିକଟରେ କାମ ଆରମ୍ଭ ହେବା ସମୟରେ କେଁ ଯୋଗୁ ତାହା ପୁଣି ଅଟକି ଯାଇଛି। ଏଥିନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦାବିରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ସହରରେ ଶୋଭାଯାତ୍ରା ଆୟୋଜିତ ହେବ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି କମିଟି ଆବାହକ ଦୀପକ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ଗଡଜାତ ସମୟରୁ ଯେଉଁ ବସ୍‌ଷ୍ଟାଣ୍ଡ ଥିଲା ଏବେ ବି ତାହା କାର୍ଯ୍ୟକ୍ଷମ ଅଛି। ଜିଲା ଗଠନ ପରେ ଜନସଂଖ୍ୟା ଓ ସହର କଳେବର ବୃଦ୍ଧି ପାଇଥିଲେ ମଧ୍ୟ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଇନି। ୧ ବର୍ଷ ପୂର୍ବରୁ ଏ ଟାଇପ୍ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥାନରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୩.୩୪ ଏକର ପରିମିତ ସ୍ଥାନକୁ ଜିଲା ପ୍ରଶାସନ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍ଆର୍‌ଟିସି) ନାମରେ ଆବଣ୍ଟିତ କରିଛି। ନୂତନ ବସ୍‌ଷ୍ଟାଣ୍ଡ ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ଭୀମ ଭୋଇ କଳାମଣ୍ଡପ, ପୁରୁଣା ଟାଉନ ହଲ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ଥିଲା। ଉକ୍ତ ଜମିରୁ ପୁରୁଣା ଟାଉନ ହଲ, ଭୀମ ଭୋଇ କଳାମଣ୍ଡପ ଓ ମଝିରେ ଥିବା ଷ୍ଟଲଗୁଡିକୁ ମ୍ୟୁନିସିପାଲିଟି ଉଚ୍ଛେଦ କରିଛି। ତେବେ ଶୌଚାଳୟ ଓ ବାକି ଦୋକାନ ଗୃହ ଉଚ୍ଛେଦ ବାକି ଅଛି। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଓଡିଶା ବ୍ରିଜ୍ ଏଣ୍ଡ କନଷ୍ଟ୍ରକଶନ କୋର୍ପୋରେଶନ ଲିମିଟେଡ(ଓବିସିସି) ୪ ମାସ ପୂର୍ବରୁ ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଡର ପ୍ରକ୍ରିୟା ମଧ୍ୟ ସରିଛି। ତେବେ ସମ୍ପୂର୍ଣ୍ଣ ଜମି ଅବରୋଧ ମୁକ୍ତ ହୋଇ ନ ଥିବା ବେଳେ କେତେଜଣ ଲୋକ ଭୁବନେଶ୍ୱର ଯାଇ ସହର ବାହାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଫଳରେ ନିର୍ମାଣ କାମ ଅଟକି ଯାଇଛି। ଅନ୍ୟପକ୍ଷେ ବସ୍‌ଷ୍ଟାଣ୍ଡରେ ସାମାନ୍ୟ ସୁବିଧା ନ ଥିବାରୁ ଯାତ୍ରୀମାନେ ନାନା ଅସୁବିଧା ଭୋଗୁଛନ୍ତି। ପୁରୁଣା ସ୍ଥାନରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲାର ବୁଦ୍ଧିଜୀବୀ ମତ ରଖିବା ସହ କାମ ତ୍ୱରାନ୍ୱିତ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ନୂତନ ଥାନାଧିକାରୀଙ୍କୁ ସ୍ୱାଗତ



**ବନ୍ଧମୁଣ୍ଡା,୧୮।୧୧(ସୁବ୍ରତ ଦେ):** ବନ୍ଧମୁଣ୍ଡା ଥାନାରେ ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କୁ ସ୍ଥାନୀୟ ସାମାଜିକ ଏବଂ ରାଜନୈତିକ କର୍ମୀଙ୍କ ଦ୍ୱାରା ସ୍ୱାଗତ କରାଯାଇଛି। ଏହି କ୍ରମେ ବନ୍ଧମୁଣ୍ଡାର ବିଜେଡି କର୍ମୀମାନେ ମଧ୍ୟ ଥାନାକୁ ଯାଇ ନୂଆ ଥାନା ଅଧିକାରୀଙ୍କୁ ଭେଟି ତାଙ୍କୁ ପୁଷ୍ପଗୁଚ୍ଛ ଉପହାର ଦେଇ ଅଭିନନ୍ଦନ ଜଣାଇଛନ୍ତି। ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବଢ଼ାଯାଉ, ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟଠାରେ ପ୍ରତିଦିନ ଛୁଟି ସମୟରେ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଉ, ଅସାମାଜିକ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି କର୍ମୀମାନେ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ପୋଲିସକୁ ସାଧାରଣ ଲୋକେ ସାହାଯ୍ୟ କରିବାକୁ ଥାନା ଅଧିକାରୀ ଖମାରୀ ନିବେଦନ କରିଛନ୍ତି। ଏହି ଅବସରରେ ବିଜେଡିର ଚନ୍ଦନ ତରାଇ, ଅବିନାଶ ଯାଦବ, ଅସିତ ଦାସ, ନୀତୀଶ ମୁଖୀ, ପ୍ରବୀର ଦେ ପ୍ରମୁଖ ଉପସ୍ଥିତ ଥିଲେ।

### କାଲୋସିହିରିଆକୁ ମରୁଡ଼ି ଘୋଷଣା ଦାବି

**କୁଆଁରମୁଣ୍ଡା,୧୮।୧୧(ମହେନ୍ଦ୍ର କୁମାର ସାହୁ):** ବର୍ଷା ଅଭାବରୁ ଚଳିତବର୍ଷ କାଲୋସିହିରିଆ ପଞ୍ଚାୟତରେ ଖରିଫ ଫସଲ ପ୍ରଭାବିତ ହୋଇଛି। ଚଳିତବର୍ଷ ଚାଷୀମାନେ ସେମାନଙ୍କ ଋଣ ପରିଶୋଧ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ଆଶଙ୍କା କରି ସୋମବାର କୁଆଁରମୁଣ୍ଡା ତହସିଲଦାରଙ୍କୁ ଏହାର ତଦନ୍ତ କରି ଉପଯୁକ୍ତ ବିଚାର କରିବା ପାଇଁ ଦାବି କରିଛନ୍ତି। ବର୍ଷା ଅଭାବରୁ ଧାନ ଚାଷ ପ୍ରାୟ ୮୦ ଶତକଡା ପ୍ରଭାବିତ ହୋଇଛି। ତେଣୁ ଏହି ଅଞ୍ଚଳକୁ ମରୁଡି ଘୋଷଣା କରିବା ପାଇଁ କାଲୋସିହିରିଆ ପଞ୍ଚାୟତବାସୀ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି।

### ନିର୍ମାଣାଧୀନ ସିଭିଲ କୋର୍ଟରୁ ଚୋରି

**ବଡ଼ଗାଁ,୧୮।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ସିଭିଲ କୋର୍ଟରେ ନୂତନ ଭାବେ ଲଗାଯାଇଥିବା ୩ଟି ଏସି ଓ ଫ୍ୟାନ, ୨ଟି ବଲବ ଚୋରି ହୋଇଛି। ଏନେଇ ସୋମବାର ସୁନ୍ଦରଗଡ଼ ସିଭିଲ କୋର୍ଟର ଉପ ପ୍ରଶାସକ ଦେବବ୍ରତ ମେହେର ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଆଇଆଇସି ଆଶିଷ କୁମାର ଜେନା ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ପାଗଳ କୁକୁର କାମୁଡ଼ାରେ ୬ ଆହତ

**ବଡ଼ଗାଁ,୧୮।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତଲିମୁଣ୍ଡା ଓ ଜାଙ୍ଗଲି ଗ୍ରାମରେ କୁକୁର କାମୁଡାରେ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ତଲିମୁଣ୍ଡା ଗ୍ରାମର ସଞ୍ଜୟ ହେରେଞ୍ଜ(୩୧), ମାରିୟମ(୬୬), ବୈଦେହୀ ପ୍ରଧାନ (୩୨), ପ୍ରିନ୍ସ ବେହେରା(୪), ପଦ୍ମିନୀ ବେହେରା ଓ ଦେବେନ ଖଡ଼ିଆ। ସୂଚନା ଅନୁଯାୟୀ, ସଞ୍ଜୟ ସୋମବାର ସକାଳେ ଘର ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ଗୋଟିଏ ପାଗଳ କୁକୁର ତାଙ୍କ ଗୋଡ଼ ଓ ହାତକୁ କାମୁଡ଼ି ଦେଇଥିଲା। ଏହାଦେଖି ମା' ମାରିୟମ ଆସିବାରୁ ତାଙ୍କୁ ମଧ୍ୟ କୁକୁର କାମୁଡ଼ି ଦେଇଥିଲା। ଏହାପରେ ରାସ୍ତାରେ ଯାଉଥିବା ସେହି ଗ୍ରାମର ବୈଦେହୀଙ୍କୁ କାମୁଡ଼ି ଆହତ କରିଥିଲା। ସେହିପରି ଶୁକ୍ରବାର ଜାଙ୍ଗଲି ଗ୍ରାମର ପ୍ରିନ୍ସ, ପଦ୍ମିନୀ ଓ ଦେବେନଙ୍କୁ କୁକୁର କାମୁଡ଼ିଥିବା ଜଣାପଡ଼ିଛି।

### ୫୮ ଅଭିଯୋଗର ଶୁଣାଣି

**ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ବିଡ଼ିଓ ବେର୍ସିୟସ୍ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ସେବା, ରାଶନ କାର୍ଡ ଆଦି ୫୮ ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୩୧ ବ୍ୟକ୍ତିଗତ ଏବଂ ୨୭ ସାମୂହିକ ରହିଥିଲା।

# ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ଦାବି

**ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ଖବରଦାତା ସମ୍ମିଳନୀ**

**ସୁନ୍ଦରଗଡ,୧୮।୧୧(ଜୟ ନାରାୟଣ ମେଣ୍ଡୁଲି)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ଼ ମାଟିର ଭୂମିପୁତ୍ର ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ସହ ସ୍ଥାନୀୟ ମେଡିକାଲ କଲେଜ ଓ ହସ୍ପିଟାଲକୁ ତାଙ୍କ ନାମରେ ନାମିତ କରିବାକୁ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ପୁଣି ଦାବି କରାଯାଇଛି। ସୋମବାର ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ କେନ୍ଦ୍ର କମିଟି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ଦାବି କରାଯିବା ସହ ଭାଜପା ତା'ର ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ଦାବି କରାଯାଇଛି। ସମ୍ମିଳନୀରେ ସଙ୍ଗଠନର ନେତୃବୃନ୍ଦ କହିଛନ୍ତି, କେନ୍ଦ୍ର ସରକାର ହେଉ କି ରାଜ୍ୟ ସରକାର, ସୁନ୍ଦରଗଡ଼ ଜିଲାକୁ ସବୁବେଳେ ଅବହେଳା କରିଆସୁଛନ୍ତି। ଜିଲାକୁ ମରୁଡି ଘୋଷଣା, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା,ଏମ୍‌ସ ପ୍ରତିଷ୍ଠା ଭଳି ଅନେକ ସମସ୍ୟା ରହିଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ଅଖଣ୍ଡ ଭୂୟାଁ ସମାଜ ନିଜ ଜାତି ସମାଜ ପାଇଁ ଲଢ଼େଇ କରିବା ସହ ସୁନ୍ଦରଗଡ଼ ଜିଲାର ସାମୂହିକ ବିକାଶ ପାଇଁ ଆଗେଇ ଆସିଛି। ସୁନ୍ଦରଗଡ଼ ମାଟିର ସ୍ୱାଭିମାନ ପାଇଁ ୧୫ ବର୍ଷ ହେବ ଆଦିବାସୀ ଭୂୟାଁ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ଦାବି ଏବଂ ସଂଗ୍ରାମ କରି ଆସୁଛି। ଏଥିସହ ଜିଲାର ଅନେକ ସଙ୍ଗଠନ ମଧ୍ୟ ଦାବି କରି ଆସୁଛନ୍ତି। ହେଲେ ତାହା ପୂରଣ ହୋଇପାରୁନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଡବଲ ଇଞ୍ଜିନ ସରକାର ଥିବାବେଳେ ଏହି ଦାବି ପୂରଣ ହୋଇପାରିବ ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ ଆଶାବ୍ୟକ୍ତ କରିଥିଲେ। ସୂଚନା ଯୋଗ୍ୟଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ବୀର ମାଦ୍ରୀ କାଲୋଙ୍କୁ ସ୍ଥାନ ଦେଇଥିଲେ ଏବଂ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରାଳୟ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ବର୍ତ୍ତମାନ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ନିଜ ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି ଏହି ସମ୍ମିଳନୀରେ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ଦାବି କରିଛି। ଏହି ଖବରଦାତା ସମ୍ମିଳନୀରେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜର ବରିଷ୍ଠ ଉପସଭାପତି ରବି ରତ୍ନ ପଟେଲ, ସାଙ୍ଗଠନିକ ଉପସଭାପତି ଦେବେନ୍ଦ୍ର ଅମାତ, କେନ୍ଦ୍ରୀୟ ସମ୍ପାଦକ ରାମଚନ୍ଦ୍ର ଅମାତ, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, କେନ୍ଦ୍ର କମିଟି ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୁରୁ, ଜିଲା ସାଧାରଣ ସମ୍ପାଦକ ଗଣେଶ୍ୱର ନାଏକ, ଜିଲା ସଙ୍ଗଠକ ପ୍ରଶାନ୍ତ ଅମାତ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଯାପିତ



ପୁରସ୍କୃତ ହୋଇଥିବା ଛାତ୍ରୀମାନେ।

**ସୁନ୍ଦରଗଡ,୧୮।୧୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଭବାନୀପୁର ସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟଠାରେ ଚାଲିଥିବା ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ରାଜଗାଙ୍ଗପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅତିଥିଭାବେ ଯୋଗଦେଇଥିଲେ। ଜିଲାର ୧୭ଟି ବ୍ଲକରୁ ମୋଟ ୫୩୮ ଜଣ ଛାତ୍ରୀଛାତ୍ର ଓ ପଡୋଶୀ ଝାରସୁଗୁଡା ଜିଲାର ୨୫ଜଣ ଛାତ୍ରୀଛାତ୍ର ମଣ୍ଡଳ ସ୍ତରୀୟ ଭଲିବଲ ଓ ବିଜ୍ଞାନ ମେଳାରେ ଭାଗ ନେଇଥିଲେ। ସମସ୍ତ ବର୍ଗର ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଶୁଭେଚ୍ଛା ଜଣାଇଥିଲେ। ଅନ୍ତିମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତାକର୍ଷକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ଦଳରୁ ବିରକାଲଡିହି ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ଦଳରୁ ବିଶ୍ରା ବିଜାଡିହି ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ବିଜୟ ଲିଭ କରିଥିଲେ। ରନର୍ସ ଅପରେ ବାଳକ ଦଳରୁ ଲହଣ୍ଡା ବୁଡ ଉଚ୍ଚ ବିଦ୍ୟାଳୟର ବାଳକମାନେ ଓ ବାଳିକା ଦଳରୁ ଗୁରୁଣ୍ଡିଆ ଉଚ୍ଚ ବିଦ୍ୟାଳୟର ବାଳିକାମାନେ। ଦଳଗତ ନୃତ୍ୟ ପ୍ରଦର୍ଶନ କରି ମେଘଡେଗା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଥିଲା। ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶେଷଦେବ ନନ୍ଦ ଓ ଚନ୍ଦ୍ର ମଣୀ ତାଜନ ମଞ୍ଚ ପରିଚାଳନା କରିଥିଲେ। ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ରସମୁଣ୍ଡାରେ ଛପନ ପ୍ରହର ନାମଯଜ୍ଞ ଆରମ୍ଭ

**ପାଇକମାଳ, ୧୮।୧୧(ବଢ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଭେଙ୍ଗରାଜପୁର ଗ୍ରାମପଞ୍ଚାୟତର ରସମୁଣ୍ଡା ଗ୍ରାମରେ ମା ଲକ୍ଷ୍ମୀ ରାଇସ୍ ମିଲ୍‌ର ପରମାନନ୍ଦ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ଛପନ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହି ନାମଯଜ୍ଞ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମନିଷ କୁମାର ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ବିନ୍ଦିଆ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ କାମାକ୍ଷା ପ୍ରସାଦ ଯୋଶୀ, ନବଘନ ଦାଶ, ପିଣ୍ଟୁ ମିଶ୍ର, ଶିଶିର ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ନାମଯଜ୍ଞରେ ସତ୍ୟାନନ୍ଦ ବଗର୍ତ୍ତି, ନାମଯଜ୍ଞ ପରିଚାଳନା କମିଟି ସଭାପତି ପାତାଳ ସାହୁ, ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ହୃତାସନ ପାଣ୍ଡେ, ସୁବୋଧ କୁମାର ବଡପଣ୍ଡା, ବୃନ୍ଦାବନ ନାୟକ, ଉମାକାନ୍ତ ଶତପଥୀ, ରଶ୍ମିରଞ୍ଜନ ବରିହା ତଥା ଭେଟଘାଟ ପଞ୍ଚାୟତବାସୀ ସହଯୋଗ କରୁଛନ୍ତି। ସେହିପରି ପାଇକମାଳ ଅଞ୍ଚଳର ୨୫ଟି ସଂକୀର୍ତ୍ତନ ଦଳ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ବରଗଡ ଜିଲା ଭାଜପା ଉପ ସଭାପତି ସରୋଜ ସାମଲ, ବରିଷ୍ଠ ନେତା ଗୋବର୍ଦ୍ଧନ ଅଗ୍ରୱାଲ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ମୁକେଶ



@ ସୌମ୍ୟ



@ ତରୁଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୁଆଁରମୁଣ୍ଡାରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




**କୁଆଁରମୁଣ୍ଡା,୧୮।୧୧(ମହେନ୍ଦ୍ର କୁମାର ସାହୁ)**

ଅଧୁନା ଯୁବପିଢ଼ି ବିଶେଷକରି କଲେଜ ପଢୁଆ ଯୁବତୀ, ଯୁବକମାନେ ନିଶା କବଳିତ ହେଉଛନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହେଉଛି। ତେଣୁ ସେମାନେ ନିଜର ଭବିଷ୍ୟତକୁ ଆଲୋକିତ କରିବା ପାଇଁ ନିଶାସେବନଠାରୁ ଦୂରେଇ ରହି ପାଠପଢ଼ାରେ ମନୋନିବେଶ କରିବା ପାଇଁ ସୋମବାର କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ନିଜ ନିଜ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ମୁଖ୍ୟବକ୍ତା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ କୁଶଧର କୁଅଁର, ସମ୍ମାନିତ ଅତିଥିଭାବେ ଡ. ସୀମା ତିଗ୍ଗା, ଦେବାଶିଷ ସାହୁ, ସୁନ୍ଦରଗଡ଼ ନେହେରୁ ଯୁବ କେନ୍ଦ୍ରର ମାରିଆନସ ବିଲୁଙ୍ଗ, କୁଆଁରମୁଣ୍ଡା ସଂସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ଅମୂଲ୍ୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର ଓ କୁଆଁରମୁଣ୍ଡାର ସଂସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ।

# ଶିବିରରେ ୮୪ ଅଭିଯୋଗ ପଞ୍ଜୀକୃତ

**ବଣାଇଁ,୧୮।୧୧(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ବଣାଇଁଠାରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜିଲାପାଳଙ୍କ ଅନୁପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି ଶୁଣାଣି କାର୍ଯ୍ୟକ୍ରମ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ଆୟୋଜିତ ହୋଇଥିଲା। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୮୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୪୩ ଟି ଦଳଗତ ଅଭିଯୋଗ ଗ୍ରହଣ କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମିବାଡି ସମସ୍ୟା, ବିଜୁଳି ସମସ୍ୟା, ବଦଳି ସମସ୍ୟା ରହିଥିବା ବେଳେ ଦଳଗତ ସମସ୍ୟା ମଧ୍ୟରେ ରାସ୍ତାଘାଟ, ପାନୀୟଜଳ, ଜଳସେଚନ ସମସ୍ୟା ରହିଥିଲା। ମୁଖ୍ୟତଃ କିଷାନ ସମାଜ ପକ୍ଷରୁ ତାଙ୍କ ସମାଜ ନାମରେ କିଛି ଅସାମାଜିକ ବ୍ୟକ୍ତି ଏକ ଅଣପଞ୍ଜିକୃତ ସଙ୍ଗଠନ ନାମରେ ଅର୍ଥ ଆଦାୟ କରି ଆପତ୍ତି ବିହୀନ ପ୍ରମାଣ ପତ୍ର ଓ ବିବାହ ପ୍ରମାଣପତ୍ର ବଣ୍ଟନ କରୁଥିବା ଅଭିଯୋଗକୁ ଗ୍ରହଣ କରି ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ ଚିକିତ୍ସା ସହାୟତା ରାଶି, ଜଣେ ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ରାଶି ଓ ୬ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଭତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆର କେ ମିଶ୍ର, ବଣାଇଁ ଉପ ଜିଲାପାଳ ଅକ୍ଷୟ କୁମାର ପିଲ୍ଲେଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ବହୁ ଅଭିଯୋଗକାରୀ ଅଭିଯୋଗ ନ କରି ଫେରିଯାଉଥିବା ଦେଖାଯାଇଥିଲା।

## ବଡ଼ଗାଁରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବଡ଼ଗାଁ,୧୮।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ସୋମବାର ବିଜେଡିର ତଲସରା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନ ସମ୍ପର୍କ ପଦଯାତ୍ରା ଜିଲା ସଭାପତି ବିନୟ ଟପ୍ପୋଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦଳକୁ ତୃଣମୂଳ ସ୍ତରରେ ମଜଭୁତ କରିବାକୁ ଆଲୋଚନା ହୋଇଥିଲା। ବଡ଼ଗାଁ ମହାବୀର ଛକ ଠାରୁ ବଡ଼ଗାଁ ଡାକବଙ୍ଗଳା ପର୍ଯ୍ୟନ୍ତ କର୍ମୀ ଓ ଦଳୀୟ ନେତାମାନେ ପଦଯାତ୍ରାରେ ଆସିଥିଲେ। ଡାକବଙ୍ଗଳାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ଗାଁ, ସବଡେଗା,ବାଲିଶଙ୍କରା ଓ ଲେଫ୍ରିପଡା ବ୍ଲକର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଜନ ସମ୍ପର୍କ ପଦଯାତ୍ରାରେ ରାଜ୍ୟ ପରିଷଦ ସଭ୍ୟ ଏମଡି ହାରୁନ ରସିଦ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ମନୋଜ ବାରୁଆ, ବୈଷ୍ଣବ ମାଝୀ, ସୋନାଲି ହେସ, ଲେଫ୍ରିପଡା ବ୍ଲକ ସଭାପତି ପ୍ରଶାନ୍ତ ସେଠ, ବଡ଼ଗାଁ ବ୍ଲକ ସଭାପତି ଦେବାଶିଷ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା କୃଷକ ସମ୍ପାଦକ ସୁନିଲ ମହାପାତ୍ର, ରାଜଗାଙ୍ଗପୁର ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା ପ୍ରମୁଖ ଦଳୀୟ ନେତାମାନେ ଦଳକୁ ମଜବୁତ କରିବାକୁ ଆଲୋଚନାରେ କହିଥିଲେ। ସଭାକୁ ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଭୋଲାନାଥ ଦାସ, ଉତ୍କଳ ମହାପାତ୍ର, କେଶବ କରସେଲ, ଆଲୋକ ପଟ୍ଟନାୟକ, ଧରଣୀଧର ସା, ଏମଡି ହାଫିଜ, ସତ୍ୟ ନାରାୟଣ ନାୟକ, ଭଗବାନ ଲାକ୍ରାଙ୍କ ସହିତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।




## ସୁନ୍ଦରଗଡ଼ରେ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ଉଦ୍‌ଯାପିତ

**ସୁନ୍ଦରଗଡ,୧୮।୧୧(ଜୟ ନାରାୟଣ ମେଣ୍ଡୁଲି)**



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଓ ଓଡ଼ିଶା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଜିଲା କ୍ରୀଡା ସଂଘ ଷ୍ଟାଡିୟମରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଜାତୀୟ ସ୍ତରୀୟ କର୍ଣ୍ଣେଲ ସି.କେ.ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ୪ର୍ଥ ଦିବସରେ ହାତରେ ଥିବା ୪ ଉଇକେଟକୁ ପାଥେୟ କରି ତ୍ରିପୁରା ଦଳ ତାର ୨ୟ ଇନଙ୍ଗିସର ଅମୀମାଂସିତ ଖେଳକୁ ଆଗେଇ ନେଇଥିଲା। କିନ୍ତୁ ୫୮.୩ ଓଭରରେ ସମସ୍ତ ୧୦ଉଇକେଟ ହରାଇ ଦଳ ୧୩୭ ରନରେ ସୀମିତ ରହିଥିଲା। ବିଜୟ ପାଇଁ ଆଉ ମାତ୍ର ୧୨ ରନ କରି ନ ପାରି ସମସ୍ତ ବ୍ୟାଟ୍ସମ୍ୟାନ ପାଭିଲିୟନକୁ ଫେରିଯାଇଥିଲେ। ଓଡିଶା ଦଳ ତରଫରୁ ଆଶୁତୋଷ ଛୁରିଆ ଓ ବିମଲ କୁମାର ଚମତ୍କାର ବୋଲିଙ୍ଗ କରି ତ୍ରିପୁରା ଦଳକୁ ପରାଜୟ ହେବା ପାଇଁ ବାଧ୍ୟ କରିଥିଲେ। ଆଶୁତୋଷ ଛୁରିଆ ୧୮.୪ ଓଭରରେ ୭ମ୍ୟାଡନ ସହ ୪ଉଇକେଟ ନେଇ ୪୪ରନ, ବିମଲ କୁମାର ୧୪.୩ ଓଭରରେ ୪ ମ୍ୟାଡନ ସହ ୪ଉଇକେଟ ନେଇ ୨୦ରନ ତଥା ବାଦଲ ଓ ଆଶୁତୋଷ ମାରାଣ୍ଡି ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଓଡ଼ିଶା ଦଳ ପ୍ରଥମ ଇନଙ୍ଗିସରେ ୧୫୭ ଏବଂ ଦ୍ୱିତୀୟ ଇନଙ୍ଗିସରେ ୧୨୩ ମୋଟ ୨୮୦ ରନ ଏବଂ ତ୍ରିପୁରା ଦଳ ପ୍ରଥମ ଇନଙ୍ଗିସରେ ୧୩୧ ଓ ୨ୟ ଇନଙ୍ଗିସରେ ୧୩୭ ମୋଟ ୨୬୮ରନ କରିଥିଲେ। ଖେଳକୁ ବିସିସିଆଇ ଆମ୍ପାୟାର ଶ୍ରୀକୁମାର ନାୟାର, ସଞ୍ଜୟ ସିଂ, ସୌରଭ ଧୋତେ ପରିଚାଳନା କରିଥିଲେ। ସାତ୍ୱନ ପାଢୀ ଓ ଗଣେଶ କର ଭିଡିଓ ଆନାଲିଷ୍ଟ ତଥା ବୀରବର ନାୟକ ଓ ପାରାମୌର ସିଂ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ ଶେଷ ପରେ ଷ୍ଟାଡିୟମରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଅଧ୍ୟକ୍ଷତା କରିଥିଲେ। ସଭ୍ୟ ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ମ୍ୟାଚ ଅଫିସିଆଲ ଉଭୟ ଦଳର କ୍ୟାପଟେନଙ୍କୁ ଜିଲା କ୍ରୀଡା ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦରଗଡର ପୂର୍ବତନ ଖେଳାଳି ପ୍ରଦୀପ ପ୍ରସାଦ, ବୁବୁ ଧଳ, ବିଶ୍ୱରଞ୍ଜନ ଦାସ ଉପସ୍ଥିତ ଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଜୟ ଦେବ ପାତ୍ର, କ୍ରିକେଟ ସମ୍ପାଦକ ଶିଶିର ପଟେଲ, ସୁଶୀଲ ପଟେଲ, ଆଶିଷ ଦେ, ପ୍ରଶାନ୍ତ ପଟେଲ, ଅନୀଲ ବହିଦାର, ନିତ୍ୟ କୁମାର ବଳ, ସୂରଜ ଭୈଷାଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳିତ ହୋଇଥିଲା। ସୁନ୍ଦରଗଡରେ ପ୍ରଥମ ଥର ପାଇଁ ବିସିସିଆଇ ଅନୁମୋଦିତ ଏଭଳି ଜାତୀୟ କ୍ରିକେଟ ମ୍ୟାଚ ସ୍ୱୀକୃତି ଦେଇଥିବାରୁ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ଜିଲା କ୍ରୀଡା ସଂସଦ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ସଂକ୍ଷେପରେ

### ଘରୋଇ କଳିରୁ ମା'ଙ୍କୁ ବହ୍ଲାରେ ପିଟି ମାରିଲେ ପୁଅ

ରିଆମାଳ,୧୮।୧୧(ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ଥାନା ନାଉଲିପଡା ପଞ୍ଚାୟତ କଂକୋରଖୋଲ ଗ୍ରାମରେ ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିରୁ ମା'ଙ୍କୁ ଆମ୍ବ କାଠ ବହ୍ଲାରେ ପିଟି ମାରିଛି ପୁଅ। ପୋଲିସ ସୂଚନା ଅନୁସାରେ କଂକୋରଖୋଲ ଗ୍ରାମର ହରିଜନପଡା ସ୍କୁଲ ସାହିର ଦୁଷ୍ମନ୍ତ ବାଦି (୩୦) ଓ ମା' ବିଜୁଳୀ (୫୦)ଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ହୋଇଥିଲା। ସେଥିରେ ଉତ୍ତ୍ୟକ୍ତ ହୋଇ ଦୁଷ୍ମନ୍ତ ପାଖରେ ଥିବା ଏକ ଆମ୍ବ ବହ୍ଲାରେ ମା'ଙ୍କ ମୁଣ୍ଡରେ ପିଟି ଦେଇଥିଲେ। ଘଟଣାସ୍ଥଳରେ ମା'ଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ରିଆମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଦୁଷ୍ମନ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଥାନାଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି।

### ଗ୍ରୀଡ୍‌ରୁ ଚୋରି ବେଳେ ଗାଡ଼ି ସହିତ ଧରାପଡ଼ିଲେ ୨ ଚୋର

ରିଆମାଳ,୧୮।୧୧(ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ କରଲଗା ଗ୍ରାମରେ ଥିବା ବିଦ୍ୟୁତ୍ ବିଭାଗର ଗ୍ରୀଡ୍‌ରୁ ଚୋରି ବେଳେ ସୋମବାର ଗାଡି ସହିତ ୨ଜଣ ଅଟକ ରହିଛନ୍ତି। ଗ୍ରୀଡ୍‌କୁ ଚୋରି ଉଦ୍ଦେଶ୍ୟରେ କେତେଜଣ ଦୁର୍ବୃତ୍ତ ଏକ ଗାଡି ଯୋଗେ ଆସିଥିଲେ। ପୋଲିସର ୨ଜଣ ଦୁର୍ବୃତ୍ତଙ୍କୁ ଅଟକ ସହିତ ଏକ ଗାଡି (ନଂ.୩୫ଇ ୫୦୧୯) ଜବତ କରିଥିଲେ।

### ଜିଲା କୃଷକ ସଂଘ ପକ୍ଷରୁ ଶପଥ ପାଠ କାର୍ଯ୍ୟକ୍ରମ

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କୃଷକ ସଂଘ ଅଧୀନ ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକ କୃଷକ ସଂଘ ପକ୍ଷରୁ ୩ଟି ବ୍ଲକରେ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ରବିବାର ଚୟନ ହୋଇଥିବା ବେଳେ ସୋମବାର ନୂତନ କର୍ମକର୍ତ୍ତମାନେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଛନ୍ତି। ସ୍ଥାନୀୟ ସେଣ୍ଟର ଫର କଲଚର କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ନୂତନ ଭାବେ ମନୋନୀତ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତମାନେ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଏହି ଅବସରରେ ଦେବଗଡ ପୌରା ଅଞ୍ଚଳ କମିଟିର ମଦନ ମୋହନ ବେହେରା, ଶିଶିର କୁମାର ବେହେରା, ସୁଶୀଲ ନାୟକ ଓ ସୀମାଞ୍ଚଳ ଦ୍ୱିବେଦୀ ମଧ୍ୟ ଶପଥ ପାଠ କରିଥିଲେ। ଶପଥପାଠ କାର୍ଯ୍ୟକ୍ରମ ପରେ ଜିଲା କୃଷକ ସଂଘ ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୪ଟି ପ୍ରମୁଖ ପ୍ରସ୍ତାବ ଉପରେ ଆଲୋଚନା କରାଯିବା ସହ ସଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦେହୁରୀଙ୍କ ଦ୍ୱାରା ପୂର୍ବ ବିବରଣୀ ପାଠ କରାଯାଇଥିଲା।

# ରାତ୍ରି ଭୋଜନ ଖାଇ ୧୧ ଛାତ୍ରୀ ଅସୁସ୍ଥ, ୩ ଗୁରୁତର

- ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ
- ଟଙ୍କା ବଞ୍ଚାଇବାକୁ ଯାଇ ଅଧକ୍ଷା ବାହାରୁ ଖାଦ୍ୟ ମଗାଇଥିଲେ
- ଛାତ୍ରୀଙ୍କଠାରୁ ଟଙ୍କା ଆଦାୟ କରି ଖର୍ଚ୍ଚ କରୁଛନ୍ତି ଅଧକ୍ଷା




ମେଡିକାଲରେ ଚିକିତ୍ସାଧୀନ ଛାତ୍ରୀଙ୍କ ନିକଟରେ ଅନ୍ୟ ଛାତ୍ରୀମାନେ ଉପସ୍ଥିତ ଅଛନ୍ତି। ଏଏନ୍‌ଏମ୍ ଟ୍ରେନିଂ ଛାତ୍ରୀମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଦେବଗଡ଼,୧୮।୧୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ରାତ୍ରି ଭୋଜନ ଖାଇ ୧୧ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ୩ଜଣ ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାହାରୁ ଖାଦ୍ୟ ଆଣି ଗତ ଶନିବାର ରାତିରେ ଏଏନ୍‌ଏମ୍ ଛାତ୍ରୀଙ୍କୁ ଦିଆଯାଇଥିଲା। ବାସି ଖାଦ୍ୟ ହୋଇଥିବାରୁ ଏଭଳି ହୋଇଥିବା ସନ୍ଦେହ କରାଯାଉଛି। ୮ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିବା ବେଳେ ଏବେ ମଧ୍ୟ ୩ଜଣ ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ଟ୍ରେନିଂ ସେଣ୍ଟର ଅଧକ୍ଷାଙ୍କ ଅବହେଳା ଯୋଗୁ ଏଭଳି ହୋଇଥିବାରୁ ତାଙ୍କ ବଦଳି ପାଇଁ ଦାବି ହୋଇଛି। ସେପଟେ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର ସମସ୍ତ ଛାତ୍ରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ମେସ୍ ଟଙ୍କା ବଞ୍ଚାଇବା ଓ ନିଜ ପକେଟ ଗରମ କରିବା ପାଇଁ ଅଧକ୍ଷା ବାହାରୁ ଖାଦ୍ୟ ମଗାଇଥିଲେ ବୋଲି ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଅଧକ୍ଷା ଛାତ୍ରୀଙ୍କ ଫୋନ ଉଠାଇ ନ ଥିଲେ। ଫଳରେ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କେବଳ ଏତିକି ନୁହେଁ ଛାତ୍ରୀଙ୍କଠାରୁ ଟଙ୍କା ଆଦାୟ କରି ଅଧକ୍ଷା ନିଜେ ଖର୍ଚ୍ଚ କରୁଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱମୋହନ ମିଶ୍ର କହିଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୮।୧୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ ସରୁଆଳି ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୬ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୩୬ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ଶିକ୍ଷକ ନିଯୁକ୍ତି, ପାନୀୟ ଜଳ, ଚେକ୍‌ଡ୍ୟାମ୍, ଗାଈଗୁହାଳ, ରାସ୍ତା ମରାମତି ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇ-ଶ୍ରମ ପୋର୍ଟାଲରେ ଯେଉଁବ୍ୟକ୍ତି ଅନଲାଇନ କରିଥିଲେ, ସେମାନଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପ ଜିଲାପାଳ ପରକ୍ଷିତ ସାହୁ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଜଣେ ବ୍ୟକ୍ତିଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ କେନ୍ଦ୍ର ଶୁଭାରମ୍ଭ

ଝାରସୁଗୁଡ଼ା,୧୮।୧୧
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ମହାନଦୀ କୋଲ ଫିଲ୍ଡ (ଏମସିଏଲ)ର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାର ଦଶମରୁ ଦ୍ୱାଦଶ ଶ୍ରେଣୀ ପଢୁଥିବା ଛାତ୍ରୀଛାତ୍ରୀୟଙ୍କ ପାଇଁ କ୍ୟାରିୟର୍ କାଉନସେଲିଂ ଏବଂ ଲାଇଫ୍ ସ୍କିଲ୍ ପ୍ରୋଜେକ୍ଟ ଏମ୍‌ସିଏଲ୍ କି ଏକ୍ ପହଲ୍ କାର୍ଯ୍ୟକ୍ରମ ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଜିଲା ପ୍ରଶାସନ ଓ ଏମସିଏଲ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତିର ପରାମର୍ଶକ୍ରମେ ଛାତ୍ରୀଛାତ୍ରଙ୍କୁ ଉଚିତ୍ ମାର୍ଗ ଦେଖାଇବା ଲକ୍ଷ୍ୟରେ ଏହି ପଦକ୍ଷେପ। ଓଡ଼ିଶା କୁଶଳୀ ଲୋକଙ୍କ ରାଜ୍ୟ। ଆଜିର ସମୟକୁ ଧ୍ୟାନରେ ରଖି ଯୁବବର୍ଗଙ୍କ ଦକ୍ଷତା ଓ ଉଦ୍ୟମିତା ବଢାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡ଼ା ଜିଲାର ପ୍ରାୟ



୧୪,୯୬୨ ଜଣ ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ କରାଯିବ। ଉପାଦେୟ ପରାମର୍ଶ ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି। କ୍ୟାରିୟର କାଉନସେଲିଂ ପ୍ଲାଟଫର୍ମ ଛାତ୍ରୀଛାତ୍ରଙ୍କୁ କେବଳ କ୍ୟାରିୟର ପଥ ଅନ୍ୱେଷଣ କରିବାରେ ସାହାଯ୍ୟ କରିବ ନାହିଁ ବରଂ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ାର ବିକାଶ ଦିଗରେ ବିଶେଷ ସହାୟକ ହେବ ବୋଲି ପ୍ରଧାନ କହିଛନ୍ତି। ସେହିପରି ଝାରସୁଗୁଡ଼ାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ବଢାଇବା ଲକ୍ଷ୍ୟରେ ଦୁଇ ମାସ ଧରି ପଠନ ପାର୍ବଣ ଆୟୋଜନ ନେଇ ଖୁସି ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ପାଠପଢା ପ୍ରତି ଆଗ୍ରହୀ କରାଇବା ଜାତୀୟ ଶିକ୍ଷା ନୀତିର ଏକ ପରାମର୍ଶ। ନିପୁଣ ଭାରତ ଗଠନ ଦିଗରେ ଜିଲା ପ୍ରଶାସନ ତରଫରୁ ଏହା ଏକ ସାଧୁ ଉଦ୍ୟମ। ଏମସିଏଲ୍ କୀ ଏକ୍ ପହଲ୍ କାର୍ଯ୍ୟକ୍ରମରେ ଓଡ଼ିଶାର ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

### ଇପିଏଫ୍ ପେନ୍‌ସନ ପାଇଁ ବିକ୍ଷୋଭ, ଦାବିପତ୍ର

ଝାରସୁଗୁଡ଼ା,୧୮।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେନ୍‌ସନ ଭୋଗୀ ପକ୍ଷରୁ ୪ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଇପିଏଫ୍ ୯୫କୁ ସଂଶୋଧନ କରିବା ପାଇଁ ଜିଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମସ୍ତ ପେନସନଧାରୀ ଦାବିପତ୍ର ପ୍ରଦାନ କରିଛନ୍ତି। ଇପିଏଫ୍ ୯୫ ପେନସନ ସ୍କିମ ଅନ୍ତର୍ଭୁକ୍ତ ହିତାଧିକାରୀ ପାଉଥିବା ୧୦୦୦ ଟଙ୍କାରେ ଘର ଚଳାଇବାରେ ବହୁତ ଅସୁବିଧା ହେଉଛନ୍ତି। ସର୍ବନମ୍ନ ଏହି ରାଶି ୯ହଜାର ଟଙ୍କାକୁ ବର୍ଦ୍ଧିତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଜିଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ସଂଘ ସଭାପତି ଅଶୋକ ମହାପାତ୍ର, ସମ୍ପାଦକ ପ୍ରଦୀପ ମେହେର, ପାଣ୍ଡେ, ଜନକ୍ରମ ପଟେଲ, ନୀଳକଣ୍ଠ ପଶାୟତ, ଉମାକାନ୍ତ ସରାଫ ପ୍ରମୁଖ ପେନସନଧାରୀ ସାମିଲ ଥିଲେ।

### ଅନ୍ତଃରାଷ୍ଟ୍ରୀୟ ଅଗ୍ରୱାଲ ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୧୮।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାରେ ଏକ ପହଲ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ଅନ୍ତଃରାଷ୍ଟ୍ରୀୟ ଅଗ୍ରୱାଲ ସଙ୍ଗଠନ ପକ୍ଷରୁ ପବନ ସୁଲତାନିଆଙ୍କ ନେତୃତ୍ୱରେ ଝାରସୁଗୁଡ଼ାର ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଜିଲାର ରୋଗୀଙ୍କ ପାଇଁ ଜରୁରୀ ଆମ୍ବୁଲାନ୍ସ ସେବା ପୂରଣ, ଝାରସୁଗୁଡ଼ା ଡି.ଏଚ.ଏଚ.କୁ ତୁରନ୍ତ ରୋଗୀ ସେବା ପାଇଁ କାର୍ଯ୍ୟକ୍ଷମ କରାଇବା, ହାର୍ଟ ହସ୍ପିଟାଲରେ ସମସ୍ତ ସେବା ଯୋଗାଇବା ସହିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜଣାଯାଇଛି। ମନ୍ତ୍ରୀ ପ୍ରଧାନ ଏହି ଦାବି ମଧ୍ୟରୁ ପ୍ରାୟତଃ ସମସ୍ତ ଦାବି ଶୀଘ୍ର ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଯୋଗ୍ୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ସଂଖ୍ୟା ବଢ଼ାଅ: ଧର୍ମେନ୍ଦ୍ର

## ନିର୍ମାଣ ଶ୍ରମିକଙ୍କୁ ୧କୋଟି ୨୦ଲକ୍ଷର ସହାୟତା ରାଶି ବଣ୍ଟନ

ସମ୍ବଲପୁର,୧୮।୧୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ସୋମବାର ହିତାଧିକାରୀଙ୍କୁ ସହାୟତା ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ହିତାଧିକାରୀଙ୍କୁ ଶିକ୍ଷାବୃତ୍ତି, ବିବାହ, ପ୍ରସୂତିକାଳୀନ, ସ୍ୱାଭାବିକ ମୃତ୍ୟୁ, ଦୁର୍ଘଟଣାଜନିତ ମୃତ୍ୟୁ ଓ ଅନ୍ତେଷ୍ଟିକ୍ରିୟା ସହାୟତା ରାଶି ବାବାଦକୁ ପ୍ରାୟ ୧ କୋଟି ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳିତଭାବେ ବଣ୍ଟନ କରିଛନ୍ତି। ଏହାସହ ୨ଶହ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ବିଓସି-ଆଇ କାର୍ଡ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ସମ୍ବଲପୁର ଜିଲାର ପ୍ରାୟ ୩୧୨ ଜଣ ଶ୍ରମିକ ଲାଭବାନ ହେବେ।

ଏହି ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନରେ ସମସ୍ତ ଅଣକୁଶଳି, କୁଶଳି, ଅର୍ଦ୍ଧକୁଶଳି, ଶାରୀରିକ ଶ୍ରମ କରୁଥିବା ଶ୍ରମିକ, ପର୍ଯ୍ୟବେକ୍ଷଣ କାର୍ଯ୍ୟ ନିଯୁକ୍ତ କର୍ମଚାରୀ ନିର୍ମାଣ ଶ୍ରମିକ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସମ୍ବଲପୁର ଜିଲାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ସଂଖ୍ୟା ପ୍ରାୟ ୬୨ ହଜାର ଅଛି। ହେଲେ ଏଠାରେ ନିର୍ମାଣ ଓ ଶିଳ୍ପ ଭିତ୍ତିଭୂମିକୁ ଦେଖିଲେ ଆନୁମାନିକ ୩ ଲକ୍ଷ ନିର୍ମାଣ ଶ୍ରମିକ କାମ କରୁଛନ୍ତି। ଏଣୁ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ସଂଖ୍ୟା ବଢାଇବା ପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ଶିବିର ଆୟୋଜନ କରିବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ସବ୍‌କା ସାଥ୍ ସବକା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସରେ କାମ କରୁଥିବା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା, ସେମାନଙ୍କ ସମ୍ମାନ ବଢାଇବା ପାଇଁ ପ୍ରତିବଦ୍ଧ ରହିଥିବା ସେ କହିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ନାଏକ ନିର୍ମାଣ ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରିବା ପାଇଁ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର କମିଶନର ବେଦଭୂଷଣ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ଉପସ୍ଥିତ ଥିଲେ।

# ଲୋକାଲ ଏକାଦଶ ତାରକା ଦଳ ଚାମ୍ପିୟନ

**ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା**

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଶିବଶକ୍ତି କ୍ଲବ ପକ୍ଷରୁ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଜରଙ୍ଗୀ ଦଳକୁ ଟାଇବ୍ରେକର ଯୋଗେ ପରାସ୍ତ କରି ଲୋକାଲ ଏକାଦଶ ତାରକା ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ସୁଶାନ୍ତ ସାହୁ, ରାକେଶ ଦାସ, ଆନନ୍ଦ ନାୟକ ଓ ସିଦ୍ଧାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଫକୀର ମୋହନ ଦଳବେହେରା ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ ଶିବଶକ୍ତି କ୍ଲବ ଅନୁଷ୍ଠାନ ସଭାପତି ବାବୁଲି ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଧର ସାହୁ ଓ ସାରଥି କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଯୁଧିଷ୍ଠିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଶିବଶକ୍ତି ଫୁଟ୍‌ବଲ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ଗନ୍ଧାପାଲି ଚାମ୍ପିୟନ, କୁର୍ମିମୁଣ୍ଡା ରନର୍ ଅପ୍

**ଠାକୁରପଡ଼ାରେ ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

କୋଲାବିରା,୧୮।୧୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ନିକ୍ତିମାଳ ପଞ୍ଚାୟତ ଠାକୁରପଡ଼ାଠାରେ ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୨୪ତମ ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଟାଇବ୍ରେକର ଜରିଆରେ ଗନ୍ଧାପାଲି ଦଳ ୫-୪ ଗୋଲରେ କୁର୍ମିମୁଣ୍ଡାକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ଗନ୍ଧାପାଲି ଦଳର ନୀତିନଙ୍କୁ ଉନ୍ନତ ଖେଳ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍, ପ୍ରତାପ କିଷାନଙ୍କୁ ପ୍ଲେୟାର ଅପ୍ ଦି ସିରିଜ ଏବଂ ନିଖିଲ ଜୟପୁରିଆଙ୍କୁ ବେଷ୍ଟ ଗୋଲ କିପର ଭାବେ ଟ୍ରଫି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହିତ ୧୬,୦୦୦ ନଗଦ ରାଶି ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୧୧,୦୦୦ ନଗଦ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ସୁଶ୍ରୀ ଦୀପାଳି ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭୂପାଳଚନ୍ଦ୍ର ବେହେରା, ନିକ୍ତିମାଳ ସମିତିସଭ୍ୟା ଅନୁପମା ଜୟପୁରିଆ, ପ୍ରକୃତିବନ୍ଧୁ ଦୁର୍ଗାପ୍ରସାଦ ନାଏକ, ପୂର୍ବତନ ସରପଞ୍ଚ ସଦାନନ୍ଦ ଭୋଇ, ଦୁର୍ଯ୍ୟୋଧନ ବରିହା, ପୂଝାରୀ ଲୁହା, ପୂର୍ବତନ ବ୍ୟାଙ୍ଗ ଅଧିକାରୀ ପଞ୍ଚାନନ ନାଏକ, ୱାର୍ଡ ସଭ୍ୟ ଈଶ୍ୱର ମାଝି, ଆଞ୍ଚଳିକ ବିକାଶ ପରିଷଦ ଆବାହକ ଜିତେନ୍ଦ୍ର କୁମାର ଧୁରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାପତି ସୁରେନ୍ଦ୍ର କୁମାର ବେହେରା, ନରେନ୍ଦ୍ର ରାଏ, ସୁରେଶ ଜୟପୁରିଆ, ଦୁଃଶାସନ ବେହେରା, ଜୟାନନ୍ଦ ଖିଚଡ଼ି, ନବ କିଶୋର ସାହୁ, ଦୁର୍ଯ୍ୟୋଧନ ବରିହା, ଶଶୀଭୂଷଣ ମନ୍ଦୋଦରୀ, ସୁରେଶ ଖିଚଡ଼ି, ବିଜୟ ଖିଚଡ଼ି, ଜୟାନନ୍ଦ ରାଏ, କାହ୍ନା ମନ୍ଦୋଦରୀ, ମନୋଜ ରାଉତଙ୍କ ସମେତ ଭିଏସ୍‌ଏସ୍ କ୍ଲବର ସଦସ୍ତ ସଦସ୍ୟ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଅମଳ ଧାନ ଠିକ୍ ଭାବେ ବିକ୍ରି କରିବା ଉପରେ ଗୁରୁତ୍ୱ

**ବାରକୋଟ, ତିଲେଇବଣି ବ୍ଲକ କୃଷକ ସଂଘର ବାର୍ଷିକ ସାଧାରଣ ସଭା, କର୍ମକର୍ତ୍ତା ଚୟନ**

ଦେବଗଡ଼,୧୮।୧୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ରବିବାର ବାରକୋଟ ବ୍ଲକ କୃଷକ ସଂଘ ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷକ ସଂଘ ସଭାପତି ବିନୋଦ ବିହାରୀ ନାୟକଙ୍କ ସଭାପତିତ୍ୱରେ ବହୁ ଚାଷୀ ଓ ଚାଷୀନେତା ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସଭାରେ ଜିଲା କୃଷକ ସଂଘ ସଭାପତି ପ୍ରମୋଦ ଝାଙ୍କର, ଜିଲା କୃଷକ ସଂଘ ଉପଦେଷ୍ଟା ଅରୁଣ କୁମାର ସାହୁ, ସଚ୍ଚିଦାନନ୍ଦ ପଟ୍ଟନାୟକ, ଉପସଭାପତି ନିରଞ୍ଜନ ବେହେରା, ଜଗନ୍ନାଥ ପ୍ରଧାନ ଓ ଝସକେତନ ସାମଲ ପ୍ରମୁଖ ମଞ୍ଚାସୀନ ରହି ଚଳିତବର୍ଷ ଧାନ କ୍ରୟ ପାଇଁ ସରକାରଙ୍କ ନିୟମ ଉପରେ ସୂଚନା ପ୍ରଦାନ କରିବା ସହିତ ଜିଲାର ଚାଷୀମାନେ କିଭଳି ନିଜର ଅମଳ ଧାନ ଠିକ ଭାବେ ବିକ୍ରି କରିପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଧାନ ବିକ୍ରି ସମୟରେ ଚାଷୀମାନେ ହେଉଥିବା ବିଭିନ୍ନ ସମସ୍ୟା କିଭଳି ସମାଧାନ ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ପରେ ବ୍ଲକ କୃଷକ ସଂଘ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବିନୋଦ ବିହାରୀ ନାୟକଙ୍କୁ ପୁଣିଥରେ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ରଣଦୀପ ପ୍ରଧାନ, ସହ ସମ୍ପାଦକ ଭାବେ କୃତାର୍ଥ ସାହୁ ଓ କୋଷାଧ୍ୟକ୍ଷ ଭାବେ ଈଶ୍ୱର ଚନ୍ଦ୍ର ଦ୍ୱିବେଦୀଙ୍କୁ ମନୋନୀତ କରାଯାଇଥିଲା। ଅନୁରୂପ ଭାବେ ୧୧ଜଣ ଚାଷୀଙ୍କୁ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ସେହିପରି ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ବ୍ଲକ କୃଷକ ସଂଘ ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିଲା କୃଷକ ସଂଘ ଆଇନ ପରାମର୍ଶଦାତା ବିଭୁତି ଗଙ୍ଗଦେବ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ଭୁପେନ୍ଦ୍ର ପ୍ରସାଦ ନାୟକ, ଲୁଇସ ଟପ୍ପୋ, ପୂର୍ବତନ ସମ୍ପାଦକ ଯଯାତି ବିଶ୍ୱାଳ, ସଦସ୍ୟ କମଳ ଲୋଚନ ପ୍ରଧାନ, ଉପେନ୍ଦ୍ର କୁମୁରା, ଧରଣୀ ସିଂ ଓ କୁମୁଦ କୁମୁରାଙ୍କ ସମେତ ବ୍ଲକର ବହୁ ଚାଷୀ ଓ ଚାଷୀ ନେତା ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ବ୍ଲକ କୃଷକ ସଂଘ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ସଭାପତି ଭାବେ ଅଚ୍ୟୁତାନନ୍ଦ ନାୟକ, ଉପସଭାପତି ଭାବେ ସେବକ ସାହୁ ଓ ଗଣେଶ ମହାନାୟକ, ସମ୍ପାଦକ ଭାବେ ପ୍ରମୋଦ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ବିନୋଦ ବରୁଆଙ୍କୁ ମନୋନୀତ କରାଯାଇଥିଲା। ଅନୁରୂପ ଭାବେ ଉପଦେଷ୍ଟା ଭାବେ ବଳରାମ ଗଡନାୟକ, ଲକ୍ଷ୍ମଣ ମାଝି, ରମଣୀ ଭୁତିଆ, ନାଗାର୍ଜୁନ ପ୍ରଧାନ ଓ ଭୋଳେଶ୍ୱର ରଣଙ୍କୁ ମନୋନୀତ କରାଯାଇଥିଲା।



ଅନୁଷ୍ଠିତ ବ୍ଲକ କୃଷକ ସଂଘ ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ।

# ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ବାବୁ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୋଟିଏ ପରେ ଗୋଟିଏ ସରକାରୀ ବାବୁ ଧରାପଡୁଛନ୍ତି। ଭିଜିଲାନ୍ସ ଚଢ଼ାଉ ପରେ ସେମାନଙ୍କଠାରୁ ଜବତ ହେଉଥିବା ଅମାପ ସମ୍ପତ୍ତି ସମସ୍ତଙ୍କୁ ଚକିତ କରୁଛି। ଏହି କ୍ରମରେ ସୋମବାର ଗୋଟିଏ ଦିନରେ ୩ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡିବା ପରେ ସେମାନଙ୍କ କଳା କାରନାମା ପଦାକୁ ଆସିଛି। ସେମାନଙ୍କ ମଧ୍ୟରେ ଜଣେ କାମାକ୍ଷାନଗର ଉପଜିଲାପାଳ ଥିବାବେଳେ ଆଉଜଣେ ଓପିଏଚ୍‌ଡବ୍ଲ୍ୟୁସିର ବ୍ରହ୍ମପୁର ଡିଭିଜନର ଡିଜିଏମ୍ ଏବଂ ଅନ୍ୟଜଣେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ରହିଛନ୍ତି।

## ୬ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

ଭବାନୀପାଟଣା,୧୮।୧୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଶୋକ ଦାଶ ସୋମବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ପ୍ରସବ ପାଇଁ ଆସିଥିବା ଜଣେ ମହିଳାଙ୍କ ସ୍ୱାମୀଙ୍କଠାରୁ ଚିକିତ୍ସା ବାବଦକୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଡିଙ୍ଗପଦର ଗାଁର ଗର୍ଭବତୀ ଲକ୍ଷ୍ମୀପ୍ରିୟା ମାଝୀଙ୍କ ଅସ୍ତ୍ରୋପଚାର କରିବା ନାଁରେ ଡାକ୍ତର ଦାଶ ସ୍ୱାମୀ ଲୋକେଶ ମାଝୀଙ୍କୁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଲୋକେଶ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ସୋମବାର ପୂର୍ବାହ୍ନରେ ସେ ଲୋକେଶଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକିରହିଥିବା ଭିଜିଲାନ୍ସ ବିଭାଗ ତାଙ୍କୁ ମାଡିବସିଥିଲା। ଏହି ସମୟରେ ଡାକ୍ତରଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିଥିଲା। ପରେ ଡାକ୍ତରଙ୍କ ସରକାରୀ କ୍ୱାର୍ଟର୍ସରେ ଭିଜିଲାନ୍ସ ବିଭାଗ ଚଢାଉ କରି ୯୬ ହଜାର ୯୫୦ ଟଙ୍କା ଜବତ କରିଛି। ସେହିପରି ଡାକ୍ତରଙ୍କ ନୟାଗଡ଼ଠାରେ ଥିବା ପୈତୃକ ଘରେ ମଧ୍ୟ ବିଭାଗ ଚଢ଼ାଉ କରିଛି। ଡାକ୍ତର ଦାଶଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ପଚରାଉଚୁରା କରୁଥିବାବେଳେ ବର୍ତ୍ତମାନ ମଧ୍ୟ ତଦନ୍ତ ଚାଲିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ କଳାହାଣ୍ଡି ଓ କୋରାପୁଟ ଭିଜିଲାନ୍ସ ଟିମ୍ ସାମିଲ ହୋଇଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୨୩/୨୦୨୪) ରୁଜୁ ହୋଇଛି।


ଡାକ୍ତର ଅଶୋକ ଦାଶ

## କାମାକ୍ଷାନଗର ଉପଜିଲାପାଳଙ୍କ ୧୦ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଭିଜିଲାନ୍ସ ସ୍କାନର୍‌କୁ ଆସିବା ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ନାରାୟଣଙ୍କ ଘର ସମେତ ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ମୟୂରଭଞ୍ଜ ଜିଲାର ୧୦ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଜୋରାଡ଼ିଆ ଗ୍ରାମସ୍ଥିତ ସହଯୋଗୀଙ୍କ ଘର, ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଧଳପୁରସ୍ଥିତ ଅନ୍ୟଜଣେ ସହଯୋଗୀଙ୍କ ଘର, ଭଦ୍ରକ ବାରୁଆଣିରେ ଥିବା ସମ୍ପର୍କୀୟଙ୍କ ଘର, ଭଦ୍ରକ ବାସୁଦେବପୁରସ୍ଥିତ କପାଗାଡ଼ିଆ ଗ୍ରାମରେ ଥିବା ପୈତୃକ ଘର, କାମାକ୍ଷା ନଗରସ୍ଥିତ ସରକାରୀ କ୍ୱାର୍ଟର, କାର୍ଯ୍ୟାଳୟ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୭ଜଣ ଡିଏସ୍‌ପି, ୩ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ନାରାୟଣଙ୍କ ଘରୁ ନଗଦ ୧ ଲକ୍ଷ ୪୮ ହଜାର ୬୮୦ ଟଙ୍କା ସମେତ ବିପୁଳ ସମ୍ପତ୍ତି ଠାବ ହୋଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ନାରାୟଣଙ୍କ ଭୁବନେଶ୍ୱର ଝାରପଡ଼ାସ୍ଥିତ ୪ ହଜାର ୮୦୦ ବର୍ଗଫୁଟରେ ଥିବା ନିର୍ମାଣାଧୀନ ୩ ମହଲା କୋଠା, ଭଦ୍ରକ ଜିଲା କୁଆଁସରେ ୬ ହଜାର ୯୦୦ ବର୍ଗଫୁଟରେ ଥିବା ୩ ମହଲା କୋଠା, ଗେଲପୁରରେ ୬ ହଜାର ୨୦୦ ବର୍ଗଫୁଟରେ ନିର୍ମାଣାଧୀନ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର, ଭଦ୍ରକ ଓ ପୁରୀରେ ୧୪ଟି


ଭଦ୍ରକ କୁଆଁସସ୍ଥିତ ତିନିମହଲା କୋଠା।

### ଘରୁ ମିଳିଲା ନଗଦ ୧.୪୮ ଲକ୍ଷ ଟଙ୍କା

ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୭, ଭଦ୍ରକରେ ୬ ଓ ପୁରୀ ଜିଲା ପିପିଲିରେ ଗୋଟିଏ ରହିଛି। କ୍ରୟ ସମ୍ବନ୍ଧିତ ଦଲିଲ୍‌ରେ ପ୍ଲଟଗୁଡ଼ିକର ମୂଲ୍ୟ ୧.୪ କୋଟି ଉଲ୍ଲେଖ ଥିବାବେଳେ ଏହାର ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ବ୍ୟାଙ୍କ, ଜୀବନବୀମା ଓ ପୋଷ୍ଟାଲ ଜମା ୩୪ ଲକ୍ଷ ୫୭ ହଜାର ୫୨ ଟଙ୍କା ଥିବା ବେଳେ ଘରୁ ୩୬୬ ଗ୍ରାମର ଅଳଙ୍କାର, ଗୋଟିଏ ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ନାରାୟଣଙ୍କୁ ତାଙ୍କ ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ନାରାୟଣଙ୍କ ଚାକିରି କାଳ ସମ୍ବନ୍ଧରେ ଭିଜିଲାନ୍ସ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ନାରାୟଣ ୧୯୯୭ରେ ଓପିଏସ୍‌ସି-ଓଏସ୍‌ସିଏସ୍ ଜରିଆରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପରେ ସେ କଳାହାଣ୍ଡିରେ ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ଓ ଭବାନୀପାଟଣା ଅତିରିକ୍ତ ତହସିଲଦାର ଭାବେ ୧୯୯୯ରୁ ୨୦୦୪ ଯାଏ ୫ବର୍ଷ କାମ କରିଥିଲେ। ପରେ ନାରାୟଣ ବିଡିଓ ଭାବେ ଖରିଆର, ଦଶରଥପୁର ଓ ବାଲିଅନ୍ତା ବ୍ଲକରେ ୨୦୧୪ରୁ ୨୦୨୩ ଯାଏ କାମ କରିଥିଲେ। ୨୦୧୧ରେ ନାରାୟଣ ଓଏଏସ୍ କ୍ୟାଡରରେ ଯୋଗ ଦେଇଥିଲେ। ୨୦୨୩ରୁ ସେ କାମାକ୍ଷାନଗର ଉପଜିଲାପାଳ ଭାବେ କାମ କରୁଥିଲେ।


ନାରାୟଣ ଚନ୍ଦ୍ର ନାୟକ

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବୌଦ୍ଧ,୧୮।୧୧( ଅଜିତ କୁମାର ବାରିକ)

ସୋମବାର ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ହରଭଙ୍ଗା ବ୍ଲକ୍ ତଳଗାଁ ପଞ୍ଚାୟତ ବଡ଼ଭୁରୁତା ଗ୍ରାମର କଇମତି ନାଏକ ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ବଡ଼ଭୁରୁତା ଗ୍ରାମର ଅଭୟ ନାଏକ ସ୍ତ୍ରୀ କଇମତିଙ୍କ ଚରିତ୍ରକୁ ସନ୍ଦେହକରି ଘରେ ଅଧିକାଂଶ ସମୟରେ ପାଟିତୁଣ୍ଡ କରୁଥିଲେ । ତା୧୮।୪।୨୦୨୩ ରିଖରେ ଅଭିଯୁକ୍ତ ଜଣକ ପୁନର୍ବାର ସେହି ପ୍ରସଙ୍ଗ ଉଠାଇ ସ୍ତ୍ରୀଙ୍କୁ ଗାଳି କରିଥିଲେ । ଏନେଇ ସ୍ତ୍ରୀ ପ୍ରତିବାଦ କରିବାରୁ ସ୍ୱାମୀ ଅଭୟ ଏକ କାଠଫାଳିଆରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ । ଏହା ଦେଖି ଦେଖି ଝିଅ ମନା କରିବାରୁ ତାଙ୍କୁ ମଧ୍ୟ ମାଡ଼ ଦେବାକୁ ଗୋଡ଼ାଇଥିଲେ । ତେବେ କୌଣସି ମତେ ମା'ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ସଞ୍ଜିତା ତଳଗାଁ ମେଡିକାଲକୁ ନେଇଥିଲେ । କିନ୍ତୁ ସେଠାରେ କଇମତିଙ୍କର ମୃତ୍ୟୁ ଘଟିଥିଲା । ଏନେଇ ସଞ୍ଜିତା ଉକ୍ତ ଦିନ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ହରଭଙ୍ଗା ପୋଲିସ ନଂ. ୫୦/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଏହି ଘଟଣାରେ ଅଭୟଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନମ୍ବର ୫୪/୨୩ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

## ଛୁରି ଦେଖାଇ ମୋବାଇଲ, ଟଙ୍କା ଲୁଟ୍: ଅଭିଯୁକ୍ତ ଗିରଫ

କୁଚିଣ୍ଡା,୧୮।୧୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା ବାଉରୀଗୋଡା(ଭୁଲୁପଡା)ଗ୍ରାମର ଜଣେ ଯୁବକଙ୍କୁ ଛୁରି ଦେଖାଇ ମୋବାଇଲ ସହ ଟଙ୍କା ଲୁଟ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲା ଭିମଖୋଜ ଗ୍ରାମର କରନ ନେତମ(୧୯)। ରିଙ୍କୁ ନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ଥାନାରେ ଦଫା ୩୦୯(୪)ବିଏନଏସ (ନଂ.୧୮୨/୨୪) ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଲୁଟ ମୋବାଇଲ, ୧୨ଶହ ଟଙ୍କା ଓ ଏକ ଛୁରି ଜବତ କରିଛି। ସୂଚନା ଅନୁଯାୟୀ, ରବିବାର ମହୁଲପାଲି ଥାନା ବାଉରୀଗୋଡା(ଭୁଲୁପଡା)ରେ ସାପ୍ତାହିକ ହାଟ ଥିଲା। ଭୁଲୁପଡାର ରିଙ୍କୁ ନାୟକ(୪୦) ହାଟରୁ ସଉଦା କିଣି ପ୍ରାୟ ସାଢେ ୬ଟାରେ ଘରକୁ ଚାଲି କରି ଫେରୁଥିଲେ। ହଠାତ ୩ଜଣ ଯୁବକ ତାଙ୍କୁ ଘେରିଯାଇ ଛୁରୀ ଦେଖାଇ ତାଙ୍କଠାରୁ ଏକ ଅପୋ ମୋବାଇଲ ଓ ୧୨ଶହ ଟଙ୍କା ଲୁଟି ନେଇଥିଲେ। ରିଙ୍କୁ ପାଟି କରିବାରୁ ହାଟରେ ଥିବା ଲୋକେ ଦୌଡି ଆସିବାରୁ ଦୁଇଜଣ ଫେରାର ମାରିଥିବା ବେଳେ ସେମାନେ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଗିରଫ ଅଭିଯୁକ୍ତଙ୍କ ନାମରେ ବଲାଙ୍ଗୀର ଜିଲା ଲାଠୋର ଥାନା ଏବଂ କେନ୍ଦୁଝର ଜିଲା ବଡବିଲ ଥାନାରେ ଚୋରି ମାମଲା ଥିବା ମହୁଲପାଲି ପୋଲିସ କହିଛି।

## ପଡ଼ୋଶୀଙ୍କ ଛାତକୁ ୧୦ ଲକ୍ଷ ଟଙ୍କା ଫିଙ୍ଗିଲେ ଓପିଏଚ୍‌ଡବ୍ଲ୍ୟୁସି ଡିଜିଏମ୍

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି) ବ୍ରହ୍ମପୁର ଡିଭିଜନ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ସୁବାସ ଚନ୍ଦ୍ର ପଣ୍ଡାଙ୍କ ଘର ସମେତ ଭୁବନେଶ୍ୱର ଓ ବ୍ରହ୍ମପୁରର ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀସ୍ଥିତ ଅଫିସ, ବ୍ରହ୍ମପୁର ଖାରବେଳନଗର ପ୍ରଥମ ଲେନ୍‌ସ୍ଥିତ ଭଡ଼ାଘର, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବାଲିଯାତ୍ରା ପଡ଼ିଆ ନିକଟ ବରିମୁଣ୍ଡ ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ସୁବାସଙ୍କ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଆଇଗିଣିଆ ଶଙ୍କରପୁର ମହାଦେବନଗରସ୍ଥିତ ୪ ହଜାର ବର୍ଗଫୁଟ ବିଶିଷ୍ଟ ପ୍ଲଟ୍ ନଂ.୧୧୦୫/୧୮୮୨ରେ ଥିବା ୩ ମହଲା କୋଠା ହୋଇଥିବାବେଳେ ଏଠାରୁ ସୁବାସ ଟଙ୍କା ଲୁଚାଇବାକୁ ଯାଇ ହଟହଟା ହୋଇଛନ୍ତି। ଭିଜିଲାନ୍ସ ଟିମ ଚଢ଼ାଉ କରିବା ଦେଖି ଡିଜିଏମ ପଣ୍ଡା ନଗଦ ୧୦ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ପଡ଼ୋଶୀଙ୍କ ଛାତକୁ ଫିଙ୍ଗି ଦେଇଥିଲେ। ପରେ ଭିଜିଲାନ୍ସ ଅଧିକାରୀମାନେ ଏହି ଟଙ୍କାକୁ ଜବତ କରିଥିଲେ। ଏଥିସହ ଉକ୍ତ ଘରୁ ଆଉ ୩ ଲକ୍ଷ ୪୭ ହଜାର ୪୯୦ ଟଙ୍କା ମଧ୍ୟ ଠାବ ହୋଇଛି। ସେହିପରି ସୁବାସଙ୍କ ମଞ୍ଚେଶ୍ୱର ବରିମୁଣ୍ଡ ଗ୍ରାମସ୍ଥିତ ଦୁଇ ମହଲା କୋଠା ମଧ୍ୟ ଠାବ ହୋଇଛି। ତେବେ ଏଥିସହ ସୁବାସ ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଅନ୍ନପୂର୍ଣ୍ଣା ରେସିଡେନ୍ସ ଆପାର୍ଟମେଣ୍ଟରେ ଫ୍ଲାଟ୍ ନଂ.୨୦୧କୁ ନିଜ ନାଁରେ କିଣିବାକୁ ୬୬ ଲକ୍ଷ ଦେଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଭୁବନେଶ୍ୱରରେ ସୁବାସଙ୍କ ବହୁମୂଲ୍ୟ ୫ଟି ପ୍ଲଟ୍ ମଧ୍ୟ ଠାବ ହୋଇଛି। ଏଥିସହ ତାଙ୍କ ଘରୁ ୮୭୦ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ବ୍ୟାଙ୍କ, ଜୀବନବୀମା, ପୋଷ୍ଟାଲ ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୧ କୋଟି ୮୪ ଲକ୍ଷ ୯ ହଜାର ୫୨୬ ଟଙ୍କା ରହିଛି। ସେହିପରି ଗୋଟିଏ ଚାରି ଚକିଆ ଯାନ (ହୁଣ୍ଡାଇ ଭେନ୍ୟୁ) ଓ ଗୋଟିଏ ଦୁଇ ଚକିଆ ଯାନ ଏବଂ ୧୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ସୁବାସଙ୍କୁ ଏସଂକ୍ରାନ୍ତରେ ପଚରାଉଚରା କରୁଥିବା ବେଳେ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଅଧିକ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭିଜିଲାନ୍ସ ଆହୁରି ସୂଚନା ଦେଇଛି ଯେ, ୨୦୧୦ ରେ ସୁବାସ ନିଜ ଦାୟିତ୍ୱରେ ଅବହେଳା କରିଥିବାରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସେ ଚାକିରି ଫେରିପାଇଥିଲେ।


ଜବତ ସୁନା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ।


ସୁବାସ ଚନ୍ଦ୍ର ପଣ୍ଡା।

### ବ୍ରହ୍ମପୁର, ଭୁବନେଶ୍ୱରର ୪ ସ୍ଥାନରେ ଯାଞ୍ଚ

### ଦାୟିତ୍ୱରେ ଅବହେଳା ପାଇଁ ୨୦୧୦ରେ ବହିଷ୍କୃତ ହୋଇଥିଲେ

## ହତ୍ୟା ମାମଲାରେ ନାବାଳକଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

୨୦୨୨ରେ ସଂଘଟିତ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଜଣେ ନାବାଳକ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଉକ୍ତ ମାମଲାର ବିଚାର ପୂର୍ବକ ୨୪ ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି। ଏହି ମାମଲାର ରାୟ ପ୍ରକାଶ କରି ସୋମବାର ଅଭିଯୁକ୍ତଙ୍କୁ ଦଫା ୩୦୨ରେ ୨୦ବର୍ଷ ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଗୁଣ୍ଡେରପୁର ଅଞ୍ଚଳରେ ଥିବା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ନେଇଥିବା ଋଣ ଆଦାୟ ପାଇଁ ଯାଇଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ କମଳ ବାଗଙ୍କୁ ଅଭିଯୁକ୍ତ ନାବାଳକଙ୍କ ସହ ତାଙ୍କ ପରିବାର ଲୋକେ ହତ୍ୟା କରିଥିଲେ। ଉକ୍ତ ଘଟଣାକୁ ନେଇ ଧମା ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (ନଂ.୩୯/୨୨) ରୁଜୁ କରି ପୋଲିସ ନାବାଳକଙ୍କୁ ଜୁଭେନାଇଲ୍ ବୋର୍ଡରେ ହାଜର କରିବା ସହ ତାଙ୍କ ପରିବାରର ଅନ୍ୟ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଚାଲିଥିଲା। ସରକାରଙ୍କ ପକ୍ଷରୁ ଅଦାଲତରେ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ।

## ଫଟୋ ଭାଇରାଲ ଧମକ ଦେଇ ବଳାତ୍କାର

### ପୂର୍ବତନ ପ୍ରେମିକ ଗିରଫ

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ) – ଆପତ୍ତିଜନକ ଫଟୋ ଭାଇରାଲ କରିବାର ଧମକ ଦେଇ ବାରମ୍ବାର ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ଭୁବନେଶ୍ୱର ମୈତ୍ରିବିହାର ଥାନା ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଟାଉନ୍‌ର ସୋମନାଥ ମଲ୍ଲିକ (୨୯)। କୋର୍ଟଚାଲାଣ ପରେ ସୋମନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ୨୦୨୩ରେ ପୀଡିତା ଯୁବତୀ ଓ ସୋମନାଥ ଏହି ଥାନା ଅନ୍ତର୍ଗତ ଏକ ହୋଟେଲରେ କାମ କରୁଥିବ ବେଳେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହୋଇଥିଲା। ପରେ ସୋମନାଥ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଫଶାଇଥିଲେ। ଗତବର୍ଷ ଜୁଲାଇ ମାସରେ ପାତ୍ରପଡାସ୍ଥିତ ଏକ ହୋଟେଲରେ ଉଭୟେ ରହିଥିଲେ। ସେଠାରେ ସୋମନାଥ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ସେହି ସମୟର କିଛି ଆପତ୍ତିଜନକ ଫଟୋକୁ ନିଜ ମୋବାଇଲରେ ଉଠାଇ ରଖିଥିଲେ। ଏହାପରେ ଉକ୍ତ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକ ଦେଇ ସେ ପୀଡିତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ତାଙ୍କଠାରୁ ସୋମନାଥ ୭୦ ହଜାର ଟଙ୍କା ମଧ୍ୟ ନେଇଯାଇଥିଲେ। ପରେ ପୀଡିତାଙ୍କ ଜାତିକୁ ଛୋଟ ଦର୍ଶାଇ ବିବାହ କରିବାକୁ ସୋମନାଥ ମନା କରିଦେଇଥିଲେ। ଏନେଇ ପୀଡିତା ଯୁବତୀଙ୍କ ଏତଲାକ୍ରମେ ପୋଲିସ ଅକ୍ଟୋବର ୨୩ରେ ଏକ ମାମଲା (ନଂ.୪୮୩/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ସୋର, ୧୮।୧୧(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ଖରାସାହାପୁର ଗ୍ରାମର ଜଣେ ଯୁବତୀଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଖରାସାହାପୁର ଗ୍ରାମର ଜଣେ ଯୁବତୀ ନର୍ଥ ଓଡିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ପଢୁଥିବା ବେଳେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ସିଂଲାମୁଣ୍ଡୁଳି ଗ୍ରାମର ଯତୀନ ଗନ୍ତାୟତ(୨୨) ଙ୍କ ସହିତ ବନ୍ଧୁତା ବଢିଯାଇଥିଲା। ଏହାର ସୁଯୋଗ ନେଇ ଯତୀନ ଯୁବତୀଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଫଟୋ ଉତ୍ତୋଳନ କରି ମୋବାଇଲରେ ରଖିଥିଲେ। ପରେ ସେ ଏହି ଫଟୋ ଦେଖାଇ ଯୁବତୀଙ୍କୁ ବ୍ଲାକମେଲିଂ କରିବା ସହିତ ଫଟୋ ଭାଇରାଲ କରିବାର ଧମକ ଦେଇଥିଲେ। ଯୁବତୀଜଣଙ୍କ କୌଣସି ଉପାୟ ନ ପାଇ ନିଜର ମୋବାଇଲ ନମ୍ବରକୁ ବଦଳାଇ ଦେଇଥିଲେ। ତାପରେ ଯତୀନ ଉକ୍ତ ଫଟୋକୁ ଯୁବତୀଙ୍କ ସମ୍ପର୍କୀୟଙ୍କ ନିକଟକୁ ପଠାଇବା ସହିତ ଯୁବତୀଙ୍କ ନାମରେ ଏକ ଫେକ ଫେସବୁକ ଆଇଡି ଖୋଲି ଫଟୋକୁ ସେଥିରେ ଭାଇରାଲ କରିଥିଲେ। ଏନେଇ ଯୁବତୀଜଣଙ୍କ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୯୪୫/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ରାତିରେ ଯତୀନଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରି କୋର୍ଟଚାଲାଣ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୁଡ଼ାକୁ ସୁନ୍ଦର ଗୁଡ଼ ଦହି,**
**ଦୁଧକୁ ସୁନ୍ଦର ନବାତ ଖଇ ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚୁଡ଼ାକୁ ଗୁଡ଼ ଓ ଦହି ସାଙ୍ଗରେ ମିଶେଇ ଖାଇଲେ ସୁଆଦ ଲାଗେ। ଠିକ ସେମିତି ଦୁଧକୁ ଖଇ କନ୍ଦ ସଙ୍ଗେ ମିଶେଇ ଖାଇଲେ ଭାରି ଭଲ ଲାଗେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚେଡ଼ି ଗେରତାଣି, ଭଣ୍ଡାରି ପାତର,**
**ସେ ଘର ବୁଡିବା କେତେ ମାତର।**

ଯେଉଁ ଘରେ କାର୍ଯ୍ୟ କରୁଥିବା ଦାସୀଟି ସମୟକ୍ରମେ ଘରଣୀ ପାଲଟିଯାଏ ସେ ଘରର ସମସ୍ତ ସୁଖ ଶିରୀ ନଷ୍ଟ ହୋଇଯାଏ ବୋଲି ଦେଖିବାକୁ ମିଳିଥାଏ। ଠିକ୍ ସେହିଭଳି ଯେଉଁଠି ଭଣ୍ଡାରି ନିଜ କୌଳିକ ବୃତ୍ତିକୁ ଛାଡ଼ି ମନ୍ତ୍ରଦାତା କାମ କରେ ସେ ଘରର ଅବନତି ଅବଶ୍ୟମ୍ଭାବୀ ବୋଲି ଜଣାଯାଇଥାଏ। ତେଣୁ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ କୌଣସି ଗୁରୁଦାୟିତ୍ୱ ଦିଆଗଲେ ତାହାର ପରିଣତି ଭୟାବହ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଶ୍ରମବୀର ପ୍ୟାଲେସ’ ଉଦ୍‌ଘାଟନ କଲେ ଜେଏସ୍‌ପି ଅଧ୍ୟକ୍ଷ



ଅନୁଗୋଳ,୧୮।୧୧ (ଜ୍ୟୋତିରଞ୍ଜନ ସାହୁ)

ହରିୟାଣା କୁରୁକ୍ଷେତ୍ରର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅଧ୍ୟକ୍ଷ ନବୀନ ଜିନ୍ଦଲ ସୋମବାର ଜେଏସ୍‌ପି ଅନୁଗୋଳ ୟୁନିଟ୍‌ରେ ‘ଶ୍ରମବୀର ପ୍ୟାଲେସ’ର ଉଦ୍‌ଘାଟନ କରିଛନ୍ତି। ଏହି ଶ୍ରମବୀର ପ୍ୟାଲେସ ତଥା ଶୀତତାପ ନିୟନ୍ତ୍ରିତ ଆବାସରେ ୧୦୫୬ଟି ଶଯ୍ୟା ରହିଛି, ଯେଉଁଠାରେ ଶ୍ରମିକମାନଙ୍କ ରହିବା ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଅଛି। ଶ୍ରମିକମାନଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ କର୍ମଜୀବୀଙ୍କ ପ୍ରତି ଜେଏସ୍‌ପିର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ କହିଲେ, ପ୍ରତ୍ୟେକ ଶ୍ରମିକଙ୍କ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଆରାମ ହେଉଛି ଜେଏସ୍‌ପିର ପ୍ରାଥମିକତା। କ୍ରମାଗତ ଭାବରେ କମ୍ପାନୀର ଅଭିବୃଦ୍ଧି ତଥା ଉନ୍ନତି ପାଇଁ ପ୍ରୟାସ କରୁଥିବା ସମସ୍ତ ମାନବସମ୍ବଳଙ୍କ ସୁସ୍ଥତାକୁ ସୁନିଶ୍ଚିତ କରାଯାଉଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ ବ୍ୟକ୍ତିଗତ ଭାବରେ ଗଦି, ଶଯ୍ୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁବିଧା ସୁଯୋଗର ଗୁଣବତ୍ତା ଯାଞ୍ଚ କରିଥିଲେ। କର୍ମଜୀବୀମାନେ ଏପରି ସୁନ୍ଦର ଆବାସ ପାଇଥିବାରୁ ସେମାନଙ୍କ ଖୁସି ଏବଂ କୃତଜ୍ଞତା ଜଣାଇବା ସହ କର୍ମଜୀବୀଙ୍କ ପାଇଁ ନିଆଯାଇଥିବା ଏହି ନିଆରା ପଦକ୍ଷେପ ଯୋଗୁ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲଙ୍କୁ ଧନ୍ୟବାଦ ଜଣାଇଥିଲେ।

ସୂଚନାଯୋଗ୍ୟ, ଜେଏସ୍‌ପିର ଅନୁଗୋଳ ୟୁନିଟ୍ ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱର ସର୍ବବୃହତ ଏକକ-ଅବସ୍ଥାନ ବିଶିଷ୍ଟ ଇସ୍ପାତ ଉତ୍ପାଦନକାରୀ ହେବାକୁ ଯାଉଛି, ଯାହାର ଆନୁମାନିକ ଉତ୍ପାଦନ କ୍ଷମତା ବାର୍ଷିକ ୨୫ ନିୟୁତ ଟନ୍ (ଏମ୍‌ଟିପିଏ) ନେଇ ଲକ୍ଷ୍ୟ ରହିଛି। ଶ୍ରମବୀର ପ୍ୟାଲେସ ବ୍ୟତୀତ, ଆଉ ୨ଟି ସମାନ ଆବାସ ୟୁନିଟ୍ ଶ୍ରମିକ ବିହାରରେ ବିକଶିତ କରାଯାଇଛି। ଏହି ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୦୦୦ ଜଣଙ୍କ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୫ ଶେଷ ସୁଦ୍ଧା ୨୦,୦୦୦ ଶ୍ରମିକଙ୍କ ରହିବା ପାଇଁ ଏହି ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ୟୁନିଟ୍ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଅନ୍ୟମାନେ ଯୋଗଦେଇ କର୍ମଜୀବୀଙ୍କ ବିକାଶ ପାଇଁ ଜେଏସ୍‌ପିର ସାମଗ୍ରିକ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୮।୧୧

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୪୧ (୨୪୧.୩୦) ପଏଣ୍ଟ କମି ୭୭,୩୩୯ (୭୭,୩୩୯.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ପ୍ରାୟ ୭୯ (୭୮.୯୦) ପଏଣ୍ଟ ହ୍ରାସ ଘଟି ୨୩,୪୫୪ (୨୩,୪୫୩.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# କେୟାର ହସ୍ପିଟାଲରେ ଦିନିକିଆ କର୍ମଶାଳା



ଭୁବନେଶ୍ୱର,୧୮।୧୧

ସମୟ ସହିତ ଉନ୍ନତି ହୋଇଛି ଚିକିତ୍ସା ବିଜ୍ଞାନ। ବର୍ତ୍ତମାନ ଅତ୍ୟାଧୁନିକ ଟେକ୍‌ନୋଲୋଜି ସାହାଯ୍ୟରେ ଅନେକ ଜଟିଳ ରୋଗର ସଫଳ ଚିକିତ୍ସା କରାଯାଇପାରୁଛି। ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ ( ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ କିଭଳି ବିଭିନ୍ନ ପ୍ରକାରର ଆଣ୍ଠୁ ଅପରେଶନ୍ କରାଯାଇ ପାରୁଛି ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଏକ ଦିନିକିଆ କର୍ମଶାଳା ଅନୁଗୋଳର ହୋଟେଲ ପ୍ରଶାନ୍ତିଠାରେ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ଅନେକ ବୁଦ୍ଧିଜୀବୀ, ଡାକ୍ତର ଏବଂ ଆଣ୍ଠୁ ସର୍ଜରୀ ହୋଇଥିବା ରୋଗୀମାନେ ଯୋଗଦାନ କରିଥିଲେ। ଏ ସମ୍ପର୍କରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡା. ସନ୍ଦୀପ ସିଂହ କହିଥିଲେ, ପାରମ୍ପରିକ ସର୍ଜରୀ ତୁଳନାରେ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ (ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ ଅପରେସନ୍ କଲେ ସଫଳତା ହାର ଏହାର ବେଶ୍ ଅଧିକ ରହିଥାଏ। ଏଥିରେ ରୋଗୀଙ୍କୁ ଅଧିକ ଦିନ ହସ୍ପିଟାଲରେ ରହିବାକୁ ପଡ଼ିନଥାଏ ଏବଂ ଶୀଘ୍ର ପୂର୍ବଭଳି ନିଜର ସମସ୍ତ କାମ ନିଜେ କରିପାରିବେ। ଏପରିକି ଆଣ୍ଠୁ ପ୍ରତିରୋପଣଠାରୁ ଆରମ୍ଭ କରି କ୍ରୀଡାଜନିତ ଆଘାତର ସଫଳ ଚିକିତ୍ସା ଏଆଇ ଏବଂ ରୋବୋଟିକ୍ ପଦ୍ଧତିରେ କରାଯାଇପାରୁଛି। ସେହିଭଳି ଡା ଲୋକନାଥ ଦାଶ (ଏଭିପି) ରୋଗୀମାନଙ୍କର ସଫଳ ଚିକିତ୍ସା ପାଇଁ ଅଭିନବ ଟେକ୍ନୋଲୋଜି ଗ୍ରହଣ କରିବାକୁ ହସ୍ପିଟାଲର ପ୍ରତିବଦ୍ଧତା ଉପରେ ନିଜର ମନ୍ତବ୍ୟ ଦେଇଛନ୍ତି। କେୟାର ହସ୍‌ପିଟାଲ ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ ( ଏଆଇ) ଏବଂ ରୋବୋଟିକ୍ ପଦ୍ଧତି ଗ୍ରହଣ କରିଥିବାରୁ ସେ ଗର୍ବିତ ଅନୁଭବ କରୁଛନ୍ତି ବୋଲି କହିଥିଲେ। ରୋଗୀମାନଙ୍କୁ ସର୍ବନିମ୍ନ ଜଟିଳତା, ଶୀଘ୍ର ଆରୋଗ୍ୟ ଲାଭ ସହ ସର୍ବୋତ୍ତମ ସାମ୍ଭାବ୍ୟ ଚିକିତ୍ସା ଯୋଗାଇବା ଆମର ନିରନ୍ତର ପ୍ରୟାସ ଅଟେ ବୋଲି ସେ ପ୍ରକାଶ କରିଥିଲେ।



ହୋଣ୍ଡା ମୋଟରସାଇକେଲର ପ୍ରିମିୟମ ମଡେଲ ତଥା ଅଲ୍ ନ୍ୟୁ ଟ୍ରାନ୍‌ସଲ୍ପ ୭୫୦ର ଓଡ଼ିଶା ବଜାର ପ୍ରବେଶ ସହିତ ଅନାବରଣ ନିକଟରେ ହୋଇଯାଇଛି। ଭୁବନେଶ୍ୱରର ପଟିଆସ୍ଥିତ ଗୁଗନାନୀ ହୋଣ୍ଡାରେ ଏହାର ଆନୁଷ୍ଠାନିକ ଅନାବରଣ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋଣ୍ଡା ବିଗ୍ ଉଇଙ୍ଗ୍‌ର ପୂର୍ବାଞ୍ଚଳ ଏରିଆ ଇନଚାର୍ଜ ସ୍ନେହାଶିଷ ପାଣିଗ୍ରାହୀ ଏବଂ ଗୁଗ୍‌ନାନୀ ହୋଣ୍ଡାର ପରିଚାଳନା ନିର୍ଦ୍ଦେଶକ ୟସ୍‌ନୀତ ଗୁଗନାନୀଙ୍କ ସମେତ ଶୁବାଶିଷ ଓ ଅନ୍ୟାମାନେ ଉପସ୍ଥିତ ଅଛନ୍ତି।

# ୱାଣ୍ଡର୍ଲା ପାର୍କର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୧୮।୧୧

WONDERLA PARKS AND RESORTS

ପ୍ରତି ବର୍ଷ ଭଳି ଚଳିତ ବର୍ଷର ଅନ୍ତଃରାଷ୍ଟ୍ରୀୟ ପୁରୁଷ ଦିବସ ଅବସରରେ ୱାଣ୍ଡର୍ଲା ହଲିଡେଜ ଲିମିଟେଡ ପକ୍ଷରୁ ଏକ ସ୍ୱତନ୍ତ୍ର ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଦିନ ପାର୍କ ଟିକେଟରେ ପୁରୁଷ ଅତିଥିମାନେ ଏକ ସ୍ୱତନ୍ତ୍ର ରିହାତି ସୁବିଧା ପାଇବେ। ୧ ଟିକେଟ କ୍ରୟରେ ଆଉ ଏକ ଟିକେଟ ମାଗଣା ଲାଭ କରିପାରିବେ ବୋଲି ୱାଣ୍ଡର୍ଲା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଫର ୨୦୨୪ ନଭେମ୍ବର ୫ରୁ ୧୯ ପର୍ଯ୍ୟନ୍ତ କୋଚି, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରର ୱାଣ୍ଡର୍ଲା ପାର୍କର ଅନଲାଇନ ବୁକିଂରେ ଉପଲବ୍ଧ ରହିଛି।

ଏହି ପରିପ୍ରେକ୍ଷୀରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏପରିକି ହେଙ୍ଗମେନର ଦ୍ରୁତ ରାଉଣ୍ଡ କିମ୍ବା ଧୈର୍ଯ୍ୟର ପରୀକ୍ଷା ସାମିଲ ରହିଛି, ଯେଉଁଥିରେ ଜଣେ ପ୍ରତିଯୋଗୀ ଲଗାତର ୫୦ଟି ଦଣ୍ଡ ମାରିବାର ବ୍ୟବସ୍ଥା ରହିଛି,ଯେଉଁମାନେ ନିର୍ଦ୍ଧାରିତ ଦୁଇଟି କାର୍ଯ୍ୟକଳାପ ମଧ୍ୟରୁ ଯେକୌଣସି ଗୋଟିଏକୁ ସଫଳତାର ସହ ସମ୍ପନ୍ନ କରିପାରିବେ। ସେହିବ୍ୟକ୍ତିଙ୍କୁ ଖୁସି ଏବଂ ହସଖୁସିରେ ପରିପୂର୍ଣ୍ଣ ଏକ ସ୍ମରଣୀୟ ଦିନକୁ ସୁନିଶ୍ଚିତ କରୁଥିବା ପାର୍କରେ ମାଗଣା ପ୍ରବେଶର ପୁରସ୍କାର ଦିଆଯିବ।

ଏ ସମ୍ପର୍କରେ ୱାଣ୍ଡର୍ଲା ହଲିଡେଜ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅରୁଣ କେଚିତ୍ତିଲାପିଲ କହିଥିଲେ, ଆମ ସମୁଦାୟ ପାଇଁ ପୁରୁଷଙ୍କ ସ୍ଥାୟୀ ଶକ୍ତି ଏବଂ ଅମୂଲ୍ୟ ଅବଦାନକୁ ପୁରୁଷ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରକୃତ ଭ୍ରାତୃତ୍ୱ ଭାବନାରେ ସମସ୍ତେ ନିୟୋଜିତ,ପ୍ରତିଦ୍ୱନ୍ଦ୍ୱିତା ଏବଂ ଯୋଡି ହୋଇପାରିବା ପାଇଁ ୱଣ୍ଡର୍ଲାରେ ଆମେ ଏକ ସମାବେଶୀ ସ୍ଥାନ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଅଛୁ। ଏହା କେବଳ ଏକ ଦିନର ଉତ୍ସବ ପାଳନଠାରୁ ବହୁତ ଅଧିକ ହୋଇଥିଲାବେଳେ ନକାରାତ୍ମକତା ଉପରେ ବିଜୟର ମୁହୂର୍ତ୍ତ ସହିତ ସ୍ଥାୟୀ ବନ୍ଧନ ସୃଷ୍ଟି କରି ଏହା ମନୁଷ୍ୟର ସ୍ଥିରତା ଏବଂ ଏକତାକୁ ସମ୍ମାନଦେବାର ଏକ ସୁଯୋଗ ରହିଛି।

# ମଣିପାଲ ହସ୍ପିଟାଲରେ ନବଜାତ ଶିଶୁ ସପ୍ତାହ



ଭୁବନେଶ୍ୱର,୧୮।୧୧

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ବିଶ୍ୱ ନବଜାତ ଶିଶୁ ସପ୍ତାହ ଏବଂ ବିଶ୍ୱ ପ୍ରିମାଚ୍ୟୁର ଦିବସ ପାଳିତ ହୋଇଯାଇଛି। ଏପରିକି ସୋମବାର ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୦ ପ୍ରିମାଚ୍ୟୁର ଶିଶୁ ଏବଂ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ଏହି ଶିଶୁମାନେ ୩୦ ସପ୍ତାହ ପୂର୍ବରୁ ଜନ୍ମ ନେଇଥିଲେ ଏବଂ ଜନ୍ମ ସମୟରେ ତାଙ୍କର ଓଜନ ୫୦୦ ରୁ ୧୫୦୦ ଗ୍ରାମ୍ ମଧ୍ୟରେ ଥିଲା। ମଣିପାଲ ହସ୍ପିଟାଲରେ ସେମାନଙ୍କୁ ଅତ୍ୟାଧୁନିକ ନିଓନେଟାଲ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଏମ୍‌ଡି ଡା. ଶକ୍ତିମୟ ମହାପାତ୍ର କହିଥିଲେ, ନବଜାତ ଶିଶୁମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇବା ପାଇଁ ହସ୍ପିଟାଲର ଅବିଚ୍ଛିନ୍ନ ପ୍ରତିଶ୍ରୁତି ପ୍ରତି ଗର୍ବ ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ନବଜାତ ଶିଶୁ, ବିଶେଷ କରି ପ୍ରିମାଚ୍ୟୁର ଶିଶୁମାନେ, ଶ୍ରେଷ୍ଠ ସେବା ପାଇବାକୁ ନିଶ୍ଚିତ କରିବାରେ ଆମେ ପ୍ରତିବଦ୍ଧ ରହିଛୁ। ଆଜି ଆମେ ଦେଖୁଥିବା ସଫଳତା ଗାଥାଗୁଡ଼ିକ ଆମ ଡାକ୍ତରମାନଙ୍କର ଦକ୍ଷତା ଏବଂ ଆମର ସହାୟକ ବ୍ୟବସ୍ଥାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଓଡ଼ିଶା ସରକାରଙ୍କ ସହ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ବୁଝାମଣା

ଭୁବନେଶ୍ୱର,୧୮।୧୧ (ଅଭୟ ଦାଶ)



ବେଦାନ୍ତ ଗ୍ରୁପର ସାମାଜିକ ପ୍ରତିଷ୍ଠାନ ତଥା ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଚଳିତ ବର୍ଷର ଶିଶୁ ଦିବସ ଅବସରରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଜିଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ ବା ଡିଏସଡବ୍ଲ୍ୟୁଓ ଝାରସୁଗୁଡା ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ ‘ନନ୍ଦଘର’ରେ ପରିଣତ କରିବାକୁ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏକ ସ୍ମାରକପତ୍ର ସ୍ୱାକ୍ଷର କରିଛି, ଯାହାକି ଆଧୁନିକୀକରଣ ଅଙ୍ଗନୱାଡି ଭାବେ ପରିଣତ ହେବ। ଏପରିକି ଏହା ମହିଳା ଏବଂ ଶିଶୁ ବିକାଶ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡା ଜିଲା ମାଜିଷ୍ଟ୍ରେଟ ତଥା କଲେକ୍ଟର ଅବୋଲି ନରଭାନେଙ୍କ ସମେତ ଡିଏସ୍‌ଡବ୍ଲ୍ୟୁଓ ପୁଣ୍ୟବତୀ ହେଲେନ ଜେସ୍ ଏବଂ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗାର୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସେବା କରୁଥିବା ସମ୍ପ୍ରଦାୟର ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ। ସେହିଭଳି ଜିଲାରେ ବେଦାନ୍ତର ବିକାଶମୂଳକ ଉଦ୍ୟମକୁ ପ୍ରଶଂସା କରି ଜିଲା ମାଜିଷ୍ଟ୍ରେଟ୍ ତଥା କଲେକ୍ଟର ଅବୋଲି ନରଭାନେ କହିଛନ୍ତି, ଝାରସୁଗୁଡାର ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ସମର୍ଥନକୁ ଆମେ ସ୍ୱାଗତ କରୁଛୁ। ଏହି ‘ନନ୍ଦଘର’ ପଦକ୍ଷେପ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବା ସହିତ ଶିକ୍ଷାର କେନ୍ଦ୍ର ସୃଷ୍ଟି କରୁଛି, ଯାହା ଶିଶୁ ଏବଂ ମହିଳାମାନଙ୍କର ସାମଗ୍ରିକ ସୁସ୍ଥତା ଏବଂ ଅଭିବୃଦ୍ଧିକୁ ସମର୍ଥନ କରିଥାଏ।

# ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର,୧୮।୧୧

ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ତଥା ଏକ ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍ ‘ବନ୍ଧନ ନିଫ୍ଟି ୨୦୦କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ୍’ର ଶୁଭାରମ୍ଭ ନିକଟରେ ହୋଇଯାଇଛି, ଯାହା ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସକୁ ଟ୍ରାକ୍ କରୁଛି। ଏହି ଫଣ୍ଡ୍ ନିବେଶକଙ୍କୁ ନିଫ୍ଟି ୨୦୦ ୟୁନିଭର୍ସ ମଧ୍ୟରେ ୩୦ଟି ଉଚ୍ଚମାନର କମ୍ପାନୀ ପାଇଁ ପହଂଚ ପ୍ରଦାନ କରିବ। ଯାହାକୁ ରିଟର୍ଣ୍ଣ ଅନ୍ ଇକ୍ୱିଟି (ଆର୍‌ଓଇ), ଡେବ୍‌ଟ-ଟୁ ଇକ୍ୱିଟି ରେସିଓ ଓ ୟର୍ଣ୍ଣିଙ୍ଗ୍‌ସ ପର୍ ସେୟାର (ଇପିଏସ୍) ଭଳି ପ୍ରମୁଖ ଆର୍ଥିକ ପରିମାପଗୁଡିକ ଉପରେ ଆଧାର କରି ଚୟନ କରାଯାଇଥାଏ। ଏହି ଫଣ୍ଡ ଉଭୟ ସ୍ଥିରତା ଓ ଅଭିବୃଦ୍ଧି କ୍ଷମତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହାକୁ ଆପେକ୍ଷିକ ସ୍ଥିରତା ଓ ବଜାର ଅସ୍ଥିରତାର ସନ୍ଧାନ କରୁଥିବା ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ଭାବେ ସ୍ଥାନିତ କରୁଛି। ଏହି ନୂତନ ଫଣ୍ଡ ଅଫର୍ (ଏନ୍‌ଏଫ୍‌ଓ) ୨୦୨୪ ନଭେମ୍ବର ୧୮ରେ ଖୋଲିବ ଏବଂ ୨୯ରେ ବନ୍ଦ ହେବ। ଧିନିବେଶକମାନେ ବନ୍ଧନ ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସରେ ଲାଇସେନ୍ସପ୍ରାପ୍ତ ଫଣ୍ଡ ଡିଷ୍ଟ୍ରିବ୍ୟୁଟର, ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ କିମ୍ବା ସିଧାସଳଖ ୱେବ୍‌ସାଇଟ୍ ମାଧ୍ୟମରେ ନିବେଶ କରିପାରିବେ।


# Classified Everyday
## 0674-2580101, 2549949



REAL ESTATE

SALE

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888. D-1992

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରେ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-76209

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209



CONSTRUCTION

Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469. D-76203

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA by expert therapist. Contact- 8280961126. D-76169

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA special offer @ 799 Bapujinagar. 8018429809. D-76168

AFFIDAVIT

By virtue an affidavit No.- 11855, dtd- 14.11.2024 before Executive Magistrate, Vyasanagar, I, Surendra Kumar Sahoo, aged about 51 years have changed my son name Aayush Ranjan Sahoo to Ayush Ranjan Sahoo, At- Niladri Bihar, P.O./P.S.- Jajpur Road, Dist.- Jajpur for all purposes.
Surendra Kumar Sahoo D-1995

I, Brajkishor Mandhata, S/o- Late Arikhithoo Madhata, resident of Vill- Bhajagarh, P.O.-Mangalajodi, P.S.-Tangi, Dist.-Khordha, Pin-752023 Odisha declare by this affidavit No.- 1368, dtd.18.11.2024 that now onwards I shall be known as Brij Kishore Arikhithoo for all future purposes. D-76170


# ବିଶ୍ୱ ସିଓପିଡି ଦିବସ ପାଳିତ

ଭୁବନେଶ୍ୱର,୧୮।୧୧

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱ ସିଓପିଡି ଦିବସ ନିକଟରେ ପାଳିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କ୍ରୋନିକ୍ ଅବଷ୍ଟ୍ରକ୍ଟିଭ୍ ପଲ୍ମୋନାରି ଡିଜିଜ୍ (ସିଓପିଡି) ହେଉଛି ଏକ ଫୁସଫୁସଜନିତ ରୋଗ, ଯାହା ସିଗାରେଟ୍ ଧୂଆଁ ପରି ଉତ୍ତେଜକ ପଦାର୍ଥ ନିଃଶ୍ୱାସରେ ନେବା ଦ୍ୱାରା ହୋଇଥାଏ, ଯାହା ଫଳରେ ଶ୍ୱାସନଳୀ ପ୍ରବାହ ଏବଂ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥାଏ। ଏହାର ସାଧାରଣ ଲକ୍ଷଣ ମଧ୍ୟରେ ଲଗାତର କାଶ ହେବା ସହ କଫ, ଶ୍ୱାସକ୍ରିୟାରେ କଷ୍ଟ ଓ ଥକ୍କାପଣ ଦେଖାଯାଏ। ବିଶ୍ୱ ସିଓପିଡି ଦିବସ ୨୦୨୪, ସିଓପିଡି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରାରମ୍ଭିକ ଫୁସଫୁସ ଯନ୍ତ୍ର ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ ଏକ ବିଶ୍ୱସ୍ତରୀୟ ଆହ୍ୱାନ ଭାବରେ କାର୍ଯ୍ୟ କରିଥାଏ। ଚଳିତ ବିଶ୍ୱ ସିଓପିଡି ଦିବସ ୨୦୨୪ର ବିଷୟବସ୍ତୁ ‘ଆପଣଙ୍କ ଫୁସଫୁସ କାର୍ଯ୍ୟକୁ ଜାଣୁ’ ରହିଛି। ଫୁସଫୁସ କାର୍ଯ୍ୟ ପରୀକ୍ଷାର ଗୁରୁତ୍ୱ ସମ୍ପର୍କରେ ପୁଲମୋନୋଲୋଜିଷ୍ଟ ଡା. ମନୋରଞ୍ଜନ ଦାଶ (କଟକ) କହିଛନ୍ତି, ‘ସିଓପିଡି ଭଳି କ୍ରନିକ ଶ୍ୱାସରୋଗର ପ୍ରଭାବଶାଳୀ ପରିଚାଳନା ଏବଂ ଅଧିକ ଜଟିଳତାକୁ ରୋକିବା ପାଇଁ ପ୍ରାରମ୍ଭିକ ନିର୍ଣ୍ଣୟ ଓ ଚିକିତ୍ସା ଅତ୍ୟନ୍ତ ଜରୁରୀ । ସ୍ପିରୋମେଟ୍ରି, ଏକ ଫୁସଫୁସ କାର୍ଯ୍ୟ ପରୀକ୍ଷା ଯାହା ଫୁସଫୁସ କେତେ ପରିମାଣର ବାୟୁ ଧାରଣ କରିପାରିବ ଏବଂ ଆପଣ କେତେ ଶୀଘ୍ର ନିଃଶ୍ୱାସ ଛାଡିପାରିବେ ତାହା ମାପିଥାଏ, ଅବସ୍ଥାର ଗମ୍ଭୀରତା ଆହୁରି ବଢିବା ପୂର୍ବରୁ ସିଓପିଡି ଶୀଘ୍ର ନିର୍ଣ୍ଣୟ କରିବା ଗୁରୁତ୍ୱପୂର୍ଣ୍ଣ। ଦୁର୍ଭାଗ୍ୟବଶତଃ,ଭାରତରେ ଅନେକ ବ୍ୟକ୍ତି ସିଓପିଡିର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ବାର୍ଦ୍ଧକ୍ୟ, ସାଧାରଣ ଫ୍ଲୁ କିମ୍ବା ଧୂମପାନକାରୀଙ୍କ କାଶ ବୋଲି ଭାବି ଅଣଦେଖା କରିଥାନ୍ତି। ତେଣୁ ରୋଗୀ ଅବଗତ ହେବା ନିହାତି ଜରୁରୀ। ନିୟୁ ବ୍ରିଥ୍ ଫ୍ରି ୱେବସାଇଟ୍ ପରି ବିଶ୍ୱସନୀୟ ସୂଚନା ଉତ୍ସ ଭାରତରେ ଫୁସଫୁସ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଅଭିଯାନରେ ଜନସାଧାରଣଙ୍କୁ ନିୟୋଜିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସିଓପିଡି ପରିଚାଳନାରେ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ପୁଲମୋନାରି ମେଡିସିନ୍ ଆଣ୍ଡ କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ ଡା. ସମ୍ପତ ଦାଶ (କଟକ) କହିଛନ୍ତି, ସିଓପିଡି ପରିଚାଳନାର ଲକ୍ଷ୍ୟ ହେଉଛି ରୋଗର ଅଗ୍ରଗତିକୁ ଧିମା କରିବା ଏବଂ ଫୁସଫୁସ କାର୍ଯ୍ୟରେ ମନ୍ଥରତାକୁ ହ୍ରାସ କରିବା । ଭାରତରେ ୨୦୨୨ରେ କରାଯାଇଥିବା ଏକ ବୃହତ ବହୁକେନ୍ଦ୍ରୀୟ ଗ୍ରାମୀଣ ଜନସଂଖ୍ୟା ଭିତ୍ତିକ ଅଧ୍ୟୟନ ଅନୁଯାୟୀ ପ୍ରାୟ ଦୁଇ ତୃତୀୟାଂଶ ସିଓପିଡି ମାମଲା ନିର୍ଣ୍ଣୟ ହୋଇପାରି ନାହିଁ ଏବଂ ମାତ୍ର ଏକ ପଞ୍ଚମାଂଶ ଉପଯୁକ୍ତ ନିଃଶ୍ୱାସ ଚିକିତ୍ସା ପାଉଥିବାରୁ ସଚେତନତା ବୃଦ୍ଧି ଦ୍ୱାରା ଜୀବନ ରକ୍ଷା କରାଯାଇପାରିବ। ସିଓପିଡି ପରିଚାଳନା ପାଇଁ ବ୍ରୋଙ୍କୋଡାଇଲେଟର ଇନହେଲର ଗୁରୁତ୍ୱପୂର୍ଣ୍ଣ, ଯାହା ରୋଗୀଙ୍କୁ ସହଜରେ ନିଶ୍ୱାସ ନେବାରେ ସାହାଯ୍ୟ କରିଥାଏ।

# ଶୀତରେ ସୁସ୍ଥ ରଖେ ଡ୍ରାଏଫ୍ରୁଟ୍ସ

ଶୀତଦିନ ଆରମ୍ଭ ହେଲେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ମାଆମାନଙ୍କର ଚିନ୍ତା ବଢ଼ିଯାଏ। କାରଣ ପାଣିପାଗ ପରିବର୍ତ୍ତନ ଯୋଗୁ ପିଲା ବିଶେଷକରି ସ୍କୁଲ ଯାଉଥିବା ପିଲାଙ୍କ ଠାରେ ଥଣ୍ଡା, ଜ୍ୱର, କାଶ ଭଳି ସମସ୍ୟା ଦେଖାଦେଇଥାଏ। କେବଳ ପିଲା ନୁହନ୍ତି, ସବୁ ବୟସ୍କଙ୍କଠାରେ ମଧ୍ୟ ଏଦିନେ ଏଭଳି ସମସ୍ୟା ଦେଖାଦିଏ। ତେଣୁ ଖାଦ୍ୟ ତାଲିକାରେ କେତୋଟି ଡ୍ରାଏଫ୍ରୁଟ୍ସକୁ ସାମିଲକଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ଏହି ସମସ୍ୟା ଦୂର ହୋଇଥାଏ...

**ଆଲମଣ୍ଡ:** ଏଥିରେ ପ୍ରୋଟିନ୍, ଫାଇବର, ଭିଟାମିନ୍ ଇ ଅଧିକ ମାତ୍ରାରେ ରହିଛି। ଏହା ଶରୀରରେ ଇମ୍ମ୍ୟୁନିଟି ପାଓ୍ୱାର ବୃଦ୍ଧି କରିଥାଏ। ପ୍ରତିଦିନ ୫-୬ଟି ଆଲମଣ୍ଡକୁ ପାଣିରେ ଭିଜାଇ ଖାଇଲେ ଓଜନ ନିୟନ୍ତ୍ରଣରେ ରହିଥାଏ।

**କିସ୍‌ମିସ୍:** ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ମଧ୍ୟ ଖାଲି ଖାଇବା ଅପେକ୍ଷା ଭିଜାଇ ଖାଇଲେ କରିଥାଏ। ଏହା ହାଡ଼କୁ ମଜଭୁତ ରଖିବାରେ ବି ସାହାଯ୍ୟ କରିଥାଏ।

**ଅଖରୋଟ:** ଏଥିରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍, ପ୍ରୋଟିନ୍, ଆଇରନ୍ ଏବଂ ଫାଇବର୍ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇଥାଏ। ପ୍ରତିଦିନ ଏହାକୁ ଭିଜାଇ ଖାଇଲେ ଥଣ୍ଡା ଜନିତ ସମସ୍ୟା ଦୂରହୋଇଥାଏ।



ବେଶ୍ ଲାଭ ମିଳିଥାଏ। ଏହା ରୋଗ ସହ ଲଢ଼ିବାକୁ ଶରୀରକୁ ପ୍ରାକୃତିକ ଉର୍ଜା ଯୋଗାଇଥାଏ।

**କାଜୁ:** ଏଥିରେ ଫାଇବର ମାତ୍ରା ଅଧିକ। ପ୍ରତିଦିନ ୪-୫ଟି କାଜୁ ଖାଇଲେ ଏହା ଶରୀରକୁ ପ୍ରାକୃତିକ ଉପାୟରେ ଗରମ ରଖିଥାଏ। ଏହା ଇମ୍ମ୍ୟୁନିଟି ପାଓ୍ୱାର ବଢ଼ାଇବା ସହ ଶରୀରକୁ ଭାଇରସ୍, ବ୍ୟାକ୍ଟେରିଆ ଆଦି କବଳରୁ ସୁରକ୍ଷା ପ୍ରଦାନ

**ପିସ୍ତା:** ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ, ଭିଟାମିନ୍ ବି-୬, ଆଇରନ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ତତ୍ତ୍ୱରେ ଭରପୂର ପିସ୍ତା ଶରୀର ପାଇଁ ଖୁବ୍ ଉପକାରୀ। ପ୍ରତିଦିନ ଏହାକୁ ଖାଦ୍ୟତାଲିକାରେ ସାମିଲକଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ଏବଂ ଶୀତଦିନେ ଫ୍ଲୁ ଜନିତ ସମସ୍ୟାଠୁ ଦୂରେଇ ରଖିଥାଏ।

# ଏପରି ଲିଭାଇପାରିବେ ଟାଟୁ

ଟାଟୁ କରିବା ଅନେକ ଯୁବତୀ ଏବଂ ମହିଳାଙ୍କର ପସନ୍ଦ। ହେଲେ କିଛିବର୍ଷ ପରେ ଅନେକେ ଏହାକୁ ଲିଭାଇ ସ୍ପଟ୍‌ଲେସ୍ ସ୍କିନ୍ ପାଇବାକୁ ଇଚ୍ଛା କରନ୍ତି। ଆଉ ଏଥିପାଇଁ ବିଭିନ୍ନ ଉପାୟ ଆପଣାଉଛନ୍ତି। କିନ୍ତୁ ତ୍ୱଚା ପାଇଁ ହାନିକାରକ ହୋଇପାରେ। ତେଣୁ ଟାଟୁ ରିମୁଭ୍ କରିବାକୁ ଚାହୁଁଥିଲେ ଜାଣିରଖନ୍ତୁ କେତୋଟି କଥା...



- ଟାଟୁ ରିମୁଭ କରିବା ସହଜ କାମ ନୁହେଁ। କେବେକେବେ ଟାଟୁ ଠିକ୍ ଭାବେ ରିମୁଭ୍ ନ ହୋଇପାରିଲେ ଏହା ଦାଗ ଆକାରରେ ଶରୀରରେ ଅନେକ ଦିନ ଧରି ରହିଯାଏ।

- ଟାଟୁ ଲିଭେଇବା ପାଇଁ ବର୍ତ୍ତମାନ ଅନେକ ମହିଳା ଇଣ୍ଟରନେଟ୍‌ରୁ ଦେଖି ବିଭିନ୍ନ ଘରୋଇ ଉପଚାର ଆପଣାଇଥିବା ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ତେଣୁ ଅଭିଜ୍ଞ ଡାକ୍ତର କିମ୍ବା ଟାଟୁ ଆର୍ଟିଷ୍ଟଙ୍କ ପାଖରେ ହିଁ ରିମୁଭ୍ କରାନ୍ତୁ।

- ଟାଟୁ ରିମୁଭ୍ କରିବା ପାଇଁ ବ୍ୟବହୃତ ହୋଇଥାଏ ରାସାୟନିକ ପଦାର୍ଥ। ଯଦି ଭୁଲ୍‌ବଶତଃ ଆବଶ୍ୟକତାଠାରୁ ଅଧିକ ବ୍ୟବହାର ହୋଇଯାଏ, ତେବେ ଏହାର ପାର୍ଶ୍ୱ ପ୍ରତିକ୍ରିୟାରେ ଜୀବନ ଚାଲିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

- ଟାଟୁ ରିମୁଭ୍ କରିବା ଦ୍ୱାରା କେତେକଙ୍କଠାରେ ଏପରି କରିବା ପରେ ଉକ୍ତ ସ୍ଥାନରେ ପ୍ରକୃତ ସ୍କିନ୍ ଟୋନ୍ ବଦଳିଯାଇ କଳା କିମ୍ବା ଧଳା ପଡ଼ିଯାଇ ଶରୀରର ସୌନ୍ଦର୍ଯ୍ୟ ନଷ୍ଟ କରିଥାଏ।

- ଅଧିକାଂଶଙ୍କ ପାଖେ ଟାଟୁ ରିମୁଭ୍ କରିବା ବେଳେ ଆଲର୍ଜି ହେବା କିମ୍ବା ଇନ୍‌ଫେକ୍‌ସନ୍ ହେବା ଅଧିକ ଆଶଙ୍କା ଥାଏ। ତେଣୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସତର୍କତାର ସହ ଏହା କରାଇବା ଆବଶ୍ୟକ।

- ଅନେକ ମହିଳା ଫ୍ୟାଶନେବଲ୍ ଲାଗିବା ପାଇଁ ଲିପ୍ ଲାଇନର, ଆଇ ଲାଇନର, ଆଇବ୍ରୋ ଆଦିରେ କସ୍‌ମେଟିକ୍ ଟାଟୁ କରାଇଥାନ୍ତି । ପରବର୍ତ୍ତୀ ସମୟରେ କେହି କେହି ଏହାକୁ ଲେଜର ଟ୍ରିଟ୍‌ମେଣ୍ଟ କରାଇ ରିମୁଭ୍ କରାଇବାକୁ ମଧ୍ୟ ଚେଷ୍ଟା କରନ୍ତି। ହେଲେ ଏଥିପାଇଁ ସ୍କିନ୍ କଲର ଖରାପ ହୋଇଯିବା ଘଟଣା ବି ଦେଖିବାକୁ ମିଳିଛି।

# ଫ୍ୟାମିଲି ପିକ୍‌ନିକ୍



ପରିବାର ସହ ଥଣ୍ଡା ଥଣ୍ଡା ପାଗରେ ନୂଆ ଜାଗା ବୁଲିଯିବା, ମଜାମସ୍ତିରେ ଭୋଜିକରି ଖାଇବା କାହାକୁ ବା ପସନ୍ଦ ନୁହେଁ। ଦୈନନ୍ଦିନ ବ୍ୟସ୍ତଜୀବନରୁ କିଛି ସମୟ ବାହାର କରି ଏଭଳି ସୁନ୍ଦର ଅନୁଭୂତି ସାଉଁଟିବାକୁ ସମସ୍ତେ, ବିଶେଷକରି ମହିଳାମାନେ ବେଶି ଉତ୍କଣ୍ଠିତ। ତେବେ ଫ୍ୟାମିଲି ପିକ୍‌ନିକ୍ ଯିବାର ପ୍ଲାନିଂ କରୁଥିଲେ ଏହାକୁ ସ୍ମରଣୀୟ କରିବା ପାଇଁ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ...





ଆରମ୍ଭ ହୋଇଯାଇଛି ପିକ୍‌ନିକ୍ ସିଜନ। ଅଧିକାଂଶ ମହିଳା ଏବେ ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରୁ ବିରତି ନେଇ କିଛି ସମୟ ପରିବାର ସହ ଖୁସି ମନେଇବା ପାଇଁ ବିଭିନ୍ନ ସ୍ଥାନରେ ପିକ୍‌ନିକ୍‌ରେ ଯିବାକୁ ଚାହିଁ ରହିଛନ୍ତି। ତେବେ ଫ୍ୟାମିଲି ପିକ୍‌ନିକ୍‌କୁ ସୁରକ୍ଷିତ ତଥା ଏଞ୍ଜୟେବଲ୍ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ପାଖରେ ରଖନ୍ତୁ ଆବଶ୍ୟକ ସାମଗ୍ରୀ:** ଫ୍ୟାମିଲି ପିକ୍‌ନିକ୍‌ରେ ଯିବାକୁ ହେଲେ ମହିଳାମାନଙ୍କୁ ପୂର୍ବରୁ ବିଶେଷ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ସାଙ୍ଗରେ ଟାଓ୍ୱେଲ୍, ହଠାତ୍ ଆବଶ୍ୟକ ହେଲେ ପିନ୍ଧିବା ପାଇଁ ଏକ୍ସଟ୍ରା ଡ୍ରେସ୍, ଶୀତବସ୍ତ୍ର ସାଙ୍ଗକୁ କିଛି ଶୁଖିଲା ଖାଦ୍ୟ, ପିଇବା ପାଣି, ହ୍ୟାଣ୍ଡ ଓ୍ୱାଶ୍ ଆଦି ନିହାତି ରଖନ୍ତୁ।

**ପିନ୍ଧନ୍ତୁ ନାହିଁ ଗହଣା:** ବର୍ତ୍ତମାନ ସୁନା ଗହଣା ଚୋରୀ ଏବଂ ଏଥିପାଇଁ ବିଭିନ୍ନ ଅଘଟଣ ଘଟୁଥିବା ଦେଖିବାକୁ ମିଳୁଛି। ତେଣୁ ପିକ୍‌ନିକ୍ ଯିବାବେଳେ କେବଳ ମହିଳା ନୁହନ୍ତି ପରିବାରର ଅନ୍ୟ ସଦସ୍ୟଙ୍କୁ ବି ସୁରକ୍ଷା ଦୃଷ୍ଟିରୁ ସୁନା ଗହଣା ନ ପିନ୍ଧିବା ଦରକାର। ସେହିପରି ପାଖରେ ଅଧିକ ଟଙ୍କା କ୍ୟାଶ୍ ନ ରଖି ଆବଶ୍ୟକ ସ୍ଥଳେ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା ନେଲେ ଭଲ।

**ସମସ୍ତ ସାମଗ୍ରୀ ଦାୟିତ୍ୱରେ ରଖନ୍ତୁ:** ମୋବାଇଲର ଚାର୍ଜ ଫୁଲ୍ ରଖନ୍ତୁ। ଟଙ୍କା, ମୋବାଇଲ୍, କ୍ୟାମେରା ଭଳି ସାମଗ୍ରୀ ଯେପରି ନ ହଜେ କିମ୍ବା ଚୋରି ନ ହୁଏ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ନିଜ ପର୍ସ କିମ୍ବା ଭ୍ୟାନିଟି ବ୍ୟାଗ୍‌କୁ କାନ୍ଧରେ ରଖନ୍ତୁ। ଏଣେତେଣେ ରଖିବା ଦ୍ୱାରା ଏହା ଚୋରି ହେବା ଆଶଙ୍କା ବଢ଼ିଯାଇଥାଏ।

**ରଖନ୍ତୁ ଏମର୍ଜେନ୍ସି କିଟ୍:** ପିକ୍‌ନିକ୍‌ରେ ବୁଲାବୁଲି, ନାଚଗୀତ ଆଦି ଭିତରେ ଖାଇବା ସମୟ ଏପଟସେପଟ ହେବା ଦ୍ୱାରା ହେଉ କିମ୍ବା ଅଦିନିଆ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି, ଝାଡ଼ା, ବାନ୍ତି ଭଳି ହଠାତ୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏମିତିରେ ସଙ୍ଗେ ସଙ୍ଗେ ମେଡିକାଲ ସୁବିଧା ପାଇବା କଷ୍ଟକର ହୋଇଥିବାରୁ ପାଖରେ କିଛି ମେଡିସିନ ସହ ଫାଷ୍ଟଏଡ୍ କିଟ୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। ପିଲା ଏବଂ ବୃଦ୍ଧ ସାଙ୍ଗରେ ଥିଲେ ସେମାନଙ୍କର ସମସ୍ତ ଆବଶ୍ୟକ ଔଷଧ ସାଙ୍ଗରେ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ବର୍ତ୍ତମାନ ଅନେକ ସ୍ଥାନରେ କାଶ, ଜ୍ୱର ଭଳି ଭାଇରାଲ୍ ଡିଜିଜ୍ ଦେଖିବାକୁ ମିଳୁଛି। ତେଣୁ ବୁଲିବାକୁ ଗଲେ ଗହଳି ସ୍ଥାନରେ କୌଣସି ସଂକ୍ରମଣଠୁ ଦୂରେଇରହିବା ଲାଗି ମାସ୍କ ବ୍ୟବହାର କରନ୍ତୁ।

**ଛୋଟ ପିଲାଙ୍କୁ ସାଙ୍ଗରେ ନେଉଥିଲେ:** ଯଦି ସାଙ୍ଗରେ ଛୋଟ ପିଲା ଅଛନ୍ତି ତେବେ ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ଠିକ୍ ଭାବରେ କରିବା ଦରକାର। ପିକ୍‌ନିକ୍ ସ୍ଥଳରେ ରାନ୍ଧି ଖାଇବା ବ୍ୟବସ୍ଥା ଥିଲେ ସୁଦ୍ଧା ପିଲାଙ୍କ ପାଇଁ ଖାଦ୍ୟ, ପିଇବା ପାଣି ନିଅନ୍ତୁ। ସେହିପରି ସେମାନଙ୍କ ପାଇଁ କିଛି ଏକ୍ସଟ୍ରା ପେୟାର ଡ୍ରେସ୍, ଟାଓ୍ୱେଲ ଏବଂ କେତେକ ଏମର୍ଜେନ୍ସି ମେଡିସିନ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ସେମାନଙ୍କୁ ସବୁବେଳେ ପାଖରେ ରଖନ୍ତୁ। ବାପାମାଆଙ୍କ ଫୋନ୍ ନମ୍ବର ଶିଖାନ୍ତୁ କିମ୍ବା ତାଙ୍କ ହାତରେ ଲେଖିଦିଅନ୍ତୁ, ଫଳରେ ହଠାତ୍ ପିଲା ପିକ୍‌ନିକ୍ ସ୍ଥଳରେ ଗହଳିରେ କେଉଁଆଡ଼େ ଚାଲିଗଲେ ମିଳିବା ସହଜ ହୋଇପାରିବ।

**ଦୁଃସାହସିକ କାର୍ଯ୍ୟଠୁ ଦୂରେଇ ରୁହନ୍ତୁ:** ହିଲ୍ ଷ୍ଟେଶନକୁ ପିକ୍‌ନିକ୍ ପାଇଁ ଯାଇଥିଲେ ସୁରକ୍ଷା ଦୃଷ୍ଟିରୁ ଝରଣା ପାଣିରେ ଗାଧୋଇବା, ପାହାଡ଼ ଚଢ଼ିବା, ଜଙ୍ଗଲ ଭିତରକୁ ଯିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ସେହିପରି ଯଦି ସମୁଦ୍ରକୂଳକୁ ଯାଉଛନ୍ତି ତେବେ ଅଧିକ ପାଣି ଭିତରକୁ ଆଦୌ ଯାଆନ୍ତୁ ନାହିଁ। କାରଣ ସମୁଦ୍ର ପାଣିରେ ଗାଧୋଇବାର ମଜାନେବାକୁ ଯଦିଓ ସମସ୍ତେ ଭଲ ପାଆନ୍ତି ହେଲେ ବେଳେବେଳେ ସମୁଦ୍ର ସୂଅ ଟାଣି ନେଇ ଅନେକ ଜୀବନ ହାନି ହେବାର ନଜିର ରହିଛି। ତେଣୁ କୌଣସି ନୂଆ ଜାଗାକୁ ଯାଉଥିଲେ ସର୍ବଦା ସାଙ୍ଗରେ ଗାଇଡ୍ ବା ସେ ସ୍ଥାନ ସମ୍ପର୍କରେ ଭଲଭାବେ ଜାଣିଥିବା ଲୋକଙ୍କୁ ନେବା ଭଲ।

**ସଫା ରଖନ୍ତୁ ପିକ୍‌ନିକ୍ ସ୍ପଟ୍:** ବର୍ତ୍ତମାନ ପ୍ରାୟ ଅଧିକାଂଶ ପିକ୍‌ନିକ୍ ସ୍ପଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯାଇଛି। ତେଣୁ ବଣଭୋଜି ସରିବା ପରେ ଅଇଁଠା ପ୍ଲେଟ୍, ଗ୍ଲାସ୍, ପାଣି ବୋତଲ ଏଣେତେଣେ ନ ଫିଙ୍ଗି ନିକଟରେ ଡଷ୍ଟବିନ୍‌ରେ ପକାନ୍ତୁ। ଡଷ୍ଟବିନ୍ ନ ଥିଲେ ସେସବୁକୁ ଏକାଠିକରି କୌଣସି ଚଳପ୍ରଚଳ ନ ଥିବା କଡ଼ରେ ପକାନ୍ତୁ, ଯେପରି ପିକ୍‌ନିକ୍ ସ୍ଥଳ ଅପରିଷ୍କାର ନ ହୁଏ। ପରିବେଶ ପ୍ରଦୂଷଣ କରୁଥିବା ଭଳି ପ୍ଲାଷ୍ଟିକ୍ ଗ୍ଲାସ୍, ପଲିଥିନ୍ ଆଦି ମଧ୍ୟ ବ୍ୟବହାର କରନ୍ତୁ ନାହିଁ।

**ଫଟୋ, ଭିଡିଓ ଶୁଟ୍ ବେଳେ ରୁହନ୍ତୁ ସତର୍କ:** ମହିଳାମାନଙ୍କ ଠାରେ ବର୍ତ୍ତମାନ ଫଟୋ ଏବଂ ରିଲ୍ସ ଶୁଟ୍ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ସବୁଠୁ ଅଧିକ। ହେଲେ ବର୍ତ୍ତମାନ ସେଲ୍‌ଫି ଉଠେଇବା ଏବଂ ରିଲ୍ସ ଭିଡିଓ ଶୁଟ୍ କରିବା ଲାଗି ପିକ୍‌ନିକ୍ ସ୍ଥଳରେ ବିଭିନ୍ନ ଅଘଟଣ ଘଟୁଥିବା କଥା ନଜରକୁ ଆସୁଛି। ତେଣୁ ଉଚ୍ଚ ପାହାଡ଼ ଧାରରେ, ଝରଣାକୂଳରେ, ଜଳପ୍ରପାତ ପାଖରେ, ପାଣି ଭିତରେ, ଡଙ୍ଗାରେ କିମ୍ବା ଅନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ଠିଆହୋଇ ଆଦୌ ଫଟୋ ଉଠାନ୍ତୁ ନାହିଁ। ବିଶେଷକରି ପିଲାମାନଙ୍କୁ ଏଭଳି ଦୁଃସାହସିକ କାର୍ଯ୍ୟଠାରୁ ଦୂରେଇରଖନ୍ତୁ। ତେଣୁ ପିକ୍‌ନିକ୍‌ରେ ମଜା କରନ୍ତୁ ଏବଂ ଏହାକୁ ସ୍ମରଣୀୟ କରିବା ଲାଗି ଫଟୋ ମଧ୍ୟ ଉଠାନ୍ତୁ, ହେଲେ ଏହା ଯେପରି ଜୀବନ ପ୍ରତି ବିପଦପୂର୍ଣ୍ଣ ନ ହୁଏ, ସେଥିପ୍ରତି ସଜାଗ ରୁହନ୍ତୁ।



## ଏମାନେ କ'ଣ କରନ୍ତି...



**ସଂହିତା ମହାରଣା**(ଭୁବନେଶ୍ୱର)- ପିଲାଙ୍କ ସ୍କୁଲ୍ ଛୁଟି ମିଳିଲେ ସପରିବାର ବୁଲିଯିବା ଆମର ଭାରି ପସନ୍ଦ। ବାହାର ରାଜ୍ୟଠୁ ଆରମ୍ଭ କରି ବାହାର ଦେଶ ମଧ୍ୟ ବୁଲି ଯାଇଛୁ। ହେଲେ ଶୀତଦିନେ ଆଖପାଖରେ ଥିବା ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ଭୋଜିକରି ଖାଇବାର ମଜା ନିଆରା। ତେବେ ଏଭଳି ଫ୍ୟାମିଲି ପିକ୍‌ନିକ୍ ହେଲେ କେତେକ ଦିଗ ପ୍ରତି ସଜାଗ ରହିଥାଏ। ପିକ୍‌ନିକ୍‌ରେ ଖାଇବାର ସମସ୍ତ ବ୍ୟବସ୍ଥା ଥିଲେ ସୁଦ୍ଧା ସାଙ୍ଗରେ ପିଲା ଏବଂ ବୟସ୍କ ଥିବାରୁ ସେମାନପାଇଁ ଖାଦ୍ୟ, ଏକ୍ସଟ୍ରା ଡ୍ରେସ୍, କିଛି ଜରୁରୀ ମେଡିସିନ୍ ଆଦି ନେବାକୁ ଜମା ଭୁଲି ନ ଥାଏ।



**ନିରୁପମା ସ୍ୱାଇଁ**(ବାଙ୍କୁଆଳ, ଭୁବନେଶ୍ୱର)- ପିକ୍‌ନିକ୍ ହେଉ କିମ୍ବା କେଉଁଆଡେ ପରିବାର ସହ ଯିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିଥାଉ। ପାଖରେ ଅଧିକ ଟଙ୍କା ନ ରଖିବା, ନିଜେ କିମ୍ବା ପରିବାର ସଦସ୍ୟ ସୁନାଗହଣା ନ ପିନ୍ଧିବା ଆଦିକୁ ଅଧିକ ଗୁରୁତ୍ୱ ଦେଇଥାଉ। ଏହା ବ୍ୟତୀତ ପିକ୍‌ନିକ୍ ସ୍ପଟରେ ପାଣି, ପାହାଡ ଆଦି ଥିଲେ ଫଟୋ ଉଠାଇବା, ରିଲ୍ସ କରିବା ନିଶାରେ ଯେପରି କେହି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ଆମେ ଖାଇବା ପରେ ଯେପରି ଏଣେତେଣେ ପ୍ଲେଟ୍, ଗ୍ଲାସ୍ ଆଦି ପଡି ପିକ୍‌ନିକ୍ ସ୍ପଟ୍ ଅପରିଷ୍କାର ନ ହେଉ ସେଥିପ୍ରତି ଧ୍ୟାନ ଦେଇଥାଉ।

## ସୌନ୍ଦର୍ଯ୍ୟ

# ହୋମ୍ ମେଡ୍ ଲିପ୍‌ବାମ୍

ଶୀତ ଆସିବାରୁ ଓଠ ଶୁଖିବା ଆରମ୍ଭ ହେଲାଣି। ତେଣୁ ଓଠ ଫାଟିବା ସମସ୍ୟା ନ ହେବା ଲାଗି ଆପଣ ଚାହିଁଲେ ଘରେ ମଧ୍ୟ ଲିପ୍‌ବାମ୍ ପ୍ରସ୍ତୁତ କରିପାରିବେ। ଏହାକୁ ଶୀତଦିନେ ଲଗାଇ ଓଠକୁ ସଫ୍ଟ ଏବଂ ପିଙ୍କ୍ ରଖିପାରିବେ...



⏭ବର୍ତ୍ତମାନ କୋରିଆନ୍ ଲିପ୍‌ବାମ୍‌ର ଡିମାଣ୍ଡ ଖୁବ୍ ବେଶି। ଏହାକୁ ଅଧିକ ଦାମ୍ ଦେଇ ଅନେକେ କିଣୁଥିବା ଦେଖିବାକୁ ମିଳୁଛି। ହେଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିହେବ। ଏଥିପାଇଁ ପ୍ରଥମେ ଏକ କଡ଼େଇରେ ପାଣି ରଖି ଗରମ କରନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ଏହା ଉପରେ ଏକ ଗିନା ରଖନ୍ତୁ ଯେପରି ତାହା ଭାସିବ। ସେଥିରେ ଏକ ବଡ଼ ଚାମଚ ବିଓ୍ୱାକ୍ସ ପ୍ୟାଲେଟ୍ ରଖି ଚାମଚରେ ଧୀରେ ଧୀରେ ଗୋଳନ୍ତୁ। ଏହା ଭଲଭାବେ ତରଳିଗଲେ ସେଥିରେ ୧ ଚାମଚ ନଡ଼ିଆତେଲ ଏବଂ ୧ ଚାମଚ ବାଦାମତେଲ ପକାଇ ଭଲଭାବେ ମିଶାନ୍ତୁ। ସେଥିରେ ୧ ଚାମଚ ମହୁ ମିଶାଇ ପୁଣି ଗୋଳାନ୍ତୁ। ସେଥିରେ ୪-୫ ଡ୍ରପ୍ ଭିଟାମିନ୍ ଇ ଅଏଲ୍ ଏବଂ ନିଜ ପସନ୍ଦର କୌଣସି ଏସେନ୍ସିଆଲ୍ ଅଏଲ୍ ପକାନ୍ତୁ। ଏହାକୁ ଭଲ ଭାବେ ମିଶାନ୍ତୁ। ଚୁଲା ବନ୍ଦକରି ଗିନା କାଢ଼ି ଆଣନ୍ତୁ। ଭଲ ଭାବେ ଗୋଳାଇ ଥଣ୍ଡା ହେବା ପରେ ଲିପ୍‌ବାମ୍‌କୁ ଏକ କଣ୍ଟେନରରେ ରଖିଦିଅନ୍ତୁ। ବେଷ୍ଟ ରେଜଲ୍ଟ ପାଇଁ ପ୍ରତିଦିନ ଏହାକୁ ଓଠାରେ ଲଗାନ୍ତୁ।



⏭ବର୍ତ୍ତମାନ ରୋଜ୍‌ମେରୀ ଲିପ୍‌ବାମ୍ ବି ଖୁବ୍ ଡିମାଣ୍ଡରେ ରହିଛି। ହେଲେ ଆପଣ ଚାହିଁଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୧ ଚାମଚ ବିଓ୍ୱାକ୍ସ, ୩ ଚାମଚ ନଡ଼ିଆ ତେଲ ଏବଂ ୨ ଚାମଚ ସିଆ ବଟର ପକାଇ ଅଳ୍ପ ଗରମ କରନ୍ତୁ ଏବଂ ତରଳିବା ପରେ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ୪-୫ ଟୋପା ଭିଟାମିନ୍ ଇ, ୨ ଟୋପା ରୋଜ୍‌ମେରୀ ଏସେନ୍ସିଆଲ ଅଏଲ୍ ଏବଂ ୩ ଟୋପା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରତିଦିନ ଏହି ବାମ୍‌କୁ ଓଠରେ ଲଗାଇଲେ ଓଠ ନରମ ଏବଂ ଗୋଲାପି ରହିବ।

## ଖାଦ୍ୟରୁଚି // ସୋୟାବିନ୍ ୬୫

**ଆବଶ୍ୟକ ସାମଗ୍ରୀ:** ୫୦ଗ୍ରାମ୍ ସୋୟାବିନ୍। ଲାଲ୍ ଲଙ୍କା ପାଉଡର ଅଧା ଚାମଚ, ଜିରା ପାଉଡର ୧/୪ ଚାମଚ, ଚାଉଳଗୁଣ୍ଡ ୧ ଚାମଚ, ଦହି ୨ ଚାମଚ, ସୋରିଷ ୧ ଚାମଚ, ପାନମଧୁରୀ ୧/୨ ଚାମଚ, ୧ ଇଞ୍ଚ ଅଦା ଛୋଟ କଟାହୋଇଥିବା, ୪ କୋଲା ରସୁଣ ଛୋଟ କଟାହୋଇଥିବା, ଭୁର୍ସୁଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧/୨ ଚାମଚ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗୋଲମରିଚ ପାଉଡର ୧/୪ ଚାମଚ, କଟା ଧନିଆ ପତ୍ର, ଛାଣିବା ପାଇଁ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ପାଣି ଏବଂ ଅଳ୍ପ ଲୁଣ ପକାଇ ସୋୟାବିନ୍‌କୁ ସିଝେଇ ଦିଅନ୍ତୁ। ଏହାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଦହି, ଚାଉଳଗୁଣ୍ଡ, ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୁର୍ସୁଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣାହୋଇଥିବା ସୋୟାବିନ୍ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସୋୟାବିନ୍ ୬୫। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆପତ୍ର ପକାଇ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ
DHARITRI
ଧରିତ୍ରୀ 50 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୯/୨୦୨୪ Bhubaneswar, Tuesday, November 19/ 2024

# ଭାରତୀୟ ଦଳରେ ଓଡ଼ିଶାର ୩

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ନଭେମ୍ବର ୨୬ରୁ ମସ୍କଟଠାରେ ପୁରୁଷ ଜୁନିୟର ଏସିଆକପ୍ ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ଅମୀର ଅଲୀଙ୍କ ଅଧିନାୟକତ୍ୱରେ ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ଅନମୋଲ ଏକ୍କା, ରୋଶନ କୁଜୁର ଓ ମୁକେଶ ଟପ୍ପୋ ସାମିଲ ହୋଇଛନ୍ତି। ଭାରତ ଏହି ଟୁର୍ନାମେଣ୍ଟ ସର୍ବାଧିକ ୪ଥର (୨୦୦୪, ୨୦୦୮, ୨୦୧୫ ଓ ୨୦୨୩) ଜିତି ରେକର୍ଡ କରିଛି। ଗତବର୍ଷ ଫାଇନାଲରେ ଦଳ ପାକିସ୍ତାନକୁ ୨-୧ରେ ପରାସ୍ତ

**ଜୁନିୟର ଏସିଆ କପ୍ ହକି**

କରି ଟାଇଟଲ ବିଜୟୀ ହୋଇଥିଲା। ଚଳିତବର୍ଷ ଏହି ଇଭେଣ୍ଟ ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେଉଛି। ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଭାରତ ବ୍ୟତୀତ ଚାଇନିଜ ତାଇପେ, ଜାପାନ, କୋରିଆ ଓ ଥାଇଲାଣ୍ଡ ରହିଛନ୍ତି। ସେହିପରି ଗ୍ରୁପ୍ 'ବି'ରେ ବାଂଲାଦେଶ, ମାଲେସିଆ, ଚାଇନା, ଓମାନ ଓ ପାକିସ୍ତାନକୁ ସ୍ଥାନ ମିଳିଛି। ଏହି ଟୁର୍ନାମେଣ୍ଟ ଆସନ୍ତାବର୍ଷର ଏଫଆଇଏଚ୍ ଜୁନିୟର ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାଇଂ ଇଭେଣ୍ଟ। ଭାରତ ଆୟୋଜକ ହିସାବରେ ଆପେ ଯୋଗ୍ୟତା ଅର୍ଜନ କରିସାରିଛି। କୋଚ୍ ପି.ଆର. ଶ୍ରୀଜେସ୍‌ଙ୍କ ତତ୍ତ୍ୱାବଧାନରେ ଜୁନିୟର



ଓଡ଼ିଶାର ୩ ଖେଳାଳି ଅନମୋଲ ଏକ୍କା, ରୋଶନ କୁଜୁର ଓ ମୁକେଶ ଟପ୍ପୋ।

ଦଳ ନିକଟରେ ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ସଫଳତା ହାସଲ କରିପାରିଛି। ଦଳ ଏସିଆ କପ୍‌ରେ ଏହି ସଫଳତା ଦୋହରାଇବ ବୋଲି ଆଶା କରାଯାଉଛି। ଦଳ ମନୋନୟନ ପୂର୍ବରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରେ ଏକ ଜାତୀୟ କ୍ୟାମ୍ପ ଆୟୋଜନ କରାଯାଇଥିଲା।

**ଭାରତୀୟ ଜୁନିୟର ହକି ଦଳ:** ଗୋଲକିପର: ପ୍ରିନ୍ସଦୀପ ସିଂ, ବିକ୍ରମଜିତ୍ ସିଂ। ଡିଫେଣ୍ଡର: ଅମୀର ଅଲୀ(ଅଧିନାୟକ), ଟାଲେମ ପ୍ରିୟବ୍ରତ, ଶ୍ରଦାନନ୍ଦ ତିୱାରୀ, ଯୋଗେମ୍ବର ରାୱତ, ଅନ୍‌ମୋଲ ଏକ୍କା, ରୋହିତ (ଉପଅଧିନାୟକ)। ମିଡ୍‌ଫିଲ୍ଡର: ଅଙ୍କିତ ପାଲ୍, ମନମିତ ସିଂ, ରୋଶନ କୁଜୁର, ମୁକେଶ ଟପ୍ପୋ, ଥୋକ୍ କିଙ୍ଗସନ ସିଂ। ଫରୱାର୍ଡ: ଗୁରଜିତ ସିଂ, ସୌରଭ ଆନନ୍ଦ କୁଶ୍ୱାହା, ଦିଲରାଜ ସିଂ, ଅର୍ଶଦୀପ ସିଂ ଓ ଅରାଇଜିତ ସିଂ ହୁଣ୍ଡାଲ। ବିକଳ୍ପ ଖେଳାଳି: ସୁଖବିନ୍ଦର ଓ ଚନ୍ଦନ ଯାଦବ।

## ସ୍ୱସ୍ତିଙ୍କୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ



**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ):** ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଜାତୀୟ ସ୍ତରରେ ନିଜର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଚେନ୍ନାଇରେ ଚାଲିଥିବା ନ୍ୟାଶନାଲ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪ କିଲୋମିଟର ମହିଳା ଏଲିଟ ଟିମ୍ ଇଭେଣ୍ଟରେ ଓଡ଼ିଶା ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଏଥିରେ ସ୍ୱସ୍ତି ଦଳର ଅନ୍ୟତମ ସଦସ୍ୟା ଥିଲେ। ସେହିପରି ସ୍ପ୍ରିଣ୍ଟ ଟିମ୍ ଇଭେଣ୍ଟ ଓ ବ୍ୟକ୍ତିଗତ ଓମ୍‌ନିଅମରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଗତ ଅକ୍ଟୋବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଥିଲେ।

## ସମୀରଙ୍କ ପରଲୋକରେ କ୍ରୀଡ଼ା ମହଲରେ ଶୋକ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ସମୀର ଦେ'ଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟ କ୍ରୀଡ଼ା ମହଲରେ ଜଣେ ଜଣାଶୁଣା ବ୍ୟକ୍ତିଭାବେ ପରିଚିତ ସମୀର ତାଙ୍କ ଜୀବନକାଳ ମଧ୍ୟରେ ଏକାଧିକ କ୍ରୀଡ଼ା ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସେ ୨୦୦୪ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ସଭାପତି ମଧ୍ୟ ଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ



ଫାଓ ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନ ସଭାପତି ରହିଥିଲେ। ତାଙ୍କ ପରଲୋକରେ ଫାଓ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ, ଓଡ଼ିଶା କ୍ରିକେଟ ଆସୋସିଏଶନ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ), ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ଭୁବନେଶ୍ୱର ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ, ଭୁବନେଶ୍ୱର ଭେଟେରାନ ପ୍ଲେୟର୍ସ ଫୁଟବଲ ଆସୋସିଏଶନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ସମୀର ମଧ୍ୟ ରାଜ୍ୟର ଜଣେ ଜଣାଶୁଣା ରାଜନେତା ଓ ପୂର୍ବତନ ମନ୍ତ୍ରୀ ଥିଲେ।

## କୋକେନ ବ୍ୟବହାର ପାଇଁ ବ୍ରେସ୍‌ୱେଲ ବାସନ୍ଦ

**ୱେଲିଂଟନ,୧୮।୧୧**




କୋକେନ ବ୍ୟବହାରକୁ ନେଇ ନ୍ୟୁଜିଲାଣ୍ଡର ପେସ୍ ବୋଲର ଡଗ୍ ବ୍ରେସ୍‌ୱେଲ ଇତିମଧ୍ୟରେ କ୍ରିକେଟରୁ ୧ମାସ ବାସନ୍ଦ ଦଣ୍ଡ ଭୋଗି ସାରିଛନ୍ତି। ମାତ୍ର ନ୍ୟୁଜିଲାଣ୍ଡ ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ସୋମବାର ପ୍ରଥମ ଥର ଏହା ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜାନୁଆରୀରେ ୱେଲିଂଟନ ବିପକ୍ଷ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଟି୨୦ ମ୍ୟାଚ ପରେ ୩୪ ବର୍ଷୀୟ ବ୍ରେସ୍‌ୱେଲଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ନିଆଯାଇଥିବା ନମୁନାରେ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା। ବ୍ରେସ୍‌ୱେଲ ଏହି ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୧ରନ ବିନିମୟରେ ୨ଟି ଉଇକେଟ ନେଇଥିବା ବେଳେ ମାତ୍ର ୧୧ ବଲ୍‌ରୁ ୩୦ ରନ କରି ଅପରାଜିତ ରହିଥିଲେ। ଏଥିସହିତ ସେ ଦୁଇଟି ସୁନ୍ଦର କ୍ୟାଚ ମଧ୍ୟ ନେଇଥିଲେ। ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ଟେ କାହୁ ରାଉନୁଇ କହିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ୨୦ଟି ଟେଷ୍ଟରେ ପ୍ରତିନିଧିତ୍ୱ କରିଥିବା ବ୍ରେସ୍‌ୱେଲ ପ୍ରତିଯୋଗିତା ବାହାରେ କୋକେନ ସେବନ କରିଥିବାରୁ ଏହା ଖେଳ ସମ୍ପର୍କିତ ନୁହେଁ। ଖବର ଅନୁସାରେ ବ୍ରେସ୍‌ୱେଲଙ୍କୁ ପ୍ରକୃତରେ ୩ ମାସ ବାସନ୍ଦ କରାଯାଇଥିଲା। ମାତ୍ର ଏକ ଟ୍ରିଟ୍‌ମେଣ୍ଟ ପ୍ରୋଗ୍ରାମ୍ ଶେଷ କରିବା ପରେ ମିଆଦକୁ ଏକ ମାସ ହ୍ରାସ କରାଯାଇଥିଲା। ଏହା ପିଛିଲା ୨୦୨୪ ଏପ୍ରିଲରୁ ଲାଗୁ କରାଯାଇଥିଲା। ବାସନ୍ଦ ଦଣ୍ଡ ଭୋଗି ସାରିଥିବାରୁ ବ୍ରେସ୍‌ୱେଲ ଏଣିକି ପୁନର୍ବାର କ୍ରିକେଟ ଖେଳିପାରିବେ।

## ଯଜ୍ଞେଶ ଶେଟିଙ୍କ ରେକର୍ଡ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ବିଶିଷ୍ଟ ମାର୍ଶାଲ ଆର୍ଟିଷ୍ଟ ଚିତା ଯଜ୍ଞେଶ ଶେଟି ଏକ ଦୁଇ ଘଣ୍ଟିଆ ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ଏକକାଳୀନ ୧୮,୦୦୦ ବାଳିକା ଓ ମହିଳାଙ୍କୁ ତାଲିମ ଦେଇ ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। କିମ୍ବଦନ୍ତୀ ବ୍ରୁସ୍ ଲି'ଙ୍କ ସ୍ମରଣାର୍ଥେ ନେପାଳର ବୀରଗୁଞ୍ଜ ନାମକ ଏକ ସହରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶେଟି ଚିତା ଜିତ୍ କୁନେ ଡୁ' ଗ୍ଲୋବାଲ ସ୍ପୋର୍ଟ୍ସ ଫେଡେରେଶନର ପ୍ରତିଷ୍ଠାତା ଓ ସଭାପତି ଅଛନ୍ତି। ସେ ଅମିତାଭ ବଚ୍ଚନ, ଅଜୟ ଦେବଗନ, ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରାଙ୍କ ଭଳି ବହୁ ଭାରତୀୟ ଫିଲ୍ମ ଷ୍ଟାରଙ୍କୁ ଟ୍ରେନିଂ ଦେଇଛନ୍ତି। ସେ ଆହୁରି ମଧ୍ୟ ବେନ୍ କିଙ୍ଗ୍ସଲେ, ରୋଜର ମୁରେ ଓ ଜ୍ୟାକି ଚାନଙ୍କ ଭଳି ଇଣ୍ଟରନ୍ୟାଶନାଲ ଷ୍ଟାରଙ୍କ ସହିତ କାର୍ଯ୍ୟ କରିଛନ୍ତି।

## ୱାର୍ଲ୍ଡ ପିକେଲବଲ୍‌ରେ ଓଡ଼ିଶାର ସଫଳତା

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**





ପଦକ ସହ ଶକ୍ତି ରଞ୍ଜନ ଦାଶ-ଅନନ୍ତ ନାୟକ ଓ ଶୁଭ୍ରାଂଶୁ ଷଡ଼ଙ୍ଗୀ।

ମୁମ୍ବାଇସ୍ଥିତ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ ପରିସରରେ ବିଶ୍ୱ ପିକେଲବଲ ଚାମ୍ପିୟନଶିପ୍ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି। ଏହା ଗତ ୧୨ରୁ ୧୭ ପର୍ଯ୍ୟନ୍ତ ଚାଲିଥିଲା। ପ୍ରତିଯୋଗିତାରେ ୧୩ ଦେଶର ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାର ଏକ ୯ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ପିକେଲବଲ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଶକ୍ତି ରଞ୍ଜନ ଦାଶ ଦଳର ନେତୃତ୍ୱ ଓ ପ୍ରତିଷ୍ଠିତ କୋଚ୍ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଏଥିରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୧୯ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଓଡ଼ିଶାର ଅଂଶୁମାନ ବାବୁ ଓ ଏକଲବ୍ୟ ମହାପାତ୍ର ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଲଗ୍ନଜିତ ପଟ୍ଟନାୟକ ଓ ଆକାଶ ପାଣିଗ୍ରାହୀ ଅଂଶଗ୍ରହଣ କରି ଉତ୍ସାହୀ ପ୍ରଦର୍ଶନ କରିଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଶକ୍ତି ରଞ୍ଜନ ଦାଶ ଓ ଅନନ୍ତ ନାୟକ ଚମତ୍କାର ଖେଳ ଦେଖାଇ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ, ପ୍ରଦୀପ ସିଂ ଓ ଉଦୀପ ବାବୁ ଅଂଶଗ୍ରହଣ କରିଥିଲେ। ଶୁଭ୍ରାଂଶୁ ପ୍ରଭାବୀ ପ୍ରଦର୍ଶନ କରି ଉଭୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ଆଡଭାନ୍ସ ସିଙ୍ଗଲ୍ସ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏଲିଟ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଟେନିସ, ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ଖେଳର ସମ୍ମିଶ୍ରଣ ହେଉଛି ପିକେଲବଲ୍। ଏହା ଆମେରିକାରେ ଏବେ ଦ୍ରୁତ ବିକଶିତ କ୍ରୀଡ଼ାଭାବେ ପରିଗଣିତ ହେଉଥିବାବେଳେ ଭାରତରେ କ୍ରମେ ଲୋକପ୍ରିୟତା ଲାଭ କରିବାରେ ଲାଗିଛି।

## ଫ୍ରେଣ୍ଡଲି ମ୍ୟାଚ୍ ଡ୍ର ରଖିଲା ଭାରତ

**ହାଇଦ୍ରାବାଦ, ୧୮।୧୧:** ମାର୍କସ୍ ହାଇଦ୍ରାବାଦର ଗଚିବାଓଲି ଷ୍ଟାଡିୟମରେ ଅନୁଷ୍ଠିତ ମାଲେସିଆ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ୧-୧ରେ ଡ୍ର ରଖିବାରେ ସମର୍ଥ ହୋଇଛି ଭାରତ। ମାଲେସିଆ ପକ୍ଷରୁ ପଉଲା ଜୋସ୍ (୧୯ ମିନିଟରେ) ଗୋଲ ଦେଇଥିବା ବେଳେ ଭାରତ ପକ୍ଷରୁ ରାହୁଲ ଭେକେ(୩୯ ମିନିଟରେ) ଗୋଲ ଦେଇଥିଲେ। ଭାରତୀୟ ଡିଫେଣ୍ଡର ମାନେ ୧୯ ମିନିଟରେ ଏକ ବଲ୍ ମିସ୍ କରିଥିବା ବେଳେ ଗୁରପ୍ରୀତ୍ ସିଂ ଆଗକୁ ଆସିଥିଲେ। ଏହାର ଫାଇଦା ଉଠାଇ ପଉଲା ଜୋସ ସ୍କୋର କରିଥିଲେ। ୩୯ ତମ ମିନିଟରେ ଭାରତକୁ ଏକ କର୍ନର ମିଳିଥିଲା। ବ୍ରାଣ୍ଡନ ଫର୍ନାଣ୍ଡେସ୍‌ଙ୍କ ଶଟ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ରାହୁଲ ଭେକେ। ପ୍ରଥମାର୍ଦ୍ଧ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସ୍କୋର କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ।

## ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ଦେବେନ୍ଦ୍ର ସିଂଙ୍କ ପରଲୋକ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**



ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଦେବେନ୍ଦ୍ର ସିଂଙ୍କର ସୋମବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। କେବଳ ଓଡ଼ିଶା କାହିଁକି ଭାରତୀୟ ଫୁଟବଲରେ ଜଣେ ଜଣାଶୁଣା ଦକ୍ଷ ଖେଳାଳିଭାବେ ପରିଚିତ ଦେବେନ୍ଦ୍ର ଦୀର୍ଘ ବର୍ଷ ଧରି ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଅଧିନାୟକ ମଧ୍ୟ ଥିଲେ। ସେ ଭାରତୀୟ ଫୁଟବଲ ଦଳ ପକ୍ଷରୁ ବର୍ମା ବିପକ୍ଷରେ ଏକ ଅନ୍ତର୍ଜାତୀୟ ମ୍ୟାଚ ମଧ୍ୟ ଖେଳିଥିଲେ। ତାଙ୍କର ସ୍ତ୍ରୀ, ଦୁଇ ପୁଅ ଓ ଜଣେ ଝିଅ ଅଛନ୍ତି। ଦେବେନ୍ଦ୍ର ସିଂଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ମହଲରେ ଶୋକର ଛାୟା ଖେଳି ଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମେତ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ପରଲୋକରେ ଶୋକବ୍ୟକ୍ତ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ରାଜେନ୍ଦ୍ର ପ୍ରତାପ ସିଂଙ୍କ ବାପା ଦେବେନ୍ଦ୍ର ସିଂଙ୍କୁ ୨୦୧୮ରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ଏହାର ପ୍ରତିଷ୍ଠା ଦିବସରେ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ' ପୁରସ୍କାରରେ ସମ୍ମାନିତ କରାଯାଇଥିଲରା।

## ଇଣ୍ଡିଆନ ଓପନ ଗେଟ୍‌ବଲ୍‌ରେ ଭାଗନେବେ ୨୦ ଦଳ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**



ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଓପନ ଗେଟ୍‌ବଲ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**■ ଦିଲ୍ଲୀ-ହରିୟାଣା ସୀମା ପଟୌଦୀରେ ହେବ ପ୍ରତିଯୋଗିତା ■ ଗ୍ରୁପ୍ 'ବି'ରେ ଓଡ଼ିଶା**

ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ଚଳିତ ମାସ ୨୪ ତାରିଖରେ ଦିଲ୍ଲୀ-ହରିୟାଣା ସୀମାବର୍ତ୍ତୀ ସହର ପଟୌଦୀରେ ଅନୁଷ୍ଠିତ ହେବ। ଇଣ୍ଡିଆନ ଗେଟବଲ ୟୁନିୟନ (ଆଇଜିୟୁ) ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଏଥର ମୋଟ ୨୦ଟି ଦଳ ଅଂଶଗ୍ରହଣ କରିବେ। ବିଦେଶର ଏକ ଦଳ ତାଇୱାନରୁ ଏଥିରେ ଭାଗନେବ। ଓଡ଼ିଶା ସମେତ ଆଇଜିୟୁ ଜୁନିୟର ଓ ସିନିୟର ଦଳ ମଧ୍ୟ ଏଥିରେ ଅଂଶଗ୍ରହଣ କରିବ। ଏହି ଦୁଇ ଦଳ ଓଡ଼ିଶା ଖେଳାଳିଙ୍କୁ ନେଇ ସମୃଦ୍ଧ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଆଇଜିୟୁ ସଭାପତି ଦ୍ୱିପାୟନ ପଟ୍ଟନାୟକ। ଗେଟବଲର ପ୍ରଚାର ପ୍ରସାର ଆମର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଏହାକୁ ଆମେ ଓଡ଼ିଶା ବାହାରେ ଏପରି କି ଦେଶ ବାହାରେ ମଧ୍ୟ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଦ୍ୱିପାୟନ ପ୍ରକାଶ କରିଛନ୍ତି।

ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ତାଇୱାନ, ତ୍ରିପୁରା, କଶ୍ମୀର ଗର୍ଲ୍ସ, ପଞ୍ଜାବ, ଉତ୍ତର ପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ରାଜସ୍ଥାନ, ହରିୟାଣା, ମଧ୍ୟପ୍ରଦେଶ, ଛତିଶଗଡ଼, ଆଇଜିୟୁ ଜୁନିୟର, ମଦର୍ସ ପ୍ରାଇଡ୍, ବିହାର, କୋଲକାତା, ଝାଡ଼ଖଣ୍ଡ, ଜମ୍ମୁ-କଶ୍ମୀର, ଦିଲ୍ଲୀ, ଚଣ୍ଡିଗଡ଼ ଓ ଆଇଜିୟୁ ସିନିୟର। ଅଂଶଗ୍ରହଣକାରୀ ଦଳ ଗୁଡ଼ିକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ରହିଛନ୍ତି। ଓଡ଼ିଶା ଦଳ ଗ୍ରୁପ୍ 'ବି'ରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନ ସହିତ ସ୍ଥାନ ପାଇଛି। ଆଇଜିୟୁ ଜୁନିୟର ଗ୍ରୁପ୍ 'ସି' ଓ ଆଇଜିୟୁ ସିନିୟର ଗ୍ରୁପ୍ 'ଇ'ରେ ରହିଛି। ଆଇଜିୟୁର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିଛି। ତେଣୁ ଟୁର୍ନାମେଣ୍ଟ ସୁପରିଚାଳନା ପାଇଁ ଏଠାରେ ଏକ ଆୟୋଜକ କମିଟି ଗଠନ କରାଯାଇଛି। ଉମାକାନ୍ତ ପାଣି ଏହାର ଚେୟାରମ୍ୟାନ, ସଞ୍ଜୀବ କୁମାର ପରିଡ଼ା ସମ୍ପାଦକ, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଅମିତ ଗୁପ୍ତା (ହରିୟାଣା) ଉପାଧ୍ୟକ୍ଷ, ଶରତ ପାତ୍ର କୋଷାଧ୍ୟକ୍ଷ, ଯୋଗେଶ ଗୁପ୍ତା (ଦିଲ୍ଲୀ) ଓ ରଞ୍ଜନ କୁମାର ପାତ୍ର ଯୁଗ୍ମ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ନିମନ୍ତ୍ରିତ ସଦସ୍ୟମାନେ ହେଲେ ଆଇଜିୟୁ ସଭାପତି ଦ୍ୱିପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ଏବଂ ପଟୌଦୀସ୍ଥିତ ମଦର୍ସ ପ୍ରାଇଡ୍ ସ୍କୁଲର ପ୍ରଧାନଶିକ୍ଷକ ରଜନୀ ଯାଦବ। ଆଗାମୀ ଟୁର୍ନାମେଣ୍ଟରେ ୫ ଗ୍ରୁପ୍‌ର ଶୀର୍ଷ ଦଳ ଏବଂ ସର୍ବାଧିକ ପଏଣ୍ଟ ସ୍କୋର କରିଥିବା ୩ ଦଳକୁ ନେଇ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଅନୁଷ୍ଠିତ ହେବ। ସେମିଫାଇନାଲିଷ୍ଟ ଦଳଗୁଡ଼ିକୁ ଟ୍ରଫି ଦିଆଯିବ ଏବଂ ପ୍ରତି ଦଳକୁ ପ୍ରମାଣପତ୍ର ପ୍ରଦାନ କରାଯିବ। ପ୍ରତିଯୋଗିତା ପୂର୍ବାହ୍ନ ୯ଟା ୪୫ରୁ ଆରମ୍ଭ ହେବ। ପୁରସ୍କାର ବିତରଣ ଉତ୍ସବ ଅପରାହ୍ନ ୫ଟା ୧୫ରେ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଇଜିୟୁ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି।

**ଓଡ଼ିଶା ଦଳ:** ଶରତ କୁମାର ପାତ୍ର, ନିରଞ୍ଜନ ମଙ୍ଗରାଜ, ପ୍ରଦୀପ କୁମାର ସାହୁ, ଶଙ୍କର ପଣ୍ଡା, ଅନିଲ କୁମାର ରଥ।

**ଆଇଜିୟୁ ଜୁନିୟର ଦଳ:** ବିଷ୍ଣୁପ୍ରିୟା ବେହେରା, ରାଜେନ୍ଦ୍ର ପ୍ରସାଦ ମୁର୍ମୁ, ରୁଦ୍ର ପ୍ରସାଦ ଧଳ, ଅମରିକ୍ଷା ଓଝା, ସନ୍ଦୀପ କୁମାର ପ୍ରଧାନ, ସାଇ ରାମେଶ୍ୱର ଲେଙ୍କା।

**ଆଇଜିୟୁ ସିନିୟର ଦଳ:** ରଞ୍ଜନ କୁମାର ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଗିରିଜା ନାୟକ, ଏଜାଜ ଅହମଦ, ଦିଲୀପ ଷଡ଼ଙ୍ଗୀ।

## ବିଜୟରୁ ଓଡ଼ିଶାର ଅଭିଯାନ




**ଭୁବନେଶ୍ୱର,୧୮।୧୧(ସରୋଜ ଜେନା):** ଜମ୍ମୁ ଓ କଶ୍ମୀରର ଏମ୍.ଏ. ଷ୍ଟାଡିୟମରେ ଆୟୋଜିତ ୩୫ତମ ଜାତୀୟ ସିନିୟର୍ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ସୋମବାର ଖେଳିଥିବା ପ୍ରଥମ ମ୍ୟାଚରେ ଓଡ଼ିଶା ୨୯ ରନ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଓଡିଶା ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୬୪ ରନ କରିଥିଲା। ଜବାବରେ ତାମିଲନାଡୁ ୩୫ ରନ୍‌ରେ ଅଲଆଉଟ ହୋଇଥିଲା। ଓଡ଼ିଶା ଦଳର ଅଧିନାୟକ ଭିକି ଡିଗଲ ସର୍ବାଧିକ ୩୪ ରନ କର ପ୍ଲେୟର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ।

**ଚାମ୍ପିୟନ୍ସ ଟ୍ରଫି ବିବାଦ**

## ଆଇସିସିର ସ୍ପଷ୍ଟୀକରଣ ଲୋଡ଼ିଲା ପିସିବି

**ଲାହୋର,୧୮।୧୧(ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ନ ଯିବା ପାଇଁ ଭାରତ ଘୋଷଣା କରି ସାରଥିବା ବେଳେ ଆଇସିସିର ସ୍ପଷ୍ଟୀକରଣ ଲୋଡିଛି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)। ସୋମବାର ପିସିବି ମୁଖ୍ୟ ମୋହସିନ୍ ନକ୍‌ଭୀ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାରତ କାହିଁକି ଆସିବାକୁ ଚାହୁଁନାହିଁ ଏହାର କୌଣସି ସ୍ପଷ୍ଟ କାରଣ ଅମାକୁ ମିଳିନାହିଁ। ତେଣୁ ଆମେ ଆଇସିସି ନିକଟରୁ ଉତ୍ତର ଅପେକ୍ଷାରେ ରହିଛୁ। ଏଯାଏ ଆଇସିସି ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ମିଳିପାରି ନାହିଁ। ପାକିସ୍ତାନରେ ଖେଳିବାକୁ ଭାରତ ମନା କରିଥିବା ବେଳେ ହାଇବ୍ରିଡ ମଡେଲରେ ଟୁର୍ନାମେଣ୍ଟ ପାଇଁ ଦାବି କରି ଆସିଛି। ପିସିବି ହାଇବ୍ରିଡ ମଡେଲର ଅନୁରୋଧକୁ ପ୍ରତ୍ୟଖ୍ୟାନ କରିବା ସହ ଭାରତ କାହିଁକି ଆସିବ ନାହିଁ ତାର କାରଣ ଦର୍ଶାଇବା ପାଇଁ ଆଇସିସି ନିକଟରେ ଦାବି କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ ମୁମ୍ବାଇ ବିସ୍ଫୋରଣ ପରଠାରୁ ପାକିସ୍ତାନ ସହ କୌଣସି ଦ୍ୱାପକ୍ଷିକ ସିରିଜ୍ ଖେଳିନାହିଁ ଭାରତ। ଜୟ ଶାହା ଆଇସିସିର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଥିବା ବେଳେ ଭାରତ ଏହାର ଫାଇଦା ନେବାକୁ ଚେଷ୍ଟା କରୁଛି ବୋଲି ନକ୍‌ଭୀ କହିଛନ୍ତି। ତେବେ କେବଳ ବିସିସିଆଇ ନୁହେଁ ବିଶ୍ୱର ଅନ୍ୟ କ୍ରିକେଟ ବୋର୍ଡକୁ ନେଇ ଆଇସିସି ଗଠିତ ବୋଲି ଭାରତ ମନେ ରଖିବା ଉଚିତ ବୋଲି ସେ କହିଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ